# ଧରିତ୍ରୀ
DHARITRI



ରାୟଗଡ଼ା, ବୁଧବାର, ସେପ୍ଟେମ୍ବର ୧୬/୨୦୨୦ (୧୨ପୃଷ୍ଠା) | Rayagada, Wednesday, September 16/2020 ★

୧୦ମ ଭାଗ ୧୨୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୪/-




**ଆଣ୍ଡି ମୁରେଙ୍କୁ ୱାଇଲ୍ଡ କାର୍ଡ**

ଫ୍ରେଞ୍ଚ୍ ଓପନ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟରେ ବ୍ରିଟେନର ଆଣ୍ଡି ମୁରେଙ୍କୁ ୱାଇଲ୍ଡ କାର୍ଡ ପ୍ରଦାନ କରାଯାଇଛି।

୧୨ | ୦୨

**ଏକ୍ସେଣ୍ଟ୍ରିକରେ ଦୀପିକା**

ତାମିଲ ନିର୍ଦ୍ଦେଶକ ଅଟଲେ କୁମାରଙ୍କ ଫିଲ୍ମରେ ଦୀପିକା ପାଦୁକୋନ ନଜର୍ ଆସିବେ। ଏହି ଚଳଚ୍ଚିତ୍ରର ନାମ 'ଏକ୍ସେଣ୍ଟ୍ରିକ' ରଖାଯାଇଛି।



# ଜିଏସ୍‌ଟି: ଠକିଲେ ଜେଲ, ଜରିମାନା

ଭୁବନେଶ୍ୱର,୧୫।୯(ବ୍ୟୁରୋ)

ଯଦି କୌଣସି ବ୍ୟକ୍ତି ବିନା ଇନ୍ ଭଏସ୍‌ରେ ଦ୍ରବ୍ୟ ଓ ସେବା ଯୋଗାଉଥିବେ କିମ୍ବା ଇନ୍‌ପୁଟ ଟିକସ କ୍ରେଡିଟ୍ ଗ୍ରହଣ ଓ ବିନିଯୋଗ କରୁଥିବେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଯେଉଁ ପରିମାଣର ଟିକସ ଠକି ଥିବେ ସେହି ପରିମାଣର ଜରିମାନା ରାଶି ପ୍ରଦାନ କରିବାକୁ ହେବ। ଏଥିସହିତ ଜରିମାନା ନ ଦେଲେ ଏହାକୁ ଅପରାଧ ଭାବେ ବିବେଚନା କରାଯାଇ ଜେଲଦଣ୍ଡର ମଧ୍ୟ ବ୍ୟବସ୍ଥା କରାଯାଇଛି। ରାଜ୍ୟ ସରକାର ଜିଏସ୍‌ଟି ଅଧିନିୟମ-୨୦୧୭ର ଧାରା ୧୭୨,୧୬୮ ଓ ୧୪୦କୁ ଓଡ଼ିଶା ଦ୍ରବ୍ୟ ଓ ସେବା ଟିକସ (ସଂଶୋଧନ) କରିଛନ୍ତି। ଅର୍ଥ ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ ଅନୁମୋଦନ କରିଛି।

ଦ୍ରବ୍ୟ ଓ ସେବା କର ପରିଷଦର ସୁପାରିସ କ୍ରମେ କେନ୍ଦ୍ର ସରକାର ୨୦୨୦ ମାର୍ଚ୍ଚ ୨୭ରେ ଫାଇନାନ୍ସ ଆକ୍ଟ-୨୦୨୦ ଏବଂ ମାର୍ଚ୍ଚ ୩୧ରେ ଟିକସ ଅଧ୍ୟାଦେଶ ଜରିଆରେ କେନ୍ଦ୍ରୀୟ ଦ୍ରବ୍ୟ ଓ ସେବା ଟିକସ (ଜିଏସ୍‌ଟି) ଅଧିନିୟମ-୨୦୧୭ର କେତେକ ଧାରାରେ ସଂଶୋଧନ କରିଛନ୍ତି। ସେହି ଅନୁସାରେ ରାଜ୍ୟ ସରକାର ଜିଏସ୍‌ଟି ଅଧିନିୟମ-୨୦୧୭ର ଧାରା ୧୭୨,୧୬୮ ଓ ୧୪୦କୁ ଓଡ଼ିଶା ଦ୍ରବ୍ୟ ଓ ସେବା ଟିକ (ସଂଶୋଧନ) ଅଧ୍ୟାଦେଶ(୫)-୨୦୨୦ ଏବଂ ଜିଏସ୍‌ଟି (ଦ୍ୱିତୀୟ ସଂଶୋଧନ) ଅଧ୍ୟାଦେଶ(୬)-୨୦୨୦ ଜାରି କରି ସଂଶୋଧିତ କରିଛନ୍ତି।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ପୂର୍ବାହ୍ନରେ ଲୋକସେବା ଭବନରେ ଭିଡିଓ କନ୍‌ଫରେନ୍ସ ଜରିଆରେ କ୍ୟାବିନେଟର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ମୋଟ ୪ଟି ପ୍ରସ୍ତାବକୁ ଅନୁମୋଦନ କରାଯାଇଛି।

ଆଇନ ସଂଶୋଧନ ପରେ ଜିଏସ୍‌ଟି କାର୍ଯ୍ୟକୁ ଅଧିକାରୀମାନେ ସୁଚାରୁରୂପେ ତୁଲାଇବା ସହ ପଞ୍ଜୀକୃତ ☞ପୃଷ୍ଠା-୪

**କ୍ୟାବିନେଟ ନିଷ୍ପତ୍ତି**

- ଜିଏସ୍‌ଟି ଆଇନ ସଂଶୋଧନକୁ କ୍ୟାବିନେଟ ମୋହର
- ୪ ପ୍ରସ୍ତାବକୁ ମଞ୍ଜୁରୀ



## ପେଟ୍ରୋଲ ୧୭, ଡିଜେଲ ୨୪ ପଇସା କମିଲା



ଭୁବନେଶ୍ୱର, ୧୫।୯: ୨ ଦିନ ହେଲା ପେଟ୍ରୋଲ ଏବଂ ଡିଜେଲ ଦର ହ୍ରାସ ଘଟିଛି। ମଙ୍ଗଳବାର ଭୁବନେଶ୍ୱରରେ ପେଟ୍ରୋଲ ୧୭ ପଇସା ହ୍ରାସ ଘଟି ଦର ୮୨.୧୦ ରହିଛି। ସେହିଭଳି ଡିଜେଲ ଦର ୨୪ ପଇସା ଖସି ୭୮.୯୪ ଟଙ୍କା ରହିଛି। ଭୁବନେଶ୍ୱରରେ ଇନ୍ଧନ ଦର ନୂଆଦିଲ୍ଲୀଠାରୁ ଉଚ୍ଚରେ ରହିଛି। ସୂଚନାଯୋଗ୍ୟ, ସୋମବାର ପେଟ୍ରୋଲ ୧୪ ପଇସା ଏବଂ ଡିଜେଲ ୧୭ ପଇସା କମିଥିଲା। ମେଟ୍ରୋ ସହରଗୁଡିକରେ ପେଟ୍ରୋଲ ୧୫ରୁ ୧୭ ପଇସା ଏବଂ ଡିଜେଲ ୨୧ରୁ ୨୪ ପଇସା ଲେଖାଏ ହ୍ରାସ ହୋଇଛି। ନୂଆଦିଲ୍ଲୀ, ଚେନ୍ନାଇ, କୋଲକାତା ଏବଂ ମୁମ୍ବାଇରେ ପେଟ୍ରୋଲ ଦର ମଙ୍ଗଳବାର ଯଥାକ୍ରମେ ୮୧.୫୫ ଟଙ୍କା, ୮୪.୫୭ ଟଙ୍କା, ୮୩.୦୬ ଟଙ୍କା ଏବଂ ୮୮.୨୧ ଟଙ୍କା ରହିଥିବା ରାଷ୍ଟ୍ରାୟତ୍ତ ଇଣ୍ଡିଆନ ଅଏଲ ପକ୍ଷରୁ ସୂଚନା ରହିଛି।

**ଆଜିର ମନ୍ତବ୍ୟ**

"ନିଅଣ୍ଟିଆ ଜିଏସ୍‌ଟି ଭରଣା କରିବା ଲାଗି ଦିଆଯାଇଥିବା ଋଣ ବିକଳ୍ପକୁ କେତେକ ରାଜ୍ୟ ବିରୋଧ କରୁଛନ୍ତି।

– ଅନୁରାଗ ଠାକୁର, ଅର୍ଥ ରାଷ୍ଟ୍ରମନ୍ତ୍ରୀ

# ଅଟୋ କମ୍ପାନୀଙ୍କୁ ବାଧକ ଅତ୍ୟଧିକ ଟିକସ

## ଭାରତରେ ଯୋଜନା ସ୍ଥଗିତ ରଖିଲା ଟୟୋଟା

ନୂଆଦିଲ୍ଲୀ,୧୫।୯

ଭାରତରେ ଲାଗୁ ହେଉଥିବା ଅତ୍ୟଧିକ ଟିକସ ବ୍ୟବସ୍ଥା ଅଟୋମୋବାଇଲ କମ୍ପାନୀଗୁଡ଼ିକ ଲାଗି ଅସହ୍ୟ ହେଉଛି। ଫଳରେ କମ୍ପାନୀ ଗୁଡ଼ିକ ସେମାନଙ୍କ ଯୋଜନାକୁ ଆଗକୁ ବଢ଼ାଇବା ଲାଗି ବିଭିନ୍ନ ସମସ୍ୟା ସାମ୍ନା କରୁଥିବା ଦେଖାଯାଉଛି। ଟୟୋଟା ମୋଟର କର୍ପୋରେଶନର ସମ୍ପ୍ରସାରଣରେ ଏହା ବାଧା ସୃଷ୍ଟି କରିଛି। ଏହାକୁ ଧ୍ୟାନରେ ରଖି କମ୍ପାନୀ ଭାରତରେ ଏହାର ସମ୍ପ୍ରସାରଣ ଯୋଜନାକୁ ବାଦ୍ ଦେଇଥିବା ମଙ୍ଗଳବାର ଜଣାପଡ଼ିଛି। କରୋନା ମହାମାରୀ ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅର୍ଥନୀତିକୁ ସୁଦୃଢ଼ କରିବା ଲାଗି ବିଦେଶୀ କମ୍ପାନୀକୁ ଆକର୍ଷିତ ଉଦ୍ଦେଶ୍ୟରେ ନେଇଥିବା ପଦକ୍ଷେପକୁ ଏହା ଏକ ଶକ୍ତ ଧକ୍କା ପହଞ୍ଚିଛି।

ଟୟୋଟାର ସ୍ଥାନୀୟ ୟୁନିଟ୍ ଟୟୋଟା କିର୍ଲୋସ୍କର ମୋଟରର ଉପାଧ୍ୟକ୍ଷ ଶେଖର ବିଶ୍ୱନାଥନ କହିଛନ୍ତି, କାର୍ ଓ ମୋଟର ବାଇକ ଉପରେ ଧାର୍ଯ୍ୟ କରାଯାଇଥିବା କର ଅତ୍ୟଧିକ ହୋଇଥିବାରୁ କମ୍ପାନୀଗୁଡ଼ିକ ସେମାନଙ୍କ ବ୍ୟବସାୟ ବୃଦ୍ଧି କରିବାରେ ଅନିଚ୍ଛା ପ୍ରକାଶ କରୁଛନ୍ତି। ପରିବର୍ତ୍ତିତ ଅଧିକ ଟିକସ ଯୋଗୁ ଅନେକ ଉପଭୋକ୍ତା କାର କିଣିବାକୁ ଅମଙ୍ଗ ହେଉଛନ୍ତି। ଫଳରେ କାରଖାନାଗୁଡ଼ିକ ସମସ୍ୟା ଘେରକୁ ଚାଲିଯାଉଥିବାରୁ ନୂଆ ନିଯୁକ୍ତି ସୃଷ୍ଟି ହୋଇପାରୁନାହିଁ। ଏକ ସାକ୍ଷାତ୍‌କାରରେ ସେ ସ୍ପଷ୍ଟ କରିଛନ୍ତି ଯେ, ☞ପୃଷ୍ଠା-୪

ଗୁରୁତର ନ ଥିଲେ କୋଭିଡ୍ ରୋଗୀଙ୍କୁ କଟକ, ଭୁବନେଶ୍ୱର ପଠାଅ ନାହିଁ

ସ୍ତ୍ରୀ ଆଗରେ ଆଖିବୁଜିଲେ ସ୍ୱାମୀ

୩


Gold Loan is good



ଗୋଲ୍ଡ ଲୋନ୍ 1 ଭିଜିଟ୍ ରେ

1800 313 1212
muthootfinance.com

Muthoot Finance



INSTITUTE OF ENTREPRENEURSHIP DEVELOPMENT, ODISHA
An Institute of
MSME Department, Govt. of Odisha

ADMISSION NOTICE 2020-21

**IMBA**

INTEGRATED MASTER OF BUSINESS ADMINISTRATION
(Affiliated to Utkal University)

QUALITY EDUCATION IN GOVT. INSTITUTE

| COURSE | DURATION | COURSE FEE |
|---|---|---|
| BBA (IMBA FIRST 3 YEARS) | 3 YEARS | ₹ 25,000/- per year |
| | Eligibility : The candidate should have passed +2 or its equivalent in any discipline with minimum 45% marks in aggregate. | |
| MBA LATERAL ENTRY (IMBA LAST 2 YEARS) | 2 YEARS | ₹ 60,000/- per year |
| | Eligibility : The candidate should have passed 3 year BBA (six semesters) from any recognized university with minimum 50% marks in aggregate. | |

Applications are invited for admission into **IMBA 5 years programme** for the session **2020-21.** The Application Form is available in Institute's website **www.iedodisha.nic.in**. Interested candidates can also collect the Application Form personally from IED Odisha on payment of ₹ **500/-** (₹ **200/- for SC/ST/PH Candidates)** cash or DD in favour of **IED ODISHA IMBA, payable at Bhubaneswar.**

| | |
|---|---|
| Last date for submission of IMBA Application form with all relevant documents and fees: | 19-09-2020 |
| Commencement of Admission into **IMBA 1st Semester and 7th Semester** at IED Odisha | 24-09-2020 |

Plot No. 123, Sector-A, Zone-A, Mancheswar Indl. Estate, Near Postal Printing Press, PO:Rasulgarh, Bhubaneswar-751010, Ph. 0674-2585609/2587176, Mob. 9437163828, 7978120939



MARUTI SUZUKI ARENA

5 ଟି ଆକର୍ଷକ ଫାଇନାନ୍ସ-ଅଫର୍ସ ସହିତ, ଆଜି କିଣନ୍ତୁ ଆପଣଙ୍କର ମାରୁତି ସୁଜୁକୀ କାର।

• ଏବେ କିଣନ୍ତୁ, ପରେ ଟଙ୍କା ଦେବେ^ • 100% ଅନ-ରୋଡ଼ ଲୋନ ଉପଲବ୍ଧ^ • 7.75% କମ୍ ସୁଧର ହାର^
• ଅତିକମର ଅଗ୍ରିମ ଚୁକଟ^ • ₹899 ର କମ ମାସିକ କିସ୍ତି^



IndusInd Bank

ATTRACTIVE OFFERS AVAILABLE ONLY ON 15TH & 16TH SEPTEMBER'20
3 MONTHS MORATORIUM SCHEME**
FREE FULL TANK FUEL**
FREE COVID COVER WORTH ₹30 000**

BIG SAVINGS
CELERIO ₹50 000* SWIFT ₹35 000* S-PRESSO ₹45 000*
DZIRE ₹40 000* WAGONR ₹45 000*

+ GOLD COIN OFFER# ଗୋଲ୍ଡ କଏନ ଅଫର# 17 ସେପ୍ଟେମ୍ବର 2020 ପର୍ଯ୍ୟନ୍ତ ଲାଗୁ।

CELERIO SWIFT S-PRESSO DZIRE WAGONR

E-book today at www.marutisuzuki.com or visit your nearest Maruti Suzuki dealership | All Maruti Suzuki vehicles now available under CSD & CPC | For bulk orders, mail at: Pradosh.Jena@maruti.co.in

LEGEND CARS
JEYPORE: 7894442901.
BHAWANIPATNA: 7894442907.

SKY AUTOMOBILES
BERHAMPUR: 7381261000.

ODYSSEY MOTORS
SAMBALPUR: 7381433909. BOLANGIR: 9438068327.
BARGARH: 9556352943. NUAPADA: 7381017851. SONEPUR: 9438068327.
JHARSUGUDA: 9439892153. BOUDH: 8594908009.


ORBIT MOTORS
ROURKELA: 9040404444, 9040404333.
SUNDARGARH: 9437049161.
DEOGARH: 9437061223.

*Offer includes consumer offer, exchange offer and institutional/rural offer (wherever applicable) on Celerio (all variants), Swift (all variants), S-Presso (all variants), Dzire (all variants) and WagonR (all variants). **Free full tank fuel up to 30 liters for cases logged and avail loan with IndusInd Bank will be given on 15th & 16th September'20 on purchase of Maruti Suzuki car. Insurance is a subject matter of solicitation. COVID cover insurance worth Rs. 30 000 applicable for customers availing loan from IndusInd Bank . #Every customer who books Maruti Suzuki car from 2nd Sep'2020 to 17th Sep'2020 (also applicable to existing pending bookings as per DMS as on 02.09.2020) and takes delivery before 30th Sep'2020 shall be entitled for 1 gm Gold Coin (22K) or MSGA or Gift Cheque worth upto ₹5 000 over and above consumer offers as applicable. Gold coin offer is valid till 17th Sep'2020 and is applicable on all models. Cost of 1gm Gold Coin has been calculated at current applicable rate of ₹50 000/10gm ( 22K gold ). In case of any fluctuations in pricing, offer cannot exceed the amount of ₹5 000 per gm. ^Finance scheme details mentioned in the advertisement are at the sole discretion of financier and terms and conditions as specified by the financier shall apply. Credit at sole discretion of Bank. Terms & Conditions apply. The terms and conditions are subject to change without any prior notice. For more details, please contact your nearest ARENA dealership. Features and accessories shown may not be part of standard fitment. Black Glass Shade on the vehicle is due to the lighting effect. Images used are for illustration purposes only. Offers vary across variants. Maruti Suzuki India Limited reserves the right to discontinue offers without notice. Logo of IndusInd Bank is a trademark of IndusInd Bank. Above offers are valid till 30th September, 2020.

# ମୁକାବିଲା ପାଇଁ ଭାରତ ପ୍ରସ୍ତୁତ: ରାଜନାଥ

**ନୂଆଦିଲ୍ଲୀ,୧୫।୯(ପି.ଟି.)**

## ଭାରତ-ଚାଇନା ସୀମା ବିବାଦ ପ୍ରସଙ୍ଗରେ ଲୋକ ସଭାରେ ବିବୃତି ରଖିଲେ ପ୍ରତିରକ୍ଷା ମନ୍ତ୍ରୀ



ମୌସୁମୀ ଅଧିବେଶନର ୨ୟ ଦିନରେ ଲୋକ ସଭାରେ ଭାରତ-ଚାଇନା ସୀମା ବିବାଦ ପ୍ରସଙ୍ଗରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ନିଜର ବିବୃତି ରଖିଛନ୍ତି। ବର୍ତ୍ତମାନ ପର୍ଯ୍ୟନ୍ତ ଉଭୟ ଦେଶ ମଧ୍ୟରେ ଚାଲିଥିବା ସୀମା ବିବାଦର ସମାଧାନ ହୋଇପାରିନାହିଁ। ସୀମା ବିବାଦ ଏକ ଜଟିଳ ପ୍ରସଙ୍ଗ ହୋଇଥିବାବେଳେ ଏହାକୁ ଶାନ୍ତିପୂର୍ଣ୍ଣ ଭାବେ ସମାଧାନ କରାଯିବା ଆବଶ୍ୟକ। ତେବେ ଚାଇନାର ଉଦ୍ଦେଶ୍ୟକୁ ସାକାର କରାଇ ଦିଆଯିବ ନାହିଁ। ଏପ୍ରିଲରେ ପୂର୍ବ ଲଦାଖରେ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଥିଲା। ଏପରି କି ଗତ ଜୁନ୍ ୧୫ ରେ ଗଲ୍‌ୱାନରେ ସଂଘର୍ଷ ଘଟିଥିଲା। ଆମ ଯବାନ ଏହାର କଡ଼ା ଜବାବ ଦେଇଥିଲେ। ଚାଇନା ଅଧିକ ସୈନ୍ୟ ନିୟୋଜିତ କରିଥିଲା, ହେଲେ ତା'ର ଉଦ୍ଦେଶ୍ୟ ଭଣ୍ଡୁର ହୋଇଥିଲା। ଅବଶ୍ୟ ଏଥିରେ ଉଭୟଙ୍କୁ କ୍ଷତି ସହିବାକୁ ପଡ଼ିଲା। ଏଲ୍‌ଏସିରେ ଚାଇନାର ଏକତରଫା ପଦକ୍ଷେପକୁ ଭାରତ ସବୁବେଳେ ନିନ୍ଦା କରିଆସିଛି। ଚାଇନାର ହିଂସା ଆଚରଣ ପୂର୍ବ ଶାନ୍ତିଚୁକ୍ତିର ଉଲ୍ଲଂଘନ କରୁଛି। ତେବେ ସମସ୍ତ ପ୍ରକାର ମୁକାବିଲା ପାଇଁ ଭାରତ ପ୍ରସ୍ତୁତ ରହିଛି ବୋଲି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଗୃହରେ ପ୍ରକାଶ କରିଛନ୍ତି। ଏଲ୍‌ଏସିର ରୂପରେଖ ବଦଳାଇବା ପାଇଁ ଚାଇନା ଚେଷ୍ଟା ଚଳାଇଛି। ହେଲେ ଆମେ ସବୁ ପ୍ରକାର ପରିସ୍ଥିତିକୁ ସାମ୍ନା କରିବାକୁ ପ୍ରସ୍ତୁତ ଅଛୁ। ଭାରତୀୟ ଯବାନମାନେ ସବୁ ପରିସ୍ଥିତିକୁ ସାମ୍ନା କରିବା ସହ ଦେଶବାସୀଙ୍କୁ ସୁରକ୍ଷା ମଧ୍ୟ ଦେଇଛନ୍ତି। ଗତ କିଛି ମାସ ଧରି ପୂର୍ବ ଲଦାଖରେ ଉତ୍ତେଜନା ଲାଗି ରହିଛି। ଦୁଇ ଦେଶର ସେନାସ୍ତରରେ କଥାବାର୍ତ୍ତା ମଧ୍ୟ ଚାଲିଛି। ହେଲେ କୌଣସି ପ୍ରକାର ପରିସ୍ଥିତିର ସମାଧାନ ହୋଇପାରିନାହିଁ। ସରକାର ଏନେଇ ବିବୃତି ରଖିବାକୁ ବିରୋଧୀ ଦାବି କରିଥିଲେ। ଏହାକୁ ଦୃଷ୍ଟିରେ ରଖି ରାଜନାଥ ମଙ୍ଗଳବାର ଲୋକ ସଭାରେ ବିବୃତି ରଖିଛନ୍ତି। ଚାଇନା ଏଲ୍‌ଏସି ଏବଂ ଆଭ୍ୟନ୍ତରୀଣ ଅଞ୍ଚଳରେ ବହୁ ସଂଖ୍ୟକ ସେନା ଓ ଅସ୍ତ୍ରଶସ୍ତ୍ର ମୂତୟନ କରିଛି। ପୂର୍ବ ଲଦାଖ, ଗୋଗ୍ରା, ପାଙ୍ଗଙ୍ଗ ହ୍ରଦର ଉତ୍ତର ଏବଂ ଦକ୍ଷିଣ କୂଳରେ ଅନେକ ସଂଘର୍ଷ ମଧ୍ୟ ସୃଷ୍ଟି ହୋଇଛି। ଭାରତୀୟ ଯବାନ ଏହି ଅଞ୍ଚଳରେ ପରିସ୍ଥିତିକୁ ଦୃଷ୍ଟିରେ ରଖି ପଦକ୍ଷେପ ଗ୍ରହଣ କରିଛି। ଆମେ ଯେକୌଣସି ପରିସ୍ଥିତିର ମୁକାବିଲା କରିବାକୁ ପ୍ରସ୍ତୁତ ବୋଲି ରାଜନାଥ କହିଛନ୍ତି। ଭାରତର ସାର୍ବଭୌମତ୍ୱ ଏବଂ ଅଖଣ୍ଡତା ରକ୍ଷା କରିବାକୁ ସୀମାରେ ଜଗି ରହିଥିବା ଆମର ସଶସ୍ତ୍ର ବାହିନୀ ସହିତ ଆମେ କାନ୍ଧରେ କାନ୍ଧ ମିଳାଇ ଛିଡ଼ା ହୋଇଛୁ ବୋଲି ଗୃହରେ ଏକ ସଂକଳ୍ପ ପାରିତ କରିବାକୁ ରାଜନାଥ ଅନୁରୋଧ କରିଛନ୍ତି। କିଛି ଦିନ ତଳେ ରୁଷିଆର ମସ୍କୋଠାରେ ସାଂଘାଇ ସହଯୋଗ ସଂଗଠନ ବୈଠକରେ ଭାରତ-ଚାଇନା ସୀମା ବିବାଦ ପ୍ରସଙ୍ଗ ଉଠିଥିଲା। ଉଭୟ ଦେଶର ପ୍ରତିରକ୍ଷା ମନ୍ତ୍ରୀଙ୍କୁ ନେଇ କଥାବାର୍ତ୍ତା ବି ହୋଇଥିଲା। କୂଟନୈତିକ ସ୍ତରରେ ଏହାକୁ ସମାଧାନ କରାଯିବାକୁ ମଧ୍ୟ ପ୍ରୟାସ ଜାରି ରହିଛି। ଏପରି କି ବୈଦେଶିକ ମନ୍ତ୍ରୀ ସ୍ତରରେ ମଧ୍ୟ ଆଲୋଚନା ହୋଇ ପଞ୍ଚସୂତ୍ରୀ ସମାଧାନର ବାଟ ବାହାରିଥିଲା। ହେଲେ ଏଯାବତ୍ କୌଣସି ସୁଫଳ ମିଳି ପାରି ନ ଥିବା ରାଜନାଥ କହିଛନ୍ତି।

ଚାଇନା ସହ ଲଦାଖରେ ଲାଗି ରହିଥିବା ମୁହାଁମୁହିଁ ସ୍ଥିତିକୁ ନେଇ ରାଜନାଥ କହିଛନ୍ତି ଯେ, ଚାଇନା ଲଦାଖରେ ପ୍ରାୟ ୩୮ହଜାର ବର୍ଗ କିଲୋମିଟର ଅଞ୍ଚଳକୁ ବେଆଇନ ଭାବେ ନିଜ ଦଖଲରେ ରଖିଛି। ପାକ୍ ଅଧିକୃତ କଶ୍ମୀର(ପିଓକେ)ର ପ୍ରାୟ ୫,୧୮୦ବର୍ଗ କିମି ଅଞ୍ଚଳ ପାକିସ୍ତାନ ଚାଇନା ହାତକୁ ଟେକି ଦେଇଛି ବୋଲି ରାଜନାଥ ଲୋକ ସଭାରେ ତଥ୍ୟ ରଖିଛନ୍ତି। ୧୯୬୩ରେ ସୀମା ଚୁକ୍ତି ଅଧାରରେ ପାକିସ୍ତାନ ବେଆଇନଭାବେ ଏହି ବିବାଦୀୟ ୫,୧୮୦ବର୍ଗ କିମି ଅଞ୍ଚଳକୁ ଚାଇନାକୁ ଟେକି ଦେଇଛି। ଅତୀତରେ ଆମର ଚାଇନା ସହିତ ସୀମାନ୍ତ ଅଞ୍ଚଳରେ ଦୀର୍ଘଦିନର ମୁହାଁମୁହିଁ ପରିସ୍ଥିତି ରହିଥିଲା। ଯାହା ଶାନ୍ତିପୂର୍ଣ୍ଣ ଭାବରେ ସମାଧାନ ହୋଇଥିଲା। ଯଦିଓ ଏବେ ପରିସ୍ଥିତି ଭିନ୍ନ ରହିଛି ତଥାପି ଆମେ ଶାନ୍ତିପୂର୍ଣ୍ଣ ସମାଧାନ ପାଇଁ ପ୍ରତିବଦ୍ଧ ଅଟୁ ବୋଲି ରାଜନାଥ କହିଛନ୍ତି। ଆଗକୁ ଶୀତଦିନ ଆସୁଥିବାରୁ ଭାରତ ସତର୍କତା ମୂଳକ ପଦକ୍ଷେପ ଗ୍ରହଣ କରିଛି। ଯବାନମାନଙ୍କୁ ଉପଯୁକ୍ତ ପୋଷାକ, ବାସସ୍ଥାନ ଏବଂ ଆବଶ୍ୟକ ପ୍ରତିରକ୍ଷା ସାମଗ୍ରୀ ଯୋଗାଇ ଦିଆଯାଉଛି। କମ୍ ଅମ୍ଳଜାନ, ଅତ୍ୟଧିକ ଥଣ୍ଡା ସହ ପର୍ବତ ଶିଖରରେ ଲଢ଼ିବାକୁ ଆମ ଯବାନ ପ୍ରସ୍ତୁତ ଅଛନ୍ତି। ଯାହାକି ଅତୀତରେ ସିଆଚେନ୍ ଗ୍ଲାସିୟର ଏବଂ କାର୍ଗିଲ ଯୁଦ୍ଧରେ ପ୍ରମାଣିତ ହୋଇ ସାରିଛି ବୋଲି ରାଜନାଥ କହିଛନ୍ତି।

# କିଛି ଲୋକଙ୍କ ପାଇଁ ଫିଲ୍ମ ଇଣ୍ଡଷ୍ଟ୍ରିର ଛବି ଖରାପ କରାଯାଇପାରିବ ନାହିଁ: ଜୟା

**ନୂଆଦିଲ୍ଲୀ,୧୫।୯(ପି.ଟି.)**



ଜୟା ବଚ୍ଚନ

ଲୋକ ସଭାରେ ଏମ୍‌ପି ତଥା ଅଭିନେତା ରବି କିଶନ ସୋମବାର ଫିଲ୍ମ ଇଣ୍ଡଷ୍ଟ୍ରି ବିରୋଧରେ ଦେଇଥିବା ମନ୍ତବ୍ୟକୁ କଡ଼ା ବିରୋଧ କରିଛନ୍ତି ରାଜ୍ୟ ସଭା ଏମ୍‌ପି ଜୟା ବଚ୍ଚନ। ମଙ୍ଗଳବାର ରାଜ୍ୟ ସଭା ଅଧିବେଶନରେ ଜୟା ଭାଜପା ଏମ୍‌ପି ରବି କିଶନଙ୍କ ମନ୍ତବ୍ୟକୁ ନିନ୍ଦା କରିବା ସହ ଯେଉଁ ଥାଳିରେ ଖାଉଛ, ସେହି ଥାଳିରେ କଣା କରୁଛ ବୋଲି କହିଛନ୍ତି। ଏପରି କି ସେ ଅଭିନେତ୍ରୀ କଙ୍ଗନା ରାଣାଓ୍ୱତଙ୍କୁ ମଧ୍ୟ ପରୋକ୍ଷରେ ସମାଲୋଚନା କରିବାକୁ ପଛାଇନାହାନ୍ତି। ଜୟା କହିଛନ୍ତି ଯେ, ଅଳ୍ପ କେତେକ ଲୋକଙ୍କ ପାଇଁ ସମଗ୍ର ଫିଲ୍ମ ଇଣ୍ଡଷ୍ଟ୍ରିର ଛବି ଖରାପ ବୋଲି କହିବା ଠିକ୍ ନୁହେଁ। ମୁଁ ନିଜେ ଏହି ଇଣ୍ଡଷ୍ଟ୍ରିରୁ ଅନ୍ତର୍ଜାତୀୟ ଖ୍ୟାତି ଏବଂ ପରିଚୟ ହାସଲ କରିଛି। ନିଜକୁ ଲଜ୍ଜିତ ଲାଗୁଛି ଯେ, ସୋମବାର ଜଣେ ଏମ୍‌ପି ଯିଏକି ଫିଲ୍ମ ଇଣ୍ଡଷ୍ଟ୍ରିରୁ ମଧ୍ୟ ଆସିଛନ୍ତି, ସେ ଇଣ୍ଡଷ୍ଟ୍ରି ବିରୋଧରେ ମନ୍ତବ୍ୟ ଦେଉଛନ୍ତି। ଯାହାକି ଅତ୍ୟନ୍ତ ଖରାପ କଥା। ଏଭଳି ଏକ ସମୟରେ ଫିଲ୍ମ ଇଣ୍ଡଷ୍ଟ୍ରି ସରକାରଙ୍କଠାରୁ ସୁରକ୍ଷା ଚାହୁଁଛି। ସରକାରଙ୍କୁ ସାହାଯ୍ୟ କରିବା ଲାଗି ଫିଲ୍ମ ଇଣ୍ଡଷ୍ଟ୍ରି ଆଗକୁ ଆସିଛି। ଯେତେବେଳେ ସରକାର କିଛି ଭଲ କାମ କରିଛନ୍ତି ସେତେବେଳେ ଇଣ୍ଡଷ୍ଟ୍ରି ଆଗକୁ ଆସି ସମର୍ଥନ ଜଣାଇଛି। ଏପରି କି କୌଣସି ଜାତୀୟ ବିପତ୍ତି ସମୟରେ କଳାକାରମାନେ ଆଗକୁ ଆସି ଆର୍ଥିକ ସହାୟତା ମଧ୍ୟ କରିଛନ୍ତି। ତେଣୁ ଫିଲ୍ମ ଇଣ୍ଡଷ୍ଟ୍ରିକୁ ସରକାର ଏବେ ସମର୍ଥନର ହାତ ବଢ଼ାଇବା ଆବଶ୍ୟକ ହୋଇପଡ଼ିଛି ବୋଲି ଜୟା କହିଛନ୍ତି।

ପ୍ରକାଶ ଯେ, ଅଭିନେତା ସୁଶାନ୍ତ ସିଂ ରାଜପୁତଙ୍କ ମୃତ୍ୟୁ ପରେ ବଲିଉଡରେ ନବାଗତ କଳାକାରଙ୍କ ଉପରେ ହେଉଥିବା ଅତ୍ୟାଚାର ଏବଂ ଭେଦଭାବ ସମ୍ପର୍କରେ କଙ୍ଗନା ରାଣାଓ୍ୱତ ମୁହଁ ଖୋଲିଥିଲେ। ବହୁ ବରିଷ୍ଠ କଳାକାର, ନିର୍ଦ୍ଦେଶକ ଏବଂ ପ୍ରଯୋଜକଙ୍କ ନାମ ନେଇ ବର୍ଷିଥିଲେ। ପରେ ସେ ଇଣ୍ଡଷ୍ଟ୍ରିରେ ଡ୍ରଗ୍ସ କାରବାରରେ ଅନେକ କଳାକାରଙ୍କ ସମ୍ପୃକ୍ତି ଥିବା ପ୍ରକାଶ କରିଥିଲେ। ଯାହାକି ଅନେକଙ୍କ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି କରିଛି। କଙ୍ଗନାଙ୍କ ଏହି କଥାକୁ ସୋମବାର ଲୋକ ସଭାରେ ଭାଜପା ଏମ୍‌ପି ରବି କିଶନ ଉଠାଇବା ସହ ଏହାର ତଦନ୍ତ ଦାବି କରିଥିଲେ। ଅନ୍ୟପକ୍ଷରେ କଙ୍ଗନା ମଧ୍ୟ ଜୟାଙ୍କ ଭାଷଣ ଉପରେ ପ୍ରତିକ୍ରିୟା ରଖିଛନ୍ତି। ସେ ଟୁଇଟରରେ ଲେଖିଛନ୍ତି ଯେ, ଯଦି ମୋ ସ୍ଥାନରେ ତୁମର ଝିଅ ଶ୍ୱେତାଙ୍କୁ କିଶୋର ଅବସ୍ଥାରେ ମାଡ଼ ଓ ଡ୍ରଗ୍ସ ନିର୍ଯାତନା ଦିଆଯାଇଥାନ୍ତା ତେବେ ତୁମେ କ'ଣ ସମାନ କଥା କହିଥାନ୍ତ ବୋଲି ଜୟାଙ୍କୁ କଙ୍ଗନା ପ୍ରଶ୍ନ କରିଛନ୍ତି। ତେଣୁ ସମସ୍ତଙ୍କ ପାଇଁ ଦୟା ଦେଖାନ୍ତୁ ବୋଲି କଙ୍ଗନା ଟୁଇଟରରେ ଉଲ୍ଲେଖ କରିଛନ୍ତି।

# କ୍ଲିନିକାଲ ଟ୍ରାଏଲ୍ ପର୍ଯ୍ୟାୟରେ ୩ ଟିକା

**ନୂଆଦିଲ୍ଲୀ, ୧୫।୯**

ଭାରତରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଏହି ପ୍ରାଣଘାତୀ ଭାଇରସ୍ ଦ୍ୱାରା ସର୍ବାଧିକ ପ୍ରଭାବିତ ଦେଶ ତାଲିକାରେ ଆମେରିକା ପଛକୁ ଭାରତ ୨ୟ ସ୍ଥାନରେ ରହିଛି। ଦେଶରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ଇତିମଧ୍ୟରେ ୫୦ ଲକ୍ଷ ନିକଟତର ହୋଇଥିବାବେଳେ ୮୦ ହଜାରରୁ ଊର୍ଦ୍ଧ୍ୱ ଲୋକ ଏହି ମହାମାରୀ ଦ୍ୱାରା ପ୍ରାଣ ହରାଇଲେଣି। ତେବେ ଇତିମଧ୍ୟରେ ଏକ ଖୁସି ଖବର ଆସି ପହଞ୍ଚିଛି। ଭାରତକୁ ଖୁବ୍ ଶୀଘ୍ର କରୋନା ଟିକା ମିଳିପାରିବ। ଦେଶରେ ସମ୍ପ୍ରତି ୩ଟି କୋଭିଡ୍-୧୯ ପ୍ରତିଷେଧକ ଟୀକା କ୍ଲିନିକାଲ ଟ୍ରାଏଲ୍ ପର୍ଯ୍ୟାୟରେ ରହିଛି।

ଏ ସମ୍ପର୍କରେ ମଙ୍ଗଳବାର କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇ ଇଣ୍ଡିଆନ କାଉନସିଲ୍ ଅଫ୍ ମେଡିକାଲ ରିସର୍ଚ୍ଚ (ଆଇସିଏମ୍‌ଆର୍) ଡିଜି ବଳରାମ ଭାର୍ଗବ କହିଛନ୍ତି, କରୋନା ଭାଇରସ୍ (କୋଭିଡ୍-୧୯) ପ୍ରତିଷେଧକ ୩ଟି ଟିକା ଭାରତରେ କ୍ଲିନିକାଲ ଟ୍ରାଏଲ୍ ପର୍ଯ୍ୟାୟରେ ରହିଛି। ସେମାନଙ୍କ ମଧ୍ୟରୁ କ୍ୟାଡିଲା ଏବଂ ଭାରତ ବାୟୋଟେକ୍ ଦ୍ୱାରା ପ୍ରସ୍ତୁତ ଟୀକା ପ୍ରଥମ ପର୍ଯ୍ୟାୟ ପରୀକ୍ଷଣ ଶେଷ କରି ଦ୍ୱିତୀୟ ପର୍ଯ୍ୟାୟ ପରୀକ୍ଷଣ ପାଇଁ ପ୍ରସ୍ତୁତ ହେଉଛି। ସେହିଭଳି ସିରମ ଇନ୍‌ଷ୍ଟିଚ୍ୟୁଟ୍



ଅଫ୍ ଇଣ୍ଡିଆ (ଏସ୍‌ଆଇଆଇ) ଦ୍ୱାରା ପ୍ରସ୍ତୁତ ଟିକା ଦ୍ୱିତୀୟ ପର୍ଯ୍ୟାୟ ପରୀକ୍ଷା ଶେଷ କରି କ୍ଲିୟରାନ୍ସ ପରେ ୩ୟ ପର୍ଯ୍ୟାୟ ପରୀକ୍ଷଣ ଆରମ୍ଭ କରିବା ଉପରେ ରହିଛି। ପୁନେଭିତ୍ତିକ ଏସ୍‌ଆଇଆଇ ଦେଶର ୧୪ଟି ସ୍ଥାନରେ ୧୫୦୦ ସ୍ୱେଚ୍ଛାସେବୀଙ୍କ ଉପରେ ୩ୟ ପର୍ଯ୍ୟାୟ ପରୀକ୍ଷା କରିବ ବୋଲି ଭାର୍ଗବ କହିଛନ୍ତି। ତେବେ ଟିକା ନିର୍ଦ୍ଦିଷ୍ଟ ଭାବେ କେବେ ସର୍ବସାଧାରଣଙ୍କ ପାଇଁ ଉପଲବ୍ଧ ହୋଇପାରିବ ସେ ସମ୍ବନ୍ଧରେ ଭାର୍ଗବ କିଛି ସୂଚନା ଦେଇନାହାନ୍ତି।

## ଲଦାଖରେ ଅପ୍ଟିକାଲ ଫାଇବର କେବୁଲ ବିଛାଉଛି ଚାଇନା

**ଲେହ, ୧୫।୯:** ଏଲ୍‌ଏସିରେ ଜାଣିଶୁଣି ଚାଇନା ଉତ୍ତେଜନା ସୃଷ୍ଟି କରୁଛି। ଲଦାଖରେ ଚାଇନା ଯୋଗାଯୋଗ ବ୍ୟବସ୍ଥା ବୃଦ୍ଧି ଲାଗି ଅପ୍ଟିକାଲ ଫାଇବର କେବୁଲ ବିଛାଉଛି। ଏନେଇ ଏକ ରିପୋର୍ଟ ପ୍ରକାଶ ପାଇଛି। ପୋଙ୍ଗଙ୍ଗର ଦକ୍ଷିଣ ଅଞ୍ଚଳରେ ଚାଇନା ଏଭଳି କାର୍ଯ୍ୟ ଜାରି ରଖିଛି। ଏହାଦ୍ୱାରା ସାମରିକ ସୂଚନା ପ୍ରସାରଣରେ ସହଜ ହେବ ବୋଲି କୁହାଯାଉଛି। ଏହି ପ୍ରସଙ୍ଗରେ ରୟଟର୍ସର ପ୍ରଶ୍ନର ଉତ୍ତର ଚାଇନା ବିଦେଶମନ୍ତ୍ରୀ ଦେଇ ନ ଥିବା ନେଇ ଚର୍ଚ୍ଚା ହେଉଛି।

## ଫୁର୍‌ସତ୍

# ଭାଷା ଉପରେ ବିପଦ

ସଂହତିର ମାର୍ଗ ପ୍ରଶସ୍ତ କରିଥାଏ ଭାଷା। କଥିତ ଭାଷାରୁ ମିଳିଥାଏ ଗୋଟିଏ ଅଞ୍ଚଳର ପରିଚୟ। ଲୋକଙ୍କୁ ଏକତା ସୂତ୍ରରେ ବାନ୍ଧି ରଖିବାରେ ଏହା ହୋଇଥାଏ ବେଶ୍ ସହାୟକ। ତେବେ ଗତ କିଛି ଦଶନ୍ଧି ମଧ୍ୟରେ ହିନ୍ଦୀ, ଇଂଲିଶର ବହୁଳ ବ୍ୟବହାର ଆଞ୍ଚଳିକସ୍ତରରେ କଥିତ ଭାଷାକୁ ରୁଗ୍‌ଣ କରିଦେଲାଣି। ଏହି କାରଣରୁ ଭାରତରେ ବ୍ୟବହୃତ ଅନେକ ଭାଷା ବିଲୁପ୍ତ। ଆଦିବାସୀ ଏବଂ ବନ୍‌ଜାରା ସମ୍ପ୍ରଦାୟ ପାଖରେ ବଞ୍ଚି ରହିଥିବା ମୌଳିକ କଥିତ ଭାଷା ନିଜର ସ୍ଥିତି ବଞ୍ଚାଇବାକୁ ସଂଘର୍ଷ କରୁଛି। ଏହାର ସଂରକ୍ଷଣ ଦିଗରେ ଗୁରୁତ୍ୱ ଦିଆ ନ ଗଲେ ଆଗାମୀ ଦିନରେ କଥିତ ଭାଷା ଇତିହାସ ପୃଷ୍ଠାରେ ସୀମିତ ହୋଇ ରହିଯିବ ବୋଲି ଭାଷାବିତ୍‌ମାନେ ଆଶଙ୍କାବ୍ୟକ୍ତ କରିଛନ୍ତି।

### ୫୦ ବର୍ଷରେ ୧୯୯ ଭାରତୀୟ ଭାଷା ବିଲୁପ୍ତ




**ନୂଆଦିଲ୍ଲୀ:** ବହୁ ଭାଷାଭାଷୀଙ୍କ ଦେଶ ଭାରତ। ଏଠାକାର ପ୍ରତି ଅଞ୍ଚଳରେ ଭିନ୍ନ ଭିନ୍ନ ଭାଷାର ଲୋକ ବସବାସ କରନ୍ତି, ଯାହା ବିବିଧତା ମଧ୍ୟରେ ଏକତାକୁ ଦର୍ଶାଇଥାଏ। ତେବେ ନିକଟରେ ପ୍ରକାଶିତ ଏକ ରିପୋର୍ଟରେ ଦର୍ଶାଯାଇଥିବା ତଥ୍ୟ ବ୍ୟଥିତ କରିଦେବା ଭଳି। ଏଥିରେ ଉଲ୍ଲେଖ କରାଯାଇଛି, ଭାରତର ୪୨ କଥିତ ଭାଷା ସଙ୍କଟରେ। ଏହି ସବୁ ଭାଷାରେ କଥା ହେଉଥିବା ଲୋକଙ୍କ ସଂଖ୍ୟା ହଜାରେରୁ ବି କମ୍। ଭାରତୀୟ ମୂଳ ଆଦିବାସୀ ବ୍ୟବହାର କରୁଥିବା ଅନେକ ଭାଷା ବିଲୁପ୍ତ ହୋଇଗଲାଣି। ସଙ୍କଟମୟ ଅବସ୍ଥାରେ ଥିବା ଭାଷା ମଧ୍ୟରେ କେବଳ ଆଣ୍ଡାମାନ୍ ଓ ନିକୋବର ଦ୍ୱୀପ ସମୂହର ୧୧ଟି ରହିଛି। ସେହିପରି ଓଡ଼ିଶା, କର୍ଣ୍ଣାଟକ, ଆନ୍ଧ୍ରପ୍ରଦେଶ, ତାମିଲନାଡୁ, ଉତ୍ତରାଖଣ୍ଡ, ଆସାମ, ଝାଡ଼ଖଣ୍ଡ, ମହାରାଷ୍ଟ୍ର, ମେଘାଳୟ, ପଶ୍ଚିମବଙ୍ଗ ଭଳି ରାଜ୍ୟରେ ପୂର୍ବରୁ ବ୍ୟବହୃତ ଅନେକ ଭାଷା ଆଉ ଶୁଣିବାକୁ ମିଳୁନାହିଁ।

ଗତ ୫୦ ବର୍ଷ ମଧ୍ୟରେ ଭାରତର ବିଭିନ୍ନ ପ୍ରାନ୍ତରେ ବ୍ୟବହାର କରାଯାଉଥିବା ୨୦% ଭାଷା ବିଲୁପ୍ତ ହୋଇଯାଇଛି। ଭାଷା ବିଲୁପ୍ତ ଦେଶ ତାଲିକାରେ ରୁଷ, ଆମେରିକା ପଛକୁ ଭାରତ ତୃତୀୟ ସ୍ଥାନରେ ରହିଛି। ୧୯୬୧ ଜନଗଣନା ତଥ୍ୟରେ ଭାରତରେ ୧୬୫୨ଟି ମାତୃଭାଷା ଥିବା ଜଣାପଡ଼ିଥିଲା। ପରବର୍ତ୍ତୀ ସମୟରେ ଏହି ସଂଖ୍ୟା ୧୧୦୦ ବୋଲି କୁହାଗଲା। ତେବେ ବିଭିନ୍ନ ମାନକ ଆଧାରରେ ପାଖାପାଖି ୧୯୯ ଭାଷା ବିଲୁପ୍ତ ହୋଇଯାଇଥିବା ଜଣାପଡ଼ିଛି। ହେଲେ କେତେଜଣ ଭାଷାବିତ୍ ଏହାକୁ ଖଣ୍ଡନ କରିଛନ୍ତି। ସେମାନଙ୍କ ଦାବି ହେଲା ଗତ ୫ ଦଶନ୍ଧି ମଧ୍ୟରେ ଭାରତରୁ ପାଖାପାଖି ୨୫୦ ଭାଷା ଗାଏବ ହୋଇଯାଇଛି। ଅନ୍ୟପଟେ ଏହାର ବିପରୀତ ଚିତ୍ର ଦେଖିବାକୁ ମିଳିଛି ହିନ୍ଦୀ ଏବଂ ଇଂଲିଶ ଭାଷାରେ। ଗତ ୫୦ବର୍ଷ ମଧ୍ୟରେ ହିନ୍ଦୀ ଭାଷାଭାଷୀଙ୍କ ସଂଖ୍ୟା ୨୬କୋଟିରୁ ବୃଦ୍ଧିପାଇ ୪୨ କୋଟିରେ ପହଞ୍ଚିଛି। ସେହିପରି ଇଂଲିଶ ଭାଷାଭାଷୀଙ୍କ ସଂଖ୍ୟା ୩୩ କୋଟିରୁ ବଢ଼ି ୪୯ କୋଟିରେ ପହଞ୍ଚିଥିବା ଜଣାପଡ଼ିଛି।

ଭାରତରେ ଦେଖାଯାଉଥିବା ଏଭଳି ଭାଷା ସଙ୍କଟ ପାଇଁ ମୁଖ୍ୟତଃ ଦୁଇଟି କାରଣକୁ ଦାୟୀ କରାଯାଉଛି। ପ୍ରଥମତଃ ଉପକୂଳବର୍ତ୍ତୀ ଅଞ୍ଚଳର ଲୋକମାନଙ୍କ କର୍ମନିୟୋଜନ ଆଶାରେ ସହରାଭିମୁଖୀ ହେବାପରେ ପ୍ରତ୍ୟକ୍ଷ ଭାବେ ସେମାନଙ୍କ ମୌଳିକ କଥିତ ଭାଷା ପ୍ରଭାବିତ ହୋଇଛି। ଦ୍ୱିତୀୟତଃ ଭାରତରେ ୧୯୦ରୁ ଊର୍ଦ୍ଧ୍ୱ ଯାଯାବର ସମ୍ପ୍ରଦାୟ ବାସ କରୁଛନ୍ତି। ସେମାନଙ୍କୁ ସହରାଞ୍ଚଳରେ ଅପରାଧୀ ବୋଲି ବିବେଚନା କରାଯାଉଛି। ଫଳରେ ସେମାନେ ନିଜ ପରିଚୟ ଲୁଚାଇବାକୁ ଯାଇ ସେମାନଙ୍କ କଥିତ ଭାଷା କହିବାକୁ କୁଣ୍ଠାବୋଧ କରୁଛନ୍ତି। ଏହି କାରଣରୁ ସେମାନଙ୍କ ଭାଷା ଏକପ୍ରକାର ଲୁପ୍ତ ହୋଇଗଲାଣି।

ଭାରତରେ ଭାଷାର ଇତିହାସ ୭୦ ହଜାର ବର୍ଷ ପୁରୁଣା। ୧୦,୦୦୦ ବର୍ଷ ପୂର୍ବେ ଲୋକମାନେ ଚାଷ ମୁହାଁ ହୋଇଥିଲେ। ଏହାପରେ ଅନେକ ଭାଷା ବିଲୁପ୍ତ ହୋଇଗଲା। ଭାଷାଭିତ୍ତିକ ସର୍ଭେ ପାଇଁ ୨୦୧୦ରେ ହୋଇଥିଲା 'ଦି ପିପୁଲ ଲିଙ୍ଗ୍ୟୁଷ୍ଟିକ୍ ସର୍ଭେ ଅଫ୍ ଇଣ୍ଡିଆ' (ପିଏଲ୍‌ଏସ୍‌ଆଇ)। ଏହି ସର୍ଭେରେ ୩୫୦୦ ଭଲ୍ୟୁଣ୍ଟିୟର, ୨୦୦୦ ଭାଷାବିତ୍, ଐତିହାସିକ, ଭାଷା ରିସର୍ଚ୍ଚ ସେଣ୍ଟର ବରିଷ୍ଠ ଅଧିକାରୀ ସାମିଲ ହୋଇଥିଲେ। ୩ବର୍ଷ ଧରି ଚାଲିଥିବା ଏହି ସର୍ଭେରେ ୭୮୦ ଭାଷା ଚିହ୍ନଟ କରାଯାଇଛି। ଭାରତୀୟ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ୨୨ ସୂଚୀବଦ୍ଧ ଭାଷା ରହିଛି। ଏହାକୁ ବାଦ୍ ଦେଲେ ବିନା ସୂଚୀବଦ୍ଧ ତାଲିକାରେ ୧୦୦ ଭାଷା ଅଛି। ସେହିପରି ବିଭିନ୍ନ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ସରକାର ୩୧ ଭାଷାକୁ ସେମାନଙ୍କ ସରକାରୀ ଭାଷାର ମାନ୍ୟତା ଦେଇଛନ୍ତି।

### ଭାଷାକୁ ନେଇ କିଛି ତଥ୍ୟ

- ପୃଥିବୀରେ ୭୦୦୦ରୁ ଊର୍ଦ୍ଧ୍ୱ ଭାଷା ରହିଛି।
- ଏବେ ୩୬ କଥିତ ଭାଷା ସ୍ଥିତି ବଞ୍ଚାଇବାକୁ ସଂଘର୍ଷ କରୁଛି।
- ୨୧୧୫ ସୁଦ୍ଧା ୯୦% କଥିତ ଭାଷା ବିଲୁପ୍ତ ହୋଇଯିବ।
- ୧୯୯ ଭାଷାର ବ୍ୟବହାରକାରୀଙ୍କ ସଂଖ୍ୟା ୧୦ରୁ କମ୍।
- ୧୭୮ ଭାଷା ବୁଝିପାରୁଥିବା ଲୋକସଂଖ୍ୟା ୧୦ରୁ ୫୦।

# ଏକ୍ସେଣ୍ଟ୍ରିକରେ ଦୀପିକା



ଦୀପିକା ପାଦୁକୋନ୍

**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ ଦୀପିକା ପାଦୁକୋନ୍ ଜଣେ ସଫଳ ଅଭିନେତ୍ରୀ। ବଲିଉଡ୍‌ରେ ଦୀପିକା ହେଉଛନ୍ତି ଜଣେ ହାଇଏଷ୍ଟ ପେଡ୍ ଅଭିନେତ୍ରୀ। ଏବେ ବଲିଉଡ୍‌ରେ ତାଙ୍କ ଡିମାଣ୍ଡ ବହୁତ ଅଧିକ। ନିଜର ଦମ୍‌ଦାର୍ ଅଭିନୟ ମାଧ୍ୟମରେ ସେ ଦର୍ଶକଙ୍କ ହୃଦୟ ଜିତିପାରିଛନ୍ତି। ଛୋଟବେଳେ ସେ ନ୍ୟାଶନାଲ ଲେଭଲ୍‌ରେ ବ୍ୟାଡମିଣ୍ଟନ ଖେଳି ଚାମ୍ପିୟନ ହେଉଥିଲେ। ପରେ ସେ ଖେଳିବା ଛାଡି ମଡେଲିଂରୁ ନିଜ କ୍ୟାରିୟର୍ ଆରମ୍ଭ କରିଥିଲେ। ଗୋଟିଏ ପରେ ଗୋଟିଏ ହିଟ୍ ଫିଲ୍ମ ସେ ଇଣ୍ଡଷ୍ଟ୍ରିକୁ ଦେଇଛନ୍ତି। ସୁପରଷ୍ଟାର ଶାହରୁଖ ଖାନଙ୍କ ସହ ପ୍ରଥମେ ସେ 'ଓମ୍ ଶାନ୍ତି ଓମ୍' ଫିଲ୍ମରେ ନଜର୍ ଆସିଥିଲେ। ଫିଲ୍ମଟି ବଡ଼ ସଫଳତା ପାଇଥିଲା। ଶାହାରୁଖ୍-ଦୀପିକାଙ୍କ ଯୋଡ଼ିକୁ ଲୋକେ ବେଶ୍ ପସନ୍ଦ ମଧ୍ୟ କରନ୍ତି। ଏବେ ଦର୍ଶକଙ୍କ ପାଇଁ ଏକ ଖୁସି ଖବର। ତାମିଲ ନିର୍ଦ୍ଦେଶକ ଅଟଲେ କୁମାରଙ୍କ ଫିଲ୍ମରେ ଦୀପିକା ପାଦୁକୋନଙ୍କ ବିପକ୍ଷରେ ଶାହାରୁଖ୍ ନଜର୍ ଆସିବେ ବୋଲି କୁହାଯାଉଛି। ଏହି ଚଳଚ୍ଚିତ୍ରର ନାମ 'ଏକ୍ସେଣ୍ଟ୍ରିକ' ରଖାଯାଇଛି। ଖବର ଅନୁଯାୟୀ ଦୀପିକାଙ୍କୁ ଫିଲ୍ମର କାହାଣୀ ବହୁତ ପସନ୍ଦ ଆସିଛି । ଯଦି ଏହି ଯୋଡି ଏହି ଚଳଚ୍ଚିତ୍ରରେ ଏକାଠି ହୁଅନ୍ତି, ତେବେ ଏହା ଚତୁର୍ଥ ଥର ହେବ ଦୁହେଁ ଏକାଠି କାମ କରିବାକୁ ଯାଉଛନ୍ତି । ଦୀପିକା ଏବଂ ଶାହରୁଖ ଯୋଡି ଯେବେବି ପରଦାକୁ ଆସିଛି ସବୁବେଳେ ଫିଲ୍ମ ବ୍ଲକବଷ୍ଟର ହୋଇଛି। କୁହାଯାଉଛି ଯେ ଏହି ଫିଲ୍ମଟି ମୂଳତଃ ହିନ୍ଦୀ ଏବଂ ତାମିଲ ଭାଷାରେ ନିର୍ମିତ ହେବ ଏବଂ ଅନ୍ୟ ପ୍ରମୁଖ ଭାଷାରେ ଡେବ୍ୟୁ କରାଯାଇ ମୁକ୍ତିଲାଭ କରିବ । ଏହି ଫିଲ୍ମ ୨୦୨୧ର ଆରମ୍ଭରେ ଆସିବ ବୋଲି ଆଶା କରାଯାଉଥିଲା କିନ୍ତୁ କରୋନାକୁ ଦୃଷ୍ଟିରେ ରଖି ଆଗକୁ ସ୍କେଡ୍ୟୁଲ କରାଯିବ।

# ଜେକେ ରୋଲିଂଙ୍କୁ ବିରୋଧ

**ନୂଆଦିଲ୍ଲୀ:** ପ୍ରସିଦ୍ଧ ହାରି ପୋଟର ପୁସ୍ତକର ରଚୟିତା ଜେ.କେ. ରୋଲିଂଙ୍କୁ ଏବେ ନେଟିଜେନ୍(ଇଣ୍ଟରନେଟ୍ ବ୍ୟବହାରକାରୀ)ଙ୍କ ଜୋରଦାର ବିରୋଧ। ହ୍ୟାରି ପୋଟର ପୁସ୍ତକ ନିମନ୍ତେ ଦିନେ ଜେକେ ରୋଲିଂଙ୍କୁ ଆଶ୍ଚର୍ଯ୍ୟଜନକଭାବେ ସଫଳତା ମିଳିପାରିଥିଲା ଏବଂ ସାରା ବିଶ୍ୱରେ ତାଙ୍କ ବହିର ସିରିଜ୍ ପଢ଼ିବା ପାଇଁ ଲୋକେ ଉତ୍ସୁକ ହୋଇ ଚାହିଁ ରହୁଥିଲେ। କିନ୍ତୁ ଏବେ ତାଙ୍କର ଆଉ ଏକ ପୁସ୍ତକ 'ଟ୍ରବଲ୍‌ଡ ବ୍ଲଡ'କୁ ନେଟିଜେନମାନେ ପ୍ରତ୍ୟାଖ୍ୟାନ କରିଛନ୍ତି। ସେଥିପାଇଁ ସୋସିଆଲ ମିଡିଆରେ ତାଙ୍କୁ ବିରୋଧ କରିଛନ୍ତି।



'ଟ୍ରବଲ୍‌ଡ ବ୍ଲଡ' ପୁସ୍ତକରେ କୋରମୋରାନ୍ ଷ୍ଟ୍ରାଇକର ଡିଟେକ୍‌ଟିଭ୍ ସିରିଜ୍ ପ୍ରକାଶ ପାଇଛି। ବହିରେ ଜଣେ ଏଭଳି ବ୍ୟକ୍ତିର କାହାଣୀ ରହିଛି, ଯିଏ ପୋଷାକ ପିନ୍ଧି ବାହାରୁଛି ଓ ମହିଳାମାନଙ୍କୁ ହତ୍ୟା କରୁଛି। କିନ୍ତୁ ଇଣ୍ଟରନେଟରେ ଲୋକେ ଏହି କାହାଣୀକୁ ଗ୍ରହଣ କରି ନାହାନ୍ତି ଏବଂ ସୋସିଆଲ ମିଡିଆରେ ବିଭିନ୍ନ ଢଙ୍ଗରେ ସେମାନଙ୍କର ବିରୋଧକୁ ଦର୍ଶାଇଛନ୍ତି। କିଛି ଲୋକ ଏହି କାହାଣୀକୁ ଅନ୍ୟ ଏକ ଫିଲ୍ମର ନକଲ କାହାଣୀ ବୋଲି କହିଛନ୍ତି। ଖାଲି ସେତିକି ନୁହେଁ, ରୋଲିଂଙ୍କର ଏହି ପୁସ୍ତକକୁ ବିଭିନ୍ନ ଗଣମାଧ୍ୟମରେ ସମୀକ୍ଷା ମାଧ୍ୟମରେ କଡ଼ା ଆକ୍ଷେପ କରାଯାଇଛି। ହ୍ୟାରି ପୋଟର ଭଳି ରହସ୍ୟ ରୋମାଞ୍ଚଭରା କାହାଣୀ ଭେଟି ଦେଇଥିବା ଜଣେ ଲେଖକ କିଭଳିଭାବେ ଏପରି ନକଲି କାହାଣୀକୁ ଚୟନ କରିଛନ୍ତି ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ରହସ୍ୟ ଆଉ ରୋମାଞ୍ଚର ସ୍ୱତନ୍ତ୍ର ବ୍ୟକ୍ତିତ୍ୱଭାବେ ପରିଚିତ ରୋଲିଂଙ୍କୁ ବିଭିନ୍ନ ସ୍ତରର ଲେଖକମାନେ ମଧ୍ୟ ବିପରୀତ ମନ୍ତବ୍ୟ ଦେଇଛନ୍ତି।

# ନିଲାମ ହେଲା ଆବ୍ରାହମ୍ ଲିଙ୍କନଙ୍କ କେଶ


**ନୂଆଦିଲ୍ଲୀ:** ଆମେରିକାର ପୂର୍ବତନ ରାଷ୍ଟ୍ରପତି ଆବ୍ରାହମ ଲିଙ୍କନଙ୍କ କେଶ ଗୁଚ୍ଛ ନିଲାମ ହୋଇଛି। ୧୮୬୫ ମସିହାରେ ତାଙ୍କର ମୃତ୍ୟୁ ସମୟରେ ଏହି କେଶକୁ ଅଲଗା କରି ସୁରକ୍ଷିତ ରଖା ଯାଇଥିଲା। କେଶ ସହିତ ତାଙ୍କ ରକ୍ତ ଲେଖା ଏକ ଟେଲିଗ୍ରାମ ମଧ୍ୟ ନିଲାମ ହୋଇଛି। ଆବ୍ରାହମଙ୍କର ଏହି ଦୁଇଟି ସନ୍ତକ ଆଶ୍ଚର୍ଯ୍ୟଜନକଭାବେ ନିଲାମ ହୋଇଛି ୮୧ ହଜାର ଆମେରିକୀୟ ଡଲାରରେ।

ଆମେରିକାର ବୋଷ୍ଟନ ସହରରେ ଆବ୍ରାହମଙ୍କର ଏହି ସନ୍ତକକୁ ନିଲାମ କରିଛି ଆର୍‌ଆର୍ ନିଲାମକାରୀ ସଂସ୍ଥା। ନିଲାମ ହୋଇଥିବା ଆବ୍ରାହମଙ୍କର କେଶ ଗୁଚ୍ଛର ଲମ୍ବ ୫ ସେଣ୍ଟିମିଟର। ୱାଶିଂଟନ୍ ଡିସିରେ ତାଙ୍କୁ ଗୁଳି କରି ହତ୍ୟା କରିବା ପରେ ପୋଷ୍ଟମର୍ଟମ ସମୟରେ ଏହି କେଶକୁ ସଂଗ୍ରହ କରାଯାଇଥିଲା। ସେତେବେଳେ ଏହାକୁ ଆବ୍ରାହମ ଲିଙ୍କନଙ୍କ ଜଣେ ପୁତୁରା ଡକ୍ଟର ଲେମ୍ୟାନ୍ ବେଚର ଟୋଡ୍‌ଙ୍କୁ ହସ୍ତାନ୍ତର କରାଯାଇଥିଲା। ସେହିପରି କେଶ ଗୁଚ୍ଛ ସହିତ ନିଲାମ ହୋଇଥିବା ଟେଲିଗ୍ରାମଟି ସେ ସମୟରେ ରକ୍ତରେ ଲେଖା ଯାଇଥିଲା।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୨୯,୫୨୫,୫୭୧ | ୯,୩୪,୧୯୨ | ୨୧,୩୪୪,୯୯୬ |
| ଭାରତ | ୪୯,୬୩,୦୯୭ | ୮୧,୧୬୮ | ୩୮,୮୭,୩୭୧ |
| ଓଡ଼ିଶା | ୧,୫୮,୬୫୦ | ୬୪୫(+୫୩) | ୧,୨୫,୭୩୮ |

ମଙ୍ଗଳବାର ରାତି ୯ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର




# ଚନ୍ଦକାରେ ହେବ ହସ୍ତୀ ଥଇଥାନ କେନ୍ଦ୍ର

■ ଭିତ୍ତିପ୍ରସ୍ତର ସ୍ଥାପନ କଲେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ
■ ଖର୍ଚ୍ଚହେବ ୬ କୋଟି ଟଙ୍କା, ୩ ମାସରେ ସରିବ ନିର୍ମାଣ
■ ଉଦ୍ଧାର, ଆହତ ହାତୀଙ୍କୁ ରଖି ଚିକିତ୍ସା କରାଯିବ



ଭୁବନେଶ୍ୱର,୧୫।୯(ବ୍ୟୁରୋ)

ଚନ୍ଦକା-ଡମପଡ଼ା ବନ୍ୟପ୍ରାଣୀ ଅଭୟାରଣ୍ୟର କୁମାରଖୁଣ୍ଟିଠାରେ ହସ୍ତୀ ଥଇଥାନ କେନ୍ଦ୍ର ସ୍ଥାପନ ହେବ। ସାଢ଼େ ଦଶ ହେକ୍ଟର ପରିମିତ ସ୍ଥାନରେ ପ୍ରାୟ ୬ କୋଟି ଟଙ୍କା ବ୍ୟୟରେ ଏହି କେନ୍ଦ୍ର ନିର୍ମାଣ କରାଯିବ। ଆବଶ୍ୟକସ୍ଥଳେ ଏହିଭଳି ୪ଟି ଅସ୍ଥାୟୀ ହାତୀ ଆଶ୍ରୟସ୍ଥଳ କରାଯିବ। ଉଦ୍ଧାର କରାଯାଇଥିବା ହାତୀଙ୍କୁ ଏଠାରେ ଆଶ୍ରୟ ଦେଇ ସେବା ଶୁଶ୍ରୂଷା ଓ ଚିକିତ୍ସା କରାଯିବ। ମା'ଠାରୁ ପୃଥକ ହୋଇଯାଇଥିବା ହାତୀଶାବକଙ୍କୁ ମଧ୍ୟ ଏଠାରେ ରଖାଯିବ। ଅଭିଜ୍ଞ ମାହୁନ୍ତମାନେ ସେମାନଙ୍କ ଦାୟିତ୍ୱରେ ରହିବେ। ହାତୀ ଚିକିତ୍ସା କ୍ଷେତ୍ରରେ ଅଭିଜ୍ଞତା ଅର୍ଜନ କରିଥିବା ଅବସରପ୍ରାପ୍ତ ପ୍ରାଣୀ ଚିକିତ୍ସକଙ୍କୁ ନିୟୋଜିତ କରାଯାଇ ହାତୀ ଚିକିତ୍ସାକୁ ତ୍ୱରାନ୍ୱିତ କରାଯିବ। ସେଠାରେ ମାହୁନ୍ତଙ୍କ ରହିବା ପାଇଁ ଘର, ପ୍ରାଣୀ ଚିକିତ୍ସା ପ୍ରୟୋଗ ଶାଳା, ରନ୍ଧନ ଶାଳା ଆଦିର ବ୍ୟବସ୍ଥା ରହିବ। ହାତୀଙ୍କ ଖାଇବା ପାଇଁ ଘାସ, ଗଛପତ୍ର ଆଦିର ସ୍ୱତନ୍ତ୍ର ଓ ପର୍ଯ୍ୟାପ୍ତ ବ୍ୟବସ୍ଥା କରାଯିବ। ଏଥିପାଇଁ କେନ୍ଦ୍ର ସରକାରଙ୍କ ମଞ୍ଜୁରୀ ମିଳି ସାରିଥିବାବେଳେ ମଙ୍ଗଳବାର ଜଙ୍ଗଲ ଓ ପରିବେଶ ଏବଂ ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମକେଶରୀ ଆରୁଖ ଏହି କେନ୍ଦ୍ରର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ପ୍ରାୟ ତିନିମାସ ମଧ୍ୟରେ ଏହାର ନିର୍ମାଣ କାର୍ଯ୍ୟ ସାରିବାକୁ ଲକ୍ଷ୍ୟ ରହିଛି।

ସୂଚନାଯୋଗ୍ୟ, ଓଡ଼ିଶା ଭଳି ସାରା ଦେଶରେ ହାତୀ ସୁରକ୍ଷା ବଡ଼ ପ୍ରସଙ୍ଗ ହୋଇଛି। ବିଶେଷକରି ହାତୀ ଜନବସତି ମଧ୍ୟରେ ପ୍ରବେଶ କରି କ୍ଷତି ଘଟାଇବା ଓ ହାତୀ-ମଣିଷ ଲଢ଼େଇରେ ଅନେକ ସମୟରେ ଉଭୟଙ୍କ ଜୀବନ ଯାଉଛି। ଏଭଳି ସମସ୍ୟାର ସମାଧାନ ପାଇଁ କେନ୍ଦ୍ର ସରକାର ବିସ୍ତୃତ ମାର୍ଗଦର୍ଶିକା ଜାରି କରିଛନ୍ତି। ଏଥିସହ 'ପ୍ରକଳ୍ପ ହାତୀ' ସମଗ୍ର ଦେଶରେ କାର୍ଯ୍ୟକାରୀ କରାଯାଉଛି। ଏହି ଯୋଜନାରେ ହାତୀ ଉଦ୍ଧାର ଓ ପୁନର୍ବାସ କେନ୍ଦ୍ର ପ୍ରତିଷ୍ଠା ଅନ୍ୟତମ ରହିଛି। ଗତ ହାତୀଗଣନା ଅନୁଯାୟୀ, ଓଡ଼ିଶାରେ ପ୍ରାୟ ୨ହଜାର ହାତୀ ରହିଛନ୍ତି। ମଣିଷ-ହାତୀ ସଂଘର୍ଷରେ ପ୍ରତିବର୍ଷ ପ୍ରାୟ ୮୦ ହାତୀ ମୃତ୍ୟୁମୁଖରେ ପଡୁଥିବାବେଳେ ପ୍ରାୟ ୧୦୦ ଲୋକଙ୍କ ଜୀବନ ଯାଉଛି। ଏହାବ୍ୟତୀତ ବନ କର୍ମଚାରୀ ଓ ଅନ୍ୟ ସାଧାରଣ ଲୋକଙ୍କ ଧନଜୀବନ ହାନି ଘୁଟୁଛି। ନିକଟ ଅତୀତରେ ଯାଜପୁର, ଢେଙ୍କାନାଳ ଓ ଖୋର୍ଦ୍ଧା ବନଖଣ୍ଡରେ ଏହିଭଳି ଘଟଣା ଘଟିଛି। ତେଣୁ ଜଙ୍ଗଲ ଅଞ୍ଚଳରେ ବ୍ୟାପକ ଭିତ୍ତିଭୂମିର ବିକାଶ, ଜନବସତି ବୃଦ୍ଧି ଓ ଜଙ୍ଗଲ ଜମିର ପରିବର୍ତ୍ତନ ଯୋଗୁ ହାତୀ ଆଶ୍ରୟସ୍ଥଳ କମିଯିବା ଏହି ସମସ୍ୟାର ମୂଳ କାରଣ ବୋଲି କୁହାଯାଉଛି। ତେଣୁ ଏହାର ସମାଧାନ ଅତ୍ୟନ୍ତ ଆବଶ୍ୟକ ହୋଇଥିବାବେଳେ ଏହି ଥଇଥାନ କେନ୍ଦ୍ର ବା ଅସ୍ଥାୟୀ ଆଶ୍ରୟସ୍ଥଳ ପ୍ରତିଷ୍ଠା ହାତୀଉଦ୍ଧାର ଓ ପୁନର୍ବାସ କ୍ଷେତ୍ରରେ ଏକ ନୂତନ ମାଇଲଖୁଣ୍ଟ ପାଲଟିବ। 'ପ୍ରକଳ୍ପହାତୀ' ଯୋଜନାକୁ ସମୁଚିତ ଭାବେ ରୂପାୟନ କରାଯିବ ବୋଲି ମନ୍ତ୍ରୀ ଆରୁଖ କହିଛନ୍ତି। ଭିତ୍ତିପ୍ରସ୍ତର କାର୍ଯ୍ୟକ୍ରମରେ ବିଭାଗୀୟ ଅତିରିକ୍ତ ଶାସନ ସଚିବ ମୋନାଶର୍ମା, ପିସିସିଏଫ୍(ବନ୍ୟପ୍ରାଣୀ) ତଥା ମୁଖ୍ୟ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ହରିଶଙ୍କର ଉପାଧ୍ୟାୟ ଓ ବିଭାଗୀୟ ଉଚ୍ଚ ପଦାଧିକାରୀ ଉପସ୍ଥିତ ଥିଲେ।

# ଏମ୍‌ପିଙ୍କ ଦରମା ୩୦% କାଟ ବିଲ୍ ଲୋକ ସଭାରେ ପାରିତ

## ଏମ୍‌ପି ଲ୍ୟାଡ ପାଣ୍ଠି ସ୍ଥଗିତ ନିଷ୍ପତ୍ତିକୁ ବିରୋଧ କଲେ ପିନାକୀ

ନୂଆଦିଲ୍ଲୀ,୧୫।୯(ପି.ଟି.)

କରୋନା ମହାମାରୀକୁ ଦୃଷ୍ଟିରେ ରଖି ଖର୍ଚ୍ଚ କାଟ ଉଦ୍ଦେଶ୍ୟରେ କେନ୍ଦ୍ର ସରକାର ଏମ୍‌ପିମାନଙ୍କ ଦରମା ୧ବର୍ଷ ପାଇଁ ୩୦% କାଟ କରିବାକୁ ନେଇଥିବା ନିଷ୍ପତ୍ତିକୁ ମଙ୍ଗଳବାର ଲୋକ ସଭାରେ ପାରିତ କରାଯାଇଛି। ଏହାକୁ ଦଳମତ ନିର୍ବିଶେଷରେ ସମର୍ଥନ କରାଯାଇଥିବା ଦେଖିବାକୁ ମିଳିଥିଲା। ହେଲେ ଏମ୍‌ପି ଲ୍ୟାଡକୁ ୨ବର୍ଷ ପାଇଁ ବନ୍ଦ କରିବାକୁ ସରକାର ନେଇଥିବା ନିଷ୍ପତ୍ତିକୁ ବିଜେଡି ସମେତ ଅଧିକାଂଶ ଅଣ ଏନ୍‌ଡିଏ ଦଳଗୁଡ଼ିକ ବିରୋଧ କରିଛନ୍ତି। ବିଜେଡି ଏମ୍‌ପି ପିନାକି ମିଶ୍ର ଏହି ପ୍ରସଙ୍ଗରେ କେନ୍ଦ୍ର ସରକାରଙ୍କ ନିଷ୍ପତ୍ତିକୁ ବିରୋଧ କରିଛନ୍ତି। ସେ କହିଛନ୍ତି ଯେ, ଏମ୍‌ପିମାନଙ୍କ ଦରମା କାଟ କରିବାରେ କାହାରି କୌଣସି ପ୍ରତିବାଦ ନାହିଁ। ମାତ୍ର ଏମ୍‌ପି ଲ୍ୟାଡ ବନ୍ଦ କରିବା ଠିକ୍ ନୁହେଁ। କାରଣ ଏହି ଅନୁଦାନ ସାଧାରଣ ଲୋକଙ୍କ ପାଇଁ ଉଦ୍ଦିଷ୍ଟ ଅଟେ। ଏହାକୁ କୌଣସି ଏମ୍‌ପି ନେଉ ନାହାନ୍ତି। ଏହାକୁ ବନ୍ଦ କରାଯିବାର ଅର୍ଥ ହେଉଛି ଏମ୍‌ପିମାନଙ୍କ କ୍ଷମତାକୁ ସଙ୍କୁଚିତ କରାଯିବା। କେନ୍ଦ୍ର ସରକାର ଏଥିପ୍ରତି ଗୁରୁତର ସହ ଚିନ୍ତା କରିବାର ଆବଶ୍ୟକ ରହିଛି ବୋଲି ମିଶ୍ର କହିଛନ୍ତି। ଅନ୍ୟ ବିରୋଧୀଙ୍କ କହିବା ହେଲା ସରକାର କରୋନା ମହାମାରୀ ନାଁରେ ଏମ୍‌ପି ଲ୍ୟାଡକୁ ବନ୍ଦ କରିବାକୁ ନିଷ୍ପତ୍ତି ନେଉଛନ୍ତି ହେଲେ କେନ୍ଦ୍ର ସରକାରଙ୍କ ପ୍ରାୟୋଜିତ ଯୋଜନାଗୁଡ଼ିକୁ ପୂର୍ବ ପରି ଚାଲୁ ରଖିଛନ୍ତି। ଯଦି ଏମ୍‌ପି ଲ୍ୟାଡକୁ ବନ୍ଦ କରାଯିବ ତେବେ କେନ୍ଦ୍ର ସରକାରଙ୍କ ପ୍ରଚଳିତ ସବୁ ଯୋଜନାକୁ ରଦ୍ଦ କରାଯାଉ। ଆଉ ସେହି ଅର୍ଥରେ ଦେଶର ସାଧାରଣ ନାଗରିକଙ୍କ ପାଇଁ ଅଧିକରୁ ଅଧିକ ଭେଣ୍ଟିଲେଟର କିଣାଯାଉ। ସରକାର କାହିଁକି ନିଜ ଖର୍ଚ୍ଚ କାଟ କରୁ ନାହାନ୍ତି ବୋଲି ଏନ୍‌ସିପି ଏମ୍‌ପି ସୁପ୍ରିୟା ସୁଲେ ପ୍ରଶ୍ନ କରିଛନ୍ତି ଏମ୍‌ପିଲ୍ୟାଡ ବନ୍ଦ କରାଯିବା ଫଳରେ ତୃଣମୂଳ ସ୍ତରରେ ବିକାଶ କାର୍ଯ୍ୟ ବାଧାପ୍ରାପ୍ତ ହେବ ବୋଲି ଅନେକ ଏମ୍‌ପି ମତ ଦେଇଛନ୍ତି। ଏପରି କି ଆମର ସମସ୍ତ ଦରମାକୁ ନେଇଯାଅ, ମାତ୍ର ଏମ୍‌ପିଲ୍ୟାଡକୁ ବନ୍ଦ କରନାହିଁ ବୋଲି ବିରୋଧୀ ଦଳର ଏମ୍‌ପିମାନେ ପ୍ରକାଶ କରିଛନ୍ତି। ଅପରପକ୍ଷରେ ସରକାର ଏହାକୁ ସାମୟିକ ବୋଲି କହିଛନ୍ତି। ବର୍ତ୍ତମାନ ଯେଉଁ ଅପ୍ରତ୍ୟାଶିତ ପରିସ୍ଥିତି ସୃଷ୍ଟି ହୋଇଛି ତାକୁ ସମ୍ମୁଖୀନ କରିବାକୁ ଏଭଳି ନିଷ୍ପତ୍ତି ନିଆଯାଇଛି ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି। ପାର୍ଲାମେଣ୍ଟର ସଦସ୍ୟମାନଙ୍କ ଦରମା, ଭତ୍ତା ଏବଂ ପେନ୍‌ସନ(ସଂଶୋଧନ) ବିଲ୍-୨୦୨୦କୁ ସୋମବାର ଲୋକ ସଭାରେ କେନ୍ଦ୍ର ସଂସଦୀୟ ବ୍ୟାପାର ମନ୍ତ୍ରୀ ପ୍ରହ୍ଲାଦ ଯୋଶୀ ଆଗତ କରିଥିଲେ। ମଙ୍ଗଳବାର ଏହା ପାରିତ ହେବା ପରେ ମନ୍ତ୍ରୀ ଯୋଶୀ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଏଥିସହିତ ଏମ୍‌ପି ଲ୍ୟାଡ ପାଣ୍ଠିକୁ ପରିସ୍ଥିତିକୁ ଦେଖି ସାମୟିକ ଭାବେ ବନ୍ଦ କରାଯାଇଛି ବୋଲି ଯୋଶୀ କହିଛନ୍ତି।


ପିନାକୀ ମିଶ୍ର

# ଆମ୍ବୁଲାନ୍ସ ସହ ଧକ୍କା ହୋଇ ଜଳିଗଲା ବାଇକ୍, ଚାଳକ ଦଗ୍ଧ


ଆମ୍ବୁଲାନ୍ସ ସହ ଧକ୍କା ହେବାପରେ ବାଇକ୍ ଜଳିଯାଇଛି।

■ ବଲାଙ୍ଗୀର-ଖୋର୍ଦ୍ଧା ରାଜପଥରେ ଦୁର୍ଘଟଣା
■ ଆମ୍ବୁଲାନ୍ସରେ ଥିଲେ କରୋନା ରୋଗୀ

ନୟାଗଡ଼ ଅଫିସ/ଦଶପଲ୍ଲା,୧୫।୯(ଡି.ଏନ.ଏ.)

ବଲାଙ୍ଗୀର-ଖୋର୍ଦ୍ଧା ୫୭ନଂ ଜାତୀୟ ରାଜପଥର ନୟାଗଡ଼ ଜିଲା ଦଶପଲ୍ଲା ବ୍ଲକ ରଙ୍ଗମାଟିଆ ଢାବା ନିକଟରେ ମଙ୍ଗଳବାର ଏକ କୋଭିଡ୍ ଆମ୍ବୁଲାନ୍ସ ସହ ଜଣେ ବାଇକ୍ ଚାଳକଙ୍କ ମୁହାଁମୁହିଁ ଧକ୍କା ହୋଇଛି। ଦୁର୍ଘଟଣାପରେ ବାଇକ୍ ଜଳିଯିବା ସହ ଚାଳକ ଜୀବନ୍ତ ଦଗ୍ଧ ହୋଇଛନ୍ତି। ମୃତ ବାଇକ ଚାଳକ ହେଲେ ଭୁବନେଶ୍ୱର ନୟାପଲ୍ଲୀ ଥାନା ଶବରସାହିର ଅନୁରାଗ ନାୟକ। ଖବର ପାଇ ଦଶପଲ୍ଲା ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏଥିସହିତ ଜଳି ଯାଇଥିବା ବାଇକ ଓ ଦୁର୍ଘଟଣାଗ୍ରସ୍ତ ଆମ୍ବୁଲାନ୍ସକୁ ଜବତ କରି ତଦନ୍ତ ଆରମ୍ଭ କରିଛି। କରୋନା ଆକ୍ରାନ୍ତଙ୍କୁ ଅନ୍ୟ ଏକ ଆମ୍ବୁଲାନ୍ସ ଯୋଗେ ଭୁବନେଶ୍ୱର ପଠାଇ ଦିଆଯାଇଛି। ତାଙ୍କର କିଛି ଅସୁବିଧା ହୋଇ ନ ଥିବା ଜଣାପଡିଛି। ସୂଚନା ଅନୁସାରେ, ଫୁଲବାଣୀରୁ କରୋନା ରୋଗୀ ନେଇ ଭୁବନେଶ୍ୱର ଯାଉଥିଲା କୋଭିଡ୍ ଆମ୍ବୁଲାନ୍ସ। ବିପରୀତ ଦିଗରୁ ଅନୁରାଗ ବାଇକରେ ଆସୁଥିଲେ। ଦଶପଲ୍ଲାଠାରୁ ୮ କି.ମି. ଦୂର ରଙ୍ଗମାଟିଆ ଢ଼ାବା ନିକଟରେ ଅନୁରାଗଙ୍କ ବାଇକ କୋଭିଡ୍ ଆମ୍ବୁଲାନ୍ସ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ସ୍ଥାନୀୟ ଲୋକ ବାଇକ ଚାଳକଙ୍କୁ ଅର୍ଦ୍ଧଦଗ୍ଧ ଅବସ୍ଥାରେ ଉଦ୍ଧାର କରି ଦଶପଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ସ୍ତ୍ରୀ ଆଗରେ ଆଖିବୁଜିଲେ ସ୍ୱାମୀ

## ଢେଙ୍କାନାଳ ଜିଲା ସ୍ୱାସ୍ଥ୍ୟକେନ୍ଦ୍ରରେ ହୃଦୟ ବିଦାରକ ଘଟଣା

■ କରୋନା ମାରିଦେଲା ମଣିଷପଣିଆ
■ କେହି ଆକ୍ରାନ୍ତଙ୍କ ପାଖ ମାଡ଼ିଲେନି
■ ଛଟପଟ ହୋଇ ଚାଲିଗଲା ଜୀବନ

ଢେଙ୍କାନାଳ ଅଫିସ, ୧୫।୯

କରୋନା ମାରିଦେଲା ମଣିଷପଣିଆ। ଡାକ୍ତରଖାନା ବାରଣ୍ଡାରେ ପଡ଼ି ଯନ୍ତ୍ରଣା ଭୋଗୁଥିଲେ ଅଥଚ, କେହି ପଚାରିଲେନି କି ପାଖ ମାଡ଼ିଲେନି। ଶେଷରେ ଛଟପଟ ହୋଇ ସ୍ତ୍ରୀଙ୍କ ଆଖି ଆଗରେ ଚାଲିଗଲା ସ୍ୱାମୀ ଜୀବନ। ଢେଙ୍କାନାଳ ଜିଲା ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରୁ ଆସିଛି କରୋନା ମହାମାରୀର ଏପରି ହୃଦୟ ବିଦାୟକ ଚିତ୍ର। ସୋମବାର ଘଟିଥିବା ଏହି ଛାତିଥରା ଘଟଣାର ଭିଡିଓ ଭାଇରାଲ ହେବା ପରେ ଜିଲାରେ କରୋନା ପରିଚାଳନାକୁ ନେଇ ପ୍ରଶ୍ନ ଉଠାଇଛନ୍ତି ବୁଦ୍ଧିଜୀବୀ। ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରିବା ସହ କର୍ତ୍ତବ୍ୟରେ ଅବହେଳା କରିଥିବା କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ଜୋର୍ ଧରିଛି।

ସୋସିଆଲ ମିଡିଆରେ ଭାଇରାଲ ହୋଇଥିବା ଭିଡିଓରେ ଦେଖିବାକୁ ମିଳିଛି, ଡାକ୍ତରଖାନା ସମ୍ମୁଖ ବାରଣ୍ଡାରେ ଜଣେ ବ୍ୟକ୍ତି ନିସ୍ତେଜ ହୋଇ ପଡ଼ିଛନ୍ତି। ଜଣେ ମହିଳା ତାଙ୍କ ଛାତିକୁ ପମ୍ପିଂ କରିବା ସହ ବିକଳରେ ସହାୟତା କରିବାକୁ ନେହୁରା ହେଉଛନ୍ତି। ହେଲେ ସିକ୍ୟୁରିଟି ଗାର୍ଡ କି କର୍ମଚାରୀ ସହାୟତା କରିବା ବଦଳରେ ସାଜିଛନ୍ତି ଦେଖଣାହାରୀ। କେବଳ ଏତିକି ନୁହେଁ, ସେଠାରେ ଉପସ୍ଥିତ କେତେଜଣ ମାନବିକତାକୁ ଜଳାଞ୍ଜଳି ଦେଇ ଘଟଣାର ଭିଡିଓ ରେକର୍ଡିଂ କରି ଚାଲିଥିଲେ।

ଘଟଣାରୁ ଜଣାପଡ଼ିଛି, ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକର ସମ୍ପୃକ୍ତ ୫୫ ବର୍ଷୀୟ ବ୍ୟକ୍ତି ଅନୁଗୋଳ ଜିଲା ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗରେ କାର୍ଯ୍ୟ କରୁଥିଲେ। ଗ୍ରାମକୁ ଆସିଥିବା ବେଳେ ଅସୁସ୍ଥ ଅନୁଭବ କରିବାରୁ ସ୍ତ୍ରୀ ଏବଂ ଜଣେ ସମ୍ପର୍କୀୟ ଭାଇଙ୍କ ସହିତ କରୋନା ପରୀକ୍ଷା କରିବାକୁ ମଙ୍ଗଳବାର ସକାଳ ୭ଟାରେ ଢେଙ୍କାନାଳ ଜିଲା ଚିକିତ୍ସାଳୟକୁ ଆସିଥିଲେ। ସାଢ଼େ ୧୦ଟା ଯାଏ ଅପେକ୍ଷା କରିବା ପରେ ତାଙ୍କର ପରୀକ୍ଷା ହୋଇଥିଲା। ସ୍ତ୍ରୀ ଏବଂ ସମ୍ପର୍କୀୟଙ୍କ ରିପୋର୍ଟ ନେଗେଟିଭ୍ ଆସିଥିବା ବେଳେ ସମ୍ପୃକ୍ତ ବ୍ୟକ୍ତି ଜଣକ କରୋନା ପଜିଟିଭ୍ ବୋଲି ଜଣାପଡ଼ିଥିଲେ। ଏହା ଜାଣିବା ପରେ ସେ ଚେତାଶୂନ୍ୟ ହୋଇ ପଡ଼ିଯାଇଥିଲେ। ତଳେ ପଡ଼ି ଆକ୍ରାନ୍ତ ଛଟପଟ ହେଉଥିବା ବେଳେ ତାଙ୍କ ସ୍ତ୍ରୀ ଡାକ୍ତରଙ୍କ ପ୍ରକୋଷ୍ଠର କବାଟ ବାଡ଼େଇ ସହାୟତା କରିବାକୁ ନିବେଦନ କରିଥିଲେ। ହେଲେ ପିପିଇ କିଟ୍ ପିନ୍ଧିଥିଲେ ମଧ କୌଣସି ଡାକ୍ତର ଆକ୍ରାନ୍ତଙ୍କ ପାଖକୁ ନ ଆସିବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ସଂକ୍ରାନ୍ତରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଜାତାରାଣୀ ମିଶ୍ର କୁହନ୍ତି, ପିପିଇ କିଟ୍ ପିନ୍ଧି କେହି ଜଣେ ବି ନିଶ୍ଚୟ ଆସିବା କଥା। ଘଟଣାର ବିଭାଗୀୟ ତଦନ୍ତ କରାଯାଉଛି। ତଦନ୍ତ ରିପୋର୍ଟ ମିଳିବା ପରେ କାର୍ଯ୍ୟାନୁଷ୍ଠାନ ହେବ।




ଢେଙ୍କାନାଳ ଜିଲା ଚିକିତ୍ସାଳୟ।

# ଗୁରୁତର ନ ଥିଲେ କଟକ, ଭୁବନେଶ୍ୱର ପଠାଅ ନାହିଁ

## କୋଭିଡ୍-୧୯ ପରିଚାଳନା

### ଜିଲା ପ୍ରଶାସନକୁ ସ୍ୱାସ୍ଥ୍ୟ ବିଭାଗର ପରାମର୍ଶ



ଭୁବନେଶ୍ୱର,୧୫।୯(ବ୍ୟୁରୋ)

ରାଜଧାନୀ ଭୁବନେଶ୍ୱରରେ କୋଭିଡ୍-୧୯ ସଂକ୍ରମଣ ସଂଖ୍ୟାରେ ବୃଦ୍ଧି ଘଟି ଚାଲିଛି। କଟକ ଓ ଭୁବନେଶ୍ୱର ଏକ ପ୍ରକାର ହଟ୍‌ସ୍ପଟ୍ ପାଲଟିଛି। ଏପରି ସ୍ଥଳେ ଅନ୍ୟ ଜିଲାଗୁଡିକରୁ କମ୍ ଲକ୍ଷଣ ଥିବା କରୋନା ରୋଗୀଙ୍କୁ ଜିଲା ପ୍ରଶାସନ ଭୁବନେଶ୍ୱରକୁ ମନଇଚ୍ଛା ପଠାଇ ଦେଉଛନ୍ତି। ଗୁରୁତର ହୋଇ ନ ଥିବା ରୋଗୀଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର ନ କରିବାକୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଜିଲା ମେଡିକାଲ ଅଫିସରମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ରୋଗୀଙ୍କୁ ସ୍ଥାନାନ୍ତର କରିବା ପୂର୍ବରୁ ଭୁବନେଶ୍ୱର କୋଭିଡ୍ ହସ୍ପିଟାଲ ମେଡିକାଲ ଅଫିସରଙ୍କ ସହ ଆଲୋଚନା କରି ନିଷ୍ପତ୍ତି ନେବାକୁ କୁହାଯାଇଛି।

ଘରୋଇ ହସ୍ପିଟାଲ ଦ୍ୱାରା ବିଭିନ୍ନ ଜିଲାରେ କୋଭିଡ୍ ହସ୍ପିଟାଲ ଖୋଲାଯାଇଛି। ମାତ୍ର ସେହି ସବୁ ହସ୍ପିଟାଲରେ ବେଡ୍ ଖାଲି ପଡୁଛି। ଏ ବାବଦରେ ସରକାରଙ୍କ ଠାରୁ ଅର୍ଥ ନେଉଥିଲେ ମଧ୍ୟ ଉକ୍ତ ହସ୍ପିଟାଲଗୁଡିକରେ ରୋଗୀଙ୍କୁ ଚିକିତ୍ସା କରାଯାଉ ନାହିଁ। ଏହାକୁ ଦୃଷ୍ଟିରେ ରଖି ଜିଲାସ୍ତରରେ ଥିବା ବିଭିନ୍ନ କୋଭିଡ୍ ହସ୍ପିଟାଲଗୁଡିକୁ ବ୍ୟବହାର କରିବା ପାଇଁ ପରାମର୍ଶ ଦିଆଯାଇଛି।

ଏଥିସହିତ ଯେଉଁମାନଙ୍କର କୌଣସି ଲକ୍ଷଣ ନାହିଁ ସେମାନେ ଘରେ ଆଇସୋଲେଶନରେ ରହି ଚିକିତ୍ସିତ ହେବାକୁ କୁହାଯାଇଛି। ଏ ନେଇ ଜିଲା ମେଡିକାଲ ଅଫିସର ଲୋକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବାକୁ କୁହାଯାଇଛି। କଟକ ଓ ଭୁବନେଶ୍ୱରରେ ଥିବା କୋଭିଡ୍ ହସ୍ପିଟାଲଗୁଡିକରେ ପ୍ରାୟ ୨୦ ପ୍ରତିଶତ ସ୍ଥାନୀୟ କରୋନା ରୋଗୀ ଥିବା ବେଳେ ଅନ୍ୟସବୁ ବେଡ୍‌ଗୁଡିକରେ ରାଜ୍ୟର ବିଭିନ୍ନ ଭାଗରୁ ଆସିଥିବା ରୋଗୀମାନେ ରହିଛନ୍ତି। ଭଲ ଚିକିତ୍ସା ପାଇବା ଆଶାରେ ପୁରୀ, ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦ୍ରାପଡା ଓ ଯାଜପୁର ଭଳି ଜିଲାଗୁଡିକରୁ ଅଧିକାଂଶ ରୋଗୀ ଭୁବନେଶ୍ୱର ଓ କଟକ ସହରରେ ଥିବା ବିଭିନ୍ନ ହସ୍ପିଟାଲକୁ ଚକିତ୍ସା ପାଇଁ ଆସୁଥିବା ଜଣାପଡିଛି। ଦ୍ୱୈତ ନଗରୀରେ ଭିଡ଼ କମାଇବାକୁ ଏଭଳି ପରାମର୍ଶ ଦିଆଯାଇଛି।



JHARSUGUDA: Shree Balaji Automobiles, at Satgachhia, P. O. Lapanga, District - Sambalpur JAJPUR: Choicewheel Automotive Pvt. Ltd., at Khaira, P. O. Badachana, District - Jajpur KEONJHAR: Tarini Motors Pvt. Ltd., NH 6, Sankarpur, P. O. Nelung, District - Keonjhar

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଶ୍ରୀମାନ୍ ପରିବାରବର୍ଗ


ଅର୍ପିତା ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ପ୍ରଥମ ପୃଷ୍ଠାରୁ...

### ଜିଏସ୍‌ଟି: ଠକିଲେ...

ଟିକସ ଦାତାମାନେ ଉପକୃତ ହେବେ। ଏଥିରେ କମ୍ପୋଜିଶନ ସ୍କିମ୍ ଅଧୀନରେ ଅନ୍ତର୍ଭୁକ୍ତ ନ ହେବା ପରିସୀମାକୁ ସମ୍ପ୍ରସାରିତ କରାଯାଇଛି। ଯଦି ଟିକସଦାତା ଟିଡିଏସ୍ ସାର୍ଟିଫିକେଟ ପ୍ରଦାନ କରି ନ ପାରନ୍ତି ତେବେ ତାଙ୍କ ଉପରେ ବିଳମ୍ବ ଫି ଲାଗୁ କରାଯିବ ନାହିଁ। ଏଥିସହିତ ଟ୍ରାନ୍‌ଜିସିନାଲ କ୍ରେଡିଟ୍ ଲାଭ କରିବାର ପଦ୍ଧତି ଓ ସମୟ ସୀମାକୁ ରାଜ୍ୟ ସରକାର ନିର୍ଦ୍ଧାରିତ କରିପାରିବେ। ରାଜ୍ୟ ସରକାରଙ୍କୁ ଉକ୍ତ ଅଧିନିୟମ ଆରମ୍ଭ କରିବାର ୫ ବର୍ଷ ମଧ୍ୟରେ ବନ୍ୟା, ବାତ୍ୟା କିମ୍ବା ଅନ୍ୟାନ୍ୟ କୌଣସି ସମସ୍ୟା ହେଲେ ତାକୁ ଦୂର କରିବା ଲାଗି ସରକାର ଗେଜେଟ୍‌ରେ ଏକ ସାଧାରଣ କିମ୍ବା ଏକ ବିଶେଷ ଆଦେଶ ଜାରି କରି ଅଧିନିୟମରେ ପ୍ରଣୀତ ନିୟମାବଳୀରେ ଥିବା ଅସଙ୍ଗତିକୁ ଦୂର କରିପାରିବେ।

ବୈଠକ ପରେ ସୂଚନା ଦେଇ ଅର୍ଥ ସଚିବ ଅଶୋକ କୁମାର ମୀନା କହିଛନ୍ତି ଯେ, ୧୦୨୭ରେ ଦ୍ରବ୍ୟ ଓ ସେବା ଟିକସ (ଜିଏସ୍‌ଟି) କାର୍ଯ୍ୟକାରୀ ହେବା ପରେ ଦୁଇଟି ଆଇନ କରାଯାଇଥିଲା। ଗୋଟିଏ ହେଲା କେନ୍ଦ୍ରୀୟ ଜିଏସ୍‌ଟି ଆଇନ ଓ ଅନ୍ୟଟି ରାଜ୍ୟ ଜିଏସ୍‌ଟି ଆଇନ। ଦ୍ରବ୍ୟ ଓ ସେବା କର ପରିଷଦର ସୁପାରିସ କ୍ରମେ ଜିଏସ୍‌ଟି ଆଇନରେ ସଂଶୋଧନ କରିବାକୁ ବାଧ୍ୟ। ସେହି ଆଧାରରେ କେନ୍ଦ୍ର ସରକାର କେନ୍ଦ୍ରୀୟ ଜିଏସ୍‌ଟି ଆଇନରେ ସଂଶୋଧନ କରିଛନ୍ତି। ରାଜ୍ୟ ସରକାରଙ୍କୁ ମଧ୍ୟ ରାଜ୍ୟ ଜିଏସ୍‌ଟି ଆଇନ ସଂଶୋଧନ କରିବାକୁ ପଡୁଛି। ରାଜ୍ୟ ଆଇନକୁ ସଂଶୋଧନ କରିବାକୁ ରାଜ୍ୟ ସରକାର ୨ଟି ଅଧ୍ୟାଦେଶ ଆଣିଥିଲେ। ଜିଏସଟି ଅଧିନିୟମ ସଂଶୋଧନ ପ୍ରସ୍ତାବକୁ ଆସନ୍ତା ବିଧାନସଭାରେ ଉପସ୍ଥାପନ କରାଯିବ ବୋଲି ଅର୍ଥ ବିଭାଗ ସଚିବ ଅଶୋକ ମୀନା ସୂଚନା ଦେଇଛନ୍ତି।

### ଅଟୋ କମ୍ପାନୀଙ୍କୁ ବାଧକ...

ସରକାରଙ୍କ ଆର୍ଥିକ ନୀତି ଏପରି ଶିଳ୍ପ ବିରୋଧୀ। ଏଭଳି ସ୍ଥିତିରେ ଆମେ ଭାରତ ଛାଡ଼ିବାକୁ ଚାହୁଁନାହୁଁ, କିନ୍ତୁ ବ୍ୟବସାୟ ବୃଦ୍ଧି ପାଇଁ ମନ ବଳାଉନାହୁଁ। ଟୟୋଟା ବିଶ୍ୱର ଅନ୍ୟତମ ବୃହତ୍ କାର ନିର୍ମାତା ଭାବେ ଜଣାଶୁଣା। ଭାରତରେ ଏହା ୧୯୯୭ରେ ତା'ର ବ୍ୟବସାୟ ଆରମ୍ଭ କରିଥିଲା। ଏହାର ସ୍ଥାନୀୟ ୟୁନିଟ୍‌ରେ ୮୯ ପ୍ରତିଶତ ଅଂଶଧନ ଜାପାନ କମ୍ପାନୀ ନିକଟରେ ରହିଛି। ଭାରତରେ କମ୍ପାନୀର ବଜାର ଅଂଶ ଆଖିଦୃଶିଆ ନୁହେଁ। ଅଗଷ୍ଟରେ ଏହା ୨.୯ ପ୍ରତିଶତ ରହିଛି। ବର୍ଷକ ପୂର୍ବେ ଏହା ୫% ଥିଲା ବୋଲି ଅଟୋମୋବାଇଲ ଡିଲର ମହାସଂଘ ପକ୍ଷରୁ ଏହି ସୂଚନା ମିଳିଛି।

ଭାରତରେ କାର, ଦୁଇଚକିଆ ଏବଂ ସ୍ପୋର୍ଟ୍ସ ୟୁଟିଲିଟି ଭେଇକିଲ୍ (ଏସ୍‌ୟୁଭି) ଆଦି ମୋଟର ଯାନ ସର୍ବୋଚ୍ଚ ୨୮% ଟିକସି ଲାଗୁ ହେଉଛି। ଏହାଛଡ଼ା କାର ବର୍ଗ, ଲମ୍ବ ଓ ଇଞ୍ଜିନର ଶକ୍ତି ଅନୁଯାୟୀ ୧ ରୁ ୨୨ ପ୍ରତିଶତ ଯାଏ ଅତିରିକ୍ତ ଟିକସ ଲାଗୁଛି। ଉଦାହରଣ ସ୍ୱରୂପ ୪ମିଟର ଲମ୍ବ ଏସ୍‌ୟୁଭି ଯାହାର ୧୫୦୦ ସିସି ଇଞ୍ଜିନ ଥିବ, ତାହା ୫୦% ଟିକସ ଧାର୍ଯ୍ୟ ହେଉଛି।

ସାଧାରଣତଃ ବିଳାସପୂର୍ଣ୍ଣ ସାମଗ୍ରୀ ଏବଂ ମାଦକଦ୍ରବ୍ୟ ଉପରେ ଅତିରିକ୍ତ ଟିକସ ବସାଯାଇଥାଏ। କାର ଉପରେ ଅତ୍ୟଧିକ କର ବସାଯାଉଥିବାରୁ ମୋଟରଯାନ ବ୍ୟବସାୟକୁ ବଢ଼ାଇବାକୁ ଦିଆଯାଉନାହିଁ। ଭାରତ ସରକାରଙ୍କ ଅର୍ଥନୈତିକ ଯୋଜନା ଅନୁଯାୟୀ ବିଦେଶୀ ନିବେଶକଙ୍କୁ ୨୩ବିଲିୟନ ଡଲାର ପ୍ରୋତ୍ସାହନ ଦେଇ ଆକୃଷ୍ଟ କରିବାକୁ ଚିନ୍ତା କରାଯାଉଛି। ହେଲେ ଅଧିକ ଟିକସ ଯୋଗୁ ବିଶ୍ୱର ୪ର୍ଥ ବୃହତ୍ କାର ନିର୍ମାଣକାରୀ ଦେଶ ଭାବେ ପରିଗଣିତ ଭାରତ ବଜାରରେ ଅନ୍ତର୍ଜାତୀୟ ମୋଟରଯାନ ନିର୍ମାଣକାରୀସଂସ୍ଥାଗୁଡ଼ିକ ବ୍ୟବସାୟ ବଢ଼ାଇବାକୁ ସଂଗ୍ରାମ କରୁଛନ୍ତି।

ଜେନେରାଲ ମୋଟର କମ୍ପାନୀ ୨୦୧୭ରେ ଭାରତ ଛାଡ଼ିଥିଲା। ଗତବର୍ଷ ଫୋର୍ଡ ମୋଟର କମ୍ପାନୀ ତା'ର ଭାରତୀୟ ବଜାରର ଅଧିକାଂଶ ସମ୍ପତ୍ତିକୁ ନେଇ ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା ସହ ଯୌଥ ଉଦ୍ୟୋଗରେ ସାମିଲ ହେବା ଲାଗି ଚୁକ୍ତି କରିଥିଲା। ଗତ ଦୁଇ ଦଶନ୍ଧି ଧରି ଭାରତୀୟ ଗ୍ରାହକଙ୍କୁ ଆକର୍ଷିତ କରିବାରେ ବିଫଳ ହେବା ପରେ ଫୋର୍ଡ ଏଭଳି ନିଷ୍ପତ୍ତି ନେଇଥିଲା।

ଅତ୍ୟଧିକ ଟିକସ ବିଦେଶୀ ପୁଞ୍ଜିନିବେଶକୁ ନିରୁତ୍ସାହିତ କରିଥିବା ବେଳେ ଗାଡ଼ି ନିର୍ମାତାଙ୍କ ଲାଭ କମାଇ ଦେଉଛି ବୋଲି ବିଶ୍ୱନାଥନ୍ କହିଛନ୍ତି। ଅଟୋ କ୍ଷେତ୍ରକୁ ଡ୍ରଗ୍ସ କିମ୍ବା ମଦ ତିଆରି କରୁଥିବା ୟୁନିଟ ଭଳି ସରକାର ବିଚାର କରୁଥିବା ସେ ଅଭିଯୋଗ କରିଛନ୍ତି। ଇଲେକ୍ଟ୍ରିକ୍ ଭେଇକିଲ୍ ଉପରେ ଏବେ ୫ ପ୍ରତିଶତ ଟିକସ ବସାଯାଉଛି। ଆଗକୁ ଏହାର ବିକ୍ରି ବଢ଼ିଲେ ଟିକସ ପ୍ରତିଶତ ବଢ଼ିବ ବୋଲି ବିଶ୍ୱନାଥନ୍ କହିଛନ୍ତି।

କାର ନିର୍ମାତାଙ୍କ ପକ୍ଷରୁ ଟିକସକୁ ନେଇ ଆପତ୍ତି ଉଠାଯିବା ପରେ ଭାରି ଉଦ୍ୟୋଗ ମନ୍ତ୍ରୀ ପ୍ରକାଶ ଜାଭଡେକର କହିଛନ୍ତି ଯେ, ଟିକସ ହ୍ରାସ ନେଇ ଆଲୋଚନା ଚାଲିଛି। ଏନେଇ ଅର୍ଥ ମନ୍ତ୍ରଣାଳୟ ମୁଖପାତ୍ରଙ୍କ ମନ୍ତବ୍ୟ ଜାଣିବାକୁ ଚେଷ୍ଟା କରାଯାଇଥିଲେ ମଧ୍ୟ ତାହା ମିଳିପାରିନାହିଁ। କରୋନା ଭାଇରସ୍ ଜନିତ ମହାମାରୀ ଯୋଗୁ ଗାଡ଼ି ନିର୍ମାଣକାରୀ ସଂସ୍ଥା ଘୋର ଦୁର୍ଦ୍ଦିନ ଦେଇ ଗତି କରୁଛି। ଇତିମଧ୍ୟରେ ୫ ଲକ୍ଷ ଲୋକ ଚାକିରି ହରାଇଲେଣି। ଏକ ଲବି ଗ୍ରୁପ୍ ଆକଳନ କରିଛି ଯେ, ଆର୍ଥିକ ମାନ୍ଦାବସ୍ଥାର ପୂର୍ବାବସ୍ଥା ସମୟରେ ହେଉଥିବା ବିକ୍ରିସ୍ତରକୁ ଫେରିବା ଲାଗି ସର୍ବନିମ୍ନ ୪ ବର୍ଷ ଲାଗିଯିବ। ଏବେ ସୁଜୁକି ଓ ହ୍ୟୁଣ୍ଡାଇ ମୋଟର କମ୍ପାନୀର ସ୍ଥାନୀୟ ୟୁନିଟ୍‌ଗୁଡ଼ିକ କାର ବଜାରରେ ସ୍ଥିତି ବଜାୟ ରଖିଛନ୍ତି। କାର ବଜାର ୭୦ ପ୍ରତିଶତ ମାରୁତି ସୁଜୁକି ଇଣ୍ଡିଆ ଲିମିଟେଡ୍ ଓ ହ୍ୟୁଣ୍ଡାଇ ମୋଟର ଇଣ୍ଡିଆ ଲିଃ ଅକ୍ତିଆର କରିଛନ୍ତି। ଟୟୋଟା ମୁଖ୍ୟତଃ ହାଇବ୍ରିଡ୍ ଯାନ ନିର୍ମାଣ କରୁଥିବାରୁ ପ୍ରାୟ ୪୩ ପ୍ରତିଶତ ଟିକସ ଦେବାକୁ ପଡୁଛି।

ଏ ଦେଶରେ ଅଳ୍ପ ଲୋକ କାର ମାଲିକ ହୋଇଥାନ୍ତି। ତା'ଛଡ଼ା ପରିବେଶ ଉପଯୋଗୀ ବିଶେଷକରି ଇଲେକ୍ଟ୍ରୋନିକ୍ ଭେଇକିଲ୍ କିମ୍ବା ସେଇ ଶ୍ରେଣୀୟ ହାଇବ୍ରିଡ୍ ଗାଡ଼ି ପ୍ରତି ଆଗ୍ରହ ବଢୁଛି। ଟେଲ୍‌ସା ଇଙ୍କ୍‌ର ପ୍ରତିଷ୍ଠାତା ବିଲିୟନେୟାର ଏଲନ୍ ମସ୍କ କହିଛନ୍ତି ଯେ, ଆମଦାନୀ ଶୁଳ୍କ ଯୋଗୁ ତାଙ୍କ ଯାନ ଭାରତରେ କିଣିବାକୁ ସେଭଳି ଆଗ୍ରହ ଦେଖାଦେଇ ନ ପାରେ। ଅର୍ଥାତ୍ ଅତ୍ୟଧିକ ଟିକସ ବ୍ୟବସ୍ଥା ଭାରତରେ କାର ନିର୍ମାତାଙ୍କୁ ପ୍ରୋତ୍ସାହିତ କରିବା ଅପେକ୍ଷା ନିରୁତ୍ସାହିତ କରୁଛି ବୋଲି ସେ କହିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** - ଆଜିର କର୍ମକ୍ଷେତ୍ରରେ, ଆନୁଷ୍ଠାନିକ କାମରେ, ସେବା ମନୋବୃତ୍ତିରୁ ପ୍ରଶଂସିତ ହେବେ। ପିଲାଙ୍କ ଶିକ୍ଷା ଓ ଆଗାମୀ ପରୀକ୍ଷା ସମସ୍ୟା ନେଇ ମାନସିକ ସ୍ଥିତି ବିପନ୍ନ ହୋଇପାରେ। ବ୍ୟବସାୟକୁ ଆଗକୁ ବଢାଇବା ପାଇଁ ପଦକ୍ଷେପ ଗ୍ରହଣ କରିପାରନ୍ତି। ସଚେତନତା ଅଭାବରୁ ସ୍ୱାସ୍ଥ୍ୟ ସମସ୍ୟା ଚିନ୍ତାର କାରଣ ହେବ।

**ବୃଷ** - ସାମାଜିକ ସ୍ତରରେ ଅର୍ଥ ଓ ସମ୍ମାନ ମିଳିବା ଦିଗରେ ବିଶେଷ କଷ୍ଟ ସ୍ୱୀକାର କରିବାକୁ ପଡିବ। ଅପ୍ରିୟ ସତ୍ୟ ଭାଷଣ ସମସ୍ୟା ସୃଷ୍ଟିର ଏକମାତ୍ର ମୁଖ୍ୟ କାରଣ ହୋଇପାରେ। ରାଜନୈତିକ କ୍ଷେତ୍ରରେ ସାଂଗଠନିକ କାର୍ଯ୍ୟ ସକାଶେ ତତ୍ପରତା ବଢିଯିବ। କଚେରି ମାମଲା କ୍ଷେତ୍ରରେ ଆଶାଜନକ ଫଳ ପାଇବେ।

**ମିଥୁନ** - ଆପଣ ମନେ ମନେ ଚିନ୍ତା କରିଥିବା କାମଗୁଡିକ ଆଜି ବାସ୍ତବରେ ଓଲଟା ହେବ। ବନ୍ଧୁମାନଙ୍କ ମେଳରେ ଆଜିର ମନୋରଞ୍ଜନ କାର୍ଯ୍ୟକ୍ରମ ପ୍ରୀତିପ୍ରଦ ହେବ। କଳା, ସାହିତ୍ୟ ଓ ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ। ଅଫିସ୍ କାମର କେତେକ ଘଟଣାର ବିବରଣୀ ସମୂହ ଜାଣିଶୁଣି ସୁଦ୍ଧା ଚୁପ୍ ରହିବାକୁ ବାଧ୍ୟ ହେବେ।

**କର୍କଟ** - କର୍ମକ୍ଷେତ୍ରରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ଆବଶ୍ୟକତା ପୂରଣ କରିବା ଦିଗରେ ଋଣ ସୂତ୍ରରେ ଅର୍ଥଲାଭ କରିବେ। ବାଣିଜ୍ୟ, ବ୍ୟବସାୟରେ ଉନ୍ନତି ଘଟିବ। ସାହିତ୍ୟ, କଳା, ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ। ଆନୁଷ୍ଠାନିକ କ୍ଷେତ୍ରରେ ବନ୍ଧୁ ମିଳନରୁ ଖୁସୀ ରହିବେ।

**ସିଂହ** - ବିଭିନ୍ନ ସମସ୍ୟା ମଧ୍ୟରେ କୌଣସି ନିଶ୍ଚିତ କାର୍ଯ୍ୟପନ୍ଥା ଗ୍ରହଣ କରିପାରିବେ ନାହିଁ। ବାନିଜ୍ୟ, ବ୍ୟବସାୟ, ଶିଳ୍ପ ଓ ଏଜେନ୍ସିପରୁ ଖୁସି ରହିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବା ସହ ଅଫିସରେ ନୂତନ ଦାୟିତ୍ୱ ହାତକୁ ନେଇପାରନ୍ତି। ଆଜିର ଯାତ୍ରା ପ୍ରଶାସନ, ଆଇନ, କଳା, ସାହିତ୍ୟ କ୍ଷେତ୍ର ମନ୍ଦ ହେବନି।

**କନ୍ୟା** - ସ୍ୱଜନଶତ୍ରୁତା ଯୋଗୁଁ କାର୍ଯ୍ୟଗୁଡିକ ମଧ୍ୟ ଠିକ୍ ସମୟରେ ସମ୍ପନ୍ନ ହେବା କଷ୍ଟକର ହୋଇପଡିବ। ଆର୍ଥିକ ସ୍ଥିତି ଉନ୍ନତ ରହିବା ସହ ପାରିବାରିକ ଜୀବନ ସୁଖରେ ଅତିବାହିତ କରିବେ। କିନ୍ତୁ ଯେତେ ଭଲ କାମ କଲେ କ'ଣ ହେବ, ଟିକିଏ ଟିକିଏ କଥାରେ ଚିହ୍ନା ପଡି ସମାଲୋଚିତ ହେବେ।।

**ତୁଳା** - କର୍ମକ୍ଷେତ୍ରରେ ସରକାରୀ କାମ ଓ ପଦସ୍ଥ ବ୍ୟକ୍ତିବିଶେଷଙ୍କ କ୍ଷେତ୍ରରୁ ଉପକୃତ ହେବ। ଶତ୍ରୁ ଉପଦ୍ରବ ସମ୍ପୂର୍ଣ୍ଣ ଭାବେ କମିଯାଇପାରେ। ସ୍ୱାସ୍ଥ୍ୟରେ ସାମାନ୍ୟ ଉନ୍ନତି ଦେଖାଯିବ, ଫଳରେ ଟେନସନ୍ କିଛି ମାତ୍ରାରେ ଲାଗିରହିବ। ପଡୋଶୀମାନେ ଆପଣଙ୍କର ସାହାଯ୍ୟ ପ୍ରାର୍ଥୀ ହେବେ।

**ବିଛା** - ଦୀର୍ଘଦିନରୁ ଅପେକ୍ଷା କରିଥିବା କାମ ସମ୍ପର୍କରେ କିଛି ଆଶାଜନକ ଖବର ପାଇ ସାମୟିକ ଖୁସୀ ହୋଇଯିବେ। ବନ୍ଧୁମାନଙ୍କ ସହ ଆଳାପ ଆଲୋଚନାରେ ଅଧିକ ସମୟ କଟିବ। ସଂଗଠନ, ରାଜନୀତି, ପ୍ରଶାସନ ପାଇଁ ଆଜି ଦିନଟି ବହୁତ ଭଲ। ଅନ୍ୟମାନଙ୍କୁ ସହଜରେ ବିଶ୍ୱାସ କରନ୍ତୁ ନାହିଁ।

**ଧନୁ** - ମନର ବଳ ଖୁବ୍ ଟାଣ ରହିବ ଏବଂ ଜିଦ୍‌ରେ ଅଟଳ ରହି ସମସ୍ୟାକୁ ନିମନ୍ତ୍ରଣ କରିବେ। ଅବହେଳିତ କାର୍ଯ୍ୟ ସକାଶେ ଅନୁତାପ କରିବେ, ଘର ସାଜସଜ୍ଜାରେ ବ୍ୟସ୍ତ ରହିପାରନ୍ତି। ଆଜିର ଦୂରଯାତ୍ରା ସଫଳ ହେବ ଓ ଆଶା ମଧ୍ୟ ପୂରଣ ହୋଇପାରିବ। ପରିଜନଙ୍କ ସହ ଭ୍ରମଣ ସୁଯୋଗ ପାଇ ଏକ ପ୍ରକାର ଖୁସୀ ରହିବେ।


**ମକର** - କାମ ହାସଲ ହେବା କାରଣରୁ ମାନସିକ ସ୍ଥିତି ଏକ ପ୍ରକାର ଭଲ ରହିବ। ଯାତ୍ରାରେ ଜିନିଷ ପତ୍ର ପ୍ରତି ସତର୍କ ରହନ୍ତୁ, ନତୁବା ଅଦଳ ବଦଳ ହୋଇ ଯାଇପାରେ। ବନ୍ଧୁଙ୍କ ଫେରିବାର ବିଳମ୍ବତାକୁ ଲକ୍ଷ୍ୟକରି ବ୍ୟସ୍ତ ହୋଇପଡିବେ। କର୍ମକ୍ଷେତ୍ରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ।

**କୁମ୍ଭ** - ଭାବପ୍ରବଣତା ଯୋଗୁ ମନୋବଳ କ୍ରମଶଃ ହ୍ରାସ ପାଇବ। ଶିଳ୍ପ, ବାଣିଜ୍ୟ, ପରିବହନ ଓ ବ୍ୟବସାୟରେ ସଫଳତା ହାସଲ କରିବେ। କାର୍ଯ୍ୟହାନି ସଙ୍ଗକୁ ଆର୍ଥିକ ଦୁଃସ୍ଥିତି ଚିନ୍ତାଜନକ ପରିଣାମ ସୃଷ୍ଟି କରିବ। ବ୍ୟବସାୟ କ୍ଷେତ୍ର ଗତାନୁଗତିକ ରୀତିରେ ଗଡି ଚାଲିବ। ମାନସିକ ସ୍ତରରେ ଯନ୍ତ୍ରଣା ଅନୁଭବ କରିବେ।

**ମୀନ** - କର୍ମକ୍ଷେତ୍ରରେ ଅପ୍ରିୟ ସତ କହି ବିରୋଧୀ ହୋଇପାରନ୍ତି। ଦୀର୍ଘ ପଥ ଭ୍ରମଣ ହେତୁକ କ୍ଳାନ୍ତି ଓ ଅବସାଦ ଦେଖାଦେଇପାରେ। ଆଜି ହିଁ ଶେଷ କରିବାକୁ ଭାବୁଥିବା କାମଟିକୁ ଶେଷ କରିପାରିବେନି। ଶିଳ୍ପ, ବାଣିଜ୍ୟ କ୍ଷେତ୍ରରେ ଉଚ୍ଚ ଫଳ ପ୍ରାପ୍ତି ହୋଇପାରେ।

ଆଜି କନ୍ୟାସଂକ୍ରାନ୍ତି, ବିଶ୍ୱକର୍ମା ପୂଜା, ବଜ୍ରକାଳିକାପୂଜା, ଆଶ୍ୱିନକୃଷ୍ଣ ଚତୁର୍ଦ୍ଦଶୀ ବୁଧବାର, ସେପ୍ଟେମ୍ବର୧୬ତାରିଖ, ବିଶ୍ୱ ଓଜୋନ ଦିବସ, ଅମାବାସ୍ୟାର ନିଶାପାଳନ, ଦିବା ଘ.୧୨.୧୯ମି.ଗତେ, ରାଶି ନକ୍ଷତ୍ର- ପୂର୍ବାଫାଲଗୁନୀ/ସିଂହ, କର୍କଟ ରାଶିର ଘାତବାର, ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୫.୩୭ମି.ଗତେ ଘ.୦୬.୨୬ମି.ମଧ୍ୟେ, ଘ.୦୭.୧୪ମି. ଗତେ ଘ.୦୮.୦୩ମି. ମଧ୍ୟେ, ଘ.୧୦.୨୮ମି.ଗତେ ଘ.୧୨.୫୩ ମି.ମଧ୍ୟେ, ସନ୍ଧ୍ୟା ଘ.୦୬.୩୨ମି.ଗତେ ଘ.୦୭.୧୯ମି.ମଧ୍ୟେ, ରାତ୍ରି ଘ.୦୮.୫୪ମି.ଗତେ ଘ.୦୩.୧୫ମି.ମଧ୍ୟେ, ଘ.୦୪.୦୨ମି.ଗତେ ଘ.୦୫.୩୮ମି. ମଧ୍ୟେ ଅମୃତ ବେଳା। ସକାଳ ଘ.୦୬.୨୬ମି. ଗତେ ଘ.୦୭.୧୪ମି.ମଧ୍ୟେ, ଦିବା ଘ.୦୧.୪୨ମି.ଗତେ ଘ.୦୪.୦୭ମି.ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ.୧୧.୪୧ମି.ଗତେ ଘ.୦୧.୧୨ମି.ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302




## BRIDE WANTED

ଘରଜୋଇଁଆ ପାଇଁ ପ୍ରସ୍ତୁତ ଗୋପାଳଜାତିର ପୁଅ 1988/ +2, ITI ପ୍ରାଇଭେଟ୍ ଚାକିରି। 9078936157, 9238578590. D-69340

Handsome Brahmin boy B.Tech, Railway Engineer/ 32+. Suhag: 7978399083, 9090486408. D-69437

## GROOM WANTED

56age Anganbadi Supervisor କରଣ ଝିଅଙ୍କୁ any caste ପୁଅ ଦରକାର। 7381366108. D-67956

For 28yr Gudia beautiful ASO bride, ASO groom preferred. Officials from govt/ bank/psu belongs to Gudia, Brahmin, Karan & Khandayat may apply.Contact- 9937299609. D-18250

Age 34 Government ଚାକିରି କରିଥିବା ସୁନ୍ଦର କରଣ ଝିଅଙ୍କ ପାଇଁ ଯେ କୌଣସି ଜାତିର ଘରଜ୍ୱାଇଁ ଦରକାର। Contact: 7077999816. D-18264




## SALE

ଧଉଳି ନୂଆବ୍ରିଜ୍ ନିକଟରେ ବାସୋପଯୋଗୀ ଘରବାରି ପ୍ଲଟ୍ outrightରେ ମିଳୁଛି। 8327774136. D-69342

**Booking open for 3BHK Luxurious & premium flat at Surya Nagar, Bhubaneswar, genuine buyer contact- DEEPAK- 9937329999.** D-69916

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 2,20,000/-, ଅରଗୁଳ IIT 1200sqft. 1,32,000/- (Outright). 9348817649, 9348232008. D-69162

**Individual bangalow for sale at Hanspal Square, Bhubaneswar close to NH walking distance. Contact: 9439853684, 9938424085.** D-18221

A prime location plot having 2000sqft. immediate for sale at Baramunda, Bhubaneswar. Price- 87lakhs (No Brokers). Contact: 8260595320. D-69743

**Plot for immediate sale at Saheed Nagar 6000sft. (GA Plot), 2400sft at Sum Hospital (BDA Plot), 33000sft. Mancheswar (IDCO plot) & 4000sft plot at Palasuni (200 meters from NH) Bhubaneswar, buyers Contact- DEEPAK- 9937329999.** D-69914

Bhubaneswar ସୁନ୍ଦରପଦାରେ ପ୍ଲଟ୍ କିଣି ଆଜି ଘର କରନ୍ତୁ। sqft. 950/-, 9938016295. D-69163

**Ready to move housing project Simplex, Duplex, flat available at Smartcity, Bhubaneswar (Nationalised Bank loan facilities). 9437677099.** D-69165

ଭୁବନେଶ୍ୱର Gudiapokhari ଏବଂ KECଠାରେ ଅଗ୍ରିମ boundarywall, 30ft. road ଏବଂ ବାସଉପଯୋଗୀ plot ଦିଆଯାଉଅଛି। sqft. 650/-, 7008045582, 9692003948. D-18223

**Plot sale near AIIMS Hospital, Bhubaneswar with 30' road, 9439206202.** D-69161

Urgent sale of land 15000sqft near Xavier University, Bhubaneswar, Rs. 2300 per sqft. Whatsapp the owner 9437513333. D-18239

**2BHK flat near Tamando Square (close to market). 9937166932.** D-69343

**Gharabari developed plot with boundary near Phulnakhara (Synergy College). 9439487505.** D-69344

## GENERAL SALE

**1. Fully furnished flat No. B-506, 5th floor Gymkhana Palm Height near Sum Hospital, Bhubaneswar front south facing flat.**
**2. Verna Vehicle (vehicle No. OD02AX7761) Registered on 31.08.2018.**
**3. Bolero Pickup (vehicle No. OR02BZ9485) registered on 28.08.2012.**
**4. Micra Vehicle (vehicle No. OR02BV1467) registered on 21.01.2012. Contact No: 9873669329, 9437028801.** D-18256




**Well furnished room ready to move Guest House/ Hostel (boys) purpose with wi-fi facilities near lewies road Ravi Talkies. Contact. 9348491124, 6372919855.** D-69544

ସାମନ୍ତରାୟପୁର ପାଖ ରାସ୍ତାକଡ଼େ ଅଫିସ୍, ବ୍ୟାଙ୍କ, ଗୋଦାମ, ଦୋକାନ ଭଡ଼ାଦିଆଯିବ। 7609836849, 9337065883, 9861416754. D-67760

2BHK simplex 28,00,000/- finishing Hanspal, Low cost plot- Atala. 8093465134 D-69622




Get good massage for your health the best therapy SPA station. 7655024727, 8118079281. D-69542

Rejuvenate and Ayurvedic full body massage by smart therapist. 9348123330. D-69750

Refresh your mind and soul with best therapy at Orchid Salon/ Spa, 9937287222. D-69541

Newly open spa centre smart therapist body massage,Bamikhal, 7205187702. D-59960

Newly open spa centre smart therapist body massage, Rasulgarh: 7846814019. D-59959

Get refreshment body massage by expert therapist contact for. 9556978408. D-69746

Newly open full body massage SPA in Bhubaneswar. Contact: 7205058838. D-69749

Swarna SPA newly open positively health benefits with expert therapist. 7873794731. D-69747

Herbal full body massage by smart / expert therapist. Contact: 8338067247. D-69745

Monalisa massage club : All types body massage with hiprofile smart lady rooms service available 9708545108. D-18240

## AFFIDAVIT

Affidavit before Executive Magistrate, Dhenkanal, dtd. 07.07.2020, my name has changed from Mamata Mohanty to Soumyashri Rout. Mamata Mohanty and Soumyashri Rout is same and one person. Henceforth I shall be known as Soumyashri Rout, W/o. Nrusingha Charan Rout, Vill-Joranda, PO-Mahimagadi, PS- Gondia, Dist-Dhenkanal for all purposes. D-66879

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com


## LEGAL NOTICE

Notice for Loss of Documents: Notice is hereby given on behalf of my client LICHFL, at Chandrasekharpur, Bhubaneswar for advancing housing loan to Smt. Hualsa Samal & Mr. Kanhu Charan Samal on her property at plot No. 123/ 2606, Area Ac0.50 decimals of Khata No. 1105/ 236, Mouza- Harirajpur, Tahasil- Dampada, Dist- Cuttack. But it was found that, his brother Mr. Biswajit Samal has misplaced the original link ROR bearing Khata No. 1105/ 236 of Mr. Prasant Kumar Swain. While coming home from Banki Bazar on 10th July 2019 and not traceable. Therefore notice is hereby given to general public that if anybody has got any right, title interest over the property on the missing document, or on the above property they have to claim before the LICHFL, at IPICOL House within 15days from the date of publication and after that the documents will lose its legal force and LICHFL will not be responsible for any claim, what-so-ever on the property after 15days. Address for Communication: LICHFL Branch, Chandrasekharpur, N.C. Pattnaik (Advocate), Mob: 9853311189. D-69915

## ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ଜନ୍ମଦିନ ଶୁଭେଚ୍ଛା




**ଶ୍ରୀମାନ୍ ଧ୍ରୁବ୍**

ସମେଇଗଡିଆ, ମଞ୍ଚେଶ୍ୱର, ଭୁବନେଶ୍ୱର-୧୦
ତୋର ୩ୟ ଜନ୍ମବାର୍ଷିକୀ ତିଥି ଅବସରରେ ମହାପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ତୋର ଚଳାପଥ କୁସୁମିତ ହେଉ ତଥା ଯଶସ୍ୱୀ କରନ୍ତୁ।

-:ଶୁଭେଚ୍ଛା ସହ:-
ବାବା, ମାମା, ଜେଜେ, ବଡ଼ମା, ପିଉସା, ମାଉସୀ, ଗୁରୁଜନମାନେ।

ଧ-୧୮୨୪୬

**ସଂକ୍ଷେପରେ**

## ବନ୍ୟାଞ୍ଚଳ ପରିଦର୍ଶନ: ଆଜି ଆସୁଛନ୍ତି କେନ୍ଦ୍ରୀୟ ଟିମ୍

ଭୁବନେଶ୍ୱର ୧୫।୯(ବ୍ୟୁରୋ): ବନ୍ୟା କ୍ଷତିଗ୍ରସ୍ତ ଅଞ୍ଚଳ ପରିଦର୍ଶନ କରିବା ପାଇଁ ଏକ ଆନ୍ତଃ ମନ୍ତ୍ରୀସ୍ତରୀୟ କେନ୍ଦ୍ରୀୟ ଟିମ ଓଡିଶା ଗସ୍ତରେ ଆସୁଛନ୍ତି। ବୁଧବାର ପୂର୍ବାହ୍ନରେ ଏହି ଟିମ୍ ଭୁବନେଶ୍ୱର ଠାରେ ପହଞ୍ଚିବେ। କେନ୍ଦ୍ର ଗୃହ ବ୍ୟାପାର ମନ୍ତ୍ରଣାଳୟର ଯୁଗ୍ମ ସଚିବ(ଏଲଡବ୍ଲ୍ୟୁଇ) ପ୍ରବୀଣ ବଶିଷ୍ଠଙ୍କ ନେତୃତ୍ୱରେ ଏହି ଟିମ ଅଗଷ୍ଟରେ ହୋଇଥିବା ବନ୍ୟା କ୍ଷତିଗ୍ରସ୍ତ ଅଞ୍ଚଳ ପରିଦର୍ଶନ କରିବେ। ଏହି ଟିମ୍‌ରେ କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟ, ଜଳ ସମ୍ପଦ, ଭୂପୃଷ୍ଠ ପରିବହନ ଓ ଜାତୀୟ ରାଜପଥ, ଗ୍ରାମ୍ୟ ଉନ୍ନୟନ ଏବଂ ଅର୍ଥ ମନ୍ତ୍ରଣାଳୟରୁ ସଦସ୍ୟ ରହିଛନ୍ତି। ଏହି ଟିମ୍ ସଦସ୍ୟମାନେ ଭଦ୍ରକ, ଯାଜପୁର, କେନ୍ଦ୍ରାପଡା ଓ ପୁରୀ ଜିଲାର ବନ୍ୟା ପ୍ରଭାବିତ ଅଞ୍ଚଳକୁ ଦୁଇ ଦିନିଆ ଗସ୍ତ କରିବେ। ଆସନ୍ତା ୧୭ରେ ଅପରାହ୍ନ ୫ଟାରେ କେନ୍ଦ୍ରୀୟ ଟିମ ଲୋକସେବା ଭବନଠାରେ ମୁଖ୍ୟ ଶାସନ ସଚିବ ଅସୀତ କୁମାର ତ୍ରିପାଠୀ, ଉନ୍ନୟନ କମିଶନର, କୃଷି ଉତ୍ପାଦନ କମିଶନର, ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଓ ଅନ୍ୟାନ୍ୟ ଅଧିକାରୀଙ୍କ ସହ ଆଲୋଚନା କରିବେ। ସେହିଦିନ ସନ୍ଧ୍ୟାରେ କେନ୍ଦ୍ରୀୟ ଟିମ୍ ଦିଲ୍ଲୀ ଫେରିଯିବାର କାର୍ଯ୍ୟକ୍ରମ ରହିଛି।

## ବୁଲେଟକୁ ଧକ୍କାଦେଲା ବୋଲେରୋ: ୨ ମୃତ

ଟିଗିରିଆ,୧୫।୯(ଡି.ଏନ.ଏ.): କଟକ ଜିଲା ଟିଗିରିଆ ଥାନା ଅଧୀନ ନୂଆପାଟଣା ଓ ବିନ୍ଧାଣିମା ୬୫ନଂ ରାଜ୍ୟ ରାଜପଥର ମଣିମାତୋଟା ମୋଟ ରାସ୍ତାରେ ସୋମବାର ରାତ୍ରିରେ ଏକ ବୋଲେରୋ ବୁଲେଟକୁ ଧକ୍କା ଦେଇଛି। ଏଥିରେ ବୁଲେଟ ଆରୋହୀ ୨ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଢେଙ୍କାନାଳ ଜିଲା ଭାପୁର ଥାନା ଅଞ୍ଚଳର ସୁଜିତ ପଣ୍ଡାଙ୍କ ପୁଅ ସୁରେଶ ପଣ୍ଡା ଓ ତାଙ୍କ ମାଉସୀ ପୁଅ ନରସିଂହପୁର ଥାନା ଲେମ୍ପୋ ଗ୍ରାମର ସୁକେଶ ପଣ୍ଡାଙ୍କ ପୁଅ ସୁରେଶ ଚନ୍ଦ୍ର ପଣ୍ଡା। ଉଭୟଙ୍କୁ ଗୁରୁତର ଅବସ୍ଥାରେ ଟିଗିରିଆ ପୋଲିସ ଉଦ୍ଧାର କରି ଆଠଗଡ ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଥିଲା। ସେଠାରେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ। ଅଭିଯୋଗ ଅନୁଯାୟୀ ପୋଲିସ ଏକ ମାମଲା(ନଂ-୧୩୬/୨୦)ରୁଜୁ କରି ତଦନ୍ତ ଚଳାଇଛି। ଏଏସ୍ଆଇ ରତ୍ନାକର ବେହେରା ମାମଲାର ତଦନ୍ତ କରୁଛନ୍ତି। ବୁଲେଟ ଓ ବୋଲେରକୁ ପୋଲିସ ଜବତ କରିଥିବାବେଳେ ବୋଲେରୋ ଚାଳକ ଫେରାର ହୋଇ ଯାଇଛନ୍ତି।

# ଶ୍ରମିକଙ୍କ ମଜୁରି ସିଧାସଳଖ ଆକାଉଣ୍ଟକୁ ଯିବ

- ଇ-ମଷ୍ଟରରୋଲ କାର୍ଯ୍ୟକାରୀ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ
- ଗାନ୍ଧୀ ଜୟନ୍ତୀରୁ ଆରମ୍ଭ ହେବ ୧୦ କୋଟିର ପ୍ରକଳ୍ପ

ଭୁବନେଶ୍ୱର,୧୫।୯(ବ୍ୟୁରୋ)

ସମସ୍ତ ବିଭାଗ ଦ୍ୱାରା ହେଉଥିବା କାର୍ଯ୍ୟରେ ଶ୍ରମିକମାନଙ୍କ ମଜୁରିକୁ ସିଧାସଳଖ ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ପଠାଯିବ। ଶ୍ରମିକମାନଙ୍କୁ ସେମାନଙ୍କ ଦେୟ ଦେବାକୁ ଆଉ ମଧ୍ୟସ୍ଥ ରହିବେ ନାହିଁ। ଏଥିପାଇଁ କାର୍ଯ୍ୟକାରୀ ହେବ ଇ-ମଷ୍ଟର ରୋଲ। ଇ-ମଷ୍ଟର ରୋଲ ଓ ବ୍ୟାଙ୍କ ଜରିଆରେ ଶ୍ରମିକମାନଙ୍କ ଆକାଉଣ୍ଟକୁ ସିଧାସଳଖ ସେମାନଙ୍କ ମଜୁରି ଯିବ। ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀରୁ ଏହି ବ୍ୟବସ୍ଥା ଲାଗୁ କରାଯିବ। ମଙ୍ଗଳବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଇ-ମଷ୍ଟର ରୋଲ ଓ ବ୍ୟାଙ୍କ ପେମେଣ୍ଟ ୫-ଟି କାର୍ଯ୍ୟକ୍ରମର ସମୀକ୍ଷା କରି ଏହି ନିର୍ଦ୍ଦେଶ ଦେଇଛନ୍ତି ।

ଏହାଦ୍ୱାର ପ୍ରଶାସନିକ କ୍ଷେତ୍ରରେ ଅଧିକ ସ୍ୱଚ୍ଛତା ଆସି ପାରିବ। ଇଲେକ୍ଟ୍ରୋନିକ ଫର୍ମାଟ୍ କାର୍ଯ୍ୟକାରୀ ହେଲେ ଏଥିରେ କୌଣସି ଅନିୟମିତତା ହେବ ନାହିଁ। ବିଭିନ୍ନ ବିଭାଗ ଦ୍ୱାରା କରାଯାଉଥିବା ସମସ୍ତ କାର୍ଯ୍ୟ ପାଇଁ ଶ୍ରମିକମାନଙ୍କୁ ସିଧା ସଳଖ ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଟଙ୍କା ପଠାଯାଇ ପାରିବ। ଏହାଦ୍ୱାରା ଶ୍ରମିକମାନଙ୍କର ପ୍ରାପ୍ୟ, ଇଏସ୍ଆଇ ଓ ଇପିଏଫ୍ ଠିକ୍ ସମୟରେ ଜମା ହେଉଛି କି ନାହିଁ ତାହା ମଧ୍ୟ କଡ଼ାକଡି



କରାଯାଇ ପାରିବ। ଆସନ୍ତା ଅକ୍ଟୋବର ୨ ତାରିଖ ଗାନ୍ଧୀ ଜୟନ୍ତୀ ଠାରୁ ପ୍ରଥମ ପର୍ଯ୍ୟାୟରେ ପୂର୍ତ୍ତ, ଜଳ ସମ୍ପଦ, ପଞ୍ଚାୟତିରାଜ ଓ ପାନୀୟ ଜଳ, ଗ୍ରାମ୍ୟ ଉନ୍ନୟନ ଏବଂ ଗୃହ ଓ ନଗର ଉନ୍ନୟନ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେବାକୁ ଥିବା ୧୦ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ପ୍ରକଳ୍ପର ଶୁଭାରମ୍ଭ କରାଯିବ। ୨୦୨୧ ଜାନୁୟାରୀ ପହିଲା ସୁଦ୍ଧା ଇ-ମଷ୍ଟର ରୋଲ କାର୍ଯ୍ୟକାରୀ କରିବା ପାଇଁ ସମସ୍ତ ବିଭାଗକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ସମସ୍ତ ବିଭାଗ ନିଜ କାର୍ଯ୍ୟରେ ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱ ଉପରେ ଗୁରୁତ୍ୱ ଦେବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି । ଏହି କାର୍ଯ୍ୟରେ ବୈଷୟିକ ଜ୍ଞାନ କୌଶଳକୁ ବହୁଳ କାର୍ଯ୍ୟକାରୀ କରିବା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି । କର୍ମଚାରୀ ଓ ମାନବ ସମ୍ବଳର ରାଜ୍ୟସ୍ତରୀୟ ଦକ୍ଷତା ବୃଦ୍ଧି ଓ ପ୍ରଶିକ୍ଷଣକୁ ଗୁରୁତ୍ୱାରୋପ କରିଛନ୍ତି । ବ୍ୟାଙ୍କ ଓ ଅନ୍ୟ ସଂସ୍ଥାଗୁଡିକୁ ଏ ନେଇ ଅଧିକ କ୍ରିୟାଶୀଳ କରିବା ଦରକାର। ପୂର୍ତ୍ତ ବିଭାଗ ଏହି କାର୍ଯ୍ୟକ୍ରମର ନୋଡାଲ ବିଭାଗ ଭାବେ କାର୍ଯ୍ୟ କରିବ। ଏହି କାର୍ଯ୍ୟକ୍ରମ ପାଇଁ ପୁରସ୍କାର ଏବଂ ଦଣ୍ଡବିଧାନର ବ୍ୟବସ୍ଥା ରହିଛି। ଏହି ବୈଠକରେ ମୁଖ୍ୟ ଶାସନ ସଚିବ, ଉନ୍ନୟନ କମିଶନର, ବିଭିନ୍ନ ବିଭାଗର ସଚିବ, ମୁଖ୍ୟମନ୍ତ୍ରୀଙ୍କ ସଚିବ(୫-ଟି) ଯୋଗ ଦେଇଥିଲେ।

# କରୋନା: ଓଡ଼ିଶାରେ ମୃତ୍ୟୁ ହାର ଜାତୀୟଠୁ କମ୍

**ଖୁସିବ୍ୟକ୍ତ କଲେ ମୁଖ୍ୟମନ୍ତ୍ରୀ**

- ଦେଶରେ ମୃତ୍ୟୁ ହାର ୧.୬୫%, ଓଡ଼ିଶାରେ ୦.୪୨%
- ରାଜ୍ୟରେ ଆଉ ୩୬୪୫ ଆକ୍ରାନ୍ତ, ୮ ମୃତ, ୩୭୧୪ ସୁସ୍ଥ
- ମୋଟ ୧,୫୮,୬୫୦ ସଂକ୍ରମିତ, ୩୨,୯୧୨ ସକ୍ରିୟ
- ବୌଦ୍ଧ ଜିଲାରେ ପ୍ରଥମ କରୋନା ମୃତ୍ୟୁ

ଭୁବନେଶ୍ୱର,୧୫।୯(ବ୍ୟୁରୋ)

ରାଜ୍ୟରେ କରୋନାସ୍ଥିତି ଅଣାୟତ୍ତ ସ୍ଥିତିରେ ରହିଛି। ସଂକ୍ରମଣ ସହ ମୃତ୍ୟୁ ମଧ୍ୟ ବଢୁଛି। ଶେଷ ୨୪ ଘଣ୍ଟାରେ ରାଜ୍ୟରୁ ଆଉ ୩,୬୪୫ଜଣ ସଂକ୍ରମିତ ହୋଇଥିବାବେଳେ ୮ଜଣଙ୍କ ମୃତ୍ୟୁ ହୋଇଛି। ଫଳରେ ଆକ୍ରାନ୍ତଙ୍କ ସଂଖ୍ୟା ୧,୫୮,୬୫୦ରେ ପହଞ୍ଚିଥିବାବେଳେ ମୃତ୍ୟୁ ୬୪୫ ଛୁଇଁଛି। ହେଲେ ଜାତୀୟ ସ୍ଥିତି ତୁଳନାରେ ଓଡ଼ିଶା ଭଲରେ ଅଛି। ବିଶେଷକରି ମୃତ୍ୟୁ ହାର ବହୁତ କମ୍ ରହିଛି। ଦେଶରେ କରୋନାଜନିତ ମୃତ୍ୟୁହାର ୧.୬୫% ରହିଥିବାବେଳେ ଓଡ଼ିଶାରେ ମାତ୍ର ୦.୪୨% ରହିଛି। ଏହା ଦେଶର ତୃତୀୟ ସର୍ବନିମ୍ନ ମୃତ୍ୟୁ ହାର। ଆସାମରେ ସବୁଠାରୁ କମ୍ ୦.୩୨% ଓ ଦ୍ୱିତୀୟରେ ଥିବା କେରଳରେ ମୃତ୍ୟୁହାର ୦.୪୦% ରହିଛି। ରାଜ୍ୟରେ ମୃତ୍ୟୁହାର କମ୍ ରହିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଖୁସିବ୍ୟକ୍ତ କରିଛନ୍ତି। କୋଭିଡ୍ ମୁକାବିଲା ପାଇଁ ହୋଇଥିବା ସ୍ୱାସ୍ଥ୍ୟସେବା ଭିତ୍ତିଭୂମି ସହିତ ଉପଯୁକ୍ତ ଚିକିତ୍ସା ଯୋଗୁ ଅନେକ ଜୀବନକୁ ବଞ୍ଚାଇବାରେ ସଫଳ ହୋଇପାରିଛୁ ବୋଲି ମୁଖ୍ୟମନ୍ତ୍ରୀ ଟୁଇଟ୍ କରି କହିଛନ୍ତି।ଅପରପକ୍ଷରେ ସଂକ୍ରମଣରେ ଶୀର୍ଷରେ ରହିଥିବା ଖୋର୍ଦ୍ଧା ଜିଲାରେ ସ୍ଥିତି ସୁଧୁରୁନି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ଏହି ଜିଲାରୁ ପୁଣି ରାଜ୍ୟର ସର୍ବାଧିକ ୫୧୭ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେହିଭଳି କଟକ ୩୫୭, ପୁରୀ ୨୪୬, ବରଗଡ଼ ୧୫୭, ବାଲେଶ୍ୱର ୧୫୬, ଭଦ୍ରକ ୧୪୩, ମୟୂରଭଞ୍ଜ ୧୩୭, ସମ୍ବଲପୁର ୧୨୭ ଓ ଯାଜପୁରରୁ ୧୧୬ଜଣ ରହିଥିବାବେଳେ ବାକିସବୁ ଜିଲାରେ ଏହାଠାରୁ କମ୍ ଆକ୍ରାନ୍ତ ବାହାରିଛନ୍ତି। ସେହିଭଳି ଆଉ ୮ଜଣଙ୍କର କରୋନାରେ ମୃତ୍ୟୁ ହୋଇଛି। କଟକ ଜିଲାରୁ ସର୍ବାଧିକ ୩ଜଣ ଥିବାବେଳେ ବୌଦ୍ଧ, କନ୍ଧମାଳ, ରାୟଗଡ଼ା, ସୁବର୍ଣ୍ଣପୁର ଓ ସମ୍ବଲପୁରରୁ ଜଣେ ଲେଖାଏ ରହିଛନ୍ତି। ତେବେ ବୌଦ୍ଧ ଜିଲାରେ ଏହା ହେଉଛି ପ୍ରଥମ କରୋନା ମୃତ୍ୟୁ। ଏହାକୁ ମିଶାଇ ରାଜ୍ୟର ୨୮ ଜିଲାରେ କରୋନା ମୃତ୍ୟୁ ହୋଇସାରିଥିବାବେଳେ କେବଳ ନୂଆପଡ଼ା ଓ ଦେବଗଡ଼ ବାକି ରହିଛି। ସେପଟେ ଦିନକରେ ଆଉ ୩,୭୧୪ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଫଳରେ ରାଜ୍ୟରେ ଏବେ ଆରୋଗ୍ୟ ସଂଖ୍ୟା ୧,୨୫,୭୩୮କୁ ବୃଦ୍ଧି ପାଇଛି। ବର୍ତ୍ତମାନ ରାଜ୍ୟରେ ୩୨,୯୧୨ଜଣ ସକ୍ରିୟ ରୋଗୀ ରହିଥିବା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ତଥ୍ୟରୁ ଜଣାପଡିଛି।

# ସୁବର୍ଣ୍ଣରେଖା ଉପରେ ନିର୍ମାଣ ହେବ ସେତୁ

- ଖର୍ଚ୍ଚ ହେବ ୧୩୮.୪୫ କୋଟି
- ୩୦ ମାସରେ ସରିବ କାମ

ଭୁବନେଶ୍ୱର,୧୫।୯(ବ୍ୟୁରୋ)-ସରକାର ବାଲେଶ୍ୱର ଜିଲାର ହଳଦୀପଡାଠାରୁ ଭାୟା ବାଲିଆପାଳ, ପନ୍ତେଇ ଓ ଜଳେଶ୍ୱର ଦେଇ ପଶ୍ଚିମବଙ୍ଗ ସୀମା ନିକଟ ସୁବର୍ଣ୍ଣରେଖା ନଦୀ ଉପରେ ଏକ ଉଚ୍ଚ ସେତୁ ନିର୍ମାଣ କରିବାକୁ ନିଷ୍ପତ୍ତି ନେଇଛନ୍ତି । ପୂର୍ତ୍ତ ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ କ୍ୟାବିନେଟ ଅନୁମୋଦନ କରିଛି। ସେତୁର ଦୈର୍ଘ୍ୟ ୯୯୩.୧୨ ମିଟର ଓ ପ୍ରସ୍ଥ ୬୨.୦୭ ମିଟର ହେବ। ଏହା ବାଲିଆପାଳ ବ୍ଲକର ଜାମକୁଣ୍ଡ ଓ ଭୋଗରାଇ ବ୍ଲକର ଅଡଙ୍ଗପନ୍ତେଇକୁ ସଂଯୋଗ କରିବ। ପ୍ରସ୍ତାବିତ ସେତୁ ବାଲିଆପାଳ ବ୍ଲକ ଓ ଭୋଗରାଇ ବ୍ଲକ ସହିତ ସିଧା ସଂଯୋଗ କରିବ। ଏହା ସୁବର୍ଣ୍ଣରେଖା ମୁହାଣ ବନ୍ଦର, ଚନ୍ଦନେଶ୍ୱର ଓ ଭୁଷୁଣ୍ଡେଶ୍ୱର ଆଦି ଅର୍ଥ ନୈତିକ ଓ ସାଂସ୍କୃତିକ ସମ୍ପନ୍ନ ସ୍ଥାନଗୁଡିକୁ ସଂଯୋଗ କରିବ। ଏହା ବାଲିଆପାଳ ଓ ଭୋଗରାଇ ବ୍ଲକ ମଧ୍ୟରେ ଯାତାୟାତ ସୁବିଧା ସହିତ ଦୂରତା ହ୍ରାସ କରିବା ସହ ଲୋକମାନଙ୍କର ଆର୍ଥିକ ବିକାଶରେ ସହାୟକ ହେବ। ଏହି ସେତୁ ପାଇଁ ୧୩୮ କୋଟି ୭୪ ଲକ୍ଷ ୪୮ ହଜାର ୨୧୦ ଟଙ୍କା ବ୍ୟୟ ବରାଦ କରାଯାଇଛି। ଆସନ୍ତା ୩୦ ମାସ ମଧ୍ୟରେ ଏହି ସେତୁ ନିର୍ମାଣ କାର୍ଯ୍ୟ ଶେଷ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଏଥିସହିତ ଷୋଡ଼ଶ ବିଧାନସଭାର ଚତୁର୍ଥ ଅଧିବେଶନ ଆହୂତକୁ କ୍ୟାବିନେଟ ମୋହର ମାରିଛି। ବୈଠକ ଶେଷରେ ଗଣମାଧ୍ୟମକୁ ସୂଚନା ନେଇ ମୁଖ୍ୟ ଶାସନ ସଚିବ ଅସିତ କୁମାର ତ୍ରିପାଠୀ କହିଲେ ଯେ, କ୍ୟାବିନେଟକୁ ୫ ପ୍ରସ୍ତାବ ଆସିଥିଲା। ଉଚ୍ଚଶିକ୍ଷା ବିଭାଗର ଏକ ପ୍ରସ୍ତାବକୁ ଆସନ୍ତା କ୍ୟାବିନେଟ ବୈଠକରେ ଉପସ୍ଥାପନ କରିବାକୁ ସୁପାରିସ କରାଯାଇଛି। ଏହାଛଡ଼ା ଅର୍ଥ ବିଭାଗର ୨ଟି, ପୂର୍ତ୍ତ ଏବଂ ସଂସଦୀୟ ବ୍ୟାପାର ବିଭାଗର ଗୋଟିଏ ଲେଖାଏ ପ୍ରସ୍ତାବକୁ ଅନୁମୋଦନ ମିଳିଛି।

# ନିୟମ ଉଲ୍ଲଂଘନକାରୀ ଅଧିକାରୀଙ୍କୁ ଏଣିକି ଇଲେକ୍ଟ୍ରୋନିକ ନୋଟିସ

**ସଂଶୋଧନ ହେବ ଓଡ଼ିଶା ସ୍ଥାନୀୟ ପାଣ୍ଠି ଅଧିନିୟମ-୧୯୪୮**

ଭୁବନେଶ୍ୱର,୧୫।୯(ବ୍ୟୁରୋ)

ନିୟମ ଉଲ୍ଲଂଘନକାରୀ ଅଧିକାରୀ କିମ୍ବା କର୍ମଚାରୀଙ୍କ ବିରୋଧରେ ହେବ କାର୍ଯ୍ୟାନୁଷ୍ଠାନ। ବଦଳି ହେଲେ ମଧ ସମ୍ପୃକ୍ତ ଅଧିକାରୀ ଓ କର୍ମଚାରୀଙ୍କୁ କାରଣ ଦର୍ଶାଅ ନୋଟିସ ଦିଆଯାଇ ପାରିବ। ଏଣିକି ସେହି ଅଧିକାରୀମାନଙ୍କୁ ଏଚ୍ଆର୍ଏମ୍ଏସ୍ ମଧ୍ୟରେ ଇଲେକ୍ଟ୍ରୋନିକ ନୋଟସି ଦିଆଯିବ। ପୂର୍ବରୁ ବ୍ୟକ୍ତିଗତ ଓ ସମୟୋଚିତ ଭାବେ ନୋଟିସ ଦିଆଯାଇ ପାରୁ ନ ଥିଲା। ରାଜ୍ୟ ସରକାର ସେଥିପାଇଁ ଓଡ଼ିଶା ସ୍ଥାନୀୟ ପାଣ୍ଠି ସମୀକ୍ଷା ଅଧିନିୟମ-୧୯୪୮କୁ ସଂଶୋଧନ କରିବେ । ଅର୍ଥ ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ କ୍ୟାବିନେଟ ମୋହର ମାରିଛି। ପ୍ରଚଳିତ ଅଧିନିୟମ ଅନୁଯାୟୀ ସରକାରୀ ଅଧିକାରୀମାନେ ବଦଳି ହୋଇ ଯାଉଥିବାରୁ ତାହା ସମ୍ଭବ ହେଉ ନ ଥିଲା। ଏହାକୁ ଦୃଷ୍ଟିରେ ରଖି ଉକ୍ତ ଅଧିନିୟମକୁ ସଂଶୋଧନ କରାଯାଇଛି। ସଂଶୋଧନ ପରେ ସରକାର ଏଚ୍ଆର୍ଏମ୍ଏସ୍ ପୋର୍ଟାଲରେ ନିୟମ ଉଲ୍ଲଂଘନକାରୀ ଅଧିକାରୀ ଓ କର୍ମଚାରୀଙ୍କୁ ଇଲେକ୍ଟ୍ରୋନିକ ପଦ୍ଧତିରେ ନୋଟସି ଜାରି କରାଯାଇ ପାରିବ । ଆସନ୍ତା ବିଧାନସଭା ଅଧିବେଶନରେ ଏହି ସଂଶୋଧିତ ଅଧିନିୟମକୁ ଉପସ୍ଥାପନ କରାଯିବ।

**WANTED**
ଭୁବନେଶ୍ୱରରେ ଆରମ୍ଭ ହେବାକୁ ଥିବା ଏକ ନୂଆ ଷ୍ଟାର୍ଟଅପ୍ ବିଜିନେସ୍ ପାଇଁ ଅଭିଜ୍ଞ ଷ୍ଟାଫ୍ ଦରକାର ।
DTP OPERATOR & SUPPORTING STAFFS
(experience in printing industry)
ଆଗ୍ରହୀ ପ୍ରାର୍ଥୀମାନେ ନିଜର ବାୟୋଡାଟାକୁ newstartup.bbsr@gmail.com କୁ ପଠାଇ ଦିଅନ୍ତୁ । Interview କେବଳ Whatsapp Video Call ମାଧ୍ୟମରେ କରାଯିବ । Whastapp :8249416516

**LeeRooy Bags**
Required Experienced
**SALES EXECUTIVE**
Bajrangi Traders Tusar Kanta Routaray C/O KRUPASINDHU ROUTRAY Sorboday Nagar Puri-2, Pin- 752002
9090405010,9509617373

**WANTED**
Field Supervisor for Sponge Iron Plant near Choudwar.
Contact:
7381075901
9437021279

**REQUIRED**
2 nos. of **Office Assistance** Salary 8000/-, **Branch Co-ordinator** Salary 11000/- **Visit : Urban Residency, Plot No-168, Krishna Vihar Apartment, Patrapada, Bhubaneswar Contact - 9861214749**

# ବିଶ୍ୱବିଦ୍ୟାଳୟ ଅଧାଦେଶକୁ ଧର୍ମେନ୍ଦ୍ରଙ୍କ ବିରୋଧ

**କେନ୍ଦ୍ର ମାନବସମ୍ବଳ ମନ୍ତ୍ରୀଙ୍କୁ ଲେଖିଲେ ଚିଠି**

ଭୁବନେଶ୍ୱର, ୧୫।୯(ବ୍ୟୁରୋ)

ଓଡ଼ିଶା ବିଶ୍ୱବିଦ୍ୟାଳୟ ଅଧିନିୟମ-୧୯୮୯ରେ ରାଜ୍ୟ ସରକାର ପରିବର୍ତ୍ତନ ଆଣିବାକୁ ଚେଷ୍ଟା କରୁଛନ୍ତି। ଏ ନେଇ ସରକାର ବିଧାନସଭାରେ ମଧ ଆଲୋଚନା କରିନାହାନ୍ତି। ଏହାକୁ ନେଇ ଉଦ୍‌ବେଗ ବ୍ୟକ୍ତ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଏ ସଂକ୍ରାନ୍ତରେ ସେ କେନ୍ଦ୍ର ମାନବସମ୍ବଳ ବିକାଶ ମନ୍ତ୍ରୀ ରମେଶ ପୋଖରିଆଲ ନିଶଙ୍କଙ୍କ ପାଖକୁ ଚିଠି ଲେଖିଛନ୍ତି। ଓଡ଼ିଶା ବିଶ୍ୱବିଦ୍ୟାଳୟ ଅଧାଦେଶକୁ ନେଇ ଶିକ୍ଷାବିତ୍, ଶିକ୍ଷକ ଓ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅସନ୍ତୋଷ ଥିବା ନେଇ ଧର୍ମେନ୍ଦ୍ର ଚିଠିରେ ଅବଗତ କରାଇବା ସହ ଏଥିରେ ହସ୍ତକ୍ଷେପ କରିବାକୁ ଅନୁରୋଧ କରିଛନ୍ତି ।

ଧର୍ମେନ୍ଦ୍ର କହିଛନ୍ତି, ଓଡ଼ିଶା ସରକାର ରାଜ୍ୟର ଉଚ୍ଚଶିକ୍ଷା ବ୍ୟବସ୍ଥାର ସ୍ୱାୟତ୍ତତାକୁ ସଙ୍କୁଚିତ କରିବାକୁ ଉଦ୍ୟମ କରୁଛନ୍ତି। ଏହାକୁ ନେଇ ବୁଦ୍ଧିଜୀବୀ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ପ୍ରଫେସର ଏମ୍.ସି. ଦାସ ଏବଂ ଜି.ବି.ଏନ୍. ଚଇନିଙ୍କ ତରଫରୁ ଏ ସଂକ୍ରାନ୍ତରେ ଅଭିଯୋଗପତ୍ର ମିଳିଥିଲା। ଏହି ପ୍ରସଙ୍ଗ ସମ୍ପର୍କରେ ସେ କେନ୍ଦ୍ର ମାନବସମ୍ବଳ ବିକାଶ ମନ୍ତ୍ରୀଙ୍କୁ ଜଣାଇଛନ୍ତି। ସେ ତାଙ୍କ ପତ୍ରରେ ଉଲ୍ଲେଖ କରିଛନ୍ତି, ବିଶ୍ୱବିଦ୍ୟାଳୟଗୁଡିକର ସ୍ୱାୟତ୍ତତାକୁ ସଙ୍କୁଚିତ କରିବାକୁ ଓଡ଼ିଶା ବିଶ୍ୱବିଦ୍ୟାଳୟ ଅଧିନିୟମ-୧୯୮୯କୁ ପରିବର୍ତ୍ତନ କରାଯାଇଛି। ରେଭେନ୍ସା ବିଶ୍ୱବିଦ୍ୟାଳୟ ଅଧିନିୟମ-୨୦୦୫କୁ ଉଚ୍ଛେଦ କରି ବିଶ୍ୱବିଦ୍ୟାଳୟଗୁଡିକୁ ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଅଧୀନକୁ ଅଣାଯାଇଛି। ସିଣ୍ଡିକେଟ୍‌ର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ କ୍ଷୁଣ୍ଣ କରି ସର୍ଚ୍ଚ କମିଟିରେ ସରକାରଙ୍କ ପ୍ରତିନିଧି ରହିବାର ବ୍ୟବସ୍ଥା କରାଯାଇଛି। ପ୍ରଫେସର, ଆସିଷ୍ଟାଣ୍ଟ ପ୍ରଫେସର, ଫାକଲଟି ଚୟନ ପ୍ରକ୍ରିୟାରେ ବିଶ୍ୱବିଦ୍ୟାଳୟ ଭୂମିକାକୁ ଶେଷକରି ଓଡ଼ିଶା ଲୋକସେବା ଆୟୋଗକୁ ଦାୟିତ୍ୱ ଦିଆଯାଇଛି। ବିଶ୍ୱବିଦ୍ୟାଳୟ ଅଡିଟ୍ ରିପୋର୍ଟ ବିଧାନସଭାରେ ଉପସ୍ଥାପିତ କରିବାର ପରମ୍ପରାକୁ ମଧ ଶେଷ କରି ଦିଆଯାଇଛି। ଏହାଦ୍ୱାରା ବିଶ୍ୱବିଦ୍ୟାଳୟର ଶୈକ୍ଷିକ ବାତାବରଣ ନଷ୍ଟ ହେବ। ଶିକ୍ଷା ସାମ୍ବିଧାନିକ ବ୍ୟବସ୍ଥାରେ ମିଳିତ ତାଲିକାରେ ଆସୁଥିବାରୁ ରାଜ୍ୟ ସରକାରଙ୍କ ଆଇନ କେନ୍ଦ୍ରନୀତିର ବିରୁଦ୍ଧାଚରଣ କରିପାରିବ ନାହିଁ ବୋଲି ଧର୍ମେନ୍ଦ୍ର ଉଲ୍ଲେଖ କରିଛନ୍ତି। ବିଶ୍ୱବିଦ୍ୟାଳୟ ଛାତ୍ର, ଶିକ୍ଷକ ଓ କର୍ମଚାରୀଙ୍କ ସ୍ୱାର୍ଥରକ୍ଷା ପାଇଁ ବ୍ୟକ୍ତିଗତ ହସ୍ତକ୍ଷେପ କରିବାକୁ ସେ ଚିଠି ମାଧ୍ୟମରେ ଅନୁରୋଧ କରିଛନ୍ତି।

**DIRECTORATE OF TECHNICAL EDUCATION & TRAINING, ODISHA**
**KILLAMAIDAN, BUXIBAZAR, CUTTACK-753001**
email: dacdtetodisha@gmail.com Website:http:/www.dtetorissa.gov.in.

**DIPLOMA ADMISSION-2020**

No.KK-23:- **NOTICE**

**Admission to 1st Semester Diploma in Engineering /Technology, Lateral Admission to 3rd Sem. Engineering/ Technology & 1st Sem./ 1st Year Non-Engineering/ Film & TV Courses**

The last date of Diploma Admission-2020 has been extended for on-line application upto 24.09.2020 for 1st Semester and 21.09.2020 for 3rd Semester (L.E.). For further details, please log on to **www.samsodisha.gov.in**

**Sd./- Director of Technical Education & Training**

OIPR-14004/11/0013/2021

**Victus Dying Garment Division**

**ସିଲାଇ ଅପରେଟର ଆବଶ୍ୟକ ।** ପୁରୁଷ ଓ ମହିଳା କାମ ଜାଣିଥିବା ଏବଂ ନ ଜାଣିଥିବା ଆବେଦନ କରିପାରିବେ । କାମ ନ ଜାଣିଥିବା ବ୍ୟକ୍ତିଙ୍କୁ ଟ୍ରେନିଂ ଦିଆଯିବ। ଏଠାରେ ରହିବା, ଖାଇବା, ହଷ୍ଟେଲର ସୁବିଧା ଅଛି । ଯଦି କେହି କାମ କରିବାକୁ ଚାହୁଁଛନ୍ତି ତଳେ ଦିଆଯାଇଥିବା ନମ୍ବରରେ ଯୋଗାଯୋଗ କରନ୍ତୁ । ଯିବା ପାଇଁ କମ୍ପାନୀ ଗାଡ଼ିର ସୁବିଧା ଦିଆଯିବ।
ଦରମା - Rs.7500/- ରୁ Rs.12000/- ପର୍ଯ୍ୟନ୍ତ
ଯୋଗାଯୋଗ: **8895367501, 8489248494, 9777061694**

**ELECTION COMMISSION OF INDIA**
Nirvachan Sadan, Ashoka Road, New Delhi-110001
*No. ECI/PN/58/2020* *Dated: 11th September, 2020*

**PRESS RELEASE**

**No. D-61:-** In continuation of the detailed instructions dated 10.10.2018 and 6.3.2020 issued by ECI in the matter of **publicity of criminal antecedents** by the contesting candidates as well as by the political parties nominating such candidates, it was discussed at length in the Commission's meeting today. Commission decided to further streamline the instructions concerning publicity of criminal antecedents by candidates concerned and by the political parties, who nominate them for elections. Commission has always emphasised on this moral yardstick for overall betterment of electoral democracy.

**2.** Highlights of the modified instructions are as follows:

**A. Revised Timeline for Publicity**

As per the revised guideline, the candidates as well as the political parties, regarding candidates nominated by them, will publish the details of criminal antecedents, if any, in newspapers and television in the following manner:

- (i) **First publicity** : Within first 4 days of last date of withdrawal.
- (ii) **Second publicity** : Within 5th to 8th day of last date of withdrawal.
- (iii) **Third publicity** : From 9th day till the last day of campaign, i.e. two days prior to date of poll.

This timeline will help the voters in exercising their choices in more informed manner.

**B.** Regarding the publicity by uncontested winning candidates as well as the political parties who nominate them, it is clarified that **uncontested winner candidates** as well as the political parties who nominate them shall also publicise the criminal antecedents, if any, as prescribed for other contesting candidates and political parties.

**3.** As decided by the Commission, a Compendium of all instructions and formats issued so far, in this matter, is being published for the benefit of stakeholders. This will help in creating more awareness amongst the voters and other stakeholders.

**4.** All instructions, in this regard, must be complied by the contesting candidates with criminal antecedents and the political parties regarding their nominated candidates.

**5.** These modified instructions shall apply with immediate effect.

**Sd./- (PAWAN DIWAN)**
UNDER SECRETARY
OIPR-12001/11/0005/2021

# ଇଟାଲୀୟ ଫିଲ୍ମ ନିର୍ମାତାଙ୍କ ସହ ହାତ ମିଳାଇଲେ ଜିତେନ୍ଦ୍ର

**କୋଭିଡ୍ ଉପରେ ନିର୍ମାଣ କଲେ କ୍ଷୁଦ୍ର ଚଳଚ୍ଚିତ୍ର 'ହ୍ୟୁମାନ୍ ଓକ୍'**

ଭୁବନେଶ୍ୱର,୧୫।୯(ବ୍ୟୁରୋ)

ଅନ୍ତର୍ଜାତୀୟ ସ୍ତରରେ ଖ୍ୟାତି ଅର୍ଜନ କରିଥିବା ଓଡ଼ିଶା ଜନ୍ମିତ ଫିଲ୍ମ ପ୍ରଡ୍ୟୁସର୍ ଓ ପ୍ରମୋଟର ଜିତେନ୍ଦ୍ର ମିଶ୍ର ଇଟାଲୀର ପ୍ରସିଦ୍ଧ ଚଳଚ୍ଚିତ୍ର ନିର୍ଦ୍ଦେଶକ ତଥା ପ୍ରଯୋଜକ ଉଲିସି ଲେଣ୍ଡାରୋଙ୍କ ସହ ହାତ ମିଳାଇଛନ୍ତି। ଉଭୟ ମିଶି ଚଳିତ କୋଭିଡ୍-୧୯ ମହାମାରୀ ଉପରେ ଏକ କ୍ଷୁଦ୍ର ଚଳଚ୍ଚିତ୍ର 'ହ୍ୟୁମାନ୍ ଓକ୍' ନିର୍ମାଣ କରିଛନ୍ତି। ୧୫ ମିନିଟର ଏହି ଚଳଚ୍ଚିତ୍ର ଲକ୍‌ଡାଉନ୍ ସମୟରେ



ଉଲିସି ଲେଣ୍ଡାରୋଙ୍କ ସହ ଜିତେନ୍ଦ୍ର ମିଶ୍ର ।

ଅର୍ଥାତ୍ ଗତ ମାର୍ଚ୍ଚ ଓ ଏପ୍ରିଲରେ ଇଟାଲୀରେ ଶୁଟ୍ ହୋଇଛି। ଫିଲ୍ମର କାହାଣୀ ଲେଖିବା ସହ ଏହାର ନିର୍ଦ୍ଦେଶନା ଦେଇଛନ୍ତି ଉଲିସି। ଫିଲ୍ମର ଲିଡ୍ ରୋଲ୍‌ରେ ଆଗଧାଡ଼ିର ଇଟାଲିଆନ୍ ଅଭିନେତ୍ରୀ ତଥା ପୂର୍ବତନ ମିସ୍ ଇଟାଲୀ ଆନା ଭେଲେ ଅଭିନୟ କରିଛନ୍ତି। କରୋନା ମହାମାରୀର କଠିନ ସମୟରେ ଏକ ସକାରାତ୍ମକ କାହାଣୀ ଓ ମାନବିକତାକୁ ନେଇ ଏହି ଫିଲ୍ମ ନିର୍ମାଣ ହୋଇଛି। ଫିଲ୍ମ ସମ୍ପର୍କରେ ସୂଚନା ଦେଇ ଜିତେନ୍ଦ୍ର କହିଛନ୍ତି, ଏହି ଫିଲ୍ମର ଭାରତ ସହ ସମ୍ପର୍କ ରହିଛି। ପର୍ସି ସେଲିଙ୍କ କବିତା ପୁସ୍ତକ 'ଓଡ୍ ଟୁ ଦି ୱେଷ୍ଟ ୱିଣ୍ଡ୍' ଉପରେ ଏହା ଆଧାରିତ ହୋଇଛି। ମହାତ୍ମା ଗାନ୍ଧୀ ଏବଂ ରବୀନ୍ଦ୍ରନାଥ ଟାଗୋରଙ୍କୁ ବ୍ୟକ୍ତିଗତଭାବେ ଜାଣିଥିବା ପର୍ସି ନିଜର ପ୍ରତ୍ୟେକ ପୁସ୍ତକରେ ଭାରତ ବିଷୟରେ ଉଲ୍ଲେଖ କରିଥାନ୍ତି। ସେଭଳି ଏହି ପୁସ୍ତକରେ ମଧ ସେ ଭାରତ କଥା ଲେଖିଛନ୍ତି। ଭାରତରେ ଓଟିଟି ପ୍ଲାଟ୍‌ଫର୍ମରେ ରିଲିଜ ହେବା ପୂର୍ବରୁ ଏହାକୁ କେତେକ ପ୍ରସିଦ୍ଧ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବରେ ପ୍ରଦର୍ଶିତ କରାଯିବ ବୋଲି ଜିତେନ୍ଦ୍ର କହିଛନ୍ତି।

'ଇମ୍ପରଫେକ୍ଟ ଏଜ୍' ପାଇଁ ଚର୍ଚ୍ଚାକୁ ଆସିଥିବା ଉଲିସି ଲେଣ୍ଡାରୋ ଏକାଧିକ ପୁରସ୍କାର ବିଜୟୀ ଚଳଚ୍ଚିତ୍ର ନିର୍ମାଣ କରି ବିଶ୍ୱ ଦରବାରରେ ବେଶ୍ ଲୋକପ୍ରିୟତା ଅର୍ଜନ କରିଛନ୍ତି। ସେହିଭଳି ଓଡ଼ିଶା ଜନ୍ମିତ ଫିଲ୍ମ ପ୍ରମୋଟର ଜିତେନ୍ଦ୍ର ମିଶ୍ର ନିଜର ଅଭିନବ ପ୍ରମୋଶନ ଶୈଳୀ ପାଇଁ ଅଧିକ ଲୋକପ୍ରିୟ। ତାଙ୍କ ପ୍ରଯୋଜିତ ବହୁ ହିନ୍ଦୀ ଏବଂ ଇଂଲିଶ ଚଳଚ୍ଚିତ୍ର ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବରେ ପ୍ରଦର୍ଶିତ ହେବାସହ ପୁରସ୍କୃତ ହୋଇଛି।

**ODISHA JOINT ENTRANCE EXAMINATION - 2020**
**( OJEE - 2020 )**

No:-260 /OJEE 2020 Date:15-09-2020

**NOTICE REGARDING WEB COUNSELLING FOR B.TECH. / B.ARCH. / INT. M.SC. PROGRAMMES**

OJEE Web-based Counselling process for B.Tech. / B.Arch. / Int. M.Sc. will start tentatively in the 1st **week of October, 2020**. Hence, all students having JEE (MAIN) All India Rank (CRL) and interested to take part in OJEE counselling for admission to B.Tech./B.Arch./Int. M.Sc. courses in any Government or Private colleges of Odisha are to follow the OJEE Counselling process. They can get detailed information regarding counselling schedule, process and seat matrix etc. that will be made available, before commencement of counselling, in OJEE websites (**www.ojee.nic.in/ www.odishajee.com**).

At present, information such as seat matrix, opening and closing ranks of admission pertaining to last year (2019-20) are available in OJEE website for reference purpose.

Further, candidates are advised to obtain and keep ready with them, all necessary documents required like resident/nativity certificate, caste certificate, Income certificate for TFW claim etc. from appropriate authority well in advance to avoid last date rush.

**Sd/-**
**CHAIRMAN, OJEE, ODISHA**

ମୁଖ୍ୟତଃ ଆମର ଏଠାରେ ବଂଚିବାର ଗୋଟିଏ ମାତ୍ର କାରଣ ହେଲା– ଆମେ ନିଜକୁ ଜାଣିବା– ଆମେ କ'ଣ ? ତାହା ହିଁ ଆମକୁ ଜାଣିବାକୁ ହେବ। ଆମେ ମଧ୍ୟ ଜାଣିବା– କାହିଁକି ଆମେ ଏଠାକୁ ଆସିଛୁ ଓ ଆମର କ'ଣ କରିବାକୁ ଅଛି ? ଯଦି ଆମେ ଏହା ଜାଣି ନାହୁଁ– ତେବେ ଆମ ଜୀବନ ଆମ ପାଇଁ ଓ ଅନ୍ୟ ପାଇଁ ନିରର୍ଥକ। –ଶ୍ରୀମା



# ଶିକ୍ଷକ ନିଯୁକ୍ତି ଓ ବିଶ୍ୱବିଦ୍ୟାଳୟ ଅଧ୍ୟାଦେଶ



ଅମରେନ୍ଦ୍ର ଦାସ

ରାଜ୍ୟ କ୍ୟାବିନେଟର ଅନୁମୋଦନ ପରେ ସେପ୍ଟେମ୍ବର ୪, ୨୦୨୦ରେ ରାଜ୍ୟପାଳ ଓଡ଼ିଶା ବିଶ୍ୱବିଦ୍ୟାଳୟ (ସଂଶୋଧନ) ଅଧ୍ୟାଦେଶ ଅନୁମୋଦନ କରିଛନ୍ତି। ଅଧ୍ୟାଦେଶର ପ୍ରଥମ ଭାଗରେ ଉଲ୍ଲେଖ ଅଛି ଯେ, ବିଧାନସଭା ଏବେ ବସୁ ନ ଥିବାରୁ ଏବଂ ସାମ୍ପ୍ରତିକ ପରିସ୍ଥିତିକୁ ଅନୁଧ୍ୟାନ କରି ରାଜ୍ୟପାଳ ହୃଦ୍‌ବୋଧ କଲେ ଯେ ଓଡ଼ିଶା ବିଶ୍ୱବିଦ୍ୟାଳୟ ଆଇନ ୧୯୮୯ରେ ତୁରନ୍ତ ସଂଶୋଧନ ଅଣାଯିବା ଅପରିହାର୍ଯ୍ୟ। କେଉଁ ଜରୁରିକାଳୀନ ପରିସ୍ଥିତି ଉପୁଜିଲାରୁ ଦୁଇତୃତୀୟାଂଶ ସଂଖ୍ୟାଗରିଷ୍ଠତା ଉପଭୋଗ କରୁଥିବା ଏକ ସରକାରଙ୍କୁ ଏମିତି ଏକ ଅଧ୍ୟାଦେଶ ଅତି ତରବରିଆ ଭାବରେ ଆଣିବାକୁ ପଡିଲା ତାହା ଏବେ ବି ଅସ୍ପଷ୍ଟ ରହୁଛି। ସାରା ରାଜ୍ୟର ନାଗରିକମାନେ କରୋନା କଟକଣା ମାନି ନିଜର ଜୀବନ ଜୀବିକାକୁ ବଞ୍ଚାଇବାର ଉପାୟ ଖୋଜୁଥିବାବେଳେ ଅତି ତରବରିଆ ଭାବରେ ଏହି ଅଧ୍ୟାଦେଶ ଅଣାଯିବାର ରହସ୍ୟ ଭେଦ କରିହେଉନି! ବିଶ୍ୱବିଦ୍ୟାଳୟ ହିତ ପାଇଁ ମଣୁଥିବା ଏହି ଅଧ୍ୟାଦେଶ ଆଣିବା ପୂର୍ବରୁ ବିଶ୍ୱବିଦ୍ୟାଳୟରେ ଅଧ୍ୟାପନା ଏବଂ ଗବେଷଣାରତ ଶିକ୍ଷକମାନଙ୍କୁ ପରାମର୍ଶ କରାଯାଇଛି କି?

ଅଧ୍ୟାଦେଶରେ ଯେଉଁ କେତୋଟି ଶୀର୍ଷକ ଉପରେ ବାଦବିବାଦ ଉପୁଜିଛି ତାହାହେଲା (୧) ଓଡ଼ିଶା ଲୋକ ସେବା ଆୟୋଗ ଦ୍ୱାରା ବିଶ୍ୱବିଦ୍ୟାଳୟର ଶିକ୍ଷକ ନିଯୁକ୍ତି ଏବଂ ରାଜ୍ୟ ଚୟନ ବୋର୍ଡ ଦ୍ୱାରା ଅଣ–ଶିକ୍ଷକ କର୍ମଚାରୀ ନିଯୁକ୍ତି; (୨) ବିଶ୍ୱବିଦ୍ୟାଳୟର ସିନେଟ ଉଚ୍ଛେଦ; (୩) ସିଣ୍ଡିକେଟର ସମ୍ପ୍ରସାରଣ ଏବଂ ସେଥିରେ ଉଚ୍ଚଶିକ୍ଷା ବିଭାଗର ସଚିବ କିମ୍ବା ତାଙ୍କର ପ୍ରତିନିଧି ରହିବାର ବ୍ୟବସ୍ଥା; (୪) କୁଳପତି ଚୟନ କମିଟିରେ ସିଣ୍ଡିକେଟର ପ୍ରତିନିଧିଙ୍କୁ ବାହାର କରି ତାଙ୍କ ଜାଗାରେ ଉଚ୍ଚ ଶିକ୍ଷାବିଭାଗର ପ୍ରତିନିଧି ହିସାବରେ ଜଣେ ଶିକ୍ଷାବିତ ରହିବେ ଏବଂ କୁଳାଧିପତିଙ୍କ ଦ୍ୱାରା ମନୋନୀତ ସଦସ୍ୟ କେବଳ ଜଣେ ପୂର୍ବତନ ମୁଖ୍ୟସଚିବ ବା କେନ୍ଦ୍ର ସଚିବ ପାହ୍ୟାର ଅଧିକାରୀ ହୋଇଥିବେ।

ବିଶ୍ୱବିଦ୍ୟାଳୟରେ ନିଯୁକ୍ତି ନେଇ ଅନେକ ବାଦବିବାଦ ଉପୁଜିଛି। କେତେବେଳେ କୁଳପତିଙ୍କ ନିଯୁକ୍ତି ନେଇ ବିବାଦ ଉପୁଜିଛି ତ ଆଉ କେତେବେଳେ ଶିକ୍ଷକ ନିଯୁକ୍ତିକୁ ନେଇ। କୁଳପତିଙ୍କ ନିଯୁକ୍ତି ନେଇ ଯଦି କିଛି ବିବାଦ ଉପୁଜିଛି ତାହା ପାଇଁ ବିଶ୍ୱବିଦ୍ୟାଳୟଗୁଡ଼ିକୁ ଦାୟୀ କରିବା ଯୁକ୍ତିସଙ୍ଗତ ନୁହେଁ। କୁଳପତିଙ୍କ ନିଯୁକ୍ତିରେ କିପରି ଅଧିକ ପାରଦର୍ଶିତା ଅଣାଯାଇପାରିବ ତା' ବିଷୟରେ ଅଧିକ ମାନସମନ୍ଥନ ଆବଶ୍ୟକ। ଠିକ୍ ସେହିପରି କୁଳପତିଙ୍କ କାର୍ଯ୍ୟକଳାପକୁ କିପରି ଅଧିକ ଉତ୍ତରଦାୟୀ କରିହେବ ତା' ଉପରେ ପୃଥକ୍ ଆଲୋଚନା ଆବଶ୍ୟକ।

ଏହି ଲେଖାରେ ଆମେ ଦୃଷ୍ଟିପାତ କରିବା ବିଶ୍ୱବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି ନେଇ। ବିଗତ କିଛିବର୍ଷ ଧରି ବିଶ୍ୱବିଦ୍ୟାଳୟଗୁଡ଼ିକରେ ନିଯୁକ୍ତିରେ ଯେଉଁ ସ୍ଥିତାବସ୍ଥା ଜାରି ରହିଛି ତା'ର ପ୍ରଥମ କାରଣ ହେଲା; ସଂରକ୍ଷଣ ନୀତିକୁ ନେଇ ବିବାଦ। ଏହି ବିବାଦ ଉଚ୍ଚନ୍ୟାୟାଳୟଠାରୁ ଆରମ୍ଭ କରି ସର୍ବୋଚ୍ଚନ୍ୟାୟାଳୟ ପର୍ଯ୍ୟନ୍ତ ଯାଇଛି। ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ଏଥିପାଇଁ ହରଡଘଣାରେ ପଡିଛନ୍ତି। ବିଶ୍ୱବିଦ୍ୟାଳୟରେ କାର୍ଯ୍ୟକାରୀ ହେବାକୁ ଥିବା ସଂରକ୍ଷଣ ନୀତିକୁ ସ୍ପଷ୍ଟ କରିବାକୁ ଯାଇ ରାଜ୍ୟ ସରକାରଙ୍କର ଉଚ୍ଚଶିକ୍ଷା ବିଭାଗ ନିଜେ ଅପଦସ୍ଥ ହୋଇଛନ୍ତି। ବିବାଦଟି ହେଲା, ନିଯୁକ୍ତିର କେଉଁ ସୋପାନରେ ସଂରକ୍ଷଣ ନୀତି ଲାଗୁ ହେବ? ନିଯୁକ୍ତିର ପ୍ରାରମ୍ଭିକ ସୋପାନରେ ନା ପଦୋନ୍ନତିର ପ୍ରତିଟି ପାହାଚରେ? ସଂରକ୍ଷଣର ଆନୁପାତିକ ହିସାବ କେଉଁ ସ୍ତରରେ ହେବା ଉଚିତ? ବିଭାଗ ସ୍ତରରେ ନା ବିଶ୍ୱବିଦ୍ୟାଳୟ ସ୍ତରରେ? ମହିଳାଙ୍କ ପାଇଁ ସଂରକ୍ଷଣ ପୃଥକ୍ ଭାବରେ ହିସାବ ହେବ ନା ସଂରକ୍ଷଣ ଭିତରେ ସଂରକ୍ଷଣ ହିସାବ ହେବ?

ଦ୍ୱିତୀୟ ବିବାଦଟି ହେଲା କେଉଁ ନୀତି ଆଧାରରେ ଶିକ୍ଷକ ନିଯୁକ୍ତି ହେବ? ରାଜ୍ୟ ସରକାରଙ୍କର ଆଇନ ନା ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗଙ୍କ ମାର୍ଗଦର୍ଶିକା ପାଳନ ହେବ? ବିଶ୍ୱବିଦ୍ୟାଳୟ ମାର୍ଗଦର୍ଶିକା ଅନୁସାରେ ଯଦି କୌଣସି ବିଶ୍ୱବିଦ୍ୟାଳୟ ନିଯୁକ୍ତି କରନ୍ତି, କେତେକ ପ୍ରାର୍ଥୀ ରାଜ୍ୟ ଆଇନ ଅନୁସାରେ କାହିଁକି ହେଲାନି ବୋଲି ନ୍ୟାୟାଳୟରେ ଅଭିଯୋଗ କରନ୍ତି। ଠିକ୍ ସେହିପରି ରାଜ୍ୟ ଆଇନ ଅନୁସାରେ ନିଯୁକ୍ତି ହେଲେ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗଙ୍କର ମାର୍ଗଦର୍ଶିକାର ଉଲ୍ଲଂଘନ ହୋଇଛି ବୋଲି ଆଉ କିଛି ପ୍ରାର୍ଥୀ ନ୍ୟାୟାଳୟରେ ଅଭିଯୋଗ କରନ୍ତି।

ତୃତୀୟ ବିବାଦଟି ହେଲା ଚୁକ୍ତିଭିତ୍ତିକ ନିଯୁକ୍ତି ପାଇ ବର୍ଷବର୍ଷ ଧରି କାର୍ଯ୍ୟରତ ଶିକ୍ଷକ ଏବଂ ଅଣ–ଶିକ୍ଷକ କର୍ମଚାରୀଙ୍କର ନିଯୁକ୍ତି ନିୟମିତ ହେବା ଉଚିତ ନା ଅନୁଚିତ?

ନୂଆ ଅଧ୍ୟାଦେଶ ଏହିସବୁ ଅସଙ୍ଗତି ଦୂର କରିନାହିଁ। ସରକାର ଯଦି ପ୍ରକୃତରେ ବିଶ୍ୱବିଦ୍ୟାଳୟରେ ଲାଗି ରହିଥିବା ନିଯୁକ୍ତି ସମସ୍ୟା ସମାଧାନ କରିବାକୁ ଚାହୁଁଛନ୍ତି ତେବେ ସଂରକ୍ଷଣ ନୀତି ସ୍ପଷ୍ଟ କରନ୍ତୁ। ବିଶ୍ୱବିଦ୍ୟାଳୟର ଶିକ୍ଷକ ନିଯୁକ୍ତି ପ୍ରକ୍ରିୟାରେ ୟୁଜିସି ମାର୍ଗଦର୍ଶିକାକୁ ସମ୍ପୂର୍ଣ୍ଣଭାବରେ ଲାଗୁ ପାଇଁ ନୀତି ସ୍ପଷ୍ଟ କରନ୍ତୁ। ଅଧ୍ୟାଦେଶରେ ବିଶ୍ୱବିଦ୍ୟାଳୟର ଶିକ୍ଷକ ନିଯୁକ୍ତି ଦାୟିତ୍ୱ ଓଡ଼ିଶା ଲୋକ ସେବା ଆୟୋଗଙ୍କୁ ହସ୍ତାନ୍ତର କରାଯାଇଛି। ନିଯୁକ୍ତି ପାଇଁ ଆୟୋଗ ପରୀକ୍ଷା କିମ୍ବା ପରୀକ୍ଷା ସହ ସାକ୍ଷାତ୍‌କାର କରିବାର ବ୍ୟବସ୍ଥା ରଖାଯାଇଛି। ନିଯୁକ୍ତି ପାଇଁ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗର ମାର୍ଗଦର୍ଶିକାକୁ ଅନୁସରଣ କରିବା ସହିତ ଲୋକ ସେବା ଆୟୋଗଙ୍କର ନିୟମାବଳୀ ଅନୁସରଣ କରିବା ପାଇଁ ଉଲ୍ଲେଖ କରିଛନ୍ତି। ଏହା ନିଯୁକ୍ତି ପ୍ରକ୍ରିୟାକୁ ଆହୁରି ଅଧିକ ଜଟିଳ କରିବ ଏବଂ ନିଯୁକ୍ତି ବର୍ଷବର୍ଷ ଧରି ନ ହୋଇପାରିବାର ଆଶଙ୍କା ଦେଖାଯାଉଛି। ନୂତନ ଅଧ୍ୟାଦେଶ ୟୁଜିସି ମାର୍ଗଦର୍ଶିକା ଏବଂ ରୁଷା ମାର୍ଗଦର୍ଶିକାର ବ୍ୟତିକ୍ରମ କରୁଥିବାରୁ ଏମାନଙ୍କଠାରୁ ଆର୍ଥିକ ସହାୟତା ପାଇବାରେ ବାଧା ଉପୁଜିବାର ସମ୍ଭାବନା ବି ରହୁଛି।

ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗର ମାର୍ଗଦର୍ଶିକାରେ ଲିଖିତ ପରୀକ୍ଷା ବିଷୟରେ କେଉଁଠି ବ୍ୟବସ୍ଥା ନାହିଁ। ବିଶ୍ୱବିଦ୍ୟାଳୟରେ ନିଯୁକ୍ତି ପାଇଁ ନେଟ ଏବଂ ପିଏଚଡିକୁ ବାଧ୍ୟତାମୂଳକ କରାଯାଇଛି। ଜାତୀୟସ୍ତରରେ ହେଉଥିବା ନେଟ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲାପରେ ଏହାର ବୈଧତା ସବୁଦିନ ପାଇଁ ରହେ ଏବଂ ସାର୍ଟିଫିକେଟରେ ପ୍ରାର୍ଥୀଜଣକ ଅଧ୍ୟାପକ ହେବା ପାଇଁ ଉପଯୁକ୍ତ ହେଲେ ବୋଲି ଲିଖିତ ରହେ। ଯେହେତୁ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ ସହ ଗବେଷଣା କାମ ହୁଏ ପିଏଚଡି ହାସଲ କରିବା ଅତ୍ୟାବଶ୍ୟକ। ଭଲ ବିଶ୍ୱବିଦ୍ୟାଳୟରେ ପିଏଚଡି ଡିଗ୍ରୀ ପାଇବାର ଧାରା ଏତେ ଜଟିଳ ଯେ ଛାତ୍ରୀ ବା ଛାତ୍ର ଜଣକ କୌଣସି ଗୋଟିଏ ବିଷୟରେ ଗଭୀର ଅଧ୍ୟବସାୟ କରିବାକୁ ପଡ଼େ। ପିଏଚଡିରେ ନାମ ଲେଖାଇଲା ବେଳକୁ ଲିଖିତ ପରୀକ୍ଷା ଏବଂ ମୌଖିକ ସାକ୍ଷାତ୍‌କାରର ସମ୍ମୁଖୀନ ହେବାକୁ ପଡେ। ଅନେକ ଜାଗାରେ ପିଏଚଡି କରିବା ପାଇଁ ମଧ୍ୟ ନେଟ ଅତ୍ୟାବଶ୍ୟକ ବି ହୋଇଥାଏ। ଗବେଷଣା ସନ୍ଦର୍ଭ ଦାଖଲ ପୂର୍ବରୁ ଉଚ୍ଚମାନର ଜର୍ନାଲରେ ଗବେଷଣା ନିବନ୍ଧ ଛାପିବାକୁ ପଡେ। କୌଣସି ଗୋଟିଏ ବିଷୟରେ ଏତେ ଅଧ୍ୟବସାୟ କରି ପିପିଏଚଡି ପାଇସାରିବା ପରେ ତାକୁ ଯଦି ପୁଣି ସ୍ନାତକୋତ୍ତର ପାଠ୍ୟକ୍ରମ ଉପରେ ପର୍ଯ୍ୟବସିତ ପ୍ରଶ୍ନକୁ ନେଇ ସମସ୍ତ ବିଷୟରେ ଲିଖିତ ପରୀକ୍ଷା କରାଯାଏ ସେ ହୁଏତ ବିଫଳ ହେବ। ସେଥିପାଇଁ ଶିକ୍ଷକ ନିଯୁକ୍ତି ଲାଗି ୟୁଜିସି ତରଫରୁ କୌଣସି ଲିଖିତ ପରୀକ୍ଷାର ବ୍ୟବସ୍ଥା ରଖାଯାଇ ନାହିଁ ବରଂ ଉଚ୍ଚକୋଟୀର ଗବେଷକମାନଙ୍କୁ ନିଯୁକ୍ତ କରିବା ପାଇଁ ସେମାନଙ୍କର ଗବେଷଣା ଉପରେ ଆଧାରିତ ନିବନ୍ଧ ପ୍ରକାଶନ ଉପରେ ଗୁରୁତ୍ୱାରୋପ କରିଛନ୍ତି। ଗୁଣାତ୍ମକ ନିବନ୍ଧ ପ୍ରକାଶନକୁ ମୂଲ୍ୟାୟନ କରିବା ଆଦୌ ଜଟିଳ ନୁହେଁ। ବିଶ୍ୱବିଦ୍ୟାଳୟଗୁଡ଼ିକୁ ଆମେ ଯଦି ବିଶ୍ୱସ୍ତରୀୟ କରିବା ପାଇଁ ଲକ୍ଷ୍ୟ ରଖୁଛେ ତେବେ ବିଶ୍ୱସ୍ତରୀୟ ନିଯୁକ୍ତି ପନ୍ଥା ଗ୍ରହଣ କରିବାକୁ ପଡିବ।

ଶିକ୍ଷକ ଚୟନ ପ୍ରକ୍ରିୟାକୁ ଅଧିକ ସ୍ୱଚ୍ଛ କରିବା ପାଇଁ ଦୁଇଟି କିମ୍ବା ତିନୋଟି ସୋପାନରେ କରାଯାଇପାରିବ। ପ୍ରଥମ ପର୍ଯ୍ୟାୟରେ ବିଶ୍ୱବିଦ୍ୟାଳୟର ବିଭାଗସ୍ତରରେ ଦରଖାସ୍ତଗୁଡ଼ିକ ବଛାଯାଇପାରିବ। ସର୍ବନିମ୍ନ ଯୋଗ୍ୟତା ହାସଲ କରୁଥିବା ପ୍ରାର୍ଥୀମାନଙ୍କର ଏକ ତାଲିକା ବାହାରକରି ଗବେଷଣାରେ ଅବଦାନକୁ ନେଇ ସେମାନଙ୍କର ଏକ ତାଲିକା ପ୍ରକାଶନ କରାଯାଇପାରିବ। ଏଠାରେ ମନେରଖିବାକୁ ହେବ ଯେ ବିଭିନ୍ନ ସ୍ୱୟଂଶାସିତ ମହାବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟଗୁଡ଼ିକରେ ବିଭିନ୍ନ ମୂଲ୍ୟାୟନ ପନ୍ଥା ଅବଲମ୍ବନ କରାଯାଉଥିବାରୁ ପରୀକ୍ଷାରେ ହାସଲ କରିଥିବା ନମ୍ବରକୁ ନେଇ ମାନ୍ୟତା ନିରୂପଣ ଠିକ୍ ହେବନାହିଁ। ସେଥିପାଇଁ ଜାତୀୟସ୍ତରରେ କରାଯାଉଥିବା ନେଟ ପରୀକ୍ଷା କିମ୍ବା ପିଏଚଡିକୁ ସର୍ବନିମ୍ନ ଯୋଗ୍ୟତା ରଖାଯାଇପାରିବ। ଏହି ତାଲିକା ପ୍ରସ୍ତୁତି କରିସାରିବାପରେ ଗବେଷଣାରେ ଅବଦାନକୁ ନେଇ ଏକ ସୂଚୀ ପ୍ରସ୍ତୁତ କରାଯାଇପାରିବ। ଗବେଷଣାରେ ଅବଦାନକୁ ମୂଲ୍ୟାୟନ କରିବା ପାଇଁ ୟୁଜିସିର ମାର୍ଗଦର୍ଶିକା ବ୍ୟବହାର କରାଯାଇପାରିବ। ଏହି ଅନୁସାରେ ସର୍ବାଧିକ ନମ୍ବର ରଖୁଥିବା ପ୍ରାର୍ଥୀମାନଙ୍କୁ ଖାଲିପଡିଥିବା ପଦବୀ ସଂଖ୍ୟାର ଦଶଗୁଣ ପ୍ରାର୍ଥୀଙ୍କୁ ପରବର୍ତ୍ତୀ ପର୍ଯ୍ୟାୟକୁ ନିଆଯାଇପାରିବ। ଏହି ପର୍ଯ୍ୟାୟରେ ପ୍ରାର୍ଥୀମାନଙ୍କୁ ସେମାନଙ୍କର ଗବେଷଣା ସମ୍ବନ୍ଧିତ ଏକ ବକ୍ତବ୍ୟ ଛାତ୍ରୀଛାତ୍ର ତଥା ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ଆଗରେ ରଖିବା ପାଇଁ ନିମନ୍ତ୍ରଣ କରାଯାଇପାରିବ। ଏହି ପର୍ଯ୍ୟାୟରେ ସମସ୍ତଙ୍କର ମତାମତ ଆଧାରରେ ମୂଲ୍ୟାୟନ କରି ଖାଲିଥିବା ପଦବୀର ତିନିଗୁଣ ପ୍ରାର୍ଥୀଙ୍କୁ ପରବର୍ତ୍ତୀ ପର୍ଯ୍ୟାୟରେ ମୌଖିକ ସାକ୍ଷାତ୍‌କାର ପାଇଁ ନିମନ୍ତ୍ରଣ କରାଯାଇପାରିବ। ମୌଖିକ ସାକ୍ଷାତ୍‌କାରରେ ନିମନ୍ତ୍ରିତ ହେବାକୁ ଥିବା ବିଷୟ ବିଶାରଦମାନଙ୍କ ଏକ ତାଲିକା ସିଣ୍ଡିକେଟ ଦ୍ୱାରା ପ୍ରସ୍ତୁତ କରାଯିବା ଆବଶ୍ୟକ। ସେଥିପାଇଁ ସିଣ୍ଡିକେଟରେ ଅଧ୍ୟାପନା ଏବଂ ଗବେଷଣାରେ ସୁନାମ ଅର୍ଜନ କରିଥିବା ବ୍ୟକ୍ତି ହିଁ ସିଣ୍ଡିକେଟର ସଦସ୍ୟ ହେବା ଉଚିତ। ଏହା ହେଲେ କୁଳପତି ନିଜ ଇଚ୍ଛାରେ କୌଣସି ବିଷୟ ବିଶାରଦମାନଙ୍କୁ ଡାକିପାରିବେ ନାହିଁ ବରଂ କେବଳ ସିଣ୍ଡିକେଟ ଦ୍ୱାରା ପୂର୍ବ ଚୟନ ବ୍ୟକ୍ତିମାନଙ୍କୁ ହିଁ ନିମନ୍ତ୍ରଣ କରିପାରିବେ। କୁଳପତିଙ୍କୁ ନିଯୁକ୍ତି ପ୍ରକ୍ରିୟାର ଗୁରୁଦାୟିତ୍ୱରେ ସାହାଯ୍ୟ କରିବା ପାଇଁ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ସାହାଯ୍ୟ କରିପାରିବେ। ମୌଖିକ ସାକ୍ଷାତ୍‌କାରରେ ପ୍ରତ୍ୟେକ ପ୍ରାର୍ଥୀ ପାଇଥିବା ନମ୍ବରକୁ ମଧ୍ୟ ବିଶ୍ୱବିଦ୍ୟାଳୟର ୱେବ୍‌ସାଇଟରେ ପ୍ରକାଶନ କରି ନିଯୁକ୍ତି ପାଇବା ପାଇଁ ଯୋଗ୍ୟ ପ୍ରାର୍ଥୀମାନଙ୍କର ଏକ ତାଲିକା ପ୍ରକାଶନ କରାଯାଇପାରିବ। ବିଶ୍ୱବିଦ୍ୟାଳୟଗୁଡିକର ସମସ୍ୟା ସମାଧାନ ପାଇଁ ଅନ୍‌ଲାଇନ ମାଧ୍ୟମରେ ସମସ୍ତ କାର୍ଯ୍ୟରତ ଶିକ୍ଷକ, ଛାତ୍ରୀଛାତ୍ର ଏବଂ ବୁଦ୍ଧିଜୀବୀମାନଙ୍କର ମତାମତ ନେଇ ଅଧ୍ୟାଦେଶ ଆଣିଥିଲେ ଏହା ଅନେକ ସହାୟକ ହୋଇଥାନ୍ତା।

ଜାତୀୟ ବିଜ୍ଞାନ ଶିକ୍ଷା ଓ ଗବେଷଣା ପ୍ରତିଷ୍ଠାନ
dasamarendra@gmail.com

# ବାସ ଚିନ୍ତା

ଡ. ସୁଜିତ କୁମାର ନାଥ

ବିଶ୍ୱ ଅର୍ଥନୈତିକ ସଂସ୍ଥାର ଆକଳନ ଅନୁସାରେ ଭାରତରେ ପ୍ରାୟ ଚଉଦ କୋଟି ପ୍ରବାସୀ ଶ୍ରମିକ ରହିଛନ୍ତି। ଅଧିକ ରୋଜଗାର ଅନ୍ୱେଷଣରେ ଏମାନେ ନିଜ ଭିଟାମାଟି ଛାଡ଼ି ଅନ୍ୟ ଜାଗାକୁ ଯିବାକୁ ବାଧ୍ୟ ହୋଇଥାନ୍ତି। ସାମାଜିକ ଓ ଅର୍ଥନୈତିକ ଦୃଷ୍ଟିକୋଣରୁ ବିଚାର କଲେ ଏମାନେ ପ୍ରାୟ ନିମ୍ନ ଅର୍ଥନୈତିକ ଶ୍ରେଣୀର। ଆମ ଦେଶର ଉତ୍ତର–ପୂର୍ବ ଅଞ୍ଚଳ ଯଥା ଉତ୍ତରପ୍ରଦେଶ, ବିହାର, ପଶ୍ଚିମବଙ୍ଗ, ଓଡ଼ିଶା, ଝାଡ଼ଖଣ୍ଡ, ଛତିଶଗଡ଼ ଆଦି ରାଜ୍ୟର ଲୋକ ମୁଖ୍ୟତଃ ମହାରାଷ୍ଟ୍ର, ଗୁଜରାଟ, କର୍ଣ୍ଣାଟକ, ତାମିଲନାଡୁ, କେରଳ, ଆନ୍ଧ୍ର, ତେଲେଙ୍ଗାନା ପରି ପଶ୍ଚିମ ଓ ଦାକ୍ଷିଣାତ୍ୟରେ ଥିବା ରାଜ୍ୟମାନଙ୍କୁ କର୍ମସଂସ୍ଥାନ ଉଦ୍ଦେଶ୍ୟରେ ଯାଇଥାନ୍ତି। କିନ୍ତୁ କରୋନା ମହାମାରୀ ଯୋଗୁ ଭାରତର ସବୁଠାରୁ ବେଶି ଯଦି କିଏ ପ୍ରଭାବିତ ହୋଇଥାନ୍ତି, ସେମାନେ ହେଉଛନ୍ତି ପ୍ରବାସୀ ଶ୍ରମିକ। କରୋନା ପରିସ୍ଥିତିରେ ଶ୍ରମିକ ବାପୁଡ଼ା ନିଜ ଛୁଆପିଲାଙ୍କୁ ଧରି ଯେନତେନ ପ୍ରକାରେ ନିଜ ଗାଁରେ ପହଞ୍ଚିଲା ପରେ ଗାଁରେ ଲୋକଙ୍କ ସନ୍ଦେହୀ ଆଖିରୁ ମୁକୁଳିବା ପୂର୍ବରୁ ତା' ଆଗରେ ଠିଆ ହେଲା ଆଉ ଏକ ବଡ଼ ସମସ୍ୟା, ନିଜ ଜୀବନ ଜୀବିକା, ପେଟପାଟଣା, ଛୁଆପିଲାଙ୍କ ଭବିଷ୍ୟତ ଚିନ୍ତା। ଏହି ଶ୍ରମିକମାନେ ମୁଖ୍ୟତଃ ଅଣକୃଷି କ୍ଷେତ୍ର ଯଥା– ବିଭିନ୍ନ ସେବା, ନିର୍ମାଣ, କ୍ଷୁଦ୍ର ଓ ମଧ୍ୟମ ଶ୍ରେଣୀୟ ଶିଳ୍ପରେ କୁଶଳୀ ଓ ଅର୍ଦ୍ଧକୁଶଳୀ ଶ୍ରମିକ ଭାବେ କାର୍ଯ୍ୟ କରିଆସୁଥିଲେ। ଆଗରୁ ଏମାନଙ୍କ ପରିସଂଖ୍ୟାନ ବା ସ୍ଥିତି ଉପରେ କୌଣସି ସରକାର ବିଶେଷ ନଜର ଦେଉ ନ ଥିଲେ। ତଥ୍ୟ ଅନୁସାରେ ଏହି ପ୍ରବାସୀମାନେ ମୁଖ୍ୟତଃ ଯୁବବର୍ଗର।

ଏହି କୁଶଳୀ ମାନବ ସମ୍ବଳର ସୁବିନିଯୋଗ ଏବେ ସରକାରଙ୍କର ଚିନ୍ତାର ବିଷୟ। ଅନ୍‌ଲକ୍ ଆରମ୍ଭ ହେବା ପରଠାରୁ କିଛି ଶ୍ରମିକ ନିଜ ରାଜ୍ୟରେ କର୍ମସଂସ୍ଥାନର ଆଶା ନ ଦେଖି ପୁଣି ପୂର୍ବସ୍ଥାନକୁ ଫେରିବାକୁ ଅଣ୍ଟା ଭିଡ଼ିଲେଣି। ଆତ୍ମନିର୍ଭର ଭାରତ ଯୋଜନାରେ ଦେଶ ଏମାନଙ୍କୁ ନେଇ ସ୍ୱାବଲମ୍ବୀ ହେବାର ଆଶା ରଖିଛି। କିନ୍ତୁ ଏହାର କାର୍ଯ୍ୟାନ୍ୱୟନ କ'ଣ ସମ୍ଭବ, ଏଥିରେ ସେମାନଙ୍କର ଭାଗୀଦାରିତାକୁ କ'ଣ ସୁନିଶ୍ଚିତ କରାଯାଇପାରିବ? ଏହା ବର୍ତ୍ତମାନ ପରିସ୍ଥିତିରେ ସବୁଠୁ ବଡ଼ ପ୍ରଶ୍ନବାଚୀ।

ତଥ୍ୟ ଅନୁସାରେ ଓଡ଼ିଶାର ବହୁ ପ୍ରବାସୀ ମହାରାଷ୍ଟ୍ର, ଗୁଜରାଟ, କେରଳ, ତାମିଲନାଡୁ, ତେଲେଙ୍ଗାନା ପ୍ରଦେଶର ସୂତାକଳ, ଅଟୋମୋବାଇଲ୍ ଶିଳ୍ପ, ନିର୍ମାଣ ଶିଳ୍ପ, ହୋଟେଲ ଶିଳ୍ପ ସହ ବହୁ ଛୋଟ କାରଖାନାର କୁଶଳୀ ଶ୍ରମିକ ଭାବେ କାମ କରୁଥିଲେ। ନିଜ ଗାଁରେ ଚାକିରିଆ ହିସାବରେ ସମ୍ମାନ ପାଉଥିଲେ। ଏବେ ଗାଁରେ ମାଟି କାମ କରିବାକୁ ସେଥିରୁ କେତେ ଯୁବକ ଗ୍ରହଣ କରିବେ, ଏହା ବିଚାରଯୋଗ୍ୟ। ସେମାନଙ୍କ ପାଇଁ ଯୋଗ୍ୟତାଭିତ୍ତିକ କର୍ମସଂସ୍ଥାନ ଓ ରୋଜଗାର ଆବଶ୍ୟକତା ରହିଛି। ଓଡ଼ିଶା ଏକ ସମୃଦ୍ଧିଶାଳୀ ରାଜ୍ୟ ହେବାର ସମସ୍ତ ଯୋଗ୍ୟତା ଇତିମଧ୍ୟରେ ହାସଲ କରିସାରିଛି। ଏକ ଦୃଢ଼ ନେତୃତ୍ୱ, ସୁସ୍ଥ ପରିବେଶ, ପ୍ରଭୂତ ଜଳସମ୍ପଦ, ଖଣିଖାଦାନର କଞ୍ଚାମାଲ, ଗମନାଗମନର ଉତ୍କର୍ଷତା ସହ ଓଡ଼ିଶା ପାଇଁ ମନୋବଳ ଓ ଦୂରଦୃଷ୍ଟିସମ୍ପନ୍ନର ଆବଶ୍ୟକତା ରହିଛି। କପା ଉତ୍ପାଦନକାରୀ ବଲାଙ୍ଗୀର, କଳାହାଣ୍ଡି, ରାୟଗଡ଼ା ଅଞ୍ଚଳର ଶ୍ରମିକଙ୍କୁ ନେଇ ସୁରଟର ସୂତାକଳ ଚାଲିବା, ସୁରଟ ବ୍ୟବସାୟୀ ଏ ଅଞ୍ଚଳରେ ପୁଞ୍ଜିବିନିଯୋଗ କରିବାକୁ ଆଗ୍ରହ ନ ଦେଖାଇବା, ଓଡ଼ିଶା ବ୍ୟବସାୟୀ ଉତ୍ପାଦିତ କପାକୁ ଶିଳ୍ପଭିତ୍ତିକ ନ କରିବା ତଥା ଓଡ଼ିଶାର ସବୁ ସୂତାକଳ ବନ୍ଦ ହୋଇଯିବା ଆମ ଯୋଜନାରେ ଥିବା ଛିଦ୍ରଗୁଡ଼ିକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ୪୮୦ କିମି ଦୀର୍ଘ ସମୁଦ୍ରତଟ ତଥା ପ୍ରଚୁର ସ୍ୱଚ୍ଛଜଳରେ ଭରପୂର ନଦନଦୀରେ ପରିପୂର୍ଣ୍ଣ ଓଡ଼ିଶା ତା'ର ପ୍ରାକୃତିକ ସମ୍ପଦକୁ ସୁବିନିଯୋଗ କରିପାରୁନି। ଶିଳ୍ପ କେବଳ ଭାରିଶିଳ୍ପ ଓ ଖଣିଭିତ୍ତିକ ହୋଇ ରହିଯାଇଛି। ଗାଁର ଯୁବକମାନଙ୍କୁ କୃଷି କ୍ଷେତ୍ରରେ ବାନ୍ଧି ରଖିବାକୁ ଆମେ ସେମିତି ସୁଯୋଗ ସୃଷ୍ଟି କରିପାରିଛନ୍ତି କି? ବାରମ୍ବାର ପ୍ରାକୃତିକ ବିପର୍ଯ୍ୟୟରେ ପ୍ରପୀଡ଼ିତ ଓଡ଼ିଶାର କୃଷକ ତା' ପୁଅକୁ ଚାଷ ଜମିକୁ ପଠାଇବାକୁ ରାଜି ହେବ ତ? ଏ ସବୁ ପ୍ରଶ୍ନକୁ ଆଖି ଆଗରେ ରଖି ଆମକୁ ତ୍ୱରିତ ଯୋଜନା ପ୍ରସ୍ତୁତ କରିବାକୁ ପଡ଼ିବ। ପ୍ରଥମରେ ଫେରନ୍ତା ପ୍ରବାସୀ ଯୁବ ବନ୍ଧୁଙ୍କ ପାଇଁ ଉପଯୁକ୍ତ ଅଣକୃଷି ସଂସ୍ଥାନର ବ୍ୟବସ୍ଥା କରିବାକୁ ପଡ଼ିବ, ସେମାନେ ଯେଉଁଥିରେ କୁଶଳୀ, ହୁଏତ ତାହା ଏବେ ଯୋଗାଇବା ସମ୍ଭବ ହୋଇ ନ ପାରେ। କିନ୍ତୁ କ୍ଷୁଦ୍ର ବ୍ୟବସାୟୀ, କୃଷିଜାତ ପଦାର୍ଥର ବ୍ୟବସାୟ, ଯାନ୍ତ୍ରିକରଣ, କ୍ଷୁଦ୍ର ଯାନ୍ତ୍ରିକ ଶିଳ୍ପ, ପ୍ଲାଷ୍ଟିକ୍ ଶିଳ୍ପ, ଖେଳନା ଶିଳ୍ପ ଏସବୁକୁ ପ୍ରୋତ୍ସାହିତ କରିବାକୁ ପଡ଼ିବ। ଦ୍ୱିତୀୟରେ କୃଷି କ୍ଷେତ୍ରକୁ ଆହୁରି ସଂଗଠିତ, ମଜଭୁତ, ବଜାରାଭିମୁଖୀ ଓ ନିଶ୍ଚିତ ରୋଜଗାରଭିତ୍ତିକ କରିବାକୁ ହେବ। ରାଜ୍ୟରେ ପଶୁପାଳନ ଓ ମତ୍ସ୍ୟ ସମ୍ପଦରେ ଥିବା ସମ୍ଭାବନା ସମ୍ପର୍କରେ ସେମାନଙ୍କୁ ଅବଗତ କରିବାକୁ ପଡ଼ିବ। ମାନସିକ ସ୍ତରରେ ହତାଶ ହୋଇଯାଉଥିବା ଯୁବ ପ୍ରବାସୀ ଶ୍ରମିକଙ୍କ ମନୋବଳ ବଢ଼ାଇ ତାଙ୍କ ନିକଟରେ ବିକଳ୍ପ ରୋଜଗାର ପନ୍ଥା ରଖି ତାଙ୍କ ସହ କାନ୍ଧକୁ କାନ୍ଧ ମିଳାଇ ଚାଲିବାର ସମୟ ଏବେ ଉପନୀତ। ଏଥିପାଇଁ ସରକାରୀ ସ୍ତରରେ ଦୃଢ଼ ମାନସିକତା, ସୁଚିନ୍ତିତ ବିକାଶୋନ୍ମୁଖୀ ଯୋଜନା ଓ ତା'ର ଉତ୍ତମ କାର୍ଯ୍ୟାନ୍ୱୟନର ଆବଶ୍ୟକତା ରହିଛି। ଏହା ହିଁ ପ୍ରବାସୀମାନଙ୍କୁ ଉପଯୁକ୍ତ ବାସ ଦେଇପାରିବ ଓ ଏକ ସମୃଦ୍ଧ ଓଡ଼ିଶା ଗଠନରେ ସହାୟକ ହୋଇପାରିବ।

sujitnath75@gmail.com

## ଏଇ ଭାରତରେ

ନିଜସ୍ୱ ଉଦ୍ୟମରେ ରୋଜଗାର କରି ଗାଁର ବିକାଶରେ ବ୍ୟୟ କରୁଥିବା ମେଘାଳୟର ମିଲେଲ୍ୟାଣ୍ଡ ମରାକ୍ ଅନ୍ୟମାନଙ୍କ ଲାଗି ଉଦାହରଣ ପାଲଟିଛନ୍ତି। ତାଙ୍କୁ ବୟସ ୪୯। ରହୁଛନ୍ତି ୱେଷ୍ଟଗାରୋ ହିଲ୍ସର ଗାନୋଲ୍‌ଗ୍ରେ ଗାଁରେ। ସେ ଗାଁ ଲୋକଙ୍କ ମାଧ୍ୟମରେ ଆଲୋଭେରା ବା ଘିକୁଆଁରୀ ଚାଷ କରାଉଛନ୍ତି। ଏଥିରୁ ଯାହା ଲାଭ ହେଉଛି ତାହାକୁ ଗାଁର ରାସ୍ତା ଓ ପାଇଖାନା ନିର୍ମାଣରେ ବ୍ୟୟ କରୁଛନ୍ତି। ଲେଲ୍ୟାଣ୍ଡ ୧୯୯୫ରୁ ଜେଙ୍ଗ୍‌ଜାଲ ପ୍ରାଥମିକ ସ୍କୁଲରେ ଶିକ୍ଷକ ରହି ମଧ୍ୟ ଲୋକମାନଙ୍କ ଜୀବନଶୈଳୀରେ ପରିବର୍ତ୍ତନ ଆଣିପାରିଛନ୍ତି। ସେ ୭୮ ଜଣିଆ ସଦସ୍ୟ ବିଶିଷ୍ଟ ଏକ ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ କରି ସେମାନଙ୍କ ସହଯୋଗରେ ଆଲୋଭେରା ପ୍ରୋସେସିଂ ୟୁନିଟ୍ ପ୍ରତିଷ୍ଠା କରିଛନ୍ତି। ସେମାନେ ସାବୁନ ଓ ଜେଲ୍ ଆଦି ପ୍ରସ୍ତୁତ କରି ବିକ୍ରି କରୁଛନ୍ତି। ପ୍ରଥମରୁ ଏସ୍‌ଏଚ୍‌ଜିର ଆୟ ବାର୍ଷିକ ୭ ଲକ୍ଷ ଥିବାବେଳେ ୨୦୧୯ରେ ଏହା ୨୦ ଲକ୍ଷ ଲାଭ କରିପାରିଛି। ଏହି ଟଙ୍କାରେ ପ୍ରତି ଘରେ ପାଇଖାନା ଏବଂ ଗାଁ ରାସ୍ତା ଓ କଲଭର୍ଟ ନିର୍ମାଣ ହେଉଛି। ଲେଲ୍ୟାଣ୍ଡ୍ ଗ୍ରାମବାସୀଙ୍କୁ ପଶୁପାଳନ, ମାଛଚାଷ ଓ ଜୈବିକକୃଷି ଉପରେ ପ୍ରଶିକ୍ଷଣ ଦେବାର ବ୍ୟବସ୍ଥା କରିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୧୬ ସେପ୍ଟେମ୍ବର ୧୯୯୫

- ମାଲେସିଆରେ ଏକ ବିମାନ ଦୁର୍ଘଟଣାଗ୍ରସ୍ତ ହେବାରୁ ୩୪ଜଣ ପ୍ରାଣ ହରାଇଛନ୍ତି।
- ସର୍ବୀୟ ପ୍ରଧାନମନ୍ତ୍ରୀ ସ୍ଲୋବୋଦାନ ମିଲୋସେଭିକ ସାରାୟେଭୋରୁ ସାମରିକ ଘାଟି ଉଠାଇ ନେବା ନେଇ ରାଜି ହେବା ପରେ ନାଟୋ ପକ୍ଷରୁ ବିମାନ ଆକ୍ରମଣକୁ ବନ୍ଦ କରିଦିଆଯାଇଛି।
- ବିବାଦୀୟ 'ଗଡ୍ ମ୍ୟାନ୍' ଚନ୍ଦ୍ରାସ୍ୱାମୀଙ୍କୁ ଗିରଫ କରିବା ଲାଗି ଆଭ୍ୟନ୍ତରୀଣ ନିରାପତ୍ତା ମନ୍ତ୍ରୀ ରାଜେଶ ପାଇଲଟ ନିର୍ଦ୍ଦେଶ ଦେଇଛନ୍ତି।

## su|do|ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | | | | | | 9 | | | 7 | 2 | 5 |
| | | | 3 | 9 | E | | | | | 6 | | 0 | | |
| | | | | | | | C | | E | | 0 | D | | |
| | | D | | 1 | | | | 2 | | | | | A | |
| | | | | | | 3 | | | | 8 | | C | | B |
| 9 | | | | | | B | | | | | A | 3 | | D |
| | 3 | | | | B | 1 | 0 | C | | | 6 | A | 8 | |
| | | 8 | 0 | 5 | | | | | D | | | E | | |
| B | | | | 7 | | | | 8 | | 2 | | | | C |
| | | | | | 8 | A | D | | | B | 4 | 2 | | 6 |
| | B | | C | | A | 6 | | | | | D | | | |
| | | | | 4 | | 9 | 7 | D | A | C | B | 8 | E | |
| | 9 | | D | 0 | | 4 | | E | | | | | | |
| 4 | | 7 | | 6 | | | A | | | 3 | 8 | B | | |
| | | 1 | | | | | 3 | | | 5 | E | | 4 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 1 | B | 3 | D | 9 | 0 | C | 5 | 6 | 2 | 8 | 4 | A | E | 7 |
| 4 | 5 | 7 | A | E | 1 | 2 | 8 | 9 | B | 3 | 0 | D | C | 6 |
| 9 | D | E | 8 | 4 | C | 7 | B | A | 6 | 5 | 1 | 2 | 3 | 0 |
| 2 | A | C | B | 3 | 6 | 0 | 4 | 1 | D | 7 | E | 5 | 8 | 9 |
| 6 | 8 | 0 | 7 | 2 | 5 | E | 3 | D | C | A | 9 | 1 | B | 4 |
| 3 | 9 | 8 | 2 | C | 4 | 1 | 0 | 7 | A | D | 5 | B | 6 | E |
| E | 4 | 5 | 1 | D | 9 | 3 | 6 | B | 7 | 0 | C | 8 | A | 2 |
| B | 2 | 1 | E | A | 3 | 9 | D | 5 | 4 | 6 | 8 | 0 | 7 | C |
| D | 7 | A | 0 | 6 | B | 8 | C | 2 | 1 | E | 3 | 4 | 9 | 5 |
| 0 | C | 6 | 5 | 7 | 8 | A | E | 4 | 9 | 2 | B | 3 | 1 | D |
| C | 3 | B | 4 | 0 | 2 | D | 7 | 8 | E | 1 | 6 | 9 | 5 | A |
| 8 | 1 | 9 | 6 | 5 | 7 | 4 | 2 | 0 | 3 | C | A | E | D | B |
| A | 0 | 4 | 9 | 8 | E | 6 | 1 | C | 5 | B | D | 7 | 2 | 3 |
| 7 | 6 | D | 3 | B | A | 5 | 9 | E | 8 | 4 | 2 | C | 0 | 1 |
| 5 | E | 2 | C | 1 | D | B | A | 3 | 0 | 9 | 7 | 6 | 4 | 8 |

ଗତକାଲିର ଉତ୍ତର

# ଅଦୃଶ୍ୟ ଯୁଦ୍ଧ ଆଉ କେତେ ଦିନ



ଡ. ଅଜୟ କୁମାର ନନ୍ଦ

ଜୀବନରେ ସାମ୍ନା କରି ନ ଥିବା ଏକ ଅଦୃଶ୍ୟ ଯୁଦ୍ଧରେ ଆମେ ସମସ୍ତେ ଜଣେ ଜଣେ ଶୃଙ୍ଖଳିତ ଯୋଦ୍ଧା। ଏଇ ଭିତରେ ଆମେ ଅନେକ ପରିବର୍ତ୍ତନ ଓ ପରିସ୍ଥିତି ସହ ଖାପ ଖୁଆଇ ସାରିଲୁଣି। କେଉଁଠି ଜୀବନ ହରାଇବାକୁ ପଡୁଛି ତ କେଉଁଠି ଜୀବିକା ବିପନ୍ନ ହେବାରେ ଲାଗିଛି। ସାମ୍ପ୍ରତିକ ପରିସ୍ଥିତିରେ ପିଲାଠାରୁ ବୃଦ୍ଧ, ଗରିବଠାରୁ ଧନୀ, ଶ୍ରମିକଙ୍କଠାରୁ ଶିଳ୍ପପତି ସମସ୍ତେ ପ୍ରଭାବିତ। ଅଦୃଶ୍ୟ ମହାମାରୀ ଭୂତାଣୁରେ ମାନବ ସମାଜ ସଂକ୍ରମିତ ହେବାରେ ଲାଗିଛି। ବିଶ୍ୱର ଦ୍ୱିତୀୟ ଜନବହୁଳ ରାଷ୍ଟ୍ର ଭାରତ କିଛିଦିନ ପରେ ବିଶ୍ୱ ସଂକ୍ରମଣ ତାଲିକାର ଶୀର୍ଷ ସ୍ଥାନ ମଣ୍ଡନ କରିବ,ଏଥିରେ ଦ୍ୱିମତ ନାହିଁ। ଆଶ୍ୱସ୍ତିର ଖବର ଏୟା ଯେ, ଆମ ଦେଶର ଆରୋଗ୍ୟ ହାର ତୁଳନାତ୍ମକ ଭାବେ ଅନ୍ୟ ଦେଶ ଠାରୁ ଅଧିକ। ସଦ୍ୟ ପ୍ରକାଶିତ ଭାରତ ସରକାରଙ୍କ ବାୟୋଟେକ୍ନୋଲୋଜି ବିଭାଗ ଅଧୀନସ୍ଥ ଜୀବ ବିଜ୍ଞାନ ପ୍ରତିଷ୍ଠାନ (ଆଇଏଲ୍ ଏସ୍)ର ତଥ୍ୟ ଅନୁଯାୟୀ ଗତ ମାର୍ଚ୍ଚ ମାସରୁ ଜୁଲାଇ ମାସ ମଧ୍ୟରେ ସଂଗୃହୀତ ୨୨୫ ଭାଇରାଲ୍ ଜୀନୋମ୍ ପରୀକ୍ଷଣରୁ ଏହା ପାଞ୍ଚଟି ନୂଆ ରୂପରେ ଆମ ରାଜ୍ୟରେ ଆବିର୍ଭୂତ ହୋଇଛି। ରୂପ ଅନୁଯାୟୀ ତା'ର ଏପରି ନାମକରଣ ୧୯ଏ, ୧୯ବି, ୨୦ଏ, ୨୦ବି ଓ ୨୦ସି ଅନେକଙ୍କୁ ଆଶ୍ଚର୍ଯ୍ୟ କରିଛି। ସେହିପରି ୨୦ଏ ଓ ୨୦ବି ଭାରତରେ ଦ୍ରୁତ ସଂକ୍ରମଣ ବଢାଇବାରେ ସହାୟକ ହେଉଥିଲା ବେଳେ ୨୦ସି ଓଡ଼ିଶାର ଦ୍ରୁତ ସଂକ୍ରମଣର ମଙ୍ଗ ଧରିଛି। ଏହି ନୂତନ ସଂକ୍ରମଣର ତଥ୍ୟ କୋଭିଡ୍ ୧୯ ଗବେଷଣା ଦିଗରେ ବିଶେଷ ସହାୟକ ହେବ ବୋଲି ଗବେଷକମାନେ ମତବ୍ୟକ୍ତ କରୁଛନ୍ତି। ଅପରପକ୍ଷେ ଏକ ଆନୁମାନିକ ତଥ୍ୟ ଅନୁସାରେ ସେପ୍ଟେମ୍ବର ମାସରେ କରୋନା କ୍ଲିନ୍ ହୋଇଯିବ ବୋଲି ପୂର୍ବାନୁମାନ ଲଗାଇଛି। ଆମେ କେଉଁଟିକୁ ଆଶ୍ୱସ୍ତି ବୋଲି ଧରିନେବା ? ଉଭୟ ଜୀବିକା ଓ ଜୀବନକୁ ନେଇ ଆଗକୁ ବଢ଼ିବାର ଅନିଶ୍ଚିତତା ନେଇ ଅନେକେ ସଂଶୟ ବ୍ୟକ୍ତ କରିଛନ୍ତି। ଦୀର୍ଘଦିନ ଧରି ତାଲାବନ୍ଦର ପ୍ରଭାବରେ ପୁଞ୍ଜି ବଜାରରେ ମାନ୍ଦାବସ୍ଥା ଲାଗି ରହିବା ଦେଶର ଜିଡିପି ଚାରି ପ୍ରତିଶତ ଆଡ଼କୁ ଅଗ୍ରସର ହେବା, ଡଲାର ତୁଳନାରେ ଟଙ୍କାର ମୂଲ୍ୟ ହ୍ରାସ, ରପ୍ତାନି ବାଣିଜ୍ୟ ବାଧାପ୍ରାପ୍ତ ହେବା ଓ ରାଜସ୍ୱ ଆଦାୟ ହ୍ରାସ ଇତ୍ୟାଦି ପ୍ରମୁଖ ଚିନ୍ତାର କାରଣ। ଏପରି କି କ୍ରମାଗତ ଭାବେ ପେଟ୍ରୋଲ ଡିଜେଲ ଦର ବଢ଼ି ଚାଲିବା ଫଳରେ ଦରଦାମ ବୃଦ୍ଧି ଆଉ ଏକ ସମସ୍ୟା ଭାବେ ମୁଣ୍ଡ ଟେକୁଛି। ଏପରି ସ୍ଥିତିରେ ଦେଶ ତଥା ରାଜ୍ୟର ଆର୍ଥିକ ଅବସ୍ଥାରେ ସୁଧାର ନ ଆସିବା, ଦିନକୁ ଦିନ ଋଣଭାର ବୃଦ୍ଧି ଓ ନିମ୍ନଗାମୀ ଅଭିବୃଦ୍ଧି ହାର ଅର୍ଥନୀତି ସୁଧାରିବା ନେଇ ଚ୍ୟାଲେଞ୍ଜ ହେବ।

ପୂର୍ବରୁ ଆମେ ଅନେକ ପ୍ରାକୃତିକ ବିପର୍ଯ୍ୟୟ ଓ ଭୂତାଣୁ ସଂକ୍ରମଣ ସାରସ୍ ହେଉ କି ପ୍ଲେଗ ହେଉ ନତୁବା ଇବୋଲା ହେଉ ଏ ସମସ୍ତ ଭୂତାଣୁ ସ୍ୱଳ୍ପ ସମୟ ତିଷ୍ଠି ଥିଲେ ମଧ୍ୟ ଜୀବନ ଓ ଜୀବିକା ବିପର୍ଯ୍ୟସ୍ତ ହୋଇ ନ ଥିଲା। କିନ୍ତୁ କୋଭିଡ୍ ୧୯ ଭୂତାଣୁ ସମସ୍ତଙ୍କର ନିଦ ହଜାଇ ଦେଇଛି। ତେବେ ବର୍ତ୍ତମାନର ବିପର୍ଯ୍ୟସ୍ତ ଶିକ୍ଷା କ୍ଷେତ୍ରରେ ଅନଲାଇନ୍ ଶିକ୍ଷା ବ୍ୟବସ୍ଥାରେ ସହରାଞ୍ଚଳ ପିଲାମାନେ କିଛିଟା ଉପକୃତ ହୋଇଥିଲେ ମଧ୍ୟ ଉପାନ୍ତ ତଥା ଗ୍ରାମାଞ୍ଚଳ ପିଲାମାନେ ପାଠପଢ଼ାରେ ପଛାଇ ଯାଇ ଅବସାଦର ଶିକାର ହେଉଛନ୍ତି। କେଉଁଠି ବିଜୁଳି ସରବରାହ ବିଚ୍ଛିନ୍ନ ତ କେଉଁଠି ନେଟୱର୍କର ଅସୁବିଧା। ସମ୍ପୂର୍ଣ୍ଣ ସ୍ଥାଣୁ ପାଲଟି ଥିବା ଶିଳ୍ପ ଓ ପର୍ଯ୍ୟଟନ କ୍ଷେତ୍ରରେ ସଂଶ୍ଳିଷ୍ଟ ଅନେକ ବ୍ୟବସାୟୀ, ଶ୍ରମିକ, ବସ କର୍ମଚାରୀ, ହୋଟେଲ କର୍ମଚାରୀ ପ୍ରମୁଖ ଦୀର୍ଘଦିନ ଧରି ସମସ୍ୟାରେ ପଡିଛନ୍ତି। ଗର୍ଭବତୀ ମହିଳାମାନେ ଚିନ୍ତାରେ ରହୁଛନ୍ତି। ସେମାନେ ଠିକ୍ ସମୟରେ ଡାକ୍ତରଙ୍କ ପରାମର୍ଶ ତଥା ଅନ୍ୟାନ୍ୟ ପରୀକ୍ଷାରୁ ବଞ୍ଚିତ ହେବା ଲକ୍ଷ୍ୟ କରାଯାଉଛି। ଗର୍ଭବତୀମାନଙ୍କୁ ବାରଣ ବାହାରକୁ ଆସିବା ପାଇଁ। ଏସବୁ ଭର୍ଚୁଆଲ୍ କେତେ ସମ୍ଭବ।

ବୟୋଜ୍ୟେଷ୍ଠ ଓ ଶିଶୁଙ୍କ ଅବସ୍ଥା ମଧ୍ୟ ତଦ୍ରୂପ। ସେମାନେ ସବୁ ଗୃହବନ୍ଦୀ କାରାଗାରରେ ଜଣେ ଜଣେ ଶୃଙ୍ଖଳିତ ସଦସ୍ୟ। ଏମିତି ଅବସ୍ଥା ଦୀର୍ଘଦିନ କାହା ପାଇଁ ବି ଫଳପ୍ରଦ ହେବ ନାହିଁ। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଆମକୁ ଚେତେଇ ସାରିଲାଣି ଯେ ଏପରି ଭୂତାଣୁ ସହିତ ଜଡ଼ିତ ହୋଇ ବଞ୍ଚିବାକୁ ହେବ। ଭବିଷ୍ୟତରେ ଏପରି ଅନେକ ଭୂତାଣୁ ଯେ ଜନ୍ମ ନ ନେବେ ଏକଥା କିଏ କହିବ। ଅନେକ ସ୍ୱାସ୍ଥ୍ୟ ଗବେଷକଙ୍କ ମତରେ ସମସ୍ତ ଭୂତାଣୁ ପାଇଁ ନିଜ ନିଜ ଶରୀରରେ ଥିବା ରୋଗ ପ୍ରତିରୋଧକ ଶକ୍ତି ହିଁ ଅପରାଜେୟ ଅସ୍ତ୍ର। ତେବେ ଆମକୁ ଏହା ସ୍ୱୀକାର କରିବାକୁ ପଡ଼ିବ ଯେ ଆମ ଶରୀରର ରୋଗ ପ୍ରତିରୋଧକ ଶକ୍ତି କିପରି ବଢାଇବା। ଏହାକୁ ଏକ ବ୍ୟକ୍ତିଗତ ଶପଥ ରୂପେ ନେବା ଓ କାର୍ଯ୍ୟକାରୀ କରିବା। ଶରୀରକୁ ଫିଟ୍ ରଖିବାକୁ ହେଲେ ମୁନି ଋଷିମାନଙ୍କ ପାରମ୍ପରିକ ପଦ୍ଧତି, ଯୋଗ, ପ୍ରାଣାୟାମ ଇତ୍ୟାଦିକୁ ଆମ ଜୀବନର ଏକ ବାଧ୍ୟତାମୂଳକ ସମୟ ବୋଲି ଧରି ନେବା ଓ ଏହାର ଉପଯୋଗ କରିବା। ନିଜର ଜୀବନଶୈଳୀକୁ ସରଳ ରଖିବା ସହିତ ଖାଦ୍ୟପେୟରେ ପରିବର୍ତ୍ତନ କରିବା। ସ୍କୁଲ ପିଲାଙ୍କ ପାଠପଢା ରୁଟିନ୍ ଭଳି ସୁଷମ ଖାଦ୍ୟପେୟର ରୁଟିନ୍ ଆମ ସ୍ୱାସ୍ଥ୍ୟରେ ଅନେକ ପରିବର୍ତ୍ତନ ଆଣିପାରିବ। ଏହା ସହିତ ନୀରୋଗ ଓ ସୁସ୍ଥ ଜୀବନଯାପନ କରିପାରିବା,ଏପରି ଅନେକ ଭୂତାଣୁ ସହିତ ମିଶି। ବର୍ତ୍ତମାନର ଘୋଷିତ ନିୟମକୁ ଏକ ପ୍ରତିକାର ବୋଲି ଅନେକ ନାପସନ୍ଦ କରୁଛନ୍ତି। ତେବେ ସମୟ ଦେଇଥିବା ଶିକ୍ଷାର ଉପଯୁକ୍ତ ବିନିଯୋଗ ନ କରିପାରିଲେ ଭବିଷ୍ୟତରେ ଆମକୁ ଅନେକ ବିପର୍ଯ୍ୟୟର ସାମ୍ନା କରିବାକୁ ପଡିବ ଏହା ଅବଶ୍ୟମ୍ଭାବୀ।

ବିଶ୍ୱନାଥ କୁଟୀର, ନୀଳକଣ୍ଠପୁର, ପୁରୀ
ajayakumarnanda@gmail.com

## ପାଠକ ଶ୍ରେଷ୍ଠ ବିଚାରକ

### ଆତ୍ମହତ୍ୟା ଏକ ଦୁର୍ବଳ ମାନସିକତା

ମହାଶୟ,

ଖବରକାଗଜ ପୃଷ୍ଠା ଲେଉଟାଇଲେ ପ୍ରତିଦିନ ଆତ୍ମହତ୍ୟାର ଖବର ନଜରକୁ ଆସୁଛି। ଅଭିନେତା, ଅଭିନେତ୍ରୀ, ରାଜନେତା, ଡାକ୍ତର, ଇଂଜିନିୟର, ବଳାତ୍କାରର ଶିକାର ହୋଇଥିବା ପୀଡିତାମାନେ ଆତ୍ମହତ୍ୟା ଭଳି ଦୁଃଖଦ ବାଟକୁ ବାଛି ନେଉଛନ୍ତି। ଦୁଃଖ ଓ ପରିତାପର ବିଷୟ ଏହି ଯେ, ଯେଉଁ ଭାରତବର୍ଷ ସାରା ବିଶ୍ୱକୁ ଧୈର୍ଯ୍ୟ, ଶାନ୍ତି ଓ ସହନଶୀଳତାର ପାଠ ପଢ଼େଇ ଥାଏ, ସେଇଠି ଆଜି ଆତ୍ମହତ୍ୟା ଘଟଣା ବଢ଼ି ଚାଲିଛି ଅଣାୟତ୍ତ ଭାବେ। ଆମର ମହାନ୍ ଗ୍ରନ୍ଥ ରାମାୟଣର ମର୍ଯ୍ୟାଦାପୁରୁଷ ରାମଚନ୍ଦ୍ର ଓ ମହାଭାରତର ମହାନାୟିକା ଦ୍ରୌପଦୀଙ୍କ ଅସମୀ ଧୈର୍ଯ୍ୟ, ସହନଶୀଳତା ଓ ଦୃଢ଼ ମନୋବଳ ଆମକୁ ପ୍ରଭାବିତ କରିପାରିଲା ନାହିଁ ଯେ ଆମେ ଆତ୍ମହତ୍ୟା ଭଳି ଚରମ ପନ୍ଥାକୁ ବାଛି ନେଉଛୁ। ଏଭଳି ଘଟଣା ଦୁର୍ବଳ ମାନସିକତା ଛଡ଼ା ଆଉ କିଛି ନୁହେଁ। ଆତ୍ମହତ୍ୟାର କାରଣ ଯାହା ହେଉନା କାହିଁକି ଆମେ ଭାଙ୍ଗି ନ ପଡ଼ି ଧୈର୍ଯ୍ୟର ସହ ଏହାର ମୁକାବିଲା କରି ଆତ୍ମହତ୍ୟାରୁ ନିବୃତ୍ତ ରହିବା ଉଚିତ।

**ଭଗବାନ ଦାସ, ହରିନିବାସ, ନାରାୟଣପୁର, କେନ୍ଦ୍ରାପଡ଼ା**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

### ଚିରନ୍ତନୀ

ମନର ବାସନା ଆଖିର ତୃଷା
ଦେହର ତାପ
ରସନା ଲୋଡ଼ଇ ରସର ସ୍ୱାଦୁ
ସେ କିବା ପାପ ?

(ପ୍ରାଚୀନ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ଭାଜପା ପକ୍ଷରୁ ସେବା ସପ୍ତାହ ପାଳନ

ଛତ୍ରପୁର, ୧୫।୯(ଡି.ଏନ୍.ଏ. )- ଛତ୍ରପୁର ଭାଜପା ଅସ୍ଥାୟୀ କାର୍ଯ୍ୟାଳୟ ଠାରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମ ଦିନ ଅବସରରେ ମଙ୍ଗଳବାର ସେବା ସପ୍ତାହ ପାଳନ କରାଯାଇଛି। ଏଥିରେ ଛତ୍ରପୁର ଏନ୍‌ଏସିର କୃଷକ ବଜାର ରାସ୍ତାରେ ଚାରା ରୋପଣ କରାଯାଇଛି। ଯୁବ ନେତା ପ୍ରଶାନ୍ତ କୁମାର କରଙ୍କ ନେତୃତ୍ୱରେ ସାମାଜିକ ଦୂରତ୍ୱ ରଖି ଏହି କାର୍ଯ୍ୟକ୍ରମ ହୋଇଛି। କାର୍ଯ୍ୟକ୍ରମରେ ଛତ୍ରପୁର ମଣ୍ଡଳର ସଭାପତି ସଞ୍ଜିତ କୁମାର ରାଉଳ, ସମ୍ପାଦକ ଅମରେଶ କୁମାର ମହାରଣା,ସୁରେଶ ରେଡ୍ଡୀ, ପୂର୍ବତନ ଛତ୍ରପୁର ମଣ୍ଡଳ ସଭାପତି ପ୍ରଦୀପ କୁମାର ପାଢ଼ୀ, ବସନ୍ତ ବେହେରା ପ୍ରମୁଖ ଯୋଗ ଦେଇଥିଲେ।

**ସଂକ୍ଷେପରେ**

## ବିଚାରାଧୀନ କଏଦୀଙ୍କ ମୃତ୍ୟୁ

କଟକ ରୋଡ,୧୫।୯(ଡି.ଏନ୍.ଏ.): କଟକ ବଡ଼ ମେଡିକାଲରେ ସୋମବାର ଭୁବନେଶ୍ୱର ଝାରପଡ଼ା ସ୍ୱତନ୍ତ୍ର ଜେଲରେ ବିଚାରାଧୀନ ଭାବେ ସଜା କାଟୁଥିବା ଜଣେ କଏଦୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବ୍ରହ୍ମପୁର ପ୍ରତାପନଗର ଲେନ-୨ରେ ରହୁଥିବା ଯୁଗଳ ମାଧବ ଖଣ୍ଡୁଆଳ(୫୬)। ସୂଚନା ଅନୁଯାୟୀ, ୨୦୧୯ ମେ' ମାସରେ ଯୁଗଳ ଏକ ଠକେଇ ମାମଲାରେ ଗିରଫ ହୋଇ ଜେଲରେ ଥିଲେ। ଗତ ୧୩ତାରିଖ ସନ୍ଧ୍ୟାରେ ତାଙ୍କୁ ଜ୍ୱର ହେବା ପରେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ପରେ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ୧୪ତାରିଖ ମଧ୍ୟାହ୍ନ ପ୍ରାୟ ୧୨ଟାରେ ସେଠାରେ ଯୁଗଳଙ୍କ ମୃତ୍ୟୁ ଘଟିଥିବା ଜେଲ ଅଧୀକ୍ଷକ ଧୀରେନ୍ଦ୍ରନାଥ ବାରିକ କହିଛନ୍ତି। ଚିକିତ୍ସା ସମୟରେ ଯୁଗଳଙ୍କ କୋଭିଡ୍ ପରୀକ୍ଷା କରାଯିବା ପରେ ରିପୋର୍ଟ ପଜିଟିଭ୍ ଆସିଥିଲା ବୋଲି ଅଧୀକ୍ଷକ ବାରିକ କହିଛନ୍ତି।

## ୩ ହଜାର ଟପିଲା କରୋନା ସଂକ୍ରମଣ

ଫୁଲବାଣୀ ଅଫିସ, ୧୫।୯-କନ୍ଧମାଳ ଜିଲାରେ ମଙ୍ଗଳବାର ନୂଆ ୯୫ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ୩୩ ଜଣ ମହିଳା ଓ ୬୨ ଜଣ ପୁରୁଷ ଅଛନ୍ତି। ଫୁଲବାଣୀରୁ ୧୮ ଜଣ ଚିହ୍ନଟ ହୋଇଥିବା ବେଳେ ଟିକାବାଲିରୁ ୪, ଜି ଉଦୟଗିରିରୁ ୮, କେ ନୂଆଗାଁରୁ ୮, ଚକାପାଦରୁ ୮, ଖଜୁରିପଡାରୁ ୫, କୋଟଗଡରୁ ୧, ଦାରିଙ୍ଗବାଡିରୁ ୧୮, ତୁମୁଡିବନ୍ଧରୁ ୨, ରାଇକିଆରୁ ୧୧, ବାଲିଗୁଡ଼ାରୁ ୮, ଫିରିଙ୍ଗିଆରୁ ୧ ଓ ଜିଲା ବାହାରୁ ୩ ଜଣ ଚିହ୍ନଟ ହୋଇଛନ୍ତି। ଏହି ସଂକ୍ରମିତଙ୍କୁ ମିଶାଇ ଜିଲାରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୩୦୧୭ରେ ପହଞ୍ଚିଛି। ସେହିପରି ଜିଲାରେ ଏ ପର୍ଯ୍ୟନ୍ତ ୧୭ ଜଣଙ୍କର ମୃତ୍ୟୁ ଘଟିଛି।

## ଇଂରାଜୀ ମାଲପ୍ରାକ୍ଟିସରେ ଧରାପଡ଼ିଲେ ୨ ପରୀକ୍ଷାର୍ଥୀ

ବ୍ରହ୍ମପୁର ଅଫିସ,୧୫।୯: ମାଟ୍ରିକ ସପ୍ଲିମେଣ୍ଟାରୀ ପରୀକ୍ଷାର ମଙ୍ଗଳବାର ଦ୍ୱିତୀୟ ଦିବସ ଥିଲା। ଦ୍ୱିତୀୟ ଦିନରେ ହୋଇଥିବା ଇଂରାଜୀ ବିଷୟ ପରୀକ୍ଷାରେ ୨ ଜଣ ପରୀକ୍ଷାର୍ଥୀ ମାଲପ୍ରାକ୍ଟିସରେ ବୁକ ହୋଇଥିବା ଜଣାପଡିଛି। ତେବେ ଉଭୟ ପରୀକ୍ଷାର୍ଥୀ ଷ୍ଟେଟ ଓପନ ସ୍କୁଲ ସାର୍ଟିଫିକେଟ ପରୀକ୍ଷା ଦେଉଥିବା ନେଇ ଡିଇଓଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି। ମଙ୍ଗଳବାର ଗଞ୍ଜାମ ଜିଲାରେ ଚିହ୍ନଟ ହୋଇଥିବା ୧୨ ଟି ପରୀକ୍ଷା କେନ୍ଦ୍ରରେ ମୋଟ ୨୦୩୭ ପରୀକ୍ଷାର୍ଥୀ ସପ୍ଲିମେଣ୍ଟାରୀ ଓ ଷ୍ଟେଟ ଓପନ ସ୍କୁଲ ସାର୍ଟିଫିକେଟ ପରୀକ୍ଷା ଦେଇଥିଲେ। ସେଥିରୁ ଷ୍ଟେଟ ଓପନ ସ୍କୁଲ ସାର୍ଟିଫିକେଟ ପରୀକ୍ଷା ଦେଉଥିବା ଦୁଇଜଣ ଛାତ୍ର ମାଲପ୍ରାକ୍ଟିସ ଅଭିଯୋଗରେ ସ୍କ୍ୱାର୍ଡ ହାତରେ ଧରାପଡି ବୁକ ହୋଇଥିବା ଡିଇଓଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି।

# ବହି ପଢ଼ିଲେ ଝରୁଛି ଲୁହ

ଭଞ୍ଜନଗର,୧୫।୯(ଡି.ଏନ.ଏ)

ଭଞ୍ଜନଗର ବ୍ଲକ କୁଲାଡ଼ ଗ୍ରାମର ୪ର୍ଥ ଶ୍ରେଣୀ ଛାତ୍ରୀ ମୌସୁମୀ ସାହୁ ବହି ପଢ଼ିଲେ ଆଖିରୁ ଆପେ ଆପେ ଲୁହ ଝରୁଛି। ଆଖି ଖରାପ ଥିବା ଯୋଗୁ ଏହିଭଳି ସମସ୍ୟା ହେଉଛି। ଫଳରେ ମୌସୁମୀ ଅଧିକ ସମୟ ପଢ଼ିପାରୁନାହାନ୍ତି। ପଢ଼ା ପ୍ରତି ଆଗ୍ରହ ରଖିଥିବା ମୌସୁମୀଙ୍କ ପାଇଁ ଆଖି ସମସ୍ୟା ହୋଇଛି। ପରିବାର ଲୋକଙ୍କ ଆର୍ଥିକ ସ୍ଥିତି ଭଲ ନାହିଁ। ତେଣୁ ପରିବାର ଲୋକେ ମୌସୁମୀଙ୍କୁ ଉନ୍ନତ ମାନର ସ୍ୱାସ୍ଥ୍ୟ ସେବା ଯୋଗାଇ ଦେଇପାରୁନଥିବାରୁ ସେମାନେ ଚିନ୍ତାରେ ପଡ଼ିଛନ୍ତି। ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାପାଇଁ ଦାବି ହୋଇଛି।

ପ୍ରକାଶ ଯେ, ୨୦୧୮ ଅଗଷ୍ଟରେ ମୌସୁମି ଖେଳୁଥିବା ବେଳେ କୌଣସି ପରିସ୍ଥିତିରେ ହଠାତ୍ ବାମ ଆଖିରେ ଆଘାତ ଲାଗିଥିଲା। ଏହାପରେ ପରିବାର ଲୋକଙ୍କ ଆର୍ଥିକସ୍ଥିତି ଭଲ ନଥିବାରୁ ଉନ୍ନତମାନର ସ୍ୱାସ୍ଥ୍ୟ ସେବା ସେ ସମୟରେ ଯୋଗାଇ ପାରିନଥିଲେ।



ମା' କୋଳରେ ମୌସୁମୀ।

ଏନେଇ ଶିକ୍ଷା ବିଭାଗର ଅଧିକାରୀମାନେ ଜାଣିବା ପରେ ଅନ୍ଧତ୍ୱ ଦୂରିକରଣ ଯୋଜନାରେ ତାର ଆଖି ଅପରେଶନ ପାଇଁ ଯୋଜନା ଆରମ୍ଭ ହୋଇଥିଲେ। ଏହି ସମୟରେ ରୋଟାରୀ କ୍ଲବ ଦାୟିତ୍ୱରେ ଥିବା ଜଣେ ପ୍ରଶାସନିକ ଅଧିକାରୀ ଜାଣିବା ପରେ ମୌସୁମୀଙ୍କ ଆଖି ଅପରେଶନ ବ୍ୟବସ୍ଥା ରୋଟାରୀ କ୍ଲବ ମାଧ୍ୟମରେ କରିଥିଲେ। ଏଥର ମୌସୁମୀ ଭଲ ଭାବେ ଦେଖିପାରିବେ ବୋଲି ରୋଟାରୀ କ୍ଲବ ପକ୍ଷରୁ କୁହାଯାଇଥିଲା। କିଛିମାସ ମୌସୁମୀ ବାମ ଆଖିରେ ସାମାନ୍ୟ ଦେଖି ପାରୁଥିଲେ। ପରିବାର ଲୋକେ ରୋଟାରୀ କ୍ଲବ କର୍ମକର୍ତ୍ତାଙ୍କ ଉପରେ ଖୁସି ଥିଲେ। ପୁଣି ଆଜିକୁ କିଛିମାସ ହେବ ମୌସୁମୀ ବହି ପଢ଼ିଲେ ଆଖିରୁ ଲୁହ ଝରୁଛି। ଏଥିସହ ବାମ ଆଖିକ ପ୍ରାୟ ଆଉ ଦେଖାଯାଉନାହିଁ। ବାପା ସୁରାଟରେ କାମ କରୁଥିବା ବେଳେ ଲକ୍‌ଡ଼ାଉନ ସମୟରେ ଘରେ ବସି ରହିଥିଲେ। ପରିବାରର ଆର୍ଥିକସ୍ଥିତି ଖରାପ ଯୋଗୁ ମୌସୁମୀଙ୍କ ଚିକିତ୍ସା ହୋଇପାରୁନାହିଁ। ସରକାରୀ ସହାୟତା ମିଳିଲେ ମୌସୁମୀଙ୍କ ଆଖି ପୁଣି ଡାକ୍ତରଙ୍କୁ ଦେଖାଇବୁ ବୋଲି ତାଙ୍କ ମା ଗଣମାଧ୍ୟମ ସମ୍ମୁଖରେ ମଙ୍ଗଳବାର ପ୍ରକାଶ କରିଛନ୍ତି। ଏନେଇ ଭଞ୍ଜନଗର ବ୍ଲକ ବିଆର୍‌ସିଙ୍କୁ ପଚାରିବାରୁ ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ପଦକ୍ଷେପ ନିଆଯିବ ବୋଲି ସେ କହିଥିଲେ।

# ବିଶ୍ୱବିଦ୍ୟାଳୟ ସଂଶୋଧିତ ଅଧ୍ୟାଦେଶକୁ ବିରୋଧ

### କୁଳାଧିପତି, ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କୁଳପତିଙ୍କୁ ଦାବିପତ୍ର

ବ୍ରହ୍ମପୁର ଅଫିସ,୧୫।୯

ରାଜ୍ୟସରକାରଙ୍କ ବିଶ୍ୱବିଦ୍ୟାଳୟ ସଂଶୋଧିତ ଅଧ୍ୟାଦେଶକୁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କର୍ମଚାରୀ ସଂଘ ବିରୋଧ କରିଛି। ବିଶ୍ୱବିଦ୍ୟାଳୟ ଆଇନ-୧୯୮୯ରେ ରାଜ୍ୟ ସରକାର ଆଣିଥିବା ସଂଶୋଧନ ବିଶ୍ୱବିଦ୍ୟାଳୟର ଗୌରବ, ଛାତ୍ରୀଛାତ୍ରଙ୍କ ଶିକ୍ଷାର ମାନକୁ ହ୍ରାସ କରିବ ବୋଲି ସଂଘ କହିଛି। ଏନେଇ ମଙ୍ଗଳବାର ସଂଘ ପକ୍ଷରୁ ରାଜ୍ୟପାଳ ଗଣେଷୀଲାଲ୍, ଉଚ୍ଚଶିକ୍ଷା ସଚିବ, ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଶ୍ୱବିଦ୍ୟାଳୟ କୁଳପତି ଗୋବିନ୍ଦ ଜେ ଚକ୍ରପାଣିଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ବିଶ୍ୱବିଦ୍ୟାଳୟର ସ୍ୱୟଂଶାସିତ ବ୍ୟବସ୍ଥା ଉଠାଯାଇ ପ୍ରତ୍ୟେକ୍ଷ ଭାବେ ସରକାରଙ୍କ ଦ୍ୱାରା ପରିଚାଳନା କରିବା ନିଷ୍ପତ୍ତିକୁ ସଂଘ ବିରୋଧ କହିଛି। ବିଶ୍ୱବିଦ୍ୟାଳୟ ପରିଚାଳନାରେ ସିନେଟର ସର୍ବୋଚ୍ଚ ଭୂମିକା ରହୁଥିଲା। ଯାହା ବିଶ୍ୱବିଦ୍ୟାଳୟର ପରିଚାଳନାର ଉତ୍ତରଦାୟିତ୍ୱ ତୁଲାଉଥିଲା। କିନ୍ତୁ ଏହାକୁ ଉଚ୍ଛେଦ କରି ସିଣ୍ଡିକେଟ ସଭ୍ୟ ସଂଖ୍ୟା ବୃଦ୍ଧି ସହ ସିଣ୍ଡିକେଟରେ ସରକାରୀ ଅମଲାଙ୍କୁ ସ୍ଥାନିତ କରିବା ଦ୍ୱାରା ବିଶ୍ୱବିଦ୍ୟାଳୟ ଗୁଡିକର ପୂର୍ବ ଗୌରବ ସମ୍ପୂର୍ଣ୍ଣ ଧୂଳିସାତ ହେବ ବୋଲି ସଂଘ ଦାବିପତ୍ରରେ ଉଲ୍ଲେଖ କରିଛି। ରାଜ୍ୟସରକାରଙ୍କ ଏଭଳି ନିଷ୍ପତ୍ତି ଆଗାମୀ ଦିନରେ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ସୁନାମ ଅର୍ଜନ କରି ଆସିଥିବା ବିଶ୍ୱବିଦ୍ୟାଳୟଗୁଡିକ ନିଜର ପୂର୍ବ ଗୌରବ ହରାଇବା ବୋଲି ସଂଘ କହିଛି। ତୁରନ୍ତ ଏହାକୁ ବାତିଲ କରିବାକୁ ସଂଘ ଦାବି କରିଛି। ଦାବିପତ୍ର ପ୍ରଦାନ ବେଳେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କର୍ମଚାରୀ ସଂଘର ସଭାପତି ଶ୍ରୁଶାନ୍ତ ମହାପାତ୍ର, ସମ୍ପାଦକ ଦ୍ୱିତୀକୃଷ୍ଣ ବେହେରା, ବରିଷ୍ଠ ସଦସ୍ୟ ଶଙ୍କର ମାଝି ପ୍ରମୁଖ ଉପସ୍ଥିତ ଥିଲେ।

# ଏଲାସିଂ ଗ୍ରାମକୁ ବିଦ୍ୟୁତ୍ ସାତସପନ

ରାମଗିରି,୧୫।୯(ଡି.ଏନ.ଏ.)

ଦେଶ ସ୍ୱାଧୀନତାର ୭୪ ବର୍ଷ ପରେ ମଧ ଏକ ଗ୍ରାମରେ ଆଜି ପର୍ଯ୍ୟନ୍ତ ଲୋକେ ବିଦ୍ୟୁତ୍ ଆଲୋକ ଦେଖିନାହାନ୍ତି। ଗ୍ରାମରେ ବିଦ୍ୟୁତ୍ ଖୁଣ୍ଟ ପୋତାଯାଇ କେବଳ ପ୍ରତ୍ୟେକ ଘରେ ମିଟର ବସାଇ ଛାଡ଼ି ଦେଇଛନ୍ତି। ଏହାର ଉଦାହରଣ ଗଜପତି ଜିଲା ନୂଆଗଡ଼ ବ୍ଲକରେ ଦେଖାଦେଇଛି। ବ୍ଲକର ଟାଙ୍ଗିଲି ପଞ୍ଚାୟତର ସନ୍ଦିସାହି ଏଲାସିଂ ଗ୍ରାମବାସୀ ବିଦ୍ୟୁତ୍ ଆଲୋକ ଦେଖିନାହାନ୍ତି। କୌଣସି ଗ୍ରାମ ବିଦ୍ୟୁତ୍ ସେବାରୁ ବଞ୍ଚିତ ହେବେ ନାହିଁ ବୋଲି କେନ୍ଦ୍ର ଓ ରାଜ୍ୟ ସରକାର ଡିଣ୍ଡିମ ପିଟୁଛନ୍ତି। କିନ୍ତୁ ଏବେ ବି ଲୋକେ ଅନ୍ଧାରରେ। ବିଦ୍ୟୁତ୍ ସମସ୍ୟା ନେଇ ଉକ୍ତ ଗ୍ରାମର ଅଧିବାସୀମାନେ ବହୁବାର ବିଭାଗୀୟ ଅଧିକାରୀମାନଙ୍କୁ ସାକ୍ଷାତ କରି ନିରାଶ ହେବା ପରେ ୱାର୍ଡମେମ୍ବର ରମେଶ ଚନ୍ଦ୍ର ରଇତ ୧୧।୮।୧୮ରେ ନୂଆଗଡ଼ଠାରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣିରେ ୧୯୦୮୨୦୧୯୦୧୨ ରେଜିଷ୍ଟର ନମ୍ବର ମାଧ୍ୟମରେ ଅଭିଯୋଗ କରିଥିଲେ। ଏକ ମାସ ମଧ୍ୟରେ ସମାଧାନ ହେବ ବୋଲି କହିଥିଲେ। କିନ୍ତୁ ହେଲା ନାହିଁ। ପୁଣି ନୂଆଗଡ଼ ବ୍ଲକର ସମ୍ବଲପୁର ପଞ୍ଚାୟତରେ ୧୮.୧୧.୧୯ରେ ରେଜିଷ୍ଟର ନଂ ୧୮୧୧୨୦୧୯୦୫୮ ପ୍ରକାରେ ଜିଲାପାଳଙ୍କୁ ପୂନର୍ବାର ଅଭିଯୋଗ କରିଥିଲେ। ପୂର୍ବଭଳି ସେହି ଏକା ପ୍ରତିଶ୍ରୁତି ମିଳିଥିଲା। ଗ୍ରାମଟି ପାହାଡ଼ର ପାଦ ଦେଶରେ ଥିବାରୁ ବର୍ଷା ଦିନେ ଜଙ୍ଗଲ



ବିଦ୍ୟୁତ ଖୁଣ୍ଟ।

ଜୀବଜନ୍ତୁ ଘରେ ପ୍ରବେଶ କରୁଥିବା ଅଭିଯୋଗ ହେଉଛି। ଡିବିରି ଜାଳିବା ପାଇଁ କିରୋସିନି ମିଳୁନଥିବାରୁ ଛାତ୍ରୀଛାତ୍ରମାନେ ଠିକ୍ ଭାବେ ପାଠ ପଢ଼ି ପାରୁନାହାନ୍ତି। ଯଦି ତୁରନ୍ତ ସମସ୍ୟାର ସମାଧାନ ନ ହୁଏ ତାହାହେଲେ ଗ୍ରାମବାସୀ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେବେ ବୋଲି ୱାର୍ଡମେମ୍ବର ରମେଶ ଚନ୍ଦ୍ର ରଇତ, ବାଙ୍କ ରଇତ, ମାର୍କଣ୍ଡ ରଇତ, ଦୁର୍ଯ୍ୟୋଧନ ରଇତ, ଗଙ୍ଗାଧର ରଇତ ପ୍ରମୁଖ କହିଛନ୍ତି। ଏ ସମ୍ପର୍କରେ କାର୍ଯ୍ୟନିର୍ବାହୀ ଅଧିକାରୀ ଗଙ୍ଗାଗୌରି ପ୍ରସାଦ ପଟ୍ଟନାୟକଙ୍କ ସହ ଯୋଗାଯୋଗ କରିବାରୁ ସେ କହିଲେ ଏ କାମ ଏନ୍‌ଟିପିସି ବାଲା କରୁଥିଲେ ମୁଁ ସେମାନଙ୍କୁ ପଚାରି କହିବି।

## ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଆଶାସାଥୀ ସଂଘର ଦାବିପତ୍ର

ଛତ୍ରପୁର, ୧୫।୯(ଡି.ଏନ୍.ଏ.)

ଓଡିଶା ରାଜ୍ୟ ଆଶାସାଥୀ ସଙ୍ଘ ଗଞ୍ଜାମ ଜିଲା ଶାଖା ପକ୍ଷରୁ ଆଠ ଦଫା ଦାବି ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କୁ ଭେଟି ମଙ୍ଗଳବାର ସ୍ମାରକ ପତ୍ର ପ୍ରଦାନ କରିଛନ୍ତି। ଆଶାସାଥୀମାନେ ସେମାନଙ୍କୁ ସରକାରୀ ମାନ୍ୟତା ପ୍ରଦାନ କରିବା, କେନ୍ଦ୍ର ସରକାରଙ୍କ ଘୋଷଣା ଅନୁସାରେ ଛଅ ହଜାର ଟଙ୍କା ପ୍ରଦାନ କରିବା, କାର୍ଯ୍ୟ ଦକ୍ଷତା ପାଇଁ ଟ୍ରେନିଂ ପଠାଯିବା, ୧୩ ବର୍ଷ ଧରି କାର୍ଯ୍ୟକରି ଆସୁଥିବାରୁ ବୀମା ରାଶି ଭୁକ୍ତ କରିବା ସହ ମୃତକାଳୀନ ସହାୟତା ରାଶି ପ୍ରଦାନ କରାଯିବା, ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ଯୋଜନା, ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା ଓ ଆୟୁଷମାନ ଭାରତ ଚିକିତ୍ସା ବୀମାକୁ କାର୍ଯ୍ୟକରି କରିବା, କରୋନା ସମୟରେ କାର୍ଯ୍ୟ କରୁଥିବା ଆଶା ସାଥି ମାନଙ୍କୁ ପ୍ରୋତ୍ସାହନ ରାଶି ଓ ସୁରକ୍ଷା ପ୍ରଦାନ କରିବାକୁ ସଙ୍ଘ ପକ୍ଷରୁ ଦାବି କରାଯାଇଛି। ଏହା କାର୍ଯ୍ୟକାରୀ କରାନଗଲେ ଆଗାମୀ ଦିନରେ ରାଜ୍ୟବ୍ୟାପି ଆନ୍ଦୋଳନ କରାଯିବ ବୋଲି ସଙ୍ଘ ତରଫରୁ ଚେତାବନୀ ଦିଆଯାଇଛି। ଏହି ସ୍ମାରକ ପତ୍ର ପ୍ରଦାନ ସମୟରେ ଗଞ୍ଜାମ ଜିଲା ସଭାନେତ୍ରୀ କୁମୁଦିନି ପ୍ରଧାନ, ସମ୍ପାଦିକା ସୁଚିତ୍ରା ପ୍ରଧାନଙ୍କ ସମେତ ଲକ୍ଷ୍ମୀସେଠୀ, ଉର୍ମିଳା ପ୍ରଧାନ, ପଦ୍ମା ରାଓ, ମମତା ପ୍ରଧାନ, ରିତା ଜେନା ପ୍ରମୁଖ ଉପସ୍ଥିତ ଥିଲେ।



ଅଖିଳ ଭାରତ କୃଷକ ସଭା ପକ୍ଷରୁ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ।

# ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର

### ଅଖିଳ ଭାରତ କୃଷକ ସଭା ପକ୍ଷରୁ ବିକ୍ଷୋଭ

ପୁରୁଷୋତ୍ତମପୁର,୧୫।୯(ଡି.ଏନ.ଏ)

ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ମଙ୍ଗଳବାର ଅଖିଳ ଭାରତ କୃଷକ ସଭା ପକ୍ଷରୁ ୧୧ ଦଫା ଦାବି ନେଇ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହା ସହ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ତହସିଲଦାରଙ୍କୁ ପ୍ରଦାନ କରିଛନ୍ତି। ଅଖିଳ ଭାରତ କୃଷକ ସଭା ପୁରୁଷୋତ୍ତମପୁର ଜୋନ୍ ସଭାପତି ସୁଦର୍ଶନ ସ୍ୱାଇଁଙ୍କ ନେତୃତ୍ୱରେ ଚାଷୀମାନେ ତହସିଲ କାର୍ଯ୍ୟାଳୟକୁ ଆସି ସ୍ଲୋଗାନ ଦେଇ କୃଷିଋଣ ଛାଡ଼ କରିବା, ଖରିଫ ଫସଲ ବିକ୍ରି ଲାଗି ପଞ୍ଜୀକରଣ ସମୟସୀମା ବୃଦ୍ଧି, ସାରର କୃତ୍ରିମ ଅଭାବ ଦୂର କରି ଚାଷୀମାନଙ୍କୁ ପର୍ଯ୍ୟାପ୍ତ ପରିମାଣର ସାର ଯୋଗାଇଦେବା, କୃଷକ, କୃଷିଜୀବୀ ଓ ଶ୍ରମଜୀବୀ ପରିବାରଙ୍କୁ କୋଭିଡ୍ ସମୟରେ ୧୦ ହଜାର ଟଙ୍କା ଲେଖାଏ ସହାୟତା ଯୋଗାଇଦେବା, ଆଦିବାସୀ, ଦଳିତଙ୍କ ସମେତ ସମସ୍ତ କ୍ଷୁଦ୍ର ଓ ଭୂମିହୀନ ଚାଷୀଙ୍କୁ ଦଖଲ ଜମି ପଟା ପ୍ରଦାନ ଆଦି ବିଭିନ୍ନ ଦାବି ମାନ ଦେଇଥିଲେ। ରଙ୍ଗନାଥ ସ୍ୱାଇଁ, ସତ୍ୟ ନାରାୟଣ ମହାପାତ୍ର, ପ୍ରକାଶ ବେହେରା, ଅନନ୍ତ ନାହାକ ଓ ଗୋବିନ୍ଦ ସାହୁ ପ୍ରମୁଖଙ୍କ ସମେତ ବହୁ ଚାଷୀ ଯୋଗ ଦେଇଥିଲେ।

## ଜରିମାନା ଆଦାୟ ନେଇ ମେଳି ବାନ୍ଧିଲା ଟ୍ରାକ୍ଟର ମାଲିକ ସଂଘ

ଗଞ୍ଜାମ,୧୫।୯(ଡି.ଏନ.ଏ): ଚାରୋଟି ବାଲି ବୋଝେଇ ଟ୍ରାକ୍ଟରକୁ ମଙ୍ଗଳବାର ଗଞ୍ଜାମ ତହସିଲ ପକ୍ଷରୁ ୫୦ ହଜାର ଟଙ୍କା ଲେଖାଏ ଜରିମାନା କରାଯାଇଛି। ଏହି ଫାଇନ କଟାକୁ ନେଇ ଗଞ୍ଜାମ ବ୍ଲକ ବାବା ବାଲି ଲୋକନାଥ ଟ୍ରାକ୍ଟର ସଂଘ ତୀବ୍ର ଅସନ୍ତୋଷ ପ୍ରକାଶ କରିଛି। ଗଞ୍ଜାମ ତହସିଲଦାରଙ୍କ ବିରୋଧରେ ମେଳି ବାନ୍ଧିଛନ୍ତି ଟ୍ରାକ୍ଟର ମାଲିକ ସଂଘ। ମଙ୍ଗଳବାର ଅପରାହ୍ନରେ ସହର ସ୍ଥିତ ମା ଏଲଆମ୍ମା ମନ୍ଦିରଠାରେ ମାଲିକମାନେ ଏକତ୍ରିତ ହୋଇ ବୁଧବାର ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବା ନିମନ୍ତେ ନିଷ୍ପତ୍ତି ନେବା ସହ ଏନେଇ ଛତ୍ରପୁର ଉପଜିଲାପାଳଙ୍କୁ ଭେଟି ଦାବି ସମ୍ପର୍କରେ ଅବଗତ କରାଇବେ ବୋଲି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।


**CLASSIFIED DISPLAY**

MORE SPACE • SAME PRICE — TARIFF — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**HINDUSTAN FINANCE LIMITED**
(Reg. No. Reg.No.3367)
(ଖର୍ଚ୍ଚ ଲୋନ ପାସ୍ ହେଲା ପରେ)
ଭାରତର ଗୋଲ୍ଡ ମେଡାଲିଷ୍ଟ କମ୍ପାନୀ ୧୯୪୧ ରୁ ଆପଙ୍କର ସେବାରେ
ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡ଼ାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ ଙ୍କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
8480089848

**ବାବା ଅମିଲ୍ ସୁଫି**
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୂଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
7503449786
8800979262

**MUDRA FINANCE**
(Govt. Registered.)
ମାର୍କସିଟ, ପର୍ସନାଲ, ସମ୍ପତି, BPL, ଭତ୍ତା, କୁକୁଡା ପାଳନ, ଇତ୍ୟାଦି ସମସ୍ତ ଋଣ ଓ CBIL କମ ଥିବା ଲୋକ ସ୍କିମରେ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
0% ସୁଧ ଏବଂ 50% ଛାଡ
ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
7428959168
9311834637

**Hindustan Tower Group**
(ପଞ୍ଜୀକୃତ) କମ୍ପାନୀ ଦ୍ୱାରା ନିଜର ଖାଲି ଜମି, ଛାତ, ପ୍ଲଟ୍ ଉପରେ ଡିଜିଟାଲ ଟାୱାର୍ ଲଗାନ୍ତୁ 90 ଲକ୍ଷ ଆଡଭାନ୍ସ, 60,000ର ଭଡ଼ା + ବାଇକ୍ 20 ବର୍ଷର କୋର୍ଟ ଏଗ୍ରିମେଣ୍ଟ।
9473618663

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## ସାର ବଣ୍ଟନ ଦାବିରେ ଚାଷୀଙ୍କ ରାସ୍ତାରୋକୋ

ଆସିକା, ୧୫।୯ (ଡି.ଏନ୍.ଏ): ଆସିକା-ଭଞ୍ଜନଗର ମୁଖ୍ୟରାସ୍ତାର ଆସିକା ଥାନା ବାଲିସିରାଠାରେ ମଙ୍ଗଳବାର ବାଲିସିରା ସେବା ସମବାୟ ସମିତି ପକ୍ଷରୁ ଚାଷିଙ୍କୁ ୟୁରିଆ ବଣ୍ଟନର ବ୍ୟବସ୍ଥା କରାଯାଇଥିଲା। ସାର ବଣ୍ଟନ ସୁଚାରୁ ରୂପେ କରିବା ଦାବିରେ ଚାଷିମାନେ ବାଲିସିରାଠାରେ ଆସିକା-ଭଞ୍ଜନଗର ମୁଖ୍ୟ ରାସ୍ତାକୁ କିଛି ସମୟ ପାଇଁ ଅବରୋଧ କରିଥିଲେ। ଆସିକା ତହସିଲଦାର ସଦାନନ୍ଦ ସେଠୀ, ଥାନାଧିକାରୀ ପ୍ରଶାନ୍ତ କୁମାର ସାହୁ, ସମବାୟ ବିଭାଗର ସହକାରୀ ନିବନ୍ଧକ କେ. ବିଜୟ ଚନ୍ଦ୍ର ଦାସ ଘଟଣାସ୍ଥଳରେ ପହଞ୍ଚି ଚାଷିଙ୍କ ସହ ଆଲୋଚନା କରି ସୁଚାରୁ ରୂପେ ବଣ୍ଟନର ବ୍ୟବସ୍ଥା ଲାଗି ପ୍ରତିଶ୍ରୁତି ଦେବା ପରେ ରାସ୍ତା ଅବରୋଧ ହଟିଥିଲା। ବାଲିସିରା ସେବା ସମବାୟ ସମିତି ପକ୍ଷରୁ ମଙ୍ଗଳବାର ୨୨୫ ବସ୍ତା ୟୁରିଆ ବଣ୍ଟନ କରାଯାଇଥିଲା। ଏବଂ ସାର ପାଇଁ ଧାଡିରେ ରହିଥିବା ଚାଷିଙ୍କ ମଧ୍ୟରୁ ପରିବାରର ଜଣଙ୍କୁ ଗୋଟିଏ ଲେଖାଏଁ ସାର ବସ୍ତ ବଣ୍ଟନ କରାଯାଇଥିବା ସହକାରୀ ନିବନ୍ଧକ ଦାସ ସୂଚନା ଦେଇଛନ୍ତି।

## ୨୧ ମଇଁଷି ଉଦ୍ଧାର, ୪ ଅଟକ

ଗୋପାଳପୁର,୧୫।୯: ଆନ୍ଧ୍ରପ୍ରଦେଶକୁ ଚାଲାଣ ହେଉଥିବା ୨୧ ମଇଁଷିକୁ ଗୋଳନ୍ଥରା ପୋଲିସ ସୋମବାର ଉଦ୍ଧାର କରିଛି। ଏଥିରେ ସମ୍ପୃକ୍ତ୪ ଜଣଙ୍କୁ ଅଟକ ରଖିଛି। କିଛିମାସ ହେଲା ମହିନ୍ଦ୍ରା ପିକଅପ୍, ଟାଟା ଏସି ଓ ଟ୍ରକରେ ଓଡ଼ିଶାରୁ ଆନ୍ଧ୍ରକୁ ମଇଁଷି ଚାଲାଣ ହେଉଥିବା ନେଇ ବାରମ୍ବାର ଅଭିଯୋଗ ହେଉଥିଲା। ଖବର ପାଇ ସୋମବାର ରତିରେ ପୋଲିସ ସଦଳବଳ ସୋର୍ଲା ଜଙ୍କସନ ନିକଟରେ ଚଢ଼ାଉ କରି ମଇଁଷି ଓ ୩ଟି ଗାଡ଼ିକୁ ଜବତ କରିଥିଲା। ଏନେଇ ନଂ. ୨୫୧/୨୦ରେ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଛି।

## ଗଞ୍ଜେଇ ଜବତ, ଜଣେ ଗିରଫ

ଫୁଲବାଣୀ ଅଫିସ, ୧୫।୯: ଫିରିଙ୍ଗିଆ ବ୍ଲକ ଗୋଚ୍ଛାପଡା ଥାନା ପୋଲିସ ଏକ ବୋଲେରୋରୁ ୫୧ କେଜି ୫୦୦ ଗ୍ରାମ ଗଞ୍ଜେଇ ଜବତ କରିବା ସହ ଜଣଙ୍କୁ ଗିରଫ କରାଯାଇଛି। ସେ ହେଲେ ମାଟିଘାଟିର ନିରାକାର ବେହେରା। ନିରାକାର ଏକ ଗାଡ଼ିରେ ଗଞ୍ଜେଇ ଚାଲାଣ କରୁଥିବା ବେଳେ ପୋଲିସ ତାଙ୍କୁ ଧରିବା ସହ ନଂ. ୫୪/୨୦ରେ ମାମଲା ରୁଜୁ କରିଛି।


**PANCHAYAT SAMITI OFFICE, KANIHA**
**Corrigendum No.1760 dt.14.09.20**
**of Tender Call Notice No.KNH-01/2020-21**

In partial modification to the Tender Call Notice No.KNH-01/2020-21 dt.08.09.2020 of this office, the following corrections are made.
Last date of sale of tender paper : 23.09.2020
Last date and time of receipt of tender paper: 24.09.2020 upto 01.00 P.M.
Date and time of opening of tender papers: 25.09.2020 at 10.30 A.M.
Other terms and conditions will remain same.

Sd./- Block Development Officer
Kaniha

**ପୌର ପରିଷଦ, ହିଞ୍ଜିଳିକାଟୁ**
HINJILICUT MUNICIPAL COUNCIL
ଆଦେଶ ନଂ.2030/2020 ତା 15.09.2020
**ପ୍ରେସ୍ ଇସ୍ତାହାର**

ହିଞ୍ଜିଳିକାଟୁ ପୌର ପରିଷଦରେ ଏକ ଗୋଟି ମାଇକ୍ରୋ କମ୍ପୋଷ୍ଟିଂ କେନ୍ଦ୍ର (MCC), ଏକ ଗୋଟି ମ୍ୟାଟେରିଆଲ୍ ରିକଭରି ଫ୍ୟାସିଲିଟି, ୫ ଗୋଟି ଗୋଷ୍ଠୀ ଶୌଚାଳୟ, ୩ ଗୋଟି ସର୍ବସାଧାରଣ ଶୌଚାଳୟ କାର୍ଯ୍ୟକ୍ଷମ ହୋଇଅଛି ଏବଂ ଏକ ଗୋଟି ମଳ ବିଶୋଧନ କେନ୍ଦ୍ର ନିର୍ମାଣାଧୀନ ଅଛି। ବସ୍ତି ଅଞ୍ଚଳରେ ବସବାସ କରୁଥିବା ପୌର ପରିଷଦବାସୀଙ୍କୁ ବ୍ୟକ୍ତିଗତ ପାଇଖାନା ଯୋଗାଇ ଦିଆଯାଇଅଛି। ଏହିସବୁକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ହିଞ୍ଜିଳିକାଟୁ ପୌରପାଳିକାକୁ ODF++ର ମାନ୍ୟତା ପ୍ରଦାନ କରିବାକୁ ସ୍ଥିର କରିଛନ୍ତି।

ସ୍ୱା./- କାର୍ଯ୍ୟନିର୍ବାହୀ ଅଧିକାରୀ, ପୌର ପରିଷଦ, ହିଞ୍ଜିଳିକାଟୁ (ଗଞ୍ଜାମ)

**ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.**
**ODISHA POWER TRANSMISSION CORPORATION LIMITED**
(A Government of Odisha Undertaking)
O/o the Dy. General Manager (Elect.) E&MR Division, Bhubaneswar
e-mail: emrt.div.bbs@optcl.co.in CIN: U40102OR2004SGC007553

**OPEN TENDER CALL NOTICE NO. 01/2020-21**

Sealed tenders are invited from experienced bidders for the job of **"HIRING OF DIESEL RUN COMMERCIAL REGISTERED LIGHT VEHICLES 09 SEATED NON-AC BOLERO OR ITS EQUIVALENT FOR E & MR SUB-DIVISION, KHURDA FOR 2(TWO) YEARS"**. **Cost of Tender Paper** : Rs.2,000/- + GST @ 12% = Rs.2,240/-, **EMD** : @ 1% on the quoted value for 01 (one) year. **Sale of Tender Documents** : From Dt. 21.09.2020 to Dt. 05.10.2020 (during office hours). **Last Date of Submission of Tender** : Dt.05.10.2020 (up to 05:00PM). **Date of Opening of Tender** : Dt.06.10.2020 (at 03:00PM). For details visit our web site www.optcl.co.in.
**Corrigendum if any will be published in the OPTCL wesite only.**

Sd/-
Dy. General Manager (Elect.)

Please connect us: optcl.odisha optcl_odisha energyodisha

**ତହସିଲ କାର୍ଯ୍ୟାଳୟ, ସଦର, ଜିଲ୍ଲା: ସୁନ୍ଦରଗଡ଼**
ବିଜ୍ଞାପନ ପତ୍ର ସଂଖ୍ୟା: ୩୩୯୫ ତା:୧୪।୦୯।୨୦୨୦
**ଲଘୁ ଖଣିଜ ଦ୍ରବ୍ୟ ନିମନ୍ତେ ବିଜ୍ଞାପନ**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ସୁନ୍ଦରଗଡ଼ ଜିଲ୍ଲା ଅନ୍ତର୍ଗତ ସଦର, ସୁନ୍ଦରଗଡ଼ ତହସିଲ ଅଧୀନରେ ଥିବା ଗୋଟିଏ ସୈରାତ ଉତ୍ସ (ସାରଣୀ-୧ରେ ଦର୍ଶିତ) ଆଗାମୀ ୫ (ପାଞ୍ଚ) ବର୍ଷ ପାଇଁ ଦୀର୍ଘମିଆଦୀ ଲିଜ୍ ସୂତ୍ରେ ନେବାପାଇଁ ଦରଖାସ୍ତ ଆହ୍ୱାନ କରାଯାଉଛି।
ସୈରାତ ଉତ୍ସର ଲିଜ୍ ସମ୍ବନ୍ଧୀୟ ତଥ୍ୟ ସୁନ୍ଦରଗଡ଼ ଜିଲ୍ଲା Website: **http://sundergarh.nic.in**ରେ ଉପଲବ୍ଧ ହେବ। ସବିଶେଷ ବିବରଣୀ ଏବଂ ଅନ୍ୟାନ୍ୟ ନିୟମାବଳୀ ଜାଣିବା ପାଇଁ ଇଚ୍ଛୁକ ବ୍ୟକ୍ତି ସମ୍ପୃକ୍ତ ତହସିଲଦାରଙ୍କ କାର୍ଯ୍ୟାଳୟ ସହ ଯେ କୌଣସି କାର୍ଯ୍ୟଦିବସରେ ଯୋଗାଯୋଗ କରିପାରିବେ।

ସାରଣୀ – ୧

**ତହସିଲ କାର୍ଯ୍ୟାଳୟ, ସଦର, ସୁନ୍ଦରଗଡ଼**
**ବର୍ଷ: ୨୦୨୦–୨୧**
**ଲଘୁ ଖଣିଜ ଉତ୍ସର ବିବରଣୀ**

| କ୍ର.ନଂ. | ଉତ୍ସର ନାମ/ ମୌଜାର ନାମ | ମୌଜାର ନାମ | ଜମିର ତଫସିଲ: ଖାତା ନଂ. | ପ୍ଲଟ ନଂ. | ଏକର | ହେକ୍ଟର | Royalty (in Rs.) | Minimum Additional Charges (in Rs.) | Minimum Guaranteed Quantity (in CUM per year) | Interest Free Security Deposit (in Rs.) |
|---|---|---|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 | 9 | 10 | 11 |
| 1 | ନୂଆଁ ଅମଲିପାଲି ବାଲି ଉତ୍ସ | ନୂଆଁ ଅମଲିପାଲି | 381 | 475/P 477/1211/P | 7.00 5.00 | 4.856 | 35.00 | 70.00 | 10000 | 52500.00 |

ସ୍ୱା./– ତହସିଲଦାର, ସଦର, ସୁନ୍ଦରଗଡ଼

**OFFICE OF THE CHIEF DISTRICT MEDICAL & PHO, BALASORE**
**SUB STORE CDM & PHO**
No. 14814 Date: 15.09.2020
**TENDER CALL NOTICE**

Sealed tender is invited from valid Wholesalers/C&F/ Manufacturers for supply of medicines & medical consumables and bedding, clothing items from time to time in various schemes in the current financial year 2020-21 so as to reach the CDM&PHO, Balasore latest by 06.10.2020 by Regd. Post/Speed Post/Courier service. The same will be opened on 07.10.2020 in the presence of tenderers or their authorized representatives in the chamber of undersigned. The opening process will not be postponed if the tenderers will not be present on the scheduled date & time. Details are avilable in the tender paper which can be downloaded from **www.baleswar.nic.in** & deposit the tender paper cost Rs.2000.00 in shape of DD in the name of ZSS, Balasore with tender paper which is non refundable.

**Sd./- Chief District Medical & PHO, Balasore**

# ପାଟି ସୁଆଦ ସାଙ୍ଗକୁ ରୋଜଗାର ଯୋଗାଉଛି 'କରଡି'

ଜୟପୁର, ୧୫।୯(ନି. ପ୍ର.)

ପ୍ରକୃତି ଓ ଆଦିବାସୀଙ୍କ ସମ୍ପର୍କ ବେଶ୍ ନିବିଡ। ଆଦିବାସୀମାନେ ନିଜ ଜୀବନ ଜୀବିକା ପାଇଁ ବିଭିନ୍ନ ସମୟରେ ଜଙ୍ଗଲଜାତ ଦ୍ରବ୍ୟ ଉପରେ ନିର୍ଭର କରିଥାନ୍ତି। ବର୍ଷା ଦିନରେ ଆଦିବାସୀମାନେ କରଡି(ବାଉଁଶ ଗଜା) ସଂଗ୍ରହ କରିନ୍ତି। ଉକ୍ତ କରଡିକୁ ସେମାନେ ନିଜେ ଖାଇବା ସହ ବଜାରରେ ବିକି ବେଶ୍ ଦୁଇ ପଇସା ଲାଭ କରୁଛନ୍ତି। ପାଟି ସୁଆଦ ସାଙ୍ଗକୁ ଆଦିବାସୀଙ୍କୁ ରୋଜଗାର ଯୋଗାଉଛି କରଡି।

ବର୍ଷା ଆସିବା ମାତ୍ରେ ଜଙ୍ଗଲରୁ ଆଦିବାସୀମାନେ କରଡି ସଂଗ୍ରହ କରିଥାନ୍ତି। କୋରାପୁଟ ଜିଲାର ଆଦିବାସୀମାନଙ୍କ ବର୍ଷା ଦିନର ଏହା ଏକ ପ୍ରିୟ ଖାଦ୍ୟ। ବର୍ଷା ଋତୁରେ ୨ରୁ ୩ ମାସ ଯାଏ ଏହି କରଡି ମିଳିଥାଏ। ଆଦିବାସୀମାନେ ଏହି ସମୟରେ ଜଙ୍ଗଲକୁ ଯାଇ ୧ ଫୁଟ ଉଚ୍ଚତାର ବାଉଁଶ ଗଜା ମାନ ସଂଗ୍ରହ କରିଥାନ୍ତି। କରଡି କେବଳ ଆଦିବାସୀଙ୍କର ନୁହେଁ ବରଂ ଏବେ ଆଧୁନିକ ଲୋକଙ୍କ ଖାଦ୍ୟ ତାଲିକାରେ ମଧ୍ୟ ସାମିଲ ହେଲାଣି। ବର୍ଷା ଦିନରେ ବାଉଁଶ ବୁଦା ମୁଳରେ ସୃଷ୍ଟି ହୋଇଥିବା ଏହି ଗଜା ଦେଖିବାକୁ ଇସତ୍ ଧଳା ତଥା ଚମ୍ପା ରଙ୍ଗର। ଏହି ଗଜା ଲମ୍ବ ଓ ସ୍ଥଳ ବିଶେଷରେ ପ୍ରାୟ ୧ଫୁଟ ହୋଇଥାଏ। ଆଦିବାସୀମାନେ ଏହି ବାଉଁଶ ଗଜାକୁ ତରକାରି କରି ଖାଇଥାନ୍ତି। କେହି ଏହାକୁ ସିଝାଇ, ସୁଖାଇ ଶୀତ ଦିନ ପାଇଁ ସାଇତି ରଖିଥାନ୍ତି। ଏଥିରୁ ଭିଟାମିନ ବି ଖାଦ୍ୟ ସାର ମିଳିଥାଏ। ଏହା ଗରିବ ଲୋକଙ୍କ ଖାଦ୍ୟ ଭାବେ ବେଶ ପରିଚିତ ଥିଲା। କିନ୍ତୁ କିଛି ବର୍ଷ ହେବ ଆଧୁନିକ ଲୋକ ମଧ୍ୟ ଏହାକୁ ପସନ୍ଦ କଲେଣି। କରଡିରେ ସେମାନେ ତରକାରୀ, ଭଜା, ରାଇ, ବେସର, ଘାଣ୍ଟ, କାଞ୍ଜି ପ୍ରମୁଖ ବ୍ୟଞ୍ଜନ ପ୍ରସ୍ତୁତ କରିଥାନ୍ତି। ଏହାର ସ୍ୱାଦ ବି ନିଆରା।

କୋରାପୁଟ ଜିଲାର ରାମଗିରି, ଲମତାପୁଟ, ବନ୍ଧୁ ଗାଁ, ନାରାୟଣପାଟଣା, ଦଶମନ୍ତପୁର, ନନ୍ଦପୁର, ପଟ୍ଟାଙ୍ଗୀ, କୋଟପାଡ, କୁନ୍ଦୁରା, ବୋରିଗୁମ୍ମା, ବୈପାରିଗୁଡା ଅଞ୍ଚଳରେ ଥିବା ଜଙ୍ଗଲରୁ ଆଦିବାସୀମାନେ ଅଧିକ କରଡି ସଂଗ୍ରହ କରିଥାନ୍ତି। ୫ରୁ୬ଟି କରଡିକୁ ବିଡା କରି ବଜାରରେ ୩୦ ଟଙ୍କା ଦରରେ ବିକ୍ରି କରିଥାନ୍ତି। ଏପରି ଭାବେ ଦୈନିକ ୫ ଶହ ରୁ ୭ ଶହ ଟଙ୍କା ରୋଜଗାର କରିଥାନ୍ତି। ଶସ୍ତାରେ ଏତେ ସ୍ୱାଦିଷ୍ଟ ଜିନିଷ ଟିଏ ମିଳୁ ଥିବାରୁ ଦେଖିବା ମାତ୍ରେ ଲୋକେ ତାହାକୁ କିଣି ନେଇଥାନ୍ତି।


ଆଦିବାସୀ ମହିଳାମାନେ କରଡି ବିକ୍ରି କରୁଛନ୍ତି।

# ପ୍ଲାଜମା ଦାନ କଲେ କରୋନା ଯୋଦ୍ଧା

ବିଷମକଟକ, ୧୫।୯

କରୋନା ଆକ୍ରାନ୍ତ ବ୍ୟକ୍ତିମାନେ ସୁସ୍ଥ ହେବାର ୨୮ ଦିନ ପରେ ପ୍ଲାଜମା ଦାନ କରିପାରିବେ। ଏହି ପ୍ଲାଜମାକୁ ଅନ୍ୟ କରୋନା ସଂକ୍ରମିତଙ୍କ ଚିକିତ୍ସାରେ ଲଗାଯିବ। ଏହି କ୍ରମରେ

ରାୟଗଡା ଜିଲା ବିଷମକଟକ ଥାନାର ଗୃହରକ୍ଷୀ ଭାବେ କାର୍ଯ୍ୟରତ ସରୋଜ କୁମାର ଦଳେଇ ପ୍ଲାଜମା ଦାନ କରିଛନ୍ତି। ମଙ୍ଗଳବାର ସେ ବ୍ରହ୍ମପୁରସ୍ଥିତ ଏମ୍‌କେସିଜି ମେଡିକାଲରେ ପ୍ଲାଜମା ଦାନ କରିଥିବା ବିଷମକଟକ ଥାନା ଭାରପ୍ରାପ୍ତ ଅଧିକାରୀ ଯଶବନ୍ତ ହିଆଲ ସୂଚନା ଦେଇଛନ୍ତି। ସରୋଜଙ୍କ ସମେତ ଜିଲାରୁ ଆଉ ଚାରିଜଣ କରୋନା ଯୋଦ୍ଧା ମଧ୍ୟ ମଙ୍ଗଳବାର ପ୍ଲାଜମା ଦାନ କରିଥିବା ସୂଚନା ରହିଛି। ତବେ ଗତ ୪ତାରିଖ ଦିନ ରାୟଗଡା ଜିଲା ମୁଖ୍ୟ ଚିକିତ୍ସାଳୟରେରେ ସରୋଜଙ୍କ ରକ୍ତ ନମୁନା ସଂଗ୍ରହ କରାଯାଇ ଟେଷ୍ଟ ପାଇଁ ବ୍ରହ୍ମପୁର ଏମ୍‌କେସିଜି ହସ୍ପିଟାଲ ପଠାଯାଇଥିଲା। ଟେଷ୍ଟ ପରେ ପ୍ଲାଜମା ଦାନପାଇଁ ସରୋଜ ସକ୍ଷମ ଥିବା ଖବର ପାଇବା ପରେ ବ୍ରହ୍ମପୁର ଯାଇ ସେ ପ୍ଲାଜମା ଦେଇଥିବା ଜଣାପଡିଛି । ସରୋଜଙ୍କ ଏଭଳି କାର୍ଯ୍ୟ ପାଇଁ ଏସ୍‌ପି ସର୍ମଣା ବିବେକ ଏମ୍ ତାଙ୍କୁ ସାଧୁବାଦ ଜଣାଇଛନ୍ତି।

# ଏସିଡ୍ ପୀଡ଼ିତାଙ୍କ ପାଇଁ ଆଇନ ସଚେତନତା କାର୍ଯ୍ୟକ୍ରମ

ମାଲକାନଗିରି, ୧୫।୯(ସ୍ୱ.ପ୍ର.)

ମାଲକାନଗିରି ଜିଲା ଆଇନ ସେବା ପ୍ରାଧିକରଣ(ଡିଏଲ୍‌ଏସ୍‌ଏ) ପକ୍ଷରୁ 'ଏସିଡ୍ ଆକ୍ରମଣ ପୀଡ଼ିତାଙ୍କୁ ଆଇନ ସେବା' ବିଷୟକୁ ନେଇ ମଙ୍ଗଳବାର ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଛି। ପ୍ରାଧିକରଣର ସଚିବ ତଥା ବିଚାରପତି(ସ୍ଥାୟୀ ଓ ନିରନ୍ତର ଲୋକ ଅଦାଲତ) ଅମରେଶ ନାୟକ, ମାଲକାନଗିରି କଲେଜ ଅଧ୍ୟାପକ ରଞ୍ଜନ କୁମାର ସ୍ୱାଇଁ ଉପସ୍ଥିତ ରହି ଏସିଡ୍ ଆକ୍ରମଣର ପୀଡ଼ିତାଙ୍କ ପାଇଁ ରହିଥିବା ଆଇନ ସେବା, ଦୋଷୀଙ୍କ ବିରୋଧରେ ଦଣ୍ଡବିଧାନ, କ୍ଷତିପୂରଣ ବ୍ୟବସ୍ଥା ବିଷୟରେ ଆଲୋଚନା କରିଥିଲେ। ସେହିପରି ନାଗରିକଙ୍କ ମାନବିକ ଅଧିକାର ଓ ଦାୟିତ୍ୱ ବିଷୟରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମରେ କିଶୋର ନ୍ୟାୟ ଅଧିନିୟମ, ବାଧ୍ୟତାମୂଳକ ଶିକ୍ଷା ଅଧିକାର ଅଧିନିୟମ, କନ୍ୟା ସନ୍ତାନର ମହତ୍ୱ, ଘରୋଇ ହିଂସା, ଯୌତୁକ ନିର୍ଯାତନା, ଲିଙ୍ଗ ଚୟନ ଭଳି ଅପରାଧରୁ ମହିଳାମାନେ ନିଜକୁ କିପରି ରକ୍ଷା କରିପାରିବେ ସେ ବିଷୟରେ ଆଲୋଚନା କରାଯାଇଥିଲା। ଏଥିରେ ୧୫ରୁ ଉର୍ଦ୍ଧ୍ୱ ସାମାଜିକ କର୍ମୀ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ସେହିପରି ସରକାରଙ୍କ ବିଭିନ୍ନ ଜନମଙ୍ଗଳକାରୀ ଯୋଜନା, ଆଇନସେବା ପ୍ରାଧିକରଣର ବିଭିନ୍ନ କାର୍ଯ୍ୟକ୍ରମ, ଜାତୀୟ ପ୍ରାଧିକରଣ ଦ୍ୱାରା ପ୍ରଦତ୍ତ ୧୦ ନୂତନ ଯୋଜନା ବିଷୟରେ ଆଲୋଚନା କରାଯାଇଥିଲା।

## ସଂକ୍ଷେପରେ

### ପାଣିରେ ବୁଡି ବୃଦ୍ଧଙ୍କ ମୃତ୍ୟୁ

ମାଲକାନଗିରି, ୧୫।୯(ଡି.ଏନ୍.ଏ.)- ମାଲକାନଗରି ଥାନା ଅଧୀନ ସେରପାଲ୍ଲୀ ଗ୍ରାମରେ ଜଣେ ବୃଦ୍ଧଙ୍କ ପାଣିରେ ବୁଡି ମୃତ୍ୟୁ ହୋଇଛି। ସେ ହେଲେ ରାମା। ସୋମବାର ରାମା ଗାଁ ନିକଟ ଏକ ପୋଖରୀରେ ଗାଧୋଇବାକୁ ଯାଇଥିଲେ। ତେବେ ସେଠାରେ ଗାଧୋଇବା ସମୟରେ ତାଙ୍କର ଗୋଡ ଖସି ଯାଇଥିଲା। ସେ ପୋଖରୀ ଭିତରେ ପଡି ଯାଇଥିଲେ। ବହୁ ସମୟ ପର୍ଯ୍ୟନ୍ତ ଘରକୁ ନ ଫେରିବା ଦେଖି ପରିବାର ଲୋକ ତାଙ୍କୁ ଖୋଜାଖୋଜି କରିଥିଲେ। ପ୍ରାୟ ୪ଘଣ୍ଟା ପରେ ଉକ୍ତ ପୋଖରୀରେ ରାମାଙ୍କ ମୃତଦେହ ଭାସୁଥିବା ଦେଖି ଗ୍ରାମବାସୀ ପରିବାର ଲୋକଙ୍କୁ ଜଣାଇଥିଲେ। ରାମାଙ୍କୁ ମୂର୍ଚ୍ଛା ରୋଗ ଥିବା ପରିବାର ଲୋକ କହିଛନ୍ତି। ମାଲକାନଗିରି ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ମାଲକାନଗିରି ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

### ମାଟ୍ରିକ ଛାତ୍ର ସମ୍ମାନିତ

ଗୁଣପୁର, ୧୫।୯(ଡି.ଏନ୍.ଏ.)-ରାୟଗଡା ଜିଲା ଗୁଣପୁର ବ୍ଲକ ବାଗଶଳା ପଞ୍ଚାୟତରେ ଥିବା ଅନୁସୂଚିତ ଜାତି ଜନଜାତି ବିଭାଗ ଦ୍ୱାରା ପରିଚାଳିତ ଭାରସିଂ ସରକାରୀ ଉଚ୍ଚବିଦ୍ୟାଳୟର ଛାତ୍ର ମହେଶ ଶବରଙ୍କୁ ସମ୍ମାନିତ କରାଯାଇଛି। ମହେଶ ୧୦ମ ବୋର୍ଡ ପରୀକ୍ଷାରେ ସ୍କୁଲରେ ସର୍ବୋଚ୍ଚ ନମ୍ବର ରଖିଥିବାରୁ ତାଙ୍କୁ ସମ୍ମାନିତ କରାଯାଇଥିଲା। ଜିଲା ମଙ୍ଗଳ ଅଧିକାରୀ ଅଶୋକ କୁମାର ଶତପଥୀ ମହେଶଙ୍କୁ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମରେ ସ୍କୁଲ ପ୍ରଧାନଶିକ୍ଷକ ରମେଶ ଦାସ ଉପସ୍ଥିତ ଥିଲେ। ମହେଶ ଜଣେ ମେଧାବୀ ଛାତ୍ର ହୋଇଥିବାବେଳେ ଜିଲା ଏବଂ ରାଜ୍ୟସ୍ତରରେ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇ ସେ କୃତିତ୍ୱ ଅର୍ଜନ କରିଛନ୍ତି। ଚଳିତ ବର୍ଷ ସ୍କୁଲର ୯୦ ପ୍ରତିଶତ ପିଲା ପାସ୍ କରିଥିବା ଜିଲା ମଙ୍ଗଳ ଅଧିକାରୀ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇଥିଲେ।

### ମାଲକାନଗିରି ଜିଲାରୁ ୩୩ ନୂଆ ପଜିଟିଭ

ମାଲକାନଗିରି, ୧୫।୯(ଡି.ଏନ୍.ଏ.) ମାଲକାନଗିରି ଜିଲାରୁ ପୁଣି ୩୩ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଥିବା ମଙ୍ଗଳବାର ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ନୂତନ ସଂକ୍ରମିତଙ୍କ ମଧ୍ୟରେ ମାଲକାନଗିରି ପୌରାଞ୍ଚଳରୁ ୧୨, ବାଲିମେଳା ଏନ୍‌ଏସିରୁ ୬, ମାଲକାନଗିରି ବ୍ଲକ୍‌ରୁ ୮, କୋରୁକୋଣ୍ଡାରୁ ୧, କାଲିମେଳାରୁ ୫ ଏବଂ ଖଇରପୁଟରୁ ଜଣେ ରହିଛନ୍ତି। ସେମାନଙ୍କୁ ମିଶାଇ ଜିଲାରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୨୮୪୩ ରେ ପହଞ୍ଚିଛି। ସେଥିମଧ୍ୟରୁ ୨୫୬୧ ଜଣ ସୁସ୍ଥହୋଇ ଫେରିଥିବାବେଳେ ୨୭୪ ଜଣ ଚିକିତ୍ସିତ ଅଛନ୍ତି। ସେହିପରି ଜିଲାରୁ ୮ ଜଣଙ୍କ କରୋନା ଜନିତ ମୃତ୍ୟୁ ଘଟିଥିବା ମାଲକାନଗିରି ଜିଲାପାଳ ମନିଷ ଅଗ୍ରୱାଲ୍ ସୂଚନା ଦେଇଛନ୍ତି।

### ସ୍ୱଚ୍ଛ ଗ୍ରାମ ଅଭିଯାନ

କାଲିମେଳା, ୧୫।୯(ଡି.ଏନ୍.ଏ.) ନେହେରୁ ଯୁବ କେନ୍ଦ୍ର ମାଲକାନଗିରି ପକ୍ଷରୁ କାଲିମେଳା ବ୍ଲକ ଦୁର୍ଗମ ତେଲରାଇ ପଞ୍ଚାୟତ ସଦର ଗ୍ରାମରେ ସବୁଜ ଏବଂ ସ୍ୱଚ୍ଛ ଗ୍ରାମ ଅଭିଯାନ କରାଯାଇଛି। ସଂଘର ଯୁବକମାନେ ଗ୍ରାମର ବିଭିନ୍ନ ସ୍ଥାନରେ ପଡିଥିବା ଅଳିଆ ଆବର୍ଜନା ସଫା କରିବା ସହ ଅନାବନା ଗଛ କାଟି ସଫା କରିଥିଲେ। ନିଜ ପରିବେଷ ସ୍ୱଚ୍ଛ ରଖିବା ସହ ନିଜେ ସଫାସୁତୁରା ରହିବାକୁ ଗ୍ରାମବାସୀଙ୍କୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ସଂଘ ସଭାପତି ଗଙ୍ଗାଧର ମାଢ଼ି, ସମ୍ପାଦକ ଗଙ୍ଗା କବାସୀଙ୍କ ସହ ସରପଞ୍ଚ ମୁତା ସୋଡି, ୱାର୍ଡମେମ୍ବର ଦଶରଥ ମାଢ଼ି, ଗାଁ ମୁଖିଆ କାନା ମାଡକାମୀ, ଈଶ୍ୱର ଚନ୍ଦ୍ର ମାଡକାମୀ, ଲାଚା କବାସି, କାନା କବାସି, ରାମନାଥ ମାଢ଼ି, ଦୁଲା କବାସୀ, ଭୀମା ପଡିଆମି, ଲାଚା କୁଞ୍ଜ, ଦେବା କବାସି ପ୍ରମୁଖ ଏହି ସଫେଇ ଅଭିଯାନରେ ସାମିଲ ହୋଇଥିଲେ।

### ୨୩ କରୋନା ଯୋଦ୍ଧାଙ୍କ ସମେତ ୭୯ ଆକ୍ରାନ୍ତ

ରାୟଗଡ଼ା ଅଫିସ, ୧୫।୯ ରାୟଗଡ଼ା ଜିଲାରୁ ମଙ୍ଗଳବାର ୭୯ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଆଜି ମଙ୍ଗଳବାର ସୁଦ୍ଧା ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ୬୩୦୧ରେ ପହଞ୍ଚିଛି। ସେମାନଙ୍କ ମଧ୍ୟରୁ ୫୬୦୯ ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ୩୪ ଜଣଙ୍କ ମୃତ୍ୟୁ ହୋଇଛି । ୬୫୮ଜଣ ଜିଲାର ବିଭିନ୍ନ କୋଭିଡ଼୍ ହସ୍‌ପିଟାଲରେ ଚିକିତ୍ସିତ ହେଉଛନ୍ତି। ମଙ୍ଗଳବାର ଚିହ୍ନଟ ଆକ୍ରାନ୍ତଙ୍କ ମଧ୍ୟରୁ ରାୟଗଡ଼ା ରୁରାଲରୁ ୨୭, ବିଷମକଟକରୁ ୧୯, କୋଲନରାରୁ ୮, ଗୁଣୁପୁର ଅରବାନରୁ ୬, କାଶୀପୁରରୁ ୬, ଗୁଣୁପୁର ରୁରାଲରୁ ୪, କଲ୍ୟାଣସିଂହପୁରରୁ ୩, ପଦ୍ମପୁରରୁ ୨, ରାମନାଗୁଡ଼ାରୁ ୨, ଚନ୍ଦ୍ରପୁରରୁ ୧, ରାୟଗଡ଼ା ଅରବାନରୁ ଜଣେ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଆକ୍ରାନ୍ତଙ୍କ ମଧ୍ୟରେ ୨୩ ଜଣ କରୋନା ଯୋଦ୍ଧା ରହିଛନ୍ତି।

# ପୃଥକ୍ ଦୁର୍ଘଟଣାରେ ୪ ମୃତ, ୯ଗୁରୁତର

ରାୟଗଡ଼ା ଅଫିସ/ ପାଣ୍ଡ୍ରିପାଣି, ୧୫।୯(ଡି.ଏନ୍.ଏ.)

ରାୟଗଡ଼ା ଜିଲା ଓ ମାଲକାନଗିରି ଜିଲାର ପାଣ୍ଡ୍ରିପାଣି ଅଞ୍ଚଳରେ ଦୁର୍ଘଟଣା ଘଟି ମଙ୍ଗଳବାର ୪ଜଣ ପ୍ରାଣ ହରାଇ ଥିବାବେଳେ ୯ ଜଣ ଗୁରୁତର ଅଛନ୍ତି। ଗୁରୁତରଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି।

ରାୟଗଡ଼ା ଜିଲା ଶେଷଖାଲ ଥାନା ଅଧୀନ ହାମ୍‌ସା ଛକ ନିକଟରେ ଏକ ଟ୍ରକ (ସିଜି-୦୯ଜେଇ-୭୧୨୪) ଓ କାର୍(ଓଡ଼ି-୧୦ସି-୧୧୩୩) ମୁହଁମୁହିଁ ହୋଇଥିଲା। ଏଥିରେ କାରରେ ଥିବା ୨ଜଣ ପ୍ରାଣ ହରାଇଛନ୍ତି। କାରରେ ଥିବା ଅନ୍ୟ ୬ଜଣ ଗୁରୁତର ହୋଇଛନ୍ତି। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଛନ୍ତି। ସେମାନଙ୍କ ଘର ଆନ୍ଧ୍ରରେ ବୋଲି ଜଣାପଡିଛି। ରାୟଗଡ଼ାର ମଝିଘରିଆଣୀଙ୍କ ମନ୍ଦିରକୁ ଆନ୍ଧ୍ରର ଏକ ପରିବାର ଦର୍ଶନ ପାଇଁ ଆସିଥିଲେ। ଫେରିବା ବେଳେ ଏହି ଦୁର୍ଘଟଣା ଘଟିଥିଲା। ଟ୍ରକ ଡ୍ରାଇଭର ଘଟଣାସ୍ଥଳରୁ ଫେରାର ଅଛନ୍ତି।

ମାଲକାନଗିରି ସଦର ବ୍ଲକ ମାର୍କାପାଲି ପଞ୍ଚାୟତ ହାଟପଦାରେ ଏକ ଦୁର୍ଘଟଣା ଘଟି ୨ଜଣ ପ୍ରାଣ ହରାଇଛନ୍ତି। ଏହି ଘଟଣାରେ ୩ଜଣ ଗୁରୁତର ଅଛନ୍ତି। ମୃତକମାନେ ହେଲେ ମାଛିଆମ୍ବ ଗାଁର ଚନ୍ଦ୍ର ଖିଲ (୨୦) ଓ କୂପଲିଗୁଡାର ପ୍ରଶାନ୍ତ ଖରା (୨୫)। ଚନ୍ଦ୍ର ଖିଲ ବାଇକ(ଓଡି-୧୦ଜେ-୨୯୮୦) ଯୋଗେ ପାଣ୍ଡ୍ରିପାଣିରୁ ନିଜ ଗାଁ ଅଭିମୁଖେ ଯାଉଥିବାବେଳେ ପ୍ରାଶନ୍ତଙ୍କ ଗାଡି(ଓଡି-୧୦ଏନ୍-୨୫୭୫) ସହ ମୁହଁମୁହିଁ ଧକ୍କା ହୋଇଥିଲା। ଏହି ସମୟରେ ପଛରେ ଆସୁଥିବା ଆଉ ଏକ ବାଇକ୍ ମଧ୍ୟ ସେମାନଙ୍କ ଗାଡି ସହ ପିଟି ହୋଇଯାଇଥିଲା। ଏଥିରେ ଘଟଣାସ୍ଥଳରେ ହିଁ ଚନ୍ଦ୍ରଙ୍କର ମୃତ୍ୟୁ ହୋଇଯାଇଥିଲା। ସ୍ଥାନୀୟ ଲୋକେ ଆମ୍ବୁଲାନ୍ସ ଯୋଗେ ପ୍ରଶାନ୍ତଙ୍କ ସହ ପଛ ବାଇକ୍‌ରେ ଆସୁଥିବା ହରି ଖରା (୩୦) ଚନ୍ଦ୍ର କୁରାମି(୨୧) ନରସିଂହ ଖରା (୩୫)ଙ୍କୁ ଉଦ୍ଧାର କରି ସ୍ଥାନୀୟ ଡାକ୍ତରଖାନାରେ ନେଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ପ୍ରଶାନ୍ତଙ୍କ ମୃତ୍ୟୁ ହୋଇଯାଇଥିଲା। ଗୁରୁତରଙ୍କୁ ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି।

# ନାଏବ ସରପଞ୍ଚଙ୍କୁ ଜାତିଆଣ ଆକ୍ଷେପ ଅଭିଯୋଗ

କୋରୁକୋଣ୍ଡା, ୧୫।୯(ଡି.ଏନ୍.ଏ.)

ଜଣେ ଯୁବକ ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ସଦର ପଞ୍ଚାୟତ ନାଏବ ସରପଞ୍ଚ ବାସନ୍ତୀ ପୂଜାରୀଙ୍କୁ ଜାତିଆଣ ଆକ୍ଷେପ କରିଥିବା ଅଭିଯୋଗ ହୋଇଛି। ଏ ନେଇ ବାସନ୍ତୀ ପୂଜାରୀ ମାଲକାନଗିରି ଥାନାରେ ଅଭିଯୋଗ କରିଛନ୍ତି।

ସୂଚନା ଅନୁଯାୟୀ, ୫ଲକ୍ଷ ଟଙ୍କା ବ୍ୟୟରେ ଏକ ଅତିରିକ୍ତ ପଞ୍ଚାୟତ କକ୍ଷ ନିର୍ମାଣ କରାଯାଉଛି। ନିମ୍ନମାନର କାମ ହେଉଥିବାରୁ ତାହାକୁ ବନ୍ଦ କରିବାକୁ ନାଏବ ସରପଞ୍ଚ ଯନ୍ତ୍ରୀଙ୍କୁ ଫୋନ ଯୋଗେ ଜଣାଇଥିଲେ। କିନ୍ତୁ ଗତ ୧୧ ତାରିଖରେ ଲୋକନାଥ ସାହୁ ନାମକ ଜଣେ ଯୁବକ ନାଏବ ସରପଞ୍ଚ ବାସନ୍ତୀ ପୂଜାରୀଙ୍କ ପଞ୍ଚାୟତସ୍ଥିତ କାର୍ଯ୍ୟାଳୟକୁ ଆସି ସେ ଉକ୍ତ ଗୃହ ନିର୍ମାଣ କାମର ଠିକାଦାର ଭାବେ ନିଜକୁ ପରିଚୟ ଦେଇ ତାଙ୍କୁ ଗାଳିଗୁଲଜ କରିଥିଲେ। ଏଥିସହ ବାସନ୍ତୀଙ୍କ ଜାତିକୁ ଆକ୍ଷପ କରିଥିବା ଏତଲାରେ ଉଲ୍ଲେଖ ରହିଛି। ଏନେଇ ବାସନ୍ତୀ ପୂଜାରୀ କୋରୁକୋଣ୍ଡା ପଞ୍ଚାୟତ ଅଧିକାରୀ ବିରୋରାମ ଭୂମିଆଙ୍କୁ ମଧ୍ୟ ଲିଖିତଭାବେ ଜଣାଇଛନ୍ତି। ମାଲକାନଗିରି ଥାନାରେ ୩୨୮ /୨୦ରେ ମାମଲା ରୁଜୁ କରାଯାଇଛି ବୋଲି ଥାନାଧିକାରୀ ରାମପ୍ରସାଦ ନାଗ ସୂଚନା ଦେଇଛନ୍ତି। ବଳଭଦ୍ର ଦୀପ ଘଟଣାର ତଦନ୍ତ କରୁଛନ୍ତି।

# ସିପିଆଇ(ଏମ୍) ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ



ଚିତ୍ରକୋଣ୍ଡାରେ ଦଳୀୟ କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ମାଲକାନଗିରି/ଚିତ୍ରକୋଣ୍ଡା, ୧୫।୯(ଡି.ଏନ୍.ଏ.)

ଭାରତୀୟ କମ୍ୟୁନିଷ୍ଟ ପାର୍ଟି ମାଲକାନଗିରି ଜିଲା ଶାଖା ପକ୍ଷରୁ ସିପିଆଇ(ଏମ୍) କେନ୍ଦ୍ର କମିଟିର ସମ୍ପାଦକ ସୀତାରାମ ୟେଚୁରୀ ଏବଂ ଅନ୍ୟମାନଙ୍କ ନାମରେ ହୋଇଥିବା ମିଥ୍ୟା ମକଦ୍ଦମା ବିରୋଧରେ ମଙ୍ଗଳବାର ଦଳ ପକ୍ଷରୁ ପ୍ରତିବାଦ କରାଯାଇଛି। ମାଲକାନଗିରି ସଦର ବାଲିମେଳା ଛକ ଓ ଚିତ୍ରକୋଣ୍ଡାରେ ସିପିଆଇ(ଏମ୍) ଆବାହକ ବ୍ରଜ ମାଝିଙ୍କ ନେତୃତ୍ୱରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏଥିରେ ସିପିଆଇ(ଏମ୍)ର ବହୁ କର୍ମୀ ଯୋଗ ଦେଇଥିଲେ। ଦିଲ୍ଲୀ ଦଙ୍ଗା ସମ୍ପର୍କିତ ମକଦ୍ଦମାର ଅତିରିକ୍ତ ଚାର୍ଜସିଟ୍‌ରେ ୟେଚୁରୀଙ୍କ ସମେତ, ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟ ଅର୍ଥନୀତି ବିଭାଗର ପ୍ରଫେସର ବିଶିଷ୍ଟ ଅର୍ଥନୀତିଜ୍ଞ ଡଃ ଜୟତି ଘୋଷ, ସ୍ୱରାଜ ଇଣ୍ଡିଆର ସଭାପତି ଯୋଗେନ୍ଦ୍ର ଯାଦବ, ଦିଲ୍ଲୀ ବିଶ୍ୱବିଦ୍ୟାଳୟର ପ୍ରଫେସର ଅପୂର୍ବାନନ୍ଦ ଏବଂ ଡକୁମେଣ୍ଟାରୀ ଫିଲ୍ମ ନିର୍ମାତା ରାହୁଲ ରାୟଙ୍କୁ ଜଡ଼ିତ କରିବା ପାଇଁ ଦିଲ୍ଲୀ ପୋଲିସର ଉଦ୍ୟମ ନିନ୍ଦନୀୟ ବୋଲି ପାର୍ଟି ପକ୍ଷରୁ କୁହାଯାଇଛି। ଦିଲ୍ଲୀ ପୋଲିସ ଭାଜପା ନେତାଙ୍କ ନିର୍ଦ୍ଦେଶରେ ଏଭଳି କରିଛି ବୋଲି ପାର୍ଟି ପକ୍ଷରୁ ଅଭିଯୋଗ ସହ ପ୍ରତିବାଦ କରାଯାଇଛି। ଦଳୀୟ କର୍ମୀ ବଳରାମ ଗଲରି, ରଘୁନାଥ ହନ୍ତାଳ, ପାତ୍ର ହନ୍ତାଳ, ମାଧବ ଭୂମିୟା, ଭୂପେଶ କର୍ମକାର, ମଙ୍ଗଳା ମାଡକାମି, ଏସବ ଖରା, ପିତାମ୍ବର ଥାଙ୍ଗୁଲ, ଦାଶୁ ଖି, ବନ୍ଧୁ ପାଙ୍ଗି ଓ ଶୁକ୍ରି ଖିଲ ଉପସ୍ଥିତ ଥିଲେ।

# କୋଟିଏ ଟଙ୍କାର ଗଞ୍ଜେଇ ଜବତ

- ତେଲ ଟ୍ୟାଙ୍କରରେ ଚାଲାଣ ହେଉଥିଲା ଗଞ୍ଜେଇ
- ଜଣେ ଅଭିଯୁକ୍ତ ଗିରଫ, ୭ହଜାର ଟଙ୍କା ଜବତ

ରାୟଗଡ଼ା ଅଫିସ, ୧୫।୯


ଜବତ ଗଞ୍ଜେଇ।

ତେଲ ଟ୍ୟାଙ୍କରେ ଗଞ୍ଜେଇ ଚାଲାଣ ହେଉଥିବାବେଳେ ରାୟଗଡ଼ା ପୋଲିସ ତାହାକୁ ଜବତ କରିଛି। ଏହି ଘଟଣାରେ ପୋଲିସ ଟ୍ୟାଙ୍କର ଡ୍ରାଇଭରଙ୍କୁ ଗିରଫ କରିଛି। ସେ ହେଲେ ବିହାର ରାଜ୍ୟ ପାଟଣା ଜିଲାର ଶିବ କୁମାର ଯାଦବ। ପୋଲିସ ତାଙ୍କ ନିକଟରୁ ନଗଦ ୭ହଜାର ଟଙ୍କା ଜବତ କରିଛି।

ତେଲ ଟ୍ୟାଙ୍କର(ଏନ୍‌ଏଲ -୦୩ଏ-୫୬୯୫)ରେ ଗଞ୍ଜେଇ ଚାଲାଣ ହେଉଥିବା ନେଇ ରାୟଗଡ଼ା ଆରଟିଓ ଦିଲୀପ କୁମାର ଦଳେଇ ରାୟଗଡ଼ା ଥାନା ଏସ୍‌ଆଇ ସୌମ୍ୟ ରଞ୍ଜନ ପତିଙ୍କୁ ଜଣାଇଥିଲେ। ପୋଲିସ ତାହାକୁ ଅଟକାଇ ଯାଞ୍ଚ କରିଥିଲା। ସେଥିରୁ ୧୬୧୮ କେଜିଗଞ୍ଜେଇ ପୋଲିସ ଜବତ କରିଥିଲା। ଯାହାର ଆନୁମାନିକ ମୂଲ୍ୟ ପ୍ରାୟ ୧କୋଟି ହେବ ବୋଲି ପୋଲିସ କହିଛି। ଆନ୍ଧ୍ର ପ୍ରଦେଶର ବିଜୟୱାଡାରୁ ପାଟନାକୁ ଗଞ୍ଜେଇ ଚାଲାଣ ହେଉଥିଲା। ଏନେଇ ରାୟଗଡ଼ା ଟାଉନ ଥାନାରେ କେସ୍ ନମ୍ବର ୨୯୨ /୨୦ରେ ଏକ ମାମଲା ରୁଜୁ କରାଯାଇଛି।

# ପାଳନ ହେବନି ଅନ୍ତର୍ଜାତୀୟ ବୟୋଜ୍ୟେଷ୍ଠ ଦିବସ

ସିଟିଜେନ କମିଟିର କାର୍ଯ୍ୟକାରିଣୀ ବୈଠକ

ଜୟପୁର, ୧୫।୯(ଡି.ଏନ୍.ଏ.)

କୋରାପୁଟ ଜିଲା ଜୟପୁର ସିଟିଜେନ କମିଟିର କାର୍ଯ୍ୟକାରିଣୀ ବୈଠକ ମଙ୍ଗଳବାର ବିଶ୍ୱକର୍ମା ବଢେଇ ସଂଘ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଛି। କମିଟି ସଭାପତି ମୀନକେନତ ଦାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସମ୍ପାଦକ ପଣ୍ଡିତ ଗୀତା ପ୍ରକାଶ ମିଶ୍ରଙ୍କ ବିଭିନ୍ନ ପ୍ରସ୍ତାବ ଉପରେ ଆଲୋଚନା ହୋଇଥିଲା। ଏଥିରେ କୋଭିଡ-୧୯ ଯୋଗୁ ଅକ୍ଟୋବର ପହିଲାରେ ଅନୁଷ୍ଠିତ ହେବାକୁ ଥିବା ଅନ୍ତର୍ଜାତୀୟ ବୟୋଜ୍ୟେଷ୍ଠ ଦିବସ ପାଳନ କାର୍ଯ୍ୟକ୍ରମକୁ ସ୍ଥଗିତ ରଖିବା ନେଇ ନିଷ୍ପତ୍ତି ନିଆଯାଇଛି। ଜୟପୁରସ୍ଥିତ ମୁଖ୍ୟ ଚିକିତ୍ସାଳୟରେ ଏକ ସ୍ୱତନ୍ତ୍ର ଆପାତିକ ପର୍ଯ୍ୟବେକ୍ଷଣ କକ୍ଷ ତୁରନ୍ତ ଖୋଲିବା ନେଇ ଜିଲାପାଳ ଏବଂ ସିଡିଏମଓଙ୍କୁ ସ୍ମାରକପତ୍ର ପ୍ରଦାନ କରିବାକୁ ବୈଠକରେ ଆଲୋଚନା ହୋଇଥିଲା। ପ୍ରଶାସନ ପକ୍ଷରୁ ଜଗନ୍ନାଥ ସାଗର ଜବରଦଖଲ ଉଚ୍ଛେଦ ନିଷ୍ପତ୍ତିକୁ ସ୍ୱାଗତ କରାଯାଇଥିଲା। ପ୍ରଶାସନକୁ କମିଟି ପକ୍ଷରୁ ସମସ୍ତ ସହାୟତା ଯୋଗାଇ ଦିଆଯିବ ବୋଲି ବୈଠକରେ ସ୍ଥିର ହୋଇଛି। ଏଥିରେ କମିଟିର ସମୁଦାୟ ୧୬ଜଣ ସଦସ୍ୟ ଉପସ୍ଥିତ ଥିଲେ।

# ୪୯୨୬ ରେ ପହଞ୍ଚିଲା କୋରାପୁଟରେ ପଜିଟିଭ ସଂଖ୍ୟା

କୋରାପୁଟ, ୧୫।୯(ସ୍ୱ.ପ୍ର.)

କୋରାପୁଟ ଜିଲା ପ୍ରଶାସନର ସମସ୍ତ ଉଦ୍ୟମ ସତ୍ତ୍ୱେ ଜିଲାରେ କରୋନା ସଂକ୍ରମିତଙ୍କ ସଂଖ୍ୟା ଲଗାତର ବଢ଼ିବାରେ ଲାଗିଛି। ଜିଲାରୁ ପୁଣି ୯୫ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଜିଲାରେ ମୋଟ ପଜିଟିଭ ସଂଖ୍ୟା ମଙ୍ଗଳବାର ସୁଦ୍ଧା ୪୯୨୬ରେ ପହଞ୍ଚିଛି। ନୂତନ ସଂକ୍ରମିତଙ୍କ ମଧ୍ୟରେ ଜୟପୁର ପୌରାଞ୍ଚଳରୁ ୯, କୋରାପୁଟ ପୌରାଞ୍ଚଳରୁ ୧୧, ସୁନାବେଡ଼ା ପୌରାଞ୍ଚଳରୁ ୧୮ ଏବଂ କୋଟପାଡ ଏନ୍‌ଏସିରୁ ୧୦ ଜଣ ରହିଛନ୍ତି । ସେହିପରି କୋରାପୁଟ ବ୍ଲକ୍‌ରୁ ୮ ଜଣ, ବନ୍ଧୁଗାଁରୁ ୨, ବୈପାରିଗୁଡାରୁ ୫, ବୋରିଗୁମ୍ମାରୁ ୯, ଦଶମନ୍ତପୁରରୁ ୨, ଜୟପୁର ବ୍ଲକ୍‌ରୁ ୨, କୋଟପାଡରୁ ୨, କୁନ୍ଦୁରାରୁ ୧, ଲମତାପୁଟରୁ ୪, ଲକ୍ଷ୍ମୀପୁରରୁ ୫, ନନ୍ଦପୁରରୁ ୧, ପଟ୍ଟାଙ୍ଗୀରୁ ୫ ଏବଂ ସେମିଳିଗୁଡ଼ାରୁ ୧ ସଂକ୍ରମିତ ରହିଛନ୍ତି। ତେବେ ଜନସାଧାରଣଙ୍କ ସହଯୋଗରେ କରୋନାର ମୁକାବିଲା କରାଯାଇପାରିବ। ତେଣୁ ନିୟମକୁ ପାଳନ କରିବାକୁ ଜିଲାପାଳ ମଧୁସୁଦନ ମିଶ୍ର ପୁଣି ଅନୁରୋଧ କରିଛନ୍ତି।

# ଡିବିରି ଆଲୁଅ ଭରସାରେ ଥରଲି ଗ୍ରାମବାସୀ

- ଦେଢ ମାସ ହେଲାଣି ପୋଡିଯାଇଛି ଟ୍ରାନ୍ସଫର୍ମର
- ମରାମତି ଦାବି କଲେ ଗାଁ ଲୋକେ

ଟିକିରି, ୧୫।୯(ଡି.ଏନ୍.ଏ.)

କାଶୀପୁର ବ୍ଲକ ଡଙ୍ଗାସିଲ ପଞ୍ଚାୟତ ଅଧୀନ ଥରଲି ଗାଁର ଲୋକଙ୍କର ଏବେ ଡିବିରି ଆଲୁଅ ଭରଷା। ଦୀର୍ଘ ମାସ ହେବ ଏଠାରେ ଥିବା ଟ୍ରାନ୍ସଫର୍ମର ପୋଡି ଯାଇଥିବାରୁ ଲୋକେ ସନ୍ଧ୍ୟା ହେଲେ ଡିବିରି ଓ ଲଣ୍ଠନ ଉପରେ ନିର୍ଭର କରୁଛନ୍ତି। ଆଜକୁ ପ୍ରାୟ ଦେଢ ମାସ ହେଲା ଗାଁରେ ଟ୍ରାନ୍ସଫର୍ମର ପୋଡି ଯିବାରୁ ଗ୍ରାମବାସୀମାନେ ବିଦ୍ୟୁତ୍ ଆଲୁଅରୁ ବଞ୍ଚିତ ହୋଇଥିବା ଅଭିଯୋଗ କରିଛନ୍ତି।

ଡଙ୍ଗାସିଲ ପଞ୍ଚାୟତ ସଦରଠାରୁ ମାତ୍ର ଦୁଇ କିଲୋମିଟରର ଦୂରରେ ରହିଛି ଥରଲି ଗାଁ। ଏଠାରେ ୪୫ ପରିବାର ରହୁଛନ୍ତି। ଗାଁରେ ଥିବା ଟ୍ରାନ୍ସଫର୍ମର ଏବେ ପୋଡି ଯାଇଛି। ଏହାକୁ ବିଭାଗ ପକ୍ଷରୁ ତିଆରି କରାଯାଉନି। ସଦରମହକୁମାରୁ ଏତେ କମ୍ ଦୂରରେ ରହିବା ସତ୍ତ୍ୱେ ଗ୍ରାମବାସୀ ଦୀର୍ଘ ମାସ ହେବ ବିଦ୍ୟୁତ୍ ସେବାରୁ ବଞ୍ଚିତ ହେଉଛନ୍ତି। ଗାଁର ସମସ୍ତେ ବିପିଏଲ୍ ଶ୍ରେଣୀର। ଗ୍ରାମ ବିଦ୍ୟୁତ୍‌କରଣ ଯୋଜନାରେ ସେମାନଙ୍କୁ ଇଲେକ୍ଟ୍ରି ସଂଯୋଗ ଦିଆଯାଇଛି। କିନ୍ତୁ ଟ୍ରାନ୍ସଫର୍ମର ପୋଡି ଯିବା ପରେ ଏହାର ମରାମତି କରାଯାଉନାହିଁ। ପ୍ରତ୍ୟେକ ବିଦ୍ୟୁତ୍ ଉପଭୋକ୍ତା ପରିବାର ବକେୟା ବିଦ୍ୟୁତ୍ ଦେୟ ସହିତ ଏକ ହଜାର ଲେଖାଏ ଦେଲେ ନୂତନ ଟ୍ରାନ୍ସଫର୍ମର ବସାଯାଇ ବିଦ୍ୟୁତ୍ ସଂଯୋଗ ଦିଆଯିବ ବୋଲି ବଦ୍ୟୁତ୍ ବିଭାଗର କର୍ମଚାରୀ କହୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। କରୋନା ଯୋଗୁ ଲୋକେ ଏବେ କାମ ଧନ୍ଦା ହରାଇ ଘରେ ବସିଛନ୍ତି। ତଥାପି ମଧ୍ୟ ବହୁ କଷ୍ଟରେ କିଛି ଟଙ୍କା ଯୋଗାଡ କରି ବକେୟା ଦେୟ ଦେବାକୁ ପ୍ରସ୍ତୁତ ଥିବା ଉପଭୋକ୍ତାମାନେ କହିଛନ୍ତି। କିନ୍ତୁ ନିର୍ଦ୍ଦିଷ୍ଟ ସଂଖ୍ୟକ ଟଙ୍କା ନ ଦେଲେ ଟ୍ରାନ୍ସଫର୍ମର ବସାଇବାକୁ ବିଦ୍ୟୁତ୍ କର୍ମଚାରୀ ମନା କରୁଥିବାର ଗ୍ରାମବାସୀ କହିଛନ୍ତି। ଏ ନେଇ ବିଭାଗୀୟ ବିଦ୍ୟୁତ୍ ଯନ୍ତ୍ରୀଙ୍କ ସହ ଯୋଗାଯୋଗ ହୋଇ ପାରି ନ ଥିବାରୁ ତାଙ୍କ ପ୍ରତିକ୍ରିୟା ନିଆଯାଇପାରି ନାହିଁ। ତୁରନ୍ତ ଗାଁକୁ ବିଦ୍ୟୁତ୍ ସଂଯୋଗ କରିବାକୁ ବନମାଳୀ ମାଝି, ଅର୍ଜୁନ ମାଝି, ଦେଉଡୁ ମାଝି, କୁମ୍ଭା ମାଝି, ଅଜୟ ମାଝି ପ୍ରମୁଖ କହିଛନ୍ତି।


ପୋଡି ଯାଇଥିବା ଟ୍ରାନ୍ସଫର୍ମର।

**୩ ହଜାର କ୍ଷୁଦ୍ର ବାଣିଜ୍ୟକୁ ସହାୟତା କରିବ ଫେସ୍‌ବୁକ୍**

ନୂଆଦିଲ୍ଲୀ:ଦେଶର ୩ ହଜାର କ୍ଷୁଦ୍ର ବାଣିଜ୍ୟକୁ ସହାୟତା କରିବା ଲାଗି ଫେସ୍‌ବୁକ୍ ଇଣ୍ଡିଆ ଯୋଜନା ରଖିଛି। ଦିଲ୍ଲୀ, ଗୁରୁଗ୍ରାମ, ମୁମ୍ବାଇ, ହାଇଦ୍ରାବାଦ ଏବଂ ବାଙ୍ଗାଲୋର ଭଳି ସ୍ଥାନରେ କମ୍ପାନୀ ଏହି ଯୋଜନାକୁ କାର୍ଯ୍ୟକାରୀ କରାଇବ। ଏଥିଲାଗି ୩୨ କୋଟି ଟଙ୍କାର ଏକ ପାଣ୍ଠି ଘୋଷଣା କରାଯାଇଛି।

## ସଂକ୍ଷେପରେ

### ରପ୍ତାନି ୧୨.୬୬% କମିଲା

ନୂଆଦିଲ୍ଲୀ,୧୫।୯: କରୋନା ପ୍ରଭାବ ଯୋଗୁ ଗତ ୬ ମାସ ହେବ ଘରୋଇ ବଜାରରୁ ରପ୍ତାନି ହ୍ରାସ ଧାରା ଲାଗି ରହିଛି। ଅଗଷ୍ଟରେ ରପ୍ତାନି ୧୨.୬୬% ହ୍ରାସ ଘଟି ୨୨.୭ ବିଲିୟନ ଡଲାର ରହିଛି। ପେଟ୍ରୋଲିୟମ, ଚମଡ଼ା, ଇଞ୍ଜିନିୟରିଂ ଉତ୍ପାଦ, ଜେମ୍ସ ଆଣ୍ଡ ଜୁଏଲେରି ଭଳି ଅନ୍ୟ ବର୍ଗରେ ସାମଗ୍ରୀ ରପ୍ତାନି ଖସିବା ଯୋଗୁ ଏଭଳି ସ୍ଥିତି ଉପୁଜିଥିବା ସରକାର ମଙ୍ଗଳବାର ଜାରି କରିଥିବା ଡାଟାରୁ ସାମ୍ନାକୁ ଆସିଛି। ଏହି ସମୟ ଅବଧିରେ ଆମଦାନୀ ୨୬% କମିବା ଯୋଗୁ ଏହା ୨୯.୪୭ ବିଲିୟନ ଡଲାର ରହିଛି। ଫଳରେ ବାଣିଜ୍ୟ ନିଅଣ୍ଟ ୬.୭୭ ବିଲିୟନ ଡଲାରକୁ ଏହା ଖସିଛି।

### ମହାମାରୀ ବେଳେ ସୁଧ ଛାଡ଼ ବିଚାର କରିବ କମିଟି

ନୂଆଦିଲ୍ଲୀ,୧୫।୯: କୋଭିଡ୍-୧୯ ମହାମାରୀ ସମୟରେ ଋଣ କିସ୍ତି ଉପରେ ଲାଗୁ ହେଉଥିବା ସୁଧ ଛାଡ଼ ଉପରେ ସରକାରୀ କମିଟି ବିଚାର କରିବ। ଲୋକସଭାକୁ ଏକ ଲିଖିତ ଉତ୍ତରରେ ସରକାର ଏହି ସୂଚନା ଦେଇଛନ୍ତି। ଏ ସଂକ୍ରାନ୍ତ ବିଭିନ୍ନ ପ୍ରଶ୍ନ ଉପରେ ଉତ୍ତର ରଖି ଅର୍ଥରାଷ୍ଟ୍ର ମନ୍ତ୍ରୀ ଅନୁରାଗ ଠାକୁର କହିଛନ୍ତି, ରିଜର୍ଭ ବ୍ୟାଙ୍କ ବିଭିନ୍ନ ନିୟାମକ ପଦକ୍ଷେପ ହାତକୁ ନେଇଛି। ଏହା ମଧ୍ୟରେ ଋଣ ମୋରାଟୋରିୟମ, ରିଜୋଲ୍ୟୁଶନ ପ୍ଲାନ୍ ସାମିଲ ରହିଛି। ସୁଧ ଛାଡ଼ ସଂକ୍ରାନ୍ତ ବିଭିନ୍ନ ପ୍ରସ୍ତାବ ଉପରେ ବିଚାର କରିବା ଲାଗି ସରକାର ଏକ ବିଶେଷଜ୍ଞ କମିଟି ଗଠନ କରିଛନ୍ତି। ସୁଧ ଛାଡ଼ ହେଲେ ଏହାର ପ୍ରଭାବ ଏବଂ ମୋରାଟୋରିୟମ ବେଳେ ସୁଧ ଛାଡ ଭଳି ବିଭିନ୍ନ ପ୍ରସଙ୍ଗ ଉପରେ ଏହି କମିଟି ବିଚାର କରିବ ବୋଲି ଜଣାପଡିଛି।

# ଘରୋଇକରଣ ନତୁବା ବନ୍ଦ ହେବ ଏୟାର ଇଣ୍ଡିଆ

ନୂଆଦିଲ୍ଲୀ, ୧୫।୯

ରାଷ୍ଟ୍ରାୟତ୍ତ ବିମାନ କମ୍ପାନୀ ଏୟାର ଇଣ୍ଡିଆ ଲାଗି ସରକାରଙ୍କ ସାମ୍ନାରେ ୨ଟି ବିକଳ୍ପ ରହିଛି। ଏହି ବିମାନ କମ୍ପାନୀକୁ ସରକାର ଘରୋଇକରଣ କରିବେ ନ ହେଲେ ସମ୍ପୂର୍ଣ୍ଣ ବନ୍ଦ କରିଦେବେ। କମ୍ପାନୀ ଉପରେ ବର୍ତ୍ତମାନ ବୃହତ୍ ପରିମାଣର ଋଣ ଭାର ରହିଛି। ଏହାକୁ ଧ୍ୟାନରେ ରଖି ସରକାର ୨ଟି ବିକଳ୍ପ ମଧ୍ୟରୁ କୌଣସି ଗୋଟିଏକୁ ଗ୍ରହଣ କରିବେ ବୋଲି ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ହରଦୀପ ସିଂ ପୁରୀ ମଙ୍ଗଳବାର ସୂଚନା ଦେଇଛନ୍ତି।



ରାଜ୍ୟ ସଭାରେ ଏୟାରକ୍ରାଫ୍ଟ ସଂଶୋଧନ ବିଲ୍ ପାସ୍ ହେବା ଆଗରୁ ପୁରୀ କମ୍ପାନୀର ଘରୋଇକରଣକୁ ନେଇ କହିଛନ୍ତି ଯେ, ସରକାର ଯଦି ସହାୟତା ଦେବେ ଏୟାର ଇଣ୍ଡିଆ ଚାଲିପାରିବ। ମାତ୍ର ବିମାନ କମ୍ପାନୀ ବର୍ତ୍ତମାନ ୬୦ ହଜାର କୋଟି ଋଣ ଭାର ସହ ଚାଲୁଛି, ଯାହକୁ ବହନ କରିବା କଷ୍ଟକର ବ୍ୟାପାର। ଏଣୁ ଏହାର ଘରୋଇକରଣ ଏବଂ ବନ୍ଦ ଭଳି ୨ଟି ବିକଳ୍ପ ସରକାରଙ୍କ ସାମ୍ନାରେ ରହିଛି। ଏୟାର ଇଣ୍ଡିଆକୁ ନୂଆ ପରିଚାଳନା ସଂସ୍ଥା ମିଳିବା ସହ ଘରୋଇକରଣ ନେଇ ଆଶାବାଦୀ ରହିଥିବା ପୁରୀ ମତ ରଖିଛନ୍ତି।

ସୂଚନାଯୋଗ୍ୟ, ଏୟାର ଇଣ୍ଡିଆର ଘରୋଇକରଣ ଲାଗି ସରକାରୀ ପ୍ରକ୍ରିୟା ଜାରି ରହିଛି। ବିମାନ କମ୍ପାନୀକୁ

**ସ୍ପଷ୍ଟ କଲେ ବିମାନ ଚଳାଚଳ ମନ୍ତ୍ରୀ**

ସମ୍ପୂର୍ଣ୍ଣ ବନ୍ଦ ନ କରି ଏହାକୁ ଘରୋଇକରଣ କରାଯିବା ଉପରେ ସରକାର ଫୋକସ କରିଛନ୍ତି। ଏ ନେଇ ପ୍ରକ୍ରିୟା ଜାରି ରହିଛି। ଏକ ଯୋଗ୍ୟ ବିଡର ସନ୍ଧାନରେ ସରକାର ରହିଥିବା ଜଣାପଡିଛି। ଅପରପକ୍ଷରେ ରାଜ୍ୟ ସଭା ଏୟାରକ୍ରାଫ୍ଟ ସଂଶୋଧନ ବିଲ୍ ୨୦୨୦କୁ ପାସ୍ ହୋଇଛି। ଚଳିତ ବର୍ଷ ମାର୍ଚ୍ଚରେ ଲୋକସଭା ଏହି ବିଲ୍‌କୁ ମଞ୍ଜୁରୀ ପ୍ରଦାନ କରିଥିଲା। ଏହାଦ୍ୱାରା ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ(ଡିଜିସିଏ), ବେସାମରିକ ବିମାନ ଚଳାଚଳ ନିରାପତ୍ତା ବ୍ୟୁରୋ(ବିସିଏଏସ୍), ବିମାନ ଦୁର୍ଘଟଣା ତଦନ୍ତ ବ୍ୟୁରୋ(ଏଏଆଇବି) ଭଳି ଏଜେନ୍ସିଗୁଡିକ ବୈଧାନିକ ସଂସ୍ଥା ଭାବେ ରୂପାନ୍ତରିତ କରାଯିବାର ଯୋଜନା ରଖାଯାଇଛି।

## ଏସ୍‌ବିଆଇ ଓଟିପି ଉଠାଣ ୨୪ ଘଣ୍ଟିଆ ହେଲା

ଭୁବନେଶ୍ୱର, ୧୫।୯

ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଏସ୍‌ବିଆଇ) ପକ୍ଷରୁ ଏହାର ଓଟିପି ଭିତ୍ତିକ ଏଟିଏମ୍ ଉଠାଣ ବ୍ୟବସ୍ଥାକୁ ଚବିଶ ଘଣ୍ଟିଆ କରାଯାଇଛି। ଚଳିତ ବର୍ଷ ସେପ୍ଟେମ୍ବର ୧୮ରୁ ଲୋକମାନେ ଏହି ସେବା ଲାଭ କରିପାରିବେ। ୨୦୨୦ ଜାନୁୟାରୀ ପହିଲାରୁ ଏଟିଏମ୍‌ରୁ ଟଙ୍କା ଉଠାଣକୁ ସୁରକ୍ଷିତ କରିବା ଲାଗି ବ୍ୟାଙ୍କ ଓଟିପି ଭିତ୍ତିକ ଉଠାଣ ସେବା ରାତି ୮ରୁ ସକାଳ ୮ ଯାଏ କାର୍ଯ୍ୟକାରୀ କରାଇଥିଲା। ୧୦ ହଜାରରୁ ଊର୍ଦ୍ଧ୍ୱ ମୂଲ୍ୟର ଟଙ୍କା ଉଠାଣ ଉପରେ ଫୋନକୁ ଏକ ଓଟିପି ଆସୁଥିଲା। ଏଟିଏମ୍ ଉଠାଣ ଠକେଇ ଓ ଅନ୍ୟ ସମସ୍ୟାରୁ ସୁରକ୍ଷା ପାଇଁ ବ୍ୟାଙ୍କ ଏଭଳି ଏକ ବ୍ୟବସ୍ଥାକୁ ଗ୍ରହଣ କରିଛି। ଓଟିପି ସେବା ଜରିଆରେ ଗ୍ରାହକଙ୍କୁ ସୁରକ୍ଷା ଓ ଠକେଇରୁ ମୁକ୍ତି ମିଳିବ ବୋଲି ବ୍ୟାଙ୍କ ପକ୍ଷରୁ କୁହାଯାଇଛି। ୧୮ ସେପ୍ଟେମ୍ବରରୁ କଡ଼ାକଡ଼ି ଭାବରେ ବ୍ୟାଙ୍କର ଏଟିଏମ୍‌ରୁ ୧୦ ହଜାର କିମ୍ବା ଏହାଠାରୁ ଊର୍ଦ୍ଧ୍ୱ ଟଙ୍କା ଉଠାଣ ସମୟରେ ପ୍ରଥମ ଗ୍ରାହକଙ୍କ ଖାତା ଆଧାରିତ ଫୋନ ନମ୍ବରକୁ ଏକ ଓଟିପି ଆସିବ। ଉକ୍ତ ନମ୍ବରକୁ ବ୍ୟବହାର କରାଯିବା ପରେ ଟଙ୍କା ଉଠାଣ ହୋଇପାରିବ। ଏହା ଫଳରେ ସୁରକ୍ଷିତ ବ୍ୟାଙ୍କିଙ୍ଗ୍ ସେବା ସହ ଠକେଇରୁ ରକ୍ଷା ପାଇହେବ। ଏ ସମ୍ପର୍କରେ ବ୍ୟାଙ୍କର ରିଟେଲ ଏବଂ ଡିଜିଟାଲ ବ୍ୟାଙ୍କିଙ୍ଗ୍‌ର ନିର୍ଦ୍ଦେଶକ ସି.ଏସ୍. ସେଟ୍ଟୀ କହିଛନ୍ତି, ଗ୍ରାହକଙ୍କ ସୁରକ୍ଷାକୁ ବ୍ୟାଙ୍କ ସର୍ବଦା ଗୁରୁତ୍ୱ ଦେଇଛି। ବିଭିନ୍ନ ସମୟରେ ଏଟିଏମ୍ ଉଠାଣରେ ଠକେଇ ଘଟଣାକୁ ଆଖି ଆଗରେ ରଖି ଏହି ନୂତନ ସେବାର ବିକଶିତ କରାଯାଇଛି। ଭିନ୍ନ ଢଙ୍ଗରେ ଏଟିଏମ୍ ଉଠାଣ ଘଟଣାରୁ ଗ୍ରାହକଙ୍କୁ ସୁରକ୍ଷିତ ପ୍ରଦାନ କରାଯାଇପାରିବ। ଏହି ୨୪ ଘଣ୍ଟିଆ ସେବା ଫଳରେ ଗ୍ରାହକମାନେ ମଧ୍ୟ ଉପଯୁକ୍ତ ବ୍ୟାଙ୍କ ବ୍ୟବସ୍ଥା ସହ ସୁରକ୍ଷିତ ଟଙ୍କା ଉଠାଣର ଲାଭ ଉଠାଇପାରିବେ ବୋଲି ସେ ଆଶା କରିଛନ୍ତି। ନିରନ୍ତର ସେବା ପାଇବା ଲାଗି ଫୋନ୍ ନମ୍ବରକୁ ଅପ୍‌ଡେଟ କରାଇନେବା ଲାଗି ଆକାଉଣ୍ଟଧାରୀଙ୍କୁ ବ୍ୟାଙ୍କ ପକ୍ଷରୁ ନିବେଦନ କରାଯାଇଛି।

## ୧୬ ଶହ କମ୍ପାନୀ ପାଇଛନ୍ତି ଚାଇନା ଏଫ୍‌ଡିଆଇ

ନୂଆଦିଲ୍ଲୀ,୧୫।୯

ଘରୋଇ ବଜାରର ପ୍ରାୟ ୧୬ରୁ ଊର୍ଦ୍ଧ୍ୱ କମ୍ପାନୀ ଚାଇନାର ବିଦେଶୀ ପ୍ରତ୍ୟକ୍ଷ ପୁଞ୍ଜିନିବେଶ(ଏଫ୍‌ଡିଆଇ) ଲାଭ କରିଛନ୍ତି। ୨୦୧୬ ଏପ୍ରିଲରୁ ମାର୍ଚ୍ଚ ୨୦୨୦ ମଧ୍ୟରେ ଏହି କମ୍ପାନୀଗୁଡିକରେ ପ୍ରାୟ ୧ ବିଲିୟନ ଡଲାର ନିବେଶ ହୋଇଥିବା ସରକାରୀ ଡାଟାରୁ ଜଣାପଡିଛି। ପ୍ରାୟ ୪୬ କ୍ଷେତ୍ରରେ ଚାଇନା କମ୍ପାନୀଗୁଡିକ ଭାରତୀୟ ଷ୍ଟାର୍ଟ ଅପ୍ ଏବଂ ଅନ୍ୟ କମ୍ପାନୀଗୁଡ଼ିକରେ ନିବେଶ କରିଛନ୍ତି। ଅଟୋମୋବାଇଲ, ବୁକ୍ ପ୍ରିଣ୍ଟିଂ, ଇଲେକ୍‌ଟ୍ରୋନିକ୍ସ, ସର୍ଭିସ ଏବଂ ଇଲେକ୍ଟ୍ରିକାଲ ଯନ୍ତ୍ରାଂଶ ବର୍ଗରେ ପ୍ରାୟ ୧୦୦ ନିୟୁତ ଡଲାରରୁ ଊର୍ଦ୍ଧ୍ୱ ଚାଇନା ଏଫ୍‌ଡିଆଇ ଆସିଛି। ଦେଶର ଅଟୋମୋବାଇଲ ଶିଳ୍ପ ୧୭୨ ନିୟୁତ ଏବଂ ସେବା କ୍ଷେତ୍ର ୧୨୯ ନିୟୁତ ଡଲାର ନିବେଶ ଏହି ଦେଶରୁ ପାଇଛି। ଚାଇନା ଏଜେନ୍ସିଗୁଡିକ କେତେ ପରିମାଣର ନିବେଶ କରିଛନ୍ତି ସେ ସଂକ୍ରାନ୍ତ ଡାଟା କର୍ପୋରେଟ ବ୍ୟାପାର ମନ୍ତ୍ରଣାଳୟ ରଖିନାହିଁ ବୋଲି କର୍ପୋରେଟ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଅନୁରାଗ ଠାକୁର ସୂଚନା ଦେଇଛନ୍ତି।

## ଜିଡିପି ୯% ଖସିବ:ଏଡିବି

ନୂଆଦିଲ୍ଲୀ, ୧୫।୯

ଚଳିତ ଆର୍ଥିକ ବର୍ଷରେ ଭାରତର ଜିଡିପି ଅଭିବୃଦ୍ଧି ୯% ଖସିଯିବ। କରୋନା ମହାମାରୀ ଯୋଗୁ ଘରୋଇ ବଜାରର କାର୍ଯ୍ୟକଳାପ ଏବଂ ଚାହିଦା ପ୍ରଭାବିତ ହୋଇ ରହିଥିବାରୁ ଏହା ଜିଡିପି ଉପରେ ଗଭୀର ଭାବେ ପ୍ରଭାବ ପକାଉଥିବା ଏସିଆନ ଡେଭଲପମେଣ୍ଟ ବ୍ୟାଙ୍କ(ଏଡିବି) ପକ୍ଷରୁ ମଙ୍ଗଳବାର ଏକ ରିପୋର୍ଟରେ କୁହାଯାଇଛି। ବ୍ୟାଙ୍କ ଏହାର ଏସିଆନ ଡେଭଲପମେଣ୍ଟ ଆଉଟଲୁକ୍‌ରେ କହିଛି ଯେ, ୨୦୨୧-୨୨ଆର୍ଥିକ ବର୍ଷରେ ଭାରତ ପୁଣିଥରେ ଅଭିବୃଦ୍ଧି ପଥକୁ ଫେରିବ। ମୋବିଲିଟି ଏବଂ ବିଜ୍‌ନେସ କାର୍ଯ୍ୟକଳାପ ଫେରିବା ଯୋଗୁ ଘରୋଇ ବଜାରକୁ ଏହାର ଲାଭ ମିଳିବ। ଏହି ସମୟରେ ଭାରତର ବିକାଶ ହାର ୮% ରହିବା ନେଇ ଏହି ବ୍ୟାଙ୍କ ଆଶା ପ୍ରକଟ କରିଛି। ଭାରତ ସରକାର ସାରା ଦେଶରେ ଲାଗୁ କରିଥିବା ଲକ୍‌ଡାଉନ ଯୋଗୁ ବଜାରକୁ ଶକ୍ତ ଧକ୍କା ଲାଗିଥିବା ଏଡିବି ମୁଖ୍ୟ ଅର୍ଥନୀତିଜ୍ଞ ୟାସୁୟୁକି ସାୱାଡା ସୂଚନା ଦେଇଛନ୍ତି। ସଂକ୍ରମଣକୁ ରୋକିବା ଲାଗି ଟେଷ୍ଟିଂ, ସ୍ୱାସ୍ଥ୍ୟ ସୁବିଧା ଉନ୍ନତ କରିବା ଉପରେ ଧ୍ୟାନ ଦେବାକୁ ପରାମର୍ଶ ଦେଇଛି।

## ଖୋଲିଲା ଉତ୍କଳ ଗ୍ୟାଲେରିଆର ଫୁଡ୍ କୋର୍ଟ

ଭୁବନେଶ୍ୱର, ୧୫।୯

କରୋନା କଟକଣା କାରଣରୁ ବନ୍ଦ ହୋଇ ରହିଥିବା ଉତ୍କଳ କନିକା ଗ୍ୟାଲେରିଆର ଫୁଡ୍ କୋର୍ଟ ଗ୍ରାହକଙ୍କ ପାଇଁ ଖୋଲାଯାଇଛି। ସରକାରଙ୍କ ଗାଇଡ୍‌ଲାଇନ ସହ ଫୁଡ୍ କୋର୍ଟ ପରିସରକୁ ସମ୍ପୂର୍ଣ୍ଣ ସାନିଟାଇଜେଶନ ବ୍ୟବସ୍ଥା ସହ ଗ୍ରାହକଙ୍କ ସୁରକ୍ଷାକୁ ପ୍ରାଥମିକତା ପ୍ରଦାନ କରାଯାଉଛି। ଏହି ଫୁଡ୍ କୋର୍ଟ ମଲ୍‌ର ୩ୟ ମହଲାରେ ରହିଛି। ଷ୍ଟ୍ରିଟ୍ ଫୁଡ୍ସ ବାଇ ପଞ୍ଜାବ ଗ୍ରିଲ୍,ଏସିଆ ସେଭେନ, ପିଜା ହଟ୍ ଏବଂ କେଏଫ୍‌ସି ଭଳି ବ୍ରାଣ୍ଡେଡ୍ ଶପ୍‌ଗୁଡିକ ଏଠାରେ ଖୋଲାରହୁଛି। ଏହି ଶପ୍‌ଗୁଡିକ ବିଭିନ୍ନ ଅଫର ସହ ଗ୍ରାହକଙ୍କ ପସନ୍ଦ ଅନୁଯାୟୀ ଖାଦ୍ୟସାମଗ୍ରୀ ଉପଲବ୍ଧ କରାଉଛନ୍ତି ବୋଲି ମଲ୍ ପକ୍ଷରୁ ସୂଚନା ଦିଆଯାଇଛି।

## ରାଜ୍ୟ ଖବର

### ପ୍ରଶ୍ନକାଳ ବନ୍ଦକୁ କଂଗ୍ରେସର ବିରୋଧ

- ସର୍ବଦଳୀୟ ବୈଠକ ଡାକିବାକୁ ଦାବି କଲେ ତାରା
- ପାର୍ଲାମେଣ୍ଟ ଢାଞ୍ଚାରେ ଚାଲିଲେ ଆପତ୍ତି ନାହିଁ: ଭାଜପା

ଭୁବନେଶ୍ୱର ୧୫।୯(ବ୍ୟୁରୋ): ବିଧାନସଭାର ମୌସୁମୀ ଅଧିବେଶନ ଆସନ୍ତା ୨୯ ତାରିଖରୁ ଆରମ୍ଭ ହେବ। ଏଥିରେ ୮ କାର୍ଯ୍ୟଦିବସ ଥିବାବେଳେ ଚଳିତ ଅଧିବେଶନରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ରଖାଯାଇନାହିଁ। ଏହାକୁ ନେଇ ବିରୋଧୀ ପ୍ରଶ୍ନ ଉଠାଇଛନ୍ତି। ରାଜ୍ୟର ବିଭିନ୍ନ କ୍ଷେତ୍ରରେ ବ୍ୟାପକ ଦୁର୍ନୀତି ହୋଇଥିବା ବେଳେ ସମ୍ପୃକ୍ତ ପ୍ରସଙ୍ଗଗୁଡିକୁ ଚାପି ଦେବା ଲାଗି ଏପରି ମସୁଧା କରାଯାଇଥିବା କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଛି। ବିଧାନସଭା ଅଧିବେଶନ ପୂର୍ବରୁ ସର୍ବଦଳୀୟ ବୈଠକ ଡକାଯାଉ ବୋଲି ଦଳ ଦାବି କରିଛି। କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତି କହିଛନ୍ତି, ବିଧାନସଭା ଅଧିବେଶନ ନେଇ ସଚିବ ଯେଉଁ ଚିଠି ପଠାଇଛନ୍ତି ସେଥିରୁ କିଛି ସ୍ପଷ୍ଟ ହେଉନାହିଁ। ପ୍ରଶ୍ନକାଳ ବନ୍ଦ କରାଯିବ, ହେଲେ ଶୂନ୍ୟକାଳ ସହିତ ମୁଲତବୀ ଆଲୋଚନା ହେବ କି ନାହିଁ ତାହା ଜଣାପଡୁନାହିଁ। କରୋନା ମୁକାବିଲାକୁ ଆଳ କରି ବ୍ୟାପକ ଦୁର୍ନୀତି ହୋଇଛି। ଏସବୁ ଧରାପଡ଼ିଯିବା ଭୟରେ କେନ୍ଦ୍ର ଓ ରାଜ୍ୟ ସରକାର ପ୍ରଶ୍ନକାଳ ବନ୍ଦ ଲାଗି ଯୋଜନା କରିଥିବା ତାରା ନିଜ ପ୍ରତିକ୍ରିୟାରେ କହିଛନ୍ତି। ଅନ୍ୟପଟେ ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାଏକ କହିଛନ୍ତି, ପାର୍ଲାମେଣ୍ଟ ବ୍ୟବସ୍ଥା ଅନୁଯାୟୀ ବିଧାନସଭା ଚାଲିଲେ କିଛି ଆପତ୍ତି ନାହିଁ। ସେହିପରି ବିଜେଡି ବିଧାୟକ ଅମର ପ୍ରସାଦ ଶତପଥୀ କହିଛନ୍ତି, କୋଭିଡ୍ ନିୟମ ଅନୁଯାୟୀ ମୌସୁମୀ ଅଧିବେଶନର ବ୍ୟବସ୍ଥା କରାଯାଇଛି। ପ୍ରଶ୍ନକାଳ ନ ରହିବା ପ୍ରସଙ୍ଗରେ କଂଗ୍ରେସ ଯେଉଁ ଆପତ୍ତି ଉଠାଇଛି ତାହା ଠିକ୍ ନୁହେଁ। କଂଗ୍ରେସ ଶାସିତ ରାଜ୍ୟରେ ମଧ୍ୟ ଏପରି ବ୍ୟବସ୍ଥାରେ ବିଧାନସଭା ଅଧିବେଶନ ଚାଲୁଥିବା ଅମର କହିଛନ୍ତି।

### ଅପହରଣର ୬ ଦିନ ପରେ ନାବାଳିକା ଉଦ୍ଧାର

ଦେଓଗାଁ,୧୫।୯(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଦେଓଗାଁ ଥାନା ବନ୍ଧପଡା ଫାଣ୍ଡି ଅଞ୍ଚଳରୁ ଅପହରଣ ହୋଇଥିବା ଜଣେ ନାବାଳିକାଙ୍କୁ ୬ ଦିନ ପରେ ଅଭିଯୁକ୍ତଙ୍କ ଘରୁ ପୋଲିସ ଉଦ୍ଧାର କରିଛି। ସମ୍ପୃକ୍ତ ଯୁବକଙ୍କୁ ପୋଲିସ ଗିରଫ କରିଛି। ସେ ହେଲେ ବିଳାସପୁରର ମଦନ ଭୁଏ (୨୦)। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ପଠାଇ ଦିଆଯାଇଛି। ଏ ନେଇ ଥାନାରେ ଅପହରଣ, ବଳାତ୍କାର ଓ ପୋକ୍‌ସୋ ଆକ୍ଟରେ ମାମଲା ରୁଜୁ ହୋଇଛି। ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ନାବାଳିକାଙ୍କ ବୟାନ ରେକର୍ଡ କରାଯାଇଛି। ସେହିଭଳି ଉଭୟଙ୍କ ଡାକ୍ତରୀମାଇନା କରାଯାଇଛି। ନାବାଳିକାଙ୍କୁ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ଥାନା ଅଧିକାରୀ ରଞ୍ଜନ କୁମାର ବରିହା ସୂଚନା ଦେଇଛନ୍ତି। ସୂଚନାନୁସାରେ, ଗତ ୫ ତାରିଖ ସନ୍ଧ୍ୟାରେ ସମ୍ପୃକ୍ତ ନାବାଳିକା ଜଣକ ପାଖ ବନ୍ଧକୁ ଶୌଚ ପାଇଁ ବାହାରିଥିଲେ। ହେଲେ ଅଭିଯୁକ୍ତ ମଦନ ତାଙ୍କୁ ଏକୁଟିଆ ପାଇ ଅପହରଣ କରି ନେଇ ନିଜ ଘରେ ରଖିଥିଲେ। କାହାରିକୁ ଜଣାଇଲେ ଜୀବନରେ ମାରିଦେବାକୁ ଧମକ ଦେଇ ୬ ଦିନ ଧରି ବଳାତ୍କାର କରିଥିବା ଥାନାରେ ଅଭିଯୋଗ ହୋଇଛି। ତେବେ ଝିଅ ନିଖୋଜ ହେବା ପରଦିନ ନାବାଳିକାଙ୍କ ବାପା ବନ୍ଧପଡା ଫାଣ୍ଡିରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ତନାଘନା ଚଳାଇଥିଲା।

## ଅନ୍ୟ ଜାତିରେ ବାହା ହୋଇଥିଲେ ବୋଲି ଛୁଇଁଲେନି

ଲାଠୋର, ୧୫।୯(ଡି.ଏନ.ଏ)

ଆଜି ମଧ୍ୟ ସମାଜରୁ ଜାତି ପ୍ରଥା ଉଠି ପାରୁନି। ବିଭିନ୍ନ ସମୟରେ ବିଭିନ୍ନ ଲୋକ ଏହାର ଶିକାର ହୋଇ ହଇରାଣ ହେଉଛନ୍ତି। ଏହାଦ୍ୱାରା ଲୋକଙ୍କ ମୌଳିକ ଅଧିକାର ମଧ୍ୟ କ୍ଷୁର୍ଣ୍ଣ ହେଉଛି। ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ୍ ଲାଠୋର ଗ୍ରାମରେ ଏହି ପରି ଏକ କଳଙ୍କିତ ଘଟଣା ଦେଖିବାକୁ ମିଳିଛି। ଜଣେ ବ୍ୟକ୍ତି ଅନ୍ୟ ଜାତିରେ ବିବାହ କରିଥିଲେ ବୋଲି ଶେଷ ସମୟରେ ତାଙ୍କୁ କେହି କାନ୍ଧ ଦେଇ ନାହାନ୍ତି, ଯାହା ଏଠାରେ ଆଲୋଡନ ସୃଷ୍ଟି କରିଛି। ଅବଶ୍ୟ ଏହି ଖବର ପାଇଲା ପରେ କେତେଜଣ ଯୁବଗୋଷ୍ଠୀ ଏକତ୍ରିତ ହୋଇ ସମ୍ପୃକ୍ତ ବ୍ୟକ୍ତିଙ୍କ ଦାହ କରିଛନ୍ତି।



ଗାଁର ଯୁବଗୋଷ୍ଠୀ ମୃତଦେହ ସତ୍କାର ପାଇଁ ନେଉଛନ୍ତି ।

ଲାଠୋର ଗାଁ କରଡିଆପଡାର ବ୍ରହ୍ମା ହଂସ (୫୨)। ସେ ଅନ୍ୟ ଜାତିରେ ପ୍ରେମ ବିବାହ କରିଥିଲେ। ଏଥିଯୋଗୁ ତାଙ୍କୁ ସମାଜରୁ ବାସନ୍ଦ କରାଯାଇଥିଲା। ହେଲେ ଏହାକୁ ଖାତିର ନ କରି ସ୍ୱାମୀ ସ୍ତ୍ରୀ ଅନ୍ୟତ୍ର ରହୁଥିଲେ। ପରେ କିନ୍ତୁ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ମନୋମାଳିନ୍ୟ ଘଟିଥିଲା। ଏଣୁ ବ୍ରହ୍ମାଙ୍କ ହାତ ଛାଡି ଦେଇ ତାଙ୍କ ସ୍ତ୍ରୀ ବାପ ଘରକୁ ଚାଲି ଯାଇଛନ୍ତି।

**ଅନ୍ତିମ ସଂସ୍କାର କଲେ ସାମାଜିକ କର୍ମୀ**

ସେବେଠୁ ବ୍ରହ୍ମା ଏକୁଟିଆ ଘରେ ରହୁଥିଲେ। ଏହି କିଛି ଦିନ ତଳେ ପେଟ ବ୍ୟଥା ଯୋଗୁ ବ୍ରହ୍ମା ଔଷଧ ଖାଉଥିଲେ। ସୋମବାର ସକାଳେ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ଘଟଣା ତାଙ୍କର ସମ୍ପର୍କୀୟ ତଥା ପରିବାର ଲୋକ ଜାଣିଲା ପରେ ମଧ୍ୟ ଅନ୍ତିମ ସତ୍କାର କରିବାକୁ ଆସି ନ ଥିଲେ। ଏହି ଖବର ପାଇ ସାମାଜିକ କର୍ମୀ ସୁଶୀଲ କୁମାର ଅଗ୍ରୱାଲ ଏବଂ କ୍ରିଷ୍ଣା ସେଠୀଙ୍କ ନେତୃତ୍ୱରେ କରଡିଆପଡାର ଯୁବ ଗୋଷ୍ଠୀ ତାଙ୍କ ଅନ୍ତିମ ସଂସ୍କାର କରିବାକୁ ଏକତ୍ରିତ ହୋଇଥିଲେ। ସମସ୍ତେ ମିଶି ଲାଠୋର ନିକଟସ୍ଥ ଲାନ୍ଥନଦୀ କୂଳରେ ତାଙ୍କ ଅନ୍ତିମ ସତ୍କାର କରିଥିଲେ।

## କେନ୍ଦୁପତ୍ର ଫଡ଼ିରୁ କିରୋସିନ ଜବତ

ରେଢାଖୋଲ, ୧୫।୯(ଡି.ଏନ.ଏ.)

ସମ୍ବଲପୁର ଜିଲା ରେଢାଖୋଲ ପୋଲିସ ବେଡଗଡ ନିକଟସ୍ଥ ଏକ କେନ୍ଦୁପତ୍ର ଫଡିରୁ ଚୋରା ଚାଲାଣ ପାଇଁ ଗଚ୍ଛିତ ରଖାଯାଇଥିବା ପ୍ରାୟ ୩ ହଜାରରୁ ଊର୍ଦ୍ଧ୍ୱ ପିଡିଏସ କିରୋସିନ ମଙ୍ଗଳବାର ଜବତ କରିଛି। ହେଲେ ଏହି ଘଟଣାରେ କାହାରିକୁ ଗିରଫ କରିପାରି ନାହିଁ। ଘଟଣାର ତଦନ୍ତ ଚାଲିଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାମଲ କହିଛନ୍ତି। ଏସ୍‌ଡିପିଓ ହାଡିବନ୍ଧୁ ସ୍ୱାଇଁଙ୍କ ନେତୃତ୍ୱରେ ଚଢଉ କରାଯାଇଥଲା।

**ବୟନଶିଳ୍ପ ନିର୍ଦ୍ଦେଶାଳୟ, ଓଡ଼ିଶା, ଭୁବନେଶ୍ୱର**

**ବିଜ୍ଞାପନ**

No. PP-08: ଚୌଦ୍ୱାରସ୍ଥିତ ବୟନ ବୈଷୟିକ ଅନୁଷ୍ଠାନରେ (Institute of Textiles Technology) ବୟନ ବୈଷୟିକ ଡିପ୍ଲୋମା ପାଠ୍ୟକ୍ରମ ୨୦୨୦-୨୧ ଶିକ୍ଷା ବର୍ଷରେ ନାମ ଲେଖାଇ ପଢ଼ିବା ପାଇଁ ୫ (ପାଞ୍ଚ)ଜଣ ଆଗ୍ରହୀ ବୁଣାକାର ସମ୍ପ୍ରଦାୟର ପ୍ରାର୍ଥୀ/ପ୍ରାର୍ଥିନୀଙ୍କ ଯୋଗ୍ୟତା ଅନୁସାରେ ବଛାଯିବା ପାଇଁ ତା୧୩।୧୦।୨୦୨୦ରିଖ ସୁଦ୍ଧା ନିମ୍ନ ପ୍ରଦତ୍ତ ନିର୍ଦ୍ଧାରିତ ଫାରମରେ ନିଜର ସମ୍ପୂର୍ଣ୍ଣ ବିବରଣୀ ଥିବା ଦରଖାସ୍ତ ଆହ୍ୱାନ କରାଯାଉଅଛି। ପ୍ରାର୍ଥୀମାନଙ୍କ ବୟସ ୨୦୨୦ ଜୁଲାଇ ୧ ତାରିଖ ସୁଦ୍ଧା ୧୪ ବର୍ଷରୁ କମ୍ ହୋଇନଥିବ। ପ୍ରାର୍ଥୀ ଦଶମ ଷ୍ଟାଣ୍ଡାର୍ଡ/ଏଚ୍.ଏସ୍.ସି. ପରୀକ୍ଷାରେ ଇଂରାଜୀ, ଗଣିତ ଓ ବିଜ୍ଞାନ ବିଷୟ ଥାଇ ଅନ୍ୟୂନ ଶତକଡ଼ା ୩୫ଭାଗ ନମ୍ବର ତଥା ପ୍ରତ୍ୟେକ ବିଷୟରେ ସର୍ବନିମ୍ନ ଶତକଡ଼ା ୩୦ଭାଗ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବା ଆବଶ୍ୟକ। କମ୍ପାର୍ଟମେଣ୍ଟାଲ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ପ୍ରାର୍ଥୀମାନଙ୍କୁ ଯୋଗ୍ୟ ବିବେଚିତ ହେବା ପାଇଁ, ସେମାନେ ପ୍ରଥମ ସୁଯୋଗ ପରୀକ୍ଷାରେ ରଖିଥିବା ସର୍ବନିମ୍ନ ଶତକଡ଼ା ନମ୍ବରକୁ ବିଚାରକୁ ନିଆଯିବ।

ଇଚ୍ଛୁକ ପ୍ରାର୍ଥୀ/ପ୍ରାର୍ଥିନୀଙ୍କ ଦରଖାସ୍ତ ନିଜର ସମ୍ପୂର୍ଣ୍ଣ ବିବରଣୀ ସହିତ ନିମ୍ନଲିଖିତ ମୂଳ ପ୍ରମାଣପତ୍ର (ଅରିଜିନାଲ)ର ଅବିକଳ ନକଲ ଓ ନିଜର ଫଟୋସହ ନିର୍ଦ୍ଦେଶକ, ବୟନଶିଳ୍ପ ଓ ହସ୍ତତନ୍ତ, ଓଡ଼ିଶା, ଭୁବନେଶ୍ୱର - ୭୫୧୦୦୭ଙ୍କ ନିକଟରେ ତା୧୩।୧୦।୨୦୨୦ରିଖ ସୁଦ୍ଧା ପହଞ୍ଚିବା ଆବଶ୍ୟକ।

୧. ଦଶମ ଷ୍ଟାଣ୍ଡାର୍ଡ/ଏଚ୍.ଏସ୍.ସି. ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ପ୍ରମାଣ ପତ୍ର।
୨. ଉପରୋକ୍ତ ପରୀକ୍ଷାରେ ହାସଲ କରିଥିବା ନମ୍ବର ତାଲିକା (Mark Sheet)
୩. ବୁଣାକାର ସମ୍ପ୍ରଦାୟଭୁକ୍ତ ହୋଇଥିବା ଉପଯୁକ୍ତ ପ୍ରମାଣପତ୍ର।
୪. ପ୍ରାର୍ଥୀମାନେ ଓଡ଼ିଶାର ବାସିନ୍ଦା ହୋଇଥିବାର ଆବଶ୍ୟକୀୟ ପ୍ରମାଣପତ୍ର (Residential Certificate) ଦେବା ଦାରକାର।

ସ୍ୱା./- ନିର୍ଦ୍ଦେଶକ, ବୟନଶିଳ୍ପ ଓ ହସ୍ତତନ୍ତ, ଓଡ଼ିଶା
OIPR-31003/11/0004/2021

GOVERNMENT OF ODISHA
**OFFICE OF THE SUPERINTENDING ENGINEER, CENTRAL CIRCLE (R&B)**
Nirman Soudha, Phase-II, 2nd Floor, Bhubaneswar
Mail ID: seccbbsr@gmail.com

**E-Procurement Tender Call Notice No. 2 of 2020-21**

No. 2101 (Estg.) Bhubaneswar the 11th September' 2020

No. B-254: The Superintending Engineer, Central Circle (R&B), Bhubaneswar on behalf of the Governor of Odisha invites percentage rate bids for two numbers of Composite Building work to be received in online bidding, double cover system for construction work as detailed in **https://tendersorissa.gov.in**. The details of bid documents will be available in the above website from 5.00 P.M. of 24.09.2020 to 5.00 P.M. of 08.10.2020. The bidders must possess Compatible Digital Signature Certificate of Class II or III. Bids received online shall be opened at 11.00 A.M. of 09.10.2020 in the Office of the Superintending Engineer, Central Circle (R&B), Bhubaneswar. Further details can be seen from the e-procurement portal **www.tendersorissa.gov.in**.
Addendum/Corrigendum, if required, will be available only in the website.

Sd./- Er. G.C. Sahu
Superintending Engineer
Central Circle (R&B), Bhubaneswar
OIPR-34005/11/0004/2021

**ତହସିଲଦାରଙ୍କ କାର୍ଯ୍ୟାଳୟ, କଣିହାଁ**

ବିଜ୍ଞାପନ ସଂଖ୍ୟା: ୫୧୦୪ ତା୦୯।୦୯।୨୦୨୦

No. F-37: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଅନୁଗୋଳ ଜିଲ୍ଲା ଅଧୀନସ୍ଥ କଣିହାଁ ତହସିଲରେ ଥିବା ଖଣିଜ ଉତ୍ସ ଗୁଡ଼ିକୁ ୨୦୨୦-୨୧ଠାରୁ ୨୦୨୪-୨୫ ପର୍ଯ୍ୟନ୍ତ ଲିଜ୍ ଆକାରରେ ବନ୍ଦୋବସ୍ତ ନିମିତ୍ତ ଦରଖାସ୍ତ (Sealed Tender) ଗ୍ରହଣ କରାଯାଉଅଛି। ଦରଖାସ୍ତ ଗ୍ରହଣର ଶେଷ ତାରିଖ (ପ୍ରଥମ ପର୍ଯ୍ୟାୟ ତା୦୨।୧୦।୨୦୨୦ରିଖ, ଦ୍ୱିତୀୟ ପର୍ଯ୍ୟାୟ ତା୦୯।୧୦।୨୦୨୦ରିଖ ଏବଂ ତୃତୀୟ ପର୍ଯ୍ୟାୟ ତା୧୫।୧୦।୨୦୨୦ରିଖ)ଅପରାହ୍ନ ୨ଘଟିକା ପର୍ଯ୍ୟନ୍ତ। ଏ ସମ୍ବନ୍ଧରେ ସବିଶେଷ ବିବରଣୀ ଛୁଟିଦିନ ବ୍ୟତୀତ ଅନ୍ୟଦିନମାନଙ୍କରେ ତହସିଲ କାର୍ଯ୍ୟାଳୟରେ ଏବଂ ଅନୁଗୋଳ ଜିଲ୍ଲା ୱେବ୍‌ସାଇଟ୍ **www.angul.nic.in**ରେ ମିଳିପାରିବ।

ସ୍ୱା./- ତହସିଲଦାର, କଣିହାଁ
OIPR-24104/11/0001/2021

Advt. No. - 1/2020

**OFFICE OF THE DISTRICT JUDGE, DHENKANAL**

**ADVERTISEMENT**

Dated the 15th Day of September 2020

No. W-06: Applications in the prescribed format, given below, are invited for filling up of One Post of Driver as per the Pay Scale Rs.19,900/- - Rs.62,200/- at level 4 with usual D.A. and other allowances, as admissible to the State Govt. Employees from time to time. Such appointment in regular pay scale shall be subject to the result of **W.P.(C) No. 1273 of 2014** pending before the Hon'ble High Court of Orissa, Cuttack.

| Sl. No. | Categories of Posts | Scale of Pay | General (UR) | SC | ST | SEBC | TOTAL |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | Driver | Pay matrix Rs.19,900/- - Rs.63,200/- at level 4 | - | - | 1 | - | - |

For details, please visit the District Court, Dhenkanal website: **http://ecourts.gov.in/Odisha/Dhenkanaldc. Last date for submission of application: 15.10.2020.**

Sd./- District Judge, Dhenkanal
OIPR-18021/11/0002/2021

**National Health Mission**
**Odisha State Health & Family Welfare Society**
Health & FW Department, Odisha
Department of Health & FW, Govt. of Odisha
Annex Building of SIH & FW, Nayapalli, Unit-8, Bhubaneswar-751012

Advt. No.: 17/20 Dated: 16/09/2020

**REQUEST FOR PROPOSAL (RFP) FOR OPERATION & MANAGEMENT OF PRIMARY HEALTH CENTER (NEW) IN PARTNERSHIP MODE UNDER NHM**

**No. E-244:-** Odisha State Health & Family Welfare Society invites application from credible entities registered under Society Registration Act/ Indian Trust Act/ Company Act/ Institutions like Medical Colleges/ Hospitals run under Govt./ Public Sector/ Pvt. Sector for operation & management of 04 Primary Health Centers (New) located in remote areas of the State in partnership mode. The list of the PHC(N)s to be managed is available in the RFP document.

Sealed proposals as per the prescribed RFP document are invited from interested eligible bidders for the "Operation and Management of the PHCs" at the identified locations of the districts. The eligibility criteria and detailed requirements for "Operation & Management of PHCs" and the formats for submission of proposals are set forth in the RFP document which can be downloaded from the website: www.nhmodisha.gov.in. Interested bidders fulfilling the eligibility criteria may submit their proposal(s) with **EMD & documents** as set forth in this RFP. If the bidder wishes to apply for more than one PHC they will have to submit separate proposal for each PHC along with EMD and documents as set forth in the RFP in sealed envelope(s) clearly superscribing the name of the PHC on the envelope(s). The bidders have to submit their proposal(s) to the respective District(s) in which they want to apply. The detailed address for submission of proposal at the District(s) is mentioned in the RFP document.

Proposal(s) complete in all respect should reach the District(s) by Speed Post or Registered Post or Courier only on or before **06/10/2020**. The pre bid queries, if any, are to be addressed in the e-mail ID: pppcellnrhm@gmail.com latest by 21/09/2020 by 5.00 P.M. The clarification/amendment, if any, due to the pre bid queries shall only be hosted in the NHM, Odisha website (www.nhmodisha.gov.in) (under 'Tender' link). The proposal(s) shall be opened in the concerned district on the date and time mentioned in the RFP. Name of the PHC and the RFP reference No. must be superscribed on the sealed envelope. Incomplete applications/ applications received in an open envelope/applications received after the due date/from the blacklisted NGOs/ Trusts will be summarily rejected. The authority reserves the right for cancellation/ modification of guidelines for selection without assigning any reason thereof. No personal inquiry shall be entertained.

Sd./- Mission Director, NHM & Member Secretary, OSH&FW Society
OIPR-10084/11/0010/2021

# ବଢୁଛି ଆଇପିଏଲ୍ ଉତ୍କଣ୍ଠା

**ଇଣ୍ଡିଆନ ପ୍ରିମିୟର ଲିଗ୍(ଆଇପିଏଲ୍)ର ୧୩ତମ ସଂସ୍କରଣକୁ ନେଇ ଉତ୍କଣ୍ଠା ବଢ଼ିବାରେ ଲାଗିଛି। ବିଶ୍ୱର ବହୁଚର୍ଚ୍ଚିତ ଏବଂ ବ୍ୟୟବହୁଳ ଏହି ଲିଗ୍ କ୍ରମେ ପାଖେଇ ଆସିଥିବାବେଳେ ଅଂଶଗ୍ରହଣକାରୀ ଦଳ ଗୁଡ଼ିକ ଯୋଜନା ଓ ରଣନୀତିରେ ବ୍ୟସ୍ତ। ପ୍ରସ୍ତୁତି ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଥିବାବେଳେ ଖେଳ ଆରମ୍ଭ ସମୟ ଏବଂ ବିଭିନ୍ନ ଦଳର ଖେଳାଳି ତାଲିକାକୁ ନେଇ ଏହି ଉପସ୍ଥାପନା..**



ଆଇପିଏଲ୍‌ରେ ଅଂଶଗ୍ରହଣକାରୀ ୮ ଦଳର ଅଧିନାୟକ।

କରୋନା ଭାଇରସ ସଂକ୍ରମଣ ଯୋଗୁ ଆଇପିଏଲ ଏଥର ୟୁନାଇଟେଡ ଆରବ ଏମିରେଟ୍ସରେ ଅନୁଷ୍ଠିତ ହେବାକୁ ଯାଉଛି। ଚଳିତମାସ ୧୯ ତାରିଖରେ ଏହା ଆରମ୍ଭ ହୋଇ ନଭେମ୍ବର ୧୦ରେ ଶେଷ ହେବ। କୋଭିଡ-୧୯ ପ୍ରୋଟୋକଲ ଅନୁସାରେ ଖେଳାଳିଙ୍କ ରହିବାଠାରୁ ଆରମ୍ଭ କରି ଅଭ୍ୟାସ ପର୍ଯ୍ୟନ୍ତ ସବୁକିଛି କଟକଣାରେ ଅନୁଷ୍ଠିତ ହେଉଛି। ଲିଗ୍ ପର୍ଯ୍ୟାୟରେ ୧୦ଟି ଦିନ ୨ଟି ଲେଖାଏ ମ୍ୟାଚ ଅନୁଷ୍ଠିତ ହେବ। ଅନ୍ୟ ସବୁଦିନ ଗୋଟିଏ ଲେଖାଏ ମ୍ୟାଚ ଖେଳାଯିବ। ଅପରାହ୍ଣ ମ୍ୟାଚ ଗୁଡ଼ିକ ଭାରତୀୟ ସମୟ ୩ଟା ୩୦ ଓ ରାତି ମ୍ୟାଚ ଗୁଡ଼ିକ ୭ଟା ୩୦ରେ ଆରମ୍ଭ ହେବ। ସବୁ ମ୍ୟାଚ ଷ୍ଟାର ସ୍ପୋର୍ଟ୍ସ ନେଟ୍‌ୱର୍କରେ ପ୍ରସାରିତ ହେବ।

## ବିଭିନ୍ନ ଦଳର ଖେଳାଳି ତାଲିକା

**ଚେନ୍ନାଇ ସୁପରକିଙ୍ଗ୍ସ:** ମହେନ୍ଦ୍ର ସିଂ ଧୋନୀ(ଅଧିନାୟକ), ଏନ. ଜଗଦୀଶନ, ଋତୁରାଜ ଗାଏକ୍ୱାଡ, କେ. ଏମ. ଅସିଫ, ରବୀନ୍ଦ୍ର ଜାଡେଜା, ମୁରଲୀ ବିଜୟ, ଜୋଶ ହାଜେଲଉଡ୍, କେଦାର ଯାଦବ, କର୍ନ ଶର୍ମା, ପୀୟୂଷ ଚାୱଲା, ଅମ୍ବାତି ରାୟୁଡୁ, ଇମ୍ରାନ ତାହିର, ଦୀପକ ଚହର, ଫାଫ୍ ଡୁ ପ୍ଲେସି, ଶାର୍ଦ୍ଦୁଳ ଠାକୁର, ମିଚେଲ ସାଣ୍ଟନର, ଡ୍ୱେନ ବ୍ରାଭୋ, ଲୁନ୍‌ଗି ଏନ୍‌ଗିଡି, ସାମ୍ କୁରାନ, ମୋନୁ କୁମାର, ଶେନ ୱାଟସନ, ସାଇ କିଶୋର।

**ମୁମ୍ବାଇ ଇଣ୍ଡିଆନ୍ସ:** ରୋହିତ ଶର୍ମା (ଅଧିନାୟକ), ଶେର୍ଫାନେ ରୁଥରଫୋର୍ଡ, ସୂର୍ଯ୍ୟକୁମାର ଯାଦବ, ଅନମୋଲପ୍ରୀତ ସିଂ, କ୍ରିସ୍ ଲିନ୍, ସୌରଭ ତିୱାରୀ, ଧାୱଲ କୁଲକର୍ନୀ, ଯଶପ୍ରୀତ ବୁମ୍‌ରା, ମିଚେଲ ମ୍ୟାକକ୍ଲିନଘାନ, ରାହୁଲ ଚହର, ଟ୍ରେଣ୍ଟ ବୋଲ୍ଟ, ମହସିନ ଖାଁ, ଫାବିଆନ ଆଲେନ, ପ୍ରିନ୍ସ ବଲୱନ୍ତ ରାୟ ସିଂ, ଦିଗ୍‌ବିଜୟ ଦେଶମୁଖ, ହାର୍ଦ୍ଦିକ ପାଣ୍ଡ୍ୟା, ଜୟନ୍ତ ଯାଦବ, କେରନ ପୋଲାର୍ଡ, କୃନାଲ ପାଣ୍ଡ୍ୟା, ଅନୁକୂଳ ରୟ, ନାଥାନ କୁଲ୍ଟର ନୀଲ, ଇଶାନ କିଷନ, କ୍ୱିଣ୍ଟନ ଡି କକ୍, ଆଦିତ୍ୟ ତାରେ।

**କୋଲକାତା ନାଇଟ ରାଇଡର୍ସ:** ଦୀନେଶ କାର୍ତ୍ତିକ(ଅଧିନାୟକ), ଆନ୍ଦ୍ରେ ରସେଲ, ଅଲି ଖାନ୍, କମଲେଶ ନାଗରକୋଟି, କୁଲଦୀପ ଯାଦବ, ଲୋକି ଫର୍ଗୁସନ, ନୀତୀଶ ରାଣା, ପ୍ରସିଦ୍ଧ କ୍ରିଷ୍ଣା, ରିଙ୍କୁ ସିଂ, ସନ୍ଦୀପ ୱାରିୟର, ଶିଭମ୍ ମାଭି, ଶୁଭମନ ଗିଲ, ସିଦ୍ଧେଶ ଲାଡ୍, ସୁନୀଲ ନାରିନ, ପ୍ୟାଟ୍ କୁମିନ୍ସ, ଇଅନ ମୋର୍ଗାନ, ବରୁଣ ଚକ୍ରବର୍ତ୍ତୀ, ଟିମ୍ ବାଣ୍ଟନ, ରାହୁଲ ତ୍ରିପାଠୀ, କ୍ରିସ୍ ଗ୍ରୀନ, ଏମ ସିଦ୍ଧାର୍ଥ, ପ୍ରବୀଣ ଟାମ୍ବେ, ନିଖିଲ ନାଏକ।

**ସନ୍‌ରାଇଜର୍ସ ହାଇଦ୍ରାବାଦ:** ଡେଭିଡ ୱାର୍ନର(ଅଧିନାୟକ), କେନ୍ ୱିଲିୟମସନ, ମନୀଷ ପାଣ୍ଡେ, ବିରାଟ ସିଂ, ପ୍ରୀୟମ ଗର୍ଗ, ଅବଦୁଲ ସମଦ, ଭୁବନେଶ୍ୱର କୁମାର, ଖଲିଲ ଅହମଦ, ସନ୍ଦୀପ ଶର୍ମା, ସିଦ୍ଧାର୍ଥ କୌଲ, ବିଲି ଷ୍ଟାନଲେକ୍, ଟି. ନଟରାଜନ, ଅଭିଷେକ ଶର୍ମା, ଶାହାବାଜ ନଦୀମ, ମିଚେଲ ମାର୍ଶ, ଫାବିଆନ ଆଲେନ, ବିଜୟ ଶଙ୍କର, ମହମ୍ମଦ ନବି, ରଶିଦ ଖାଁ, ସଞ୍ଜୟ ଯାଦବ, ଜନି ବେୟାରଷ୍ଟୋ, ଋଦ୍ଧିମାନ ଶାହା, ଶ୍ରୀବତ୍ସ ଗୋସ୍ୱାମୀ, ବାଭାଙ୍କା ସନ୍ଦୀପ।

**ରାଜସ୍ଥାନ ରୟାଲ୍ସ:** ଷ୍ଟିଭ୍ ସ୍ମିଥ(ଅଧିନାୟକ), ମହୀପାଲ ଲାମରୋର, ମନନ ଭୋରା, ରିୟାନ ପରାଗ, ରବିନ ଉଥପ୍ପା, ଡେଭିଡ ମିଲର, ଅଙ୍କିତ ରାଜପୁତ, ମୟଙ୍କ ମାର୍କଣ୍ଡେ, ଜୋଫ୍ରା ଆର୍ଚର, ଶ୍ରେୟାସ ଗୋପାଲ, ବରୁଣ ଆରୋନ, ଜୟଦେବ ଉନାଡକଟ, କାର୍ତ୍ତିକ ତ୍ୟାଗି, ଆକାଶ ସିଂ, ଓଶାନେ ଥୋମାସ, ଆଣ୍ଡ୍ରୁ ଟାଏ, ବେନ୍ ଷ୍ଟୋକ୍ସ, ରାହୁଲ ଟେୱାଟିଆ, ଶଶାଙ୍କ ସିଂ, ଯଶସ୍ୱୀ ଜୟସ୍ୱାଲ, ଅନିରୁଦ୍ଧ ଜୋଶୀ, ଟମ୍ କୁରାନ, ଜୋସ୍ ବଟଲର, ସଞ୍ଜୁ ସାମସନ, ଅନୁଜ ରାୱତ।

**କିଙ୍ଗ୍ସ ଇଲେଭେନ ପଞ୍ଜାବ:** ଲୋକେଶ ରାହୁଲ(ଅଧିନାୟକ), କ୍ରିସ୍ ଗେଲ୍, ମୟଙ୍କ ଅଗ୍ରୱାଲ, କରୁଣ ନାୟାର, ଶର୍ଫରାଜ ଖାଁ, ମନଦୀପ ସିଂ, ଶେଲଡନ କୋଟ୍ରେଲ, ଇଶାନ ପୋରେଲ, ରବି ବିଷ୍ଣୋଇ, ମହମ୍ମଦ ସାମି, ମୁଜିବୁର ରହମନ, ଅର୍ଶଦୀପ ସିଂ, ହର୍ଡୁସ ଭିଲଜନ, ଏମ. ଅଶ୍ୱିନ, ଜେ. ସୁଚିଥ, ହରପ୍ରୀତ ବ୍ରାର, ଦର୍ଶନ ନଲକନ୍ଦେ, ଗ୍ଲେନ ମ୍ୟାକ୍ସୱେଲ, ଜେମ୍ସ ନୀଶାମ, କ୍ରିସ୍ ଜୋର୍ଡାନ, କ୍ରିଷ୍ଣାପ୍ପା ଗୋଥାମ, ଦୀପକ ହୁଦା, ତାଜିନ୍ଦର ସି ଧିଲୋନ, ନିକୋଲାସ ପୁରନ, ପ୍ରଭସିମରନ ସିଂ।

**ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର:** ବିରାଟ କୋହଲି(ଅଧିନାୟକ), ଏବି ଡି'ଭିଲର୍ସ, ଗୁରକୀରଟ ମାନ, ଦେବଦୂତ ପଡିକଲ, ଆରୋନ ଫିଞ୍ଚ, ୟୁଜବେନ୍ଦ୍ର ଚହଲ, ମହମ୍ମଦ ସିରାଜ, ଉମେଶ ଯାଦବ, ନବଦୀପ ସଇନୀ, କେନ୍ ରିଚାର୍ଡଶନ, ଡେଲ ଷ୍ଟେଇନ୍, ଇଶୁରୁ ଉଡାନ, ମୋଇନ ଅଲୀ, ପୱନ ନେଗୀ, ଶିବମ୍ ଦୁବେ, ୱାଶିଂଟନ ସୁନ୍ଦର, କ୍ରିସ୍ ମୋରିସ, ପବନ ଦେଶପାଣ୍ଡେ, ପାର୍ଥିବ ପଟେଲ, ଜୋଶୁଆ ଫିଲିପ୍, ଶାହାବାଜ ଅହମଦ।

**ଦିଲ୍ଲୀ କ୍ୟାପିଟାଲ୍ସ:** ଶ୍ରେୟସ ଆୟାର(ଅଧିନାୟକ), ପୃଥ୍ୱୀ ଶ, ଅଜିଙ୍କ୍ୟ ରାହାନେ, ଶିଖର ଧାୱନ, ଜାସନ ରୟ, ଇଶାନ୍ତ ଶର୍ମା, ଅମିତ ମିଶ୍ର, ଆଭେଶ ଖାଁ, ସନ୍ଦୀପ ଲାମିଚାନେ, କାଗିଶୋ ରାବାଡା, କେମୋ ପଲ୍, ମୋହିତ ଶର୍ମା, ଲଳିତ ଯାଦବ, ଅକ୍ଷର ପଟେଲ, ହର୍ଷଲ ପଟେଲ, ଆର. ଅଶ୍ୱିନ, ମାର୍କସ ଷ୍ଟୋଇନ୍ସ, କ୍ରିସ୍ ୱୋକ୍ସ, ରିଷଭ ପନ୍ତ, ଆଲେକ୍ସ କାରେ, ଶିମରନ ହେଟମେର, ତୁଷାର ଦେଶପାଣ୍ଡେ।



ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଦଳର ନେଟ୍ସ ସେସନ୍ ଅବସରରେ ୟୁଜବେନ୍ଦ୍ର ଚହଲଙ୍କ ବୋଲିଂ।

# ଷ୍ଟୋକ୍ସ ଖେଳିବା ନେଇ ମ୍ୟାକ୍‌ଡୋନାଲ୍ଡ ନିଶ୍ଚିତ ନୁହନ୍ତି

**ଦୁବାଇ,୧୫।୯(ପି.ଟି.)**

ଆଗାମୀ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ତାରକା ଇଂଲଣ୍ଡ ଅଲରାଉଣ୍ଡର ବେନ୍ ଷ୍ଟୋକ୍ସଙ୍କ ଖେଳିବା ନେଇ ରାଜସ୍ଥାନ ରୟାଲ୍ସ ହେଡ୍ କୋଚ୍ ଆଣ୍ଡ୍ର୍ୟୁ ମ୍ୟାକଡୋନାଲ୍ଡ ନିଶ୍ଚିତ ନୁହନ୍ତି ବୋଲି କହିଛନ୍ତି। ନ୍ୟୁଜିଲାଣ୍ଡରେ ତାଙ୍କ ବାପା ଅସୁସ୍ଥ ହୋଇ ଚିକିତ୍ସିତ ହେଉଛନ୍ତି ଓ ତାଙ୍କୁ ଦେଖିବାକୁ ଷ୍ଟୋକ୍ସ ଯାଇଛନ୍ତି।

ଇଂଲଣ୍ଡ ବିଶ୍ୱକପ୍ ବିଜୟରେ ହିରୋ ସାବ୍ୟସ୍ତ ହୋଇଥିବା ଷ୍ଟୋକ୍ସ ଏବେ ସମସ୍ୟା ଦେଇ ଗତି କରୁଛନ୍ତି। ଅଗଷ୍ଟରେ ସେ ପାକିସ୍ତାନ ବିପକ୍ଷ ସିରିଜ୍‌ରୁ ଓହରିଯାଇଥିଲେ। ତାଙ୍କ ବାପା ବ୍ରେନ୍ କ୍ୟାନ୍‌ସରରେ ପୀଡିତ ଅଛନ୍ତି ଓ ଏଥିପାଇଁ ସେ ପାକିସ୍ତାନ ବିପକ୍ଷ ଦ୍ୱିତୀୟ ଟେଷ୍ଟ ଖେଳିପାରି ନ ଥିଲେ। ଷ୍ଟୋକ୍ସଙ୍କ ପରିବାରକୁ ପ୍ରଥମେ ଗୁରୁତ୍ୱ ଦିଆଯିବାର ଆବଶ୍ୟକତା ରହିଛି। ତାଙ୍କୁ ଅଧିକ ସମୟ ମଧ୍ୟ ଦିଆଯିବା ଦରକାର। ଏବେ ଷ୍ଟୋକ୍ସ କେଉଁଠି ଅଛନ୍ତି ତାହା ମଧ୍ୟ ଆମେ ଜାଣିନୁ। ତେଣୁ ସେ ନେଇ ଅନୁମାନ କରିବାକୁ ଆମେ ଚାହୁଁନାହୁଁ ବୋଲି ମ୍ୟାକ୍‌ଡୋନାଲ୍ଡ କହିଛନ୍ତି।

ପାକିସ୍ତାନ ବିପକ୍ଷ ପ୍ରଥମ ଟେଷ୍ଟଠାରୁ ଷ୍ଟୋକ୍ସ କୌଣସି ମ୍ୟାଚ୍ ଖେଳିନାହାନ୍ତି। ନ୍ୟୁଜିଲାଣ୍ଡରେ ତାଙ୍କ ମାତାପିତା ରହୁଥିବାରୁ ସେ ସେଠାକୁ ଯାଇଛନ୍ତି। ତାଙ୍କ ପିତା ଗେଡ୍ ଜଣେ ପୂର୍ବତନ ନ୍ୟୁଜିଲାଣ୍ଡ ରଗବୀ ଖେଳାଳି। ଗତବର୍ଷ ଖ୍ରୀଷ୍ଟମାସର ଦୁଇଦିନ ପୂର୍ବରୁ ଗୁରୁତର ଭାବେ ଅସୁସ୍ଥ ହେବା କାରଣରୁ ତାଙ୍କୁ ଜୋହାନ୍ସବର୍ଗର ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା।

ରାଜସ୍ଥାନ ଅଧିନାୟକ ଷ୍ଟିଭ୍ ସ୍ମିଥ୍ ଖେଳିବେ ବୋଲି ସେ ପରୋକ୍ଷରେ ସୂଚନା ଦେଇଛନ୍ତି। ଅଷ୍ଟ୍ରେଲିଆ ବିପକ୍ଷ ଦିନିକିଆ ସିରିଜ ଖେଳିବା ଅବସରରେ ତାଙ୍କ ମୁଣ୍ଡରେ ବଲ୍ ବାଜିଥିଲା। ଫଳରେ ସେ ଅନ୍ତିମ ଦୁଇଟି ଦିନିକିଆ ଖେଳିପାରି ନ ଥିଲେ। ସେ ମଧ୍ୟ ବୁଧବାର ଖେଳାଯିବାକୁ ଥିବା ତୃତୀୟ ତଥା ଅନ୍ତିମ ଦିନିକିଆ ନ ଖେଳିପାରନ୍ତି। ସ୍ମିଥ୍‌ଙ୍କୁ କିଛି ସମୟ ଦିଆଯିବା ଦରକାର ବୋଲି ସେ କହିଛନ୍ତି।

ଗତବର୍ଷ ମ୍ୟାକ୍‌ଡୋନାଲ୍ଡଙ୍କୁ ଦଳର ହେଡ୍ କୋଚ୍ ନିଯୁକ୍ତ କରାଯାଇଥିଲା। ତେଣୁ କୋଚ୍ ହିସାବରେ ସେ ଆଇପିଏଲ୍‌ରେ ତାଙ୍କର ପ୍ରଥମ ଦାୟିତ୍ୱ ବହନ କରିବେ। ଦଳରେ କେତେଜଣ ତାରକା ତଥା ପ୍ରତିଭାସମ୍ପନ୍ନ ଖେଳାଳି ରହିଛନ୍ତି। ତେଣୁ ଦଳର ସଫଳତା ନେଇ ସେ ବେଶ୍ ଆଶାବାଦୀ ଅଛନ୍ତି। ବାମହାତୀ ବ୍ୟାଟ୍ସମ୍ୟାନ ଅନୁଜ ରାୱତ୍ ଓ ଯଶସ୍ୱୀ ଜୟସ୍ୱାଲଙ୍କ ଭଳି ଯୁବ ଖେଳାଳିଙ୍କ ଉପରେ ସେ ଅଧିକ ଆଶା ରଖିଛନ୍ତି।

# କ୍ୱାରାଣ୍ଟାଇନ୍ ପିରିୟଡ ହ୍ରାସ ପାଇଁ ନିବେଦନ

**ନୂଆଦିଲ୍ଲୀ, ୧୫।୯ (ପି.ଟି.)**





ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଖେଳିବାକୁ ଥିବା ଅଷ୍ଟ୍ରେଲିଆ ଓ ଇଂଲିଶ ଷ୍ଟାର ଖେଳାଳିମାନେ କ୍ୱାରାଣ୍ଟାଇନ୍ ପିରିୟଡ ହ୍ରାସ କରିବା ଲାଗି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)କୁ ନିବେଦନ କରିଛନ୍ତି। ୬ ଦିନ ପରିବର୍ତ୍ତେ ୩ ଦିନ କରାଗଲେ ସେମାନେ ଟୁର୍ନାମେଣ୍ଟ ଆରମ୍ଭରୁ ଖେଳିପାରିବେ ବୋଲି କହିଛନ୍ତି। ବର୍ତ୍ତମାନ ଇଂଲଣ୍ଡ-ଅଷ୍ଟ୍ରେଲିଆ ହ୍ୱାଇଟ୍ ବଲ୍ ସିରିଜରେ ସାମିଲ ଥିବା ୨୧ଜଣ ଖେଳାଳି ଏକ ସ୍ୱତନ୍ତ୍ର ବିମାନରେ ମାଞ୍ଚେଷ୍ଟରରୁ ଆସି ସେପ୍ଟେମ୍ବର ୧୭ରେ ଦୁବାଇରେ ପହଞ୍ଚିବାକୁ ଥିବାବେଳେ ଟୁର୍ନାମେଣ୍ଟ ସେପ୍ଟେମ୍ବର ୧୯ରୁ ଆରମ୍ଭ ହେଉଛି। ଖେଳାଳିମାନେ ଗୋଟିଏ ହେଲେ ମ୍ୟାଚ୍ ମିସ୍ କରିବାକୁ ଚାହୁଁନାହାନ୍ତି। କ୍ୱାରାଣ୍ଟାଇନ୍ ପିରିୟଡ ୩ ଦିନକୁ ହ୍ରାସ କରିବା ଲାଗି ଉଭୟ ଦେଶର ଖେଳାଳିଙ୍କ ତରଫରୁ ଜଣେ ବିଗ୍ ହିଟିଂ ଷ୍ଟାର ବିସିସିଆଇ ସଭାପତି ସୌରଭ ଗାଙ୍ଗୁଲିଙ୍କୁ ଅନୁରୋଧ କରିଛନ୍ତି। ଟୁର୍ନାମେଣ୍ଟର ପ୍ରସ୍ତୁତି କାର୍ଯ୍ୟ ତଦାରଖ ପାଇଁ ଗାଙ୍ଗୁଲି ଅନ୍ୟକର୍ମକର୍ତ୍ତାଙ୍କ ସହ ଏବେ ୟୁଏଇରେ ଅଛନ୍ତି। ସେ କିନ୍ତୁ ଏହା ଉପରେ କୌଣସି ମନ୍ତବ୍ୟ ଦେଇ ନାହାନ୍ତି। ଖେଳାଳିମାନଙ୍କ ଯୁକ୍ତି ହେଲା ସେମାନେ ପ୍ରଥମେ ଅଷ୍ଟ୍ରେଲିଆ ଏବଂ ପରେ ୟୁକେରେ ଏକ ବାୟୋ-ବବଲ ମଧ୍ୟରେ ରହିଆସିଛନ୍ତି। ସେମାନେ ବହୁଦିନ ହେଲା ବାହାର ସଂସ୍ପର୍ଶରେ ଆସି ନ ଥିବାରୁ ଗୋଟିଏ ବାୟୋ-ବବଲରୁ ଅନ୍ୟଟିରେ ପ୍ରବେଶ ପାଇଁ ଅନୁମତି ଦିଆଯିବା ଉଚିତ। ଉଭୟ ସାଉଥାମ୍ପଟନ ଓ ମାଞ୍ଚେଷ୍ଟରରେ ସେମାନଙ୍କୁ ହିଲ୍‌ଟନ ହୋଟେଲରେ ଅବସ୍ଥାନ କରିବାକୁ ହୋଇଥିଲା, ଯାହାକି ଷ୍ଟାଡିୟମର ଅଂଶବିଶେଷ ଥିଲା। ପ୍ରତି ୫ମ ଦିବସରେ ସେମାନଙ୍କର ଟେଷ୍ଟ ହେଉଥିଲା। ଏପରିକି ୟୁକେ ଛାଡ଼ିବା ପୂର୍ବରୁ ସେମାନଙ୍କର କରୋନା ଟେଷ୍ଟ ହେବ। ୟୁଏଇରେ ପହଞ୍ଚିବାର ପ୍ରଥମ ଓ ତୃତୀୟ ଦିବସରେ ମଧ୍ୟ ସେମାନଙ୍କର ଟେଷ୍ଟ ହେବ। ଇଂଲଣ୍ଡ ଓ ୱେଲ୍ସ କ୍ରିକେଟ ବୋର୍ଡ (ଇସିବି) ଦ୍ୱାରା ସୃଷ୍ଟି ହୋଇଥିବା ସେଫ୍ଟି ବବଲରେ ଖେଳାଳିମାନଙ୍କ ରୁମ୍‌କୁ ଏପରିକି ହାଉସ୍‌କିପିଂଙ୍କୁ ଅନୁମତି ନ ଥିଲା। ସେମାନେ କମର୍ସିଆଲ ବିମାନ ପରିବର୍ତ୍ତେ ଚାର୍ଟାର୍ଡ ବିମାନରେ ୟୁଏଇ ଯିବେ। ୬ଦିନିଆ କ୍ୱାରାଣ୍ଟାଇନ୍‌ରେ ପ୍ରଭାବିତ ହେବାକୁ ନ ଥିବା ଏକମାତ୍ର ଦଳ ହେଲା କୋଲକାତା ନାଇଟ୍ ରାଇଡର୍ସ (କେକେଆର୍)। କାରଣ ଏହି ଦଳ ସେପ୍ଟେମ୍ବର ୨୩ରେ ଏହାର ଉଦ୍‌ଘାଟନୀ ମ୍ୟାଚ ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷରେ ଖେଳିବ।

କେକେଆର୍‌ର ରୋଷ୍ଟରରେ ଟମ୍ ବାଣ୍ଟନ, ଇଅନ ମୋର୍ଗାନ ଓ ପ୍ୟାଟ୍ କୁମିନ୍ସ ରହିଛନ୍ତି। ତେବେ ଦଳର ପ୍ରଥମ ଏକାଦଶରେ ଅତି କମ୍‌ରେ ଦୁଇ ଖେଳାଳି ସ୍ଥାନ ପାଇବେ। ସେମାନେ ହେଲେ ଆନ୍ଦ୍ରେ ରସେଲ ଓ ସୁନୀଲ ନାରିନ୍। ତେବେ ଓପନିଂ ଗେମ୍ ପାଇଁ ଯଦି ଜୋଫ୍ରା ଆର୍ଚର, ଜୋସ୍ ବଟଲର ଓ ଷ୍ଟିଭ୍ ସ୍ମିଥ୍‌ଙ୍କ ଭଳି ଖେଳାଳିଙ୍କ ଅନୁପସ୍ଥିତି ଦ୍ୱାରା ରାଜସ୍ଥାନ ରୟାଲ୍ସ କ୍ଷତିଗ୍ରସ୍ତ ହେବ। ପିତାଙ୍କ ଅସୁସ୍ଥତା ଯୋଗ ବେନ୍ ଷ୍ଟୋକ୍ସ ଅତିକମ୍‌ରେ ଟୁର୍ନାମେଣ୍ଟର ପ୍ରଥମାର୍ଦ୍ଧ ଖେଳିପାରିବେ ନାହିଁ। ସନରାଇଜର୍ସ ହାଇଦ୍ରାବାଦ ଏହାର ଅଧିନାୟକ ଡେଭିଡ୍ ୱାର୍ନର ଏବଂ ତାଙ୍କ ଓପନିଂ ପାର୍ଟନର ଜନି ବେୟାରଷ୍ଟୋ ଅତିକମ୍‌ରେ ପ୍ରଥମ ଗେମ୍ ମିସ୍ କରିବେ। ନିୟମାନୁସାରେ ୬ ଦିନ କ୍ୱାରାଣ୍ଟାଇନ୍‌ରେ ରହିଲେ ଚେନ୍ନାଇ ସୁପର କିଙ୍ଗ୍ସ ଏହାର ପ୍ରଥମ ଦୁଇଟି ଗେମ୍ ଜୋସ୍ ହାଜ୍‌ଲେଉଡ୍ ଓ ସାମ୍ କୁରାନ୍‌ଙ୍କ ବିନା ଖେଳିବ।

# ପୂର୍ବତନ କ୍ରିକେଟରଙ୍କ ପରଲୋକ

**ମୁମ୍ବାଇ, ୧୫।୯ (ପି.ଟି.)**



ସଦାଶିବ ରାଓଜୀ ପାଟିଲ


ପୂର୍ବତନ ଭାରତୀୟ କ୍ରିକେଟର ସଦାଶିବ ରାଓଜୀ ପାଟିଲଙ୍କ ତାଙ୍କ କୋହ୍ଲାପୁରସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ତାଙ୍କୁ ୮୬ବର୍ଷ ବୟସ ହୋଇଥିଲା। ନିଦ୍ରାଗତ ଅବସ୍ଥାରେ ମଙ୍ଗଳବାର ପ୍ରତ୍ୟୁଷରେ ତାଙ୍କ ପ୍ରାଣବାୟୁ ଉଡ଼ିଯାଇଥିଲା। ପାଟିଲଙ୍କ ବିୟୋଗରେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପକ୍ଷରୁ ଶୋକବ୍ୟକ୍ତ କରାଯାଇଛି। ପାଟିଲ ଜଣେ ମିଡିୟମ ପେସ୍ ବୋଲର ଥିଲେ। ୧୯୫୨-୫୩ ସିଜନରେ ମହାରାଷ୍ଟ୍ର ତରଫରୁ ତାଙ୍କର ପ୍ରଥମଶ୍ରେଣୀ ପଦାର୍ପଣ ପ୍ରଭାବଶାଳୀ ଥିଲା। ଏହି ମ୍ୟାଚ୍‌ରେ ମହାରାଷ୍ଟ୍ର ୧୬୬ ରନରେ ବୋଲ୍ଡ ହୋଇଯିବା ପରେ ପାଟିଲଙ୍କ ଚମତ୍କାର ବୋଲିଂ ଯୋଗୁ ଘରୋଇ କ୍ରିକେଟ ଚାମ୍ପିୟନ ମୁମ୍ବାଇକୁ ୧୧୨ରେ ଅଲଆଉଟ କରିଦେଇଥିଲେ। ଦ୍ୱିତୀୟ ଇନିଂସରେ ସେ ୬୮ରନ ବିନିମୟରେ ୩ ଉଇକେଟ ଅକ୍ତିଆର କରିଥିଲେ। ମହାରାଷ୍ଟ୍ର ୧୯ ରନରେ ବିଜୟ ଲାଭ କରିଥିଲା। ୧୯୫୫ରେ ବ୍ରାବୋର୍ନ ଷ୍ଟାଡିୟମରେ ଭ୍ରମଣକାରୀ ନ୍ୟୁଜିଲାଣ୍ଡ ବିପକ୍ଷରେ ତାଙ୍କୁ ପଦାର୍ପଣ ଟେଷ୍ଟ ମ୍ୟାଚ ଖେଳିବା ସୁଯୋଗ ମିଳିଥିଲା।

# ୧୫୬ ରାଇଡର ନେଗେଟିଭ୍

**ଲା ଟୁର୍-ଡୁ-ପିନ୍ (ଫ୍ରାନ୍ସ), ୧୫।୯ (ଏପି)-** ସଦ୍ୟ କରୋନା ଭାଇରସ୍ ଟେଷ୍ଟରେ ଟୁର୍ ଡି' ଫ୍ରାନ୍ସର ଅବଶିଷ୍ଟ ୧୫୬ ରାଇଡରଙ୍କ ନେଗେଟିଭ୍ ଆସିଛି। ସେମାନଙ୍କୁ ମଙ୍ଗଳବାର ରେସ୍‌ରେ ଭାଗ ନେବା ଲାଗି ଅନୁମତି ମିଳିଛି। ରବିବାର ଓ ସୋମବାର ୨ଟି ଟିମ୍‌ର ରାଇଡର ଏବଂ ଷ୍ଟାଫ୍ ସଦସ୍ୟଙ୍କୁ ମିଶାଇ ମୋଟ ୭୮୫ ଟେଷ୍ଟ ହୋଇଥିଲା। ସମସ୍ତଙ୍କର ନେଗେଟିଭ୍ ଆସିଥିବା ଆଲ୍‌ପ୍ସରେ ଷ୍ଟେଜ୍ ୧୬ ପୂର୍ବରୁ ଟୁର୍‌ର ଆୟୋଜକ ଏବଂ ସାଇକ୍ଲିଂ ଗଭର୍ନିଂ ବଡି ୟୁସିଆଇ ତରଫରୁ ଘୋଷଣା କରାଯାଇଛି। ନାଇସ୍‌ରେ ଅଗଷ୍ଟ ୨୯ରେ ରେସ୍ ଆରମ୍ଭ ହେବାପରଠାରୁ ଏପର୍ଯ୍ୟନ୍ତ ଜଣେ ହେଲେ ରାଇଡର ପଜିଟିଭ୍ ହୋଇନାହାନ୍ତି। କୋଭିଡ୍-୧୯ ମହାମାରୀ ଯୋଗୁ ଏଥର ଟୁର୍ ଡି' ଫ୍ରାନ୍ସ ଆୟୋଜକ ହେବ କି ନା ସେ ନେଇ ସନ୍ଦେହ ଥିଲା। ଏହାର ପାରମ୍ପରିକ ଭାବେ ଜୁଲାଇରେ ହୋଇଥାଏ। ମାତ୍ର ଏହା ବିଳମ୍ବରେ କଡ଼ା ସ୍ୱାସ୍ଥ୍ୟ ପ୍ରୋଟୋକଲ ମଧ୍ୟରେ ଅନୁଷ୍ଠିତ ହେଉଛି।



# ମନେ ପଡ଼ନ୍ତି

ସ୍ମୃତିରେ ...
ଗାନ୍ଧୀ ମଣିଷ
ଦୋଳଗୋବିନ୍ଦ




ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ
ତା: ୧୬.୦୯.୨୦୨୦
(ବୁଧବାର)
ମୋର ପରମ ସମ୍ମାନୀୟ
ଦୋଳ ଭାଇଙ୍କୁ ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀରେ
ଭକ୍ତିପୂତ ଶ୍ରଦ୍ଧାଞ୍ଜଳି
ଶ୍ରୀ ନିରଞ୍ଜନ ପଟ୍ଟନାୟକ, ସଭାପତି,
ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି,
ଭୁବନେଶ୍ୱର
ଧ-୧୮୨୬୨

ସ୍ମୃତିରେ ...
ଗାନ୍ଧୀ ମଣିଷ
ଦୋଳଗୋବିନ୍ଦ




ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ
ତା: ୧୬.୦୯.୨୦୨୦
(ବୁଧବାର)
ଆପଣଙ୍କୁ ସ୍ମରଣ କରି କୃତଜ୍ଞତା ଜଣାଉଛୁ।
ଶ୍ରୀମତୀ ମନୋରମା ପ୍ରଧାନ (ପତ୍ନୀ)
ଦେବରାଜ, ଅମ୍ବିକା, ପୁଷ୍ପରାଜ, ପୁଷ୍ପାଞ୍ଜଳୀ, ପୃଥ୍ୱୀରାଜ, ସ୍ନିଗ୍ଧା, ପ୍ରଜ୍ଞରାଜ, ସବିତା, ସତ୍ୟଭାମା, ସର୍ବେଶ୍ୱର, ହୈମବତୀ, ଅରିନ୍ଦମ୍, ନିବେଦିତା, ବିଜୟ, ସବିତା, ସଂଜୟ, ଟୁକୁନି
ଧ-୧୮୨୬୧

ସ୍ମୃତିରେ ...
ଗାନ୍ଧୀ ମଣିଷ
ଦୋଳଗୋବିନ୍ଦ



ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ
ତା: ୧୬.୦୯.୨୦୨୦
(ବୁଧବାର)
ଗଭୀର ଶ୍ରଦ୍ଧାଞ୍ଜଳି
ଡିହସାହି ଗ୍ରାମବାସୀ ବୃନ୍ଦ
ଗଡିରାଉତପାଟଣା, ଗ୍ରା.ପ.:
କଟକ ସଦର
ଧ-୧୮୨୫୯

ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଓ ପୂର୍ବତନ ମନ୍ତ୍ରୀ ଗାନ୍ଧୀମଣିଷ ଦୋଳଗୋବିନ୍ଦ ପ୍ରଧାନଙ୍କ ସ୍ମୃତିରେ
କାର୍ଯ୍ୟକ୍ରମ : ତା୧୬.୦୯.୨୦୨୦ରିଖ



ସାମୂହିକ ଦୀପଦାନ - ପୂର୍ବାହ୍ନ ୯ ଘଟିକା
ସ୍ଥାନ - ବୁଦ୍ଧ ମନ୍ଦିର, ଭୁବନେଶ୍ୱର
ଜୁମ୍ ଭିଡିଓ ଯୋଗେ ଶ୍ରଦ୍ଧାଞ୍ଜଳି ସଭା
ସନ୍ଧ୍ୟା - ୬ ଘ. ୩୦ ମି.
ID : 3685167926
Password : 999
ଉଦ୍‌ଘାଟକ
ଶ୍ରୀମଦ୍ ବାବା ବଳିଆ
ନିବେଦକ
ଡଃ ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର
ସଭାପତି
ଡଃ ବଦ୍ରୀନାଥ ପଟ୍ଟନାୟକ
କାର୍ଯ୍ୟକାରୀ ସଭାପତି
ପ୍ରଫେସର ଡଃ ବୁଦ୍ଧଦେବ ମିଶ୍ର
ମ୍ୟାନେଜିଂ ଟ୍ରଷ୍ଟି
ମହାତ୍ମା ଗାନ୍ଧୀ ଅହିଂସା ଐତିହ୍ୟ ପ୍ରତିଷ୍ଠାନ
ଧ-୧୮୨୬୦

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି



୰ସିତାରାମ ପାଣିଗ୍ରାହୀ (କୁନା)
ଭାରତିପୁର, ପୁରୀ
ଆବିର୍ଭାବ : ୨୦.୦୫.୧୯୭୧
ତିରୋଧାନ : ୨୭.୦୯.୨୦୧୯
ପାପା ଚାହିଁ ଚାହିଁ ଏକବର୍ଷ ବିତିଗଲା ତମ ବାଟକୁ ମୁଁ ଚାହିଁ ବସିଛି ତମେ ଆସିବ ବୋଲି, ପାପା ତମେ ଆସିଲ ନାହିଁ, ତମେ ଯେଉଁଠି ଥାଅ ଶ୍ରୀ ଜଗନ୍ନାଥଙ୍କ କୃପାରୁ ଭଲରେ ଥାଅ ପାପା।
ଶୋକସନ୍ତପ୍ତ : ତମର ହତଭାଗା ଝିଅ-ମାମାଲି ଓ ବନ୍ଧୁପରିବାରବର୍ଗ।
ଧ-୧୮୨୪୭

ଶ୍ରଦ୍ଧାଞ୍ଜଳି




ସ୍ୱର୍ଗତା ହାରାମଣୀ ତ୍ରିପାଠୀ
ସ୍ଥାନ: ଡିହପୁର, ମନ୍ଦାରବସ୍ତ, କଣାସ, ପୁରୀ
ଆବିର୍ଭାବ: ୩୧।୧୨।୧୯୩୦
ତିରୋଧାନ: ୦୭।୦୯।୨୦୨୦
ଆଜି ବି ଅବିଶ୍ୱସନୀୟ ତୁମେ ଆମ ଗହଣରେ ନାହଁ ବୋଲି। ଆମ୍ଭମାନଙ୍କୁ ଶୋକସାଗରରେ ଭସାଇ ଦେଇ ସ୍ୱର୍ଗପୁର ଗମନ କଲ। ତୁମ୍ଭର ଅନୁପସ୍ଥିତିରେ ତୁମ ଆଦର୍ଶ, ସ୍ନେହ ଓ ଶ୍ରଦ୍ଧା ଆମ୍ଭମାନଙ୍କୁ ଶାନ୍ତି ପ୍ରଦାନ କରୁ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଅଛୁ।
-:ଶୋକସନ୍ତପ୍ତ:-
ବନ୍ଧୁ ଓ ପରିବାରବର୍ଗ।
ଧ-୧୮୨୫୫

ତୃତୀୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



ସ୍ୱର୍ଗତ ଇଂ.ଫକୀର ମୋହନ ସାହୁ
ଆବିର୍ଭାବ: ୦୧।୦୬।୧୯୩୮
ତିରୋଧାନ: ୧୮।୦୯।୨୦୧୭
ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ପ୍ରାର୍ଥନା କରୁଅଛୁ।
-:ଶୋକସନ୍ତପ୍ତ:-
ପରିବାରବର୍ଗ ଓ ଆତ୍ମୀୟସ୍ୱଜନ, ପୁତ୍ର: ସିନୁ (ଶ୍ରୀନିବାସ ସାହୁ)
ଧ-୧୮୨୫୪

ଷଷ୍ଠ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



ସ୍ୱର୍ଗତ ପ୍ରଶାନ୍ତ କୁମାର ସାମନ୍ତରାୟ
ପ୍ଲଟ ନଂ.- ୧୨୦, ବାପୁଜୀନଗର, ଭୁବନେଶ୍ୱର
ଆବିର୍ଭାବ: ୨୮।୧୧।୧୯୪୯
ତିରୋଧାନ: ୨୫।୦୯।୨୦୧୪
ତୁମର ସ୍ନେହ, ଆଦର୍ଶ ଓ ତ୍ୟାଗ ଆମ୍ଭମାନଙ୍କ ପାଇଁ ନିରନ୍ତର ପଥପ୍ରଦର୍ଶକ ହେଉ। ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ତୁମର ଅମରାତ୍ମା ଶାନ୍ତି ଲାଭ କରୁ ଏହା ହିଁ ଆମର ପ୍ରାର୍ଥନା।
ଶୋକସନ୍ତପ୍ତ: ସ୍ତ୍ରୀ- ସ୍ନେହପ୍ରଭା, ଝିଅ- ସୁଲକ୍ଷଣା, ଜ୍ୱାଇଁ- ବିଶ୍ୱଜିତ୍, ବଡ଼ପୁଅ- ଉତ୍ତମ, ସାନପୁଅ- ଉତ୍କଳ, ସାନବୋହୂ- ଶ୍ରଦ୍ଧା, ନାତି- ଅଙ୍କିତ୍, ନାତୁଣୀ- ଆଦିଶ୍ରୀ।
ଧ-୬୯୫୪୩

## ଗହମରେ କାଳିଗୁଣ୍ଡି ପୋକ ଲାଗୁଥିଲେ...



**ଗ**ହମ ଫସଲରେ କାଳିଗୁଣ୍ଡି ରୋଗ ହୋଇଥିଲେ, ଏହାର ଦମନ ସକାଶେ ଆକ୍ରାନ୍ତ ଗଛଗୁଡିକୁ ମାଟିରେ ପୋତି ଦିଅନ୍ତୁ କିମ୍ବା ପୋଡି ଦିଅନ୍ତୁ ଏବଂ ଏକର ପ୍ରତି ୨୦୦ଗ୍ରାମ୍ କାର୍ବେଣ୍ଡାଜିମ୍ ୨୦୦ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ସଅଳ ଲଗାଯାଇଥିବା ଫସଲରେ ଶସ୍ୟତ୍ୟାଗ ରୋଗ ଲାଗିବାର ଆଶଙ୍କା ଅଛି। ଏହାର ଦମନ ପାଇଁ ଏକର ପ୍ରତି ୬୦୦ଗ୍ରାମ୍ ମାଙ୍କୋଜେବ୍ ୨୦୦ଲିଟର ପାଣିରେ ସିଞ୍ଚନ କରନ୍ତୁ। ବର୍ଷା ନ ଥିଲେ ଫସଲରେ ଜଳସେଚନର ଆବଶ୍ୟକତା ବଢ଼ିଯାଇଥାଏ, ଫୁଲ ଓ କ୍ଷୀର ଢ଼ୋକିବା ଅବସ୍ଥାରେ ଜଳସେଚନ ପ୍ରତି ଧ୍ୟାନ ଦିଅନ୍ତୁ।

## ରୁଆ ଧାନ

**ଯେ**ଉଁଚାଷୀ ଭାଇମାନେ ଅନୁମୋଦିତ ପ୍ରଣାଳୀରେ ଧାନ ରୋଇ ସାରିଛନ୍ତି ଏବଂ ରୁଆର ୨୦ଦିନ ହୋଇଗଲାଣି,ଅନାବନା ଘାସ ବାଛି କିସମ ଅନୁଯାୟୀ ଏକର ପ୍ରତି ୧୬କିଗ୍ରା ଯବକ୍ଷାରଜାନ ପିଲ ସାର ଆକାରରେ ପ୍ରୟୋଗ କରନ୍ତୁ। ତଳି ୩-୪ସପ୍ତାହର ହୋଇଗଲେ ରୋଇବା ପାଇଁ ଉପଯୁକ୍ତ ହୋଇଥାଏ। ସେପରିସ୍ଥଳେ ତଳି ରୋଇବା ପାଇଁ ମୁଖ୍ୟ କିଆରୀକୁ କାଦୁଅ କରନ୍ତୁ। ପ୍ରଥମେ ୩-୪ଓଡ ଚାଷ କରି ପାଣି ବାନ୍ଧି ରଖନ୍ତୁ। ରୋଇବା ପୂର୍ବଦିନ ଅତ୍ୟଧିକ ପାଣି ନିଗାଡି ଦେଇ ଜମିକୁ କାଦୁଅ କରନ୍ତୁ। ସବୁଜ ସାର ପାଇଁ ଆଜୋଲା ବଢ଼ାଇଥିଲେ କାଦୁଅ ବେଳେ ହଳକରି ମାଟିରେ ମିଶାଇ ଦିଅନ୍ତୁ। ଏକର ପ୍ରତି ୨କିଗ୍ରା



ଆଜୋଟୋବ୍ୟାକ୍ଟର (ମଧ୍ୟମ ଜମିରେ) ବା ଆଜୋସ୍ପିରିଲମ୍ (ଖାଲଜମିରେ) ସହିତ ୨କିଗ୍ରା ପିଏସ୍ ବି ଖତ ସହିତ ମିଶାଇ ରୋଇବା ପୂର୍ବରୁ ଜମିରେ ପ୍ରୟୋଗ କରନ୍ତୁ। ଶେଷଓଡ କାଦୁଅରେ କିସମ ଅନୁଯାୟୀ ଏକର ପ୍ରତି ୬-୮କିଗ୍ରା ଯବକ୍ଷାରଜାନ, ୧୨-୧୬କିଗ୍ରା ଫସଫରସ ଓ ୧୨-୧୬କିଗ୍ରା ପଟାସ୍ ପ୍ରୟୋଗ କରନ୍ତୁ। ତଳିଘରାରେ ଦାନାଦାର ଔଷଧ ପ୍ରୟୋଗ କରି ନ ଥିଲେ ପ୍ରତି ଲିଟର ପାଣିରେ ୧ମିଲି ହିସାବରେ କ୍ଲୋରୋପାଇରିଫସ ମିଶାଇ ତଳିର ଚେରକୁ ୮-୧୦ଘଣ୍ଟା ପର୍ଯ୍ୟନ୍ତ ବୁଡାଇ ବିଶୋଧନ କରନ୍ତୁ। ଧାଡିକୁ ୧୫-୨୦ସେ.ମି ବୁଦାକୁ ବୁଦା ୧୦ସେ.ମି ବ୍ୟବଧାନ ରଖନ୍ତୁ। ବୁଦାପ୍ରତି ୨ରୁ ୩ଟି କରି ତଳି ସିଧା ଓ ଅଗଭୀରରେ ରୁଅନ୍ତୁ। ରୁଆ ସମୟରେ କିଆରୀରେ ନଖବୁଡା ପାଣି ରଖନ୍ତୁ।

# ବନୀକରଣରେ ବିହନ ବୋମା





ନଳିନୀ କୁମାର ପଣ୍ଡା ଗୟାଧର ଶିଅଳ

**ଆ**ଜି ଆମେ ଏକ ଏମିତି ସମୟ ଦେଇ ଗତି କରୁଛୁ, ଯେଉଁଠି ଦିନକୁ ଦିନ ଗଛଗୁଡ଼ିକ ବିପଦଗ୍ରସ୍ତ ହେବାରେ ଲାଗିଛନ୍ତି। ଫଳରେ ପୃଥିବୀପୃଷ୍ଠରେ ଜଙ୍ଗଲ ସମ୍ପଦର ହ୍ରାସ ଘଟୁଛି, ଜୀବଜଗତ ତିଷ୍ଠି ରହିବା କଷ୍ଟକର ହୋଇପଡୁଛି। ଜୈବ ବିବିଧତା ବିଗିଡ଼ିବାରେ ଲାଗିଛି ଓ ୨୦୧୫ ମସିହାରେ ନେଚର ପତ୍ରିକାରେ ପ୍ରକାଶିତ ହୋଇଥିବା ଏକ ଅନ୍ତର୍ଜାତୀୟ ବୃକ୍ଷଗଣନା ତଥ୍ୟରୁ ଜଣାଯାଏ ଯେ, ପ୍ରତ୍ୟେକ ବର୍ଷ ପ୍ରାୟ ୧୫ ଶହ କୋଟି ଗଛ ଜଙ୍ଗଲ କ୍ଷୟ ଓ ଭୂମିରୂପ ପରିବର୍ତ୍ତନ ପାଇଁ କଟାଯାଉଛି। ନୂତନ ସହରାଞ୍ଚଳ, ରାସ୍ତାଘାଟ, ବହୁତଳ କୋଠା, ମେଟ୍ରୋ ଷ୍ଟେଶନ ଆଦି ତିଆରି କରି ବିକାଶର ଧାରାରେ ଯୋଡି ହେବା ପାଇଁ କୌଣସି ଫଳାଫଳକୁ ଖାତିର ନ କରି ଅବାଧରେ ଗଛକଟା ଚାଲିଛି। ଅନ୍ତର୍ଜାତୀୟ ବୃକ୍ଷଗଣନା ଦଳରେ ଥିବା ଗବେଷକମାନଙ୍କ ମତ ଅନୁସାରେ ଭାରତରେ ଥିବା ବ୍ୟକ୍ତି ପିଛା ଗଛ ୨୮; ଯାହା କି ଚାଇନା ୧୩୦, ଆମେରିକା ୬୯୯ ଓ ରୁଷ ୪୮୫୬ଠାରୁ ବହୁତ କମ୍ ଓ ପରିବେଶର ପ୍ରତିପୋଷଣ ପାଇଁ ଅଧିକାଂଶ ବିପଦଗ୍ରସ୍ତ ଗଛଗୁଡ଼ିକ ଅତ୍ୟନ୍ତ ଆବଶ୍ୟକ, କାରଣ ସେମାନେ ବାୟୁମଣ୍ଡଳର ଅଙ୍ଗାରକାମ୍ଳ ଓ ଅନ୍ୟ ସବୁଜଗୃହ ଗ୍ୟାସସବୁକୁ ନିୟନ୍ତ୍ରଣ କରିଥାନ୍ତି। ବାୟୁ ଏବଂ ଜଳର ଗୁଣବତ୍ତାକୁ ବୃଦ୍ଧି କରିବା ସହିତ ପୃଥିବୀର ବିଶାଳ ଜନସଂଖ୍ୟାକୁ ଖାଦ୍ୟ ଯୋଗାଇଥାନ୍ତି। ସ୍ୱଳ୍ପ ବୃକ୍ଷର ଘନତ୍ୱ ଓ ଅତ୍ୟନ୍ତ ବାୟୁ ପ୍ରଦୂଷଣ ସମସ୍ୟାରେ ଜର୍ଜରିତ ଆମ ଦେଶ ଭାରତବର୍ଷ ଆଭାସ ଦେଉଛି ଯେ, ଦେଶ ପାଇଁ ତୀବ୍ର ବନୀକରଣ ନିହାତି ଜରୁରୀ। ତେଣୁ ଅଳ୍ପ ସମୟ ମଧ୍ୟରେ ସ୍ୱଳ୍ପ ଖର୍ଚ୍ଚ ଓ ସୁବିଧାରେ ଅଧିକରୁ ଅଧିକ ବନୀକରଣ କରିବା ଏବଂ ଉଜୁଡ଼ା ଜଙ୍ଗଲକୁ ପୁନରୁଦ୍ଧାର କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇପଡିଛି। ଏହା ପାଇଁ ଅନେକ ରାଜ୍ୟ ଗୋଟିଏ ନୂତନ ପଦ୍ଧତି ଅବଲମ୍ବନ କରୁଛନ୍ତି, ଯାହା କି 'ବିହନ ବୋମା' ଭାବରେ ପରିଚିତ ଓ ଯେମିତି ବୋମାମାଡ଼ ହେଲେ ଗୋଟିଏ ସ୍ଥାନର ଭୂମି ରୂପରେ ପରିବର୍ତ୍ତନ ହୋଇଯାଇଥାଏ, ଠିକ୍ ସେମିତି ବିହନ ବୋମା ଦ୍ୱାରା ଗୋଟିଏ ଜାଗାର ଆମୂଳଚୂଳ ପରିବର୍ତ୍ତନ ଘଟିଥାଏ ଓ ମରୁଭୂମି ଭଳି ପ୍ରତୀୟମାନ ହେଉଥିବା ସ୍ଥାନ ସବୁଜିମାରେ ପରିପୂର୍ଣ୍ଣ ହୁଏ। ବୃଷ୍ଟିପାତ ସ୍ୱାଭାବିକ ହୁଏ ଓ ପରିବେଶ ସନ୍ତୁଳନ ଠିକ୍ ହୋଇଯାଏ। ଏହିପରି ଭାବେ ବିହନ ବୋମା ସମାଜର ହିତ ସାଧନ କରିଥାଏ ଓ ତେବେ ଆସନ୍ତୁ ଜାଣିବା ଏହି ବିହନ ବୋମା କ'ଣ ?

**ବିହନ ବୋମା:** ବିହନ ବୋମା ହେଉଛି ଏକ ପ୍ରାଚୀନ ଜାପାନୀ ପଦ୍ଧତି, ଯାହାକୁ ଜାପାନୀ ଭାଷାରେ 'ସୁଚି ଡାଙ୍ଗ' ଅର୍ଥାତ ମାଟି ପିଣ୍ଡୁଳା କୁହନ୍ତି। ଏହା ହେଉଛି ମାଟି, ଗୋବର ଖତ ଓ ସ୍ଥାନୀୟ ଅଞ୍ଚଳରେ ମିଳୁଥିବା ମଞ୍ଜିର ଏକ ଛୋଟ ପିଣ୍ଡୁଳା, ଯାହାକୁ ବୋମା ଭଳି ଫାଙ୍କା ବା ଅପରିଷ୍କୃତ ଜାଗାକୁ ସବୁଜ ସୁନ୍ଦର, ବାସୋପଯୋଗୀ ସ୍ଥାନରେ ପରିଣତ କରିବା ପାଇଁ ନିକ୍ଷେପ କରାଯାଇଥାଏ। ବିହନ ବୋମାକୁ ବିହନ ପିଣ୍ଡୁଳା ବା ବୀଜ ପିଣ୍ଡୁଳା ମଧ୍ୟ କୁହାଯାଏ। ଏହାକୁ ବହୁ ଦେଶରେ ବନୀକରଣ ବା ଉଜୁଡ଼ା ଜଙ୍ଗଲର ପୁନରୁଦ୍ଧାର ନିମନ୍ତେ ବ୍ୟବହାର କରାଯାଏ ଏବଂ ଭାରତର ଅନେକ ରାଜ୍ୟ ମଧ୍ୟ ଏହାର ଉପଯୋଗ କରିବା ଆରମ୍ଭ କଲେଣି। ବିହନ ବୋମାଗୁଡ଼ିକ ଚାରା ଅପେକ୍ଷା ଶସ୍ତା, ସୁନ୍ଦର ଓ ସହଜ ଉପାୟରେ ଜୈବିକ ପଦ୍ଧତିରେ ତିଆରି ହୋଇଥାଏ। ବିହନ ବୋମାଗୁଡ଼ିକ ଛୋଟ ଆକାରରେ ହୋଇଥିବାରୁ ଅନେକଗୁଡ଼ିକୁ ସହଜରେ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ପକେଟରେ ଧରି ନିଆଯାଇପାରେ ଏବଂ ଅଳ୍ପ ସମୟରେ ଗୋଟିଏ ବୃହତ୍ ସ୍ଥାନରେ ବ୍ୟବହାର କରିହୁଏ।

**ପ୍ରସ୍ତୁତି ପାଇଁ ଆବଶ୍ୟକ ଉପାଦାନ:** ବିହନ ବୋମା ତିଆରି କରିବା ପାଇଁ ଦରକାର ହେଉଥିବା ଉପାଦାନଗୁଡ଼ିକ ସହଜରେ ଶସ୍ତା ବା ବିନା ମୂଲ୍ୟରେ ମିଳିଯାଏ। ମାଟି, ଖତ, ପାଣି ଓ ସ୍ଥାନୀୟ ଅଞ୍ଚଳରେ ଉପଲବ୍ଧ ହେଉଥିବା ମଞ୍ଜି ହେଉଛି ବିହନ ବୋମା ପ୍ରସ୍ତୁତିର ମୁଖ୍ୟ ଉପାଦାନ ଓ ଫୁଲ, ଫଳ, ତୃଣ, ଏପରି କି ପନିପରିବା ମଞ୍ଜି ସାହାଯ୍ୟରେ ମଧ୍ୟ ଏହା ତିଆରି କରାଯାଇପାରିବ ଓ ମଞ୍ଜିଗୁଡ଼ିକ ଅଙ୍କୁରୋଦଗମ ହେବା ପାଇଁ ମାଟି ପାଣିକୁ ଧରିରଖେ ଓ ଖତ ଉପଯୁକ୍ତ ପୋଷଣ ଯୋଗାଇ ମଞ୍ଜିକୁ ବଢ଼ି ଅବସ୍ଥାପିତ କରିବାରେ ସାହାଯ୍ୟ କରେ। ଏହିପରି ଭାବରେ ଖାଲି ଜାଗାଗୁଡ଼ିକ ସବୁଜ, ସୁନ୍ଦର ହେବା ସଙ୍ଗେସଙ୍ଗେ ପଶୁପକ୍ଷୀମାନଙ୍କୁ ଖାଦ୍ୟ ଯୋଗାଏ।

**ପ୍ରସ୍ତୁତି ପ୍ରଣାଳୀ:** ବିହନ ବୋମା ପ୍ରସ୍ତୁତି କରିବା ପାଇଁ ପ୍ରଥମେ ଗୋଟେ ପାତ୍ରରେ ତିନି ଭାଗ ଶୁଖିଲା ମାଟି ଓ ଏକ ଭାଗ ଖତକୁ ଭଲ ଭାବରେ ମିଶାଯାଏ ଓ ତାହାପରେ ଅଳ୍ପ କିଛି ପାଣି ଢାଳି ମାଟି ଓ ଖତର ମିଶ୍ରଣକୁ ଅଟା ଦଳିଲା ଭଳି ହାତରେ ଦଳାଯାଏ ଓ ପରେ ଏହାକୁ ଆବଶ୍ୟକ ଆକାରରେ ପେଣ୍ଡୁ, ଲଡୁ ବା ବୋମା ଭଳି ତିଆରି କରାଯାଏ। ମଞ୍ଜିର ସାଇଜ ବା ଆକାର ଅନୁସାରେ ବୋମାର ଆକାର ନିର୍ଦ୍ଧାରିତ ହୋଇଥାଏ। ପ୍ରତ୍ୟେକ ବୋମାରେ ମଞ୍ଜି ଭର୍ତ୍ତି କରାଯାଏ ଓ ଏହାକୁ କିଛିଦିନ ଛାଇରେ ଶୁଖାଯାଏ। ବୋମା ଭିତରେ ମଞ୍ଜି ସଂଖ୍ୟା ଫଳର ଆକାର ଉପରେ ନିର୍ଭର କରିଥାଏ। ଆମ୍ବ, ସପେଟା ଆଦି ଫଳ ପାଇଁ ବୋମା ଭିତରେ ଗୋଟିଏ ମଞ୍ଜି ଯଥେଷ୍ଟ ହୋଇଥିବା ବେଳେ କମଳା ଓ ଲେମ୍ବୁ ଭଳି ଫଳ ପାଇଁ ୨ରୁ ୩ଟି ମଞ୍ଜି ଦରକାର ହୋଇଥାଏ। ବୃହତ୍ ଅଞ୍ଚଳ ପାଇଁ ଆମ୍ବ, ନିମ୍ବ ଓ ବର ପରି ବଡ଼ ଗଛ ଏବଂ କ୍ଷୁଦ୍ର ଜାଗାରେ ଛୋଟ ଛୋଟ ଫଳ ଓ ଫୁଲ ଗଛ ପାଇଁ ବିହନ ବୋମା ଉପଯୁକ୍ତ ହୋଇଥାଏ।



### ବିହନ ବୋମା ନିକ୍ଷେପର ସମୟସୀମା

**ବି**ହନ ବୋମାଗୁଡ଼ିକୁ ସାଧାରଣତଃ ମୌସୁମୀ ଋତୁ ପୂର୍ବରୁ ଫିଙ୍ଗାଯାଇଥାଏ, କାରଣ ବର୍ଷାପାଣି ମଞ୍ଜିଗୁଡ଼ିକୁ ତତ୍କ୍ଷଣାତ ଅଙ୍କୁରିତ ହେବାରେ ସାହାଯ୍ୟ କରେ, କିନ୍ତୁ ଜଣେ ଚାହିଁଲେ ବିହନ ବୋମାଗୁଡ଼ିକ ଯେକୌଣସି ସମୟରେ ନିକ୍ଷେପ କରିପାରନ୍ତି। କାରଣ ବୋମାଗୁଡ଼ିକ ମାଟି ଉପରେ ନଷ୍ଟ ନ ହୋଇ ପାଣି ପାଇବା ପର୍ଯ୍ୟନ୍ତ ଅକ୍ଷତ ଅବସ୍ଥାରେ ପଡ଼ିରହିଥାଏ।

**ଉପକାରିତା:** ବିହନ ବୋମା ପଦ୍ଧତି ପାଇଁ ହଳ କରି ଜମି ପ୍ରସ୍ତୁତି କରିବା କିମ୍ବା ଚାରା ଗଛ ଲଗାଇବା ପାଇଁ ଗାତ ଖୋଳିବା ଦରକାର ପଡେ ନାହିଁ। ଏହି ପ୍ରଣାଳୀରେ ବହୁତ କମ ପରିଶ୍ରମରେ କୌଣସି ଯନ୍ତ୍ରପାତି ବ୍ୟବହାର ନ କରି ଗଛ ସୃଷ୍ଟି କରାଯାଇପାରେ। ବିହନ ବୋମା ନିକ୍ଷେପ କରିବା ପାଇଁ କୌଣସି ନିର୍ଦ୍ଦିଷ୍ଟ ସମୟକୁ ଅପେକ୍ଷା କରିବାକୁ ପଡେନାହିଁ ଓ ଚାରା ଭଳି ଏହାର ଯତ୍ନ ନେବା ପାଇଁ ପଡେ ନାହିଁ। ମଞ୍ଜି ଉପରେ ଥିବା ମାଟିର ଆବରଣ ମଞ୍ଜିକୁ ଚଢେଇ, ପିମ୍ପୁଡ଼ି ଓ ମୂଷାଠାରୁ ରକ୍ଷା କରେ। ପାଖାପାଖି ୧୦୦ ଗଛ ଲଗାଇବା ପାଇଁ ବହୁତ ସମୟ ଲାଗିଥାଏ, ମାତ୍ର ବହୁତ କମ୍ ସମୟରେ ୧୦୦୦ ବୀଜ ପିଣ୍ଡୁଳା ବା ବିହନ ବୋମା ତିଆରି ହୋଇପାରେ। ବିହନ ବୋମାଗୁଡ଼ିକ ପ୍ରାୟ ୪୫ ଦିନ ମଧ୍ୟରେ ମାଟି ସହିତ ମିଶି ମଞ୍ଜିରୁ ଛୋଟ ଛୋଟ ଗଛ ବାହାରିଥାଏ। ଏପରି କି ଆମେ ବିହନ ବୋମା ପଦ୍ଧତିରେ ଯେତିକି ମଞ୍ଜି ବୁଣୁ, ତାହାର ପ୍ରାୟ ୯୫ ପ୍ରତିଶତ ମଞ୍ଜିରୁ ଗଛ ବାହାରିଥାଏ।

**ବିହନ ବୋମା ବ୍ୟବହାର ସମ୍ବନ୍ଧରେ ବିଭିନ୍ନ ରାଜ୍ୟର ଅନୁଭୂତି:** ଆମ ଦେଶର ଅନେକଗୁଡ଼ିଏ ରାଜ୍ୟ ବିହନ ବୋମା ସହାୟତାରେ ବନୀକରଣ କରି ଉପକୃତ ହେଉଛନ୍ତି। ଯେମିତି ଚେନ୍ନାଇରେ ୨୦୧୬ରେ ହୋଇଥିବା ବାତ୍ୟା 'ବରଧା' ପାଖାପାଖି ୧ଲକ୍ଷ ଗଛକୁ ମୂଳରୁ ଉପାଡ଼ି ଭାଙ୍ଗି ଦେଇଥିଲା ଏବଂ ତା'ପରେ ବହୁତଗୁଡ଼ିଏ ବେସରକାରୀ ସଂସ୍ଥା ଚେନ୍ନାଇର ସବୁଜିମାକୁ ଫେରାଇ ଆଣିବା ପାଇଁ ଅଣ୍ଟା ଭିଡ଼ିଥିଲେ। ବିଭିନ୍ନ ସଂସ୍ଥା ମଧ୍ୟରୁ 'ଥୁବାକମ' ନାମକ ବେସରକାରୀ ସଂସ୍ଥା ବିହନ ବୋମାକୁ ବନୀକରଣର ଏକ ମାଧ୍ୟମ ଭାବରେ ଉପଯୋଗ କରି ସଫଳତା ପାଇଥିଲେ। ସେମାନେ କେବଳ ମଞ୍ଜିକୁ ନେଇ ମାଟି ଓ ଗୋବର ଖତ ସହ ମିଶାଇ ଗୋଟିଏ ବୋମା ବନାଇଥିଲେ, ଯେଉଁଥିରେ ମାଟି ଏବଂ ଖତ ମଞ୍ଜିକୁ ଦୂରକୁ ଉଡ଼ି ନ ଯିବା ବା ପଶୁ ପକ୍ଷୀ ନ ଖାଇବା ପାଇଁ ସୁରକ୍ଷା ଦେଉଥିଲା। ଏବେ ତେଲଙ୍ଗାନା ସରକାର ଉଜୁଡ଼ା ଜଙ୍ଗଲର ପୁନରୁଦ୍ଧାର ପାଇଁ ଡ୍ରନ ଓ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ କୌଶଳ ବ୍ୟବହାର କରି ବିହନ ବୋମା ପ୍ରୟୋଗ କରିବା ପାଇଁ ଯାଉଛନ୍ତି। ଏହାଦ୍ୱାରା ପ୍ରତ୍ୟେକ ଦିନ ପ୍ରାୟ ୧ ଲକ୍ଷ ବିହନ ବୋମା ନିକ୍ଷେପ କରାଯାଇପାରିବ। ହରିୟାଣାର ବନବିଭାଗ ମଧ୍ୟ ଆଇଆଇଟି, କାନପୁର ଦ୍ୱାରା ନିର୍ମିତ ଡ୍ରନ ମାଧ୍ୟମରେ ବିହନ ବୋମା ବର୍ଷା କରି ଆରାବଳୀ ପର୍ବତ ଶ୍ରେଣୀର ଦୁର୍ଗମ ଅଞ୍ଚଳରେ ଜଙ୍ଗଲ ସମ୍ପଦର ବୃଦ୍ଧି କରିବା ପାଇଁ ପଦକ୍ଷେପ ନେଇଛନ୍ତି। ଏହି ଡ୍ରନ ମାଧ୍ୟମରେ ବିହନ ବୋମା ପଦ୍ଧତିରେ ଦିନକୁ ୨୦,୦୦୦ ରୁ ୩୦,୦୦୦ ମଞ୍ଜି ବୁଣାଯାଇପାରିବ। ମହାରାଷ୍ଟ୍ରରେ ବିକାଶ ମହାଜନ ନାମକ ଜଣେ ବ୍ୟବସାୟୀଙ୍କ ଦ୍ୱାରା ପ୍ରତିଷ୍ଠିତ ଏକ ପ୍ରକୃତିପ୍ରେମୀ ଗୋଷ୍ଠୀ ମହାରାଷ୍ଟ୍ର ସାରା ବିହନ ବୋମା ପ୍ରସ୍ତୁତି ଓ ବ୍ୟବହାରରେ ସକ୍ରିୟ ଅଛନ୍ତି। ସହରାଞ୍ଚଳରେ ବାସ କରୁଥିବା ଛାତ୍ରୀଛାତ୍ର ଓ ଲୋକମାନଙ୍କୁ ଏହା ତିଆରି କରିବାର ପ୍ରଶିକ୍ଷଣ ଦେଉଛନ୍ତି ବୋଲି ନିଜେ ତାଙ୍କର ଇଣ୍ଟରନେଟ ବ୍ଲଗ ମାଧ୍ୟମରେ ପ୍ରକାଶ କରିଛନ୍ତି। ଏହାଦ୍ୱାରା ଲୋକମାନେ ନିଜ ଘର ଚାରିପାଖେ ସୁଜିମାମୟ ପରିବେଶ ସୃଷ୍ଟି କରି ପାରୁଛନ୍ତି। ଓଡ଼ିଶାରେ ମଧ୍ୟ ବୈତରଣୀ ଇନିସିଏଟିଭ ନାମକ ଏକ ବେସରକାରୀ ସଂସ୍ଥା ଔଷଧୀୟ ବୃକ୍ଷର ଅଭିବୃଦ୍ଧି ପାଇଁ ୨୦୧୫ଠାରୁ ପ୍ରତ୍ୟେକ ବର୍ଷ କିଛି କିଛି ବିହନ ବୋମାର ବ୍ୟବହାର କରିଆସୁଛନ୍ତି। ଏବର୍ଷ ବିଶ୍ୱ ହସ୍ତୀ ଦିବସରେ ଓଡ଼ିଶା ସରକାରଙ୍କ ଆଠଗଡ଼ ବନଖଣ୍ଡ ହାତୀ-ମଣିଷ ସଂଘର୍ଷ କମ କରିବା ଉଦ୍ଦେଶ୍ୟରେ ହାତୀମାନଙ୍କୁ ଭବିଷ୍ୟତରେ ଖାଦ୍ୟ ଯୋଗାଇବା ପାଇଁ ବାଉଁଶ ମଞ୍ଜିରେ ନିର୍ମିତ ବିହନ ବୋମାର ଉପଯୋଗ କରିଛନ୍ତି। ଆଗାମୀ ଦିନରେ ଆମ ଓଡ଼ିଶା ସରକାର ମଧ୍ୟ ବନୀକରଣରେ ବିହନ ବୋମା ପଦ୍ଧତିକୁ ପ୍ରାଧାନ୍ୟ ଦେଇ ଆପଣାଇଲେ ଜଙ୍ଗଲ ସମ୍ପଦର ବୃଦ୍ଧି ହେବାସହିତ ବିପୁଳ ପରିମାଣର ରାଜସ୍ୱ ସଞ୍ଚୟ ହୋଇପାରିବ।

-ବନ ଗବେଷକ, ଓୟୁଏଟି, ଭୁବନେଶ୍ୱର
ମୋ-୮୦୧୮୧୮୮୧୨୮/ ୭୯୭୮୯୨୩୮୩୦

# ଫସଲର ବିବିଧିକରଣ



ଡ. ପରେଶ କୁମାର ପଣ୍ଡା

**ଖା**ଦ୍ୟ ଓ ପୋଷାକ ନିରାପତ୍ତା ସହ ପ୍ରାକୃତିକ କୃଷି ସମ୍ବଳ ଏବଂ ପରିବେଶୀୟ ପରିଚାଳନାର ମିତବ୍ୟୟୀ ବ୍ୟବହାର ମାଧ୍ୟମରେ କୃଷି ଅଭିବୃଦ୍ଧିକୁ ଫସଲ ବିବିଧିକରଣ ତ୍ୱରାନ୍ୱିତ କରିଥାଏ। ଫସଲର ବିବିଧିକରଣରେ ଅନେକ କାରଣ ରହିଛି। ତନ୍ମଧ୍ୟରେ ବଜାର ଭିତ୍ତି ସରଂଚନାର ବିକାଶ, ସ୍ୱଳ୍ପ ଆୟତନର ଉଚ୍ଚ ମୂଲ୍ୟଯୁକ୍ତ ଫସଲ, ଉଚ୍ଚତର ଲାଭପ୍ରଦତା, ଉତ୍ପାଦନରେ ସ୍ଥିରତା, ବୃଷ୍ଟିପୁଷ୍ଟ ଅଞ୍ଚଳରେ ମରୁଡିଜନିତ ଆଶଙ୍କା ହ୍ରାସ, ମୃତ୍ତିକା ସମସ୍ୟା ନିରାକରଣ, ସରକାରୀ ନିୟମ ଓ ସର୍ତ୍ତାବଳୀ ଅନ୍ୟତମ।

ଫସଲ ବିବିଧିକରଣକୁ ବୁଝାଇବାକୁ ଯାଇ କୁହାଯାଇପାରେ ଯେ, ପ୍ରଚଳିତ ଫସଲ ବା ଫସଲର ବ୍ୟବସ୍ଥାରୁ କେତେକ ବିକଳ୍ପ ଫସଲ ବା ଫସଲ ବ୍ୟବସ୍ଥାକୁ ଏକ ଆଖିଦୃଶିଆ ପରିବର୍ତ୍ତନ ସହ ଚାରୋଟି 'ଏଫ' (ଖାଦ୍ୟ, ଚାରା ଘାସ, ତନ୍ତୁ ଓ ଜାଳେଣି)ର ଆବଶ୍ୟକତା ପୂରଣ,ମୌଳିକ ମୃତ୍ତିକା ସ୍ୱାସ୍ଥ୍ୟର ଯତ୍ନ ଏବଂ ବୃହତ୍ତରୀୟ କୃଷି ପରିବେଶର ଉତ୍ପାଦକତା ଅକ୍ଷୁଣ୍ଣ ରଖିବା ଏହାର ମୂଳ ଲକ୍ଷ୍ୟ। ଫଳରେ କ୍ଷୁଦ୍ର ଚାଷୀମାନଙ୍କର ଆୟ ବୃଦ୍ଧି, କୃଷି ପରିବାରର ସମ୍ପୂର୍ଣ୍ଣ କର୍ମନିଯୁକ୍ତି, ବର୍ଷସାରା ସ୍ଥାୟୀ ଲାଭ ପାଇବା ନିମିତ୍ତ ଅର୍ଥକରୀ ଫସଲ ଓ ଠିକ୍ ଫସଲ ବ୍ୟବସ୍ଥାକୁ ଚିହ୍ନଟ କରିବା ଆବଶ୍ୟକ। ଉଚ୍ଚ ଜମିରେ ଧାନ, ବୃଷ୍ଟିପୁଷ୍ଟ କପା, କ୍ଷୁଦ୍ରଶସ୍ୟ ବଦଳରେ ମକା, ଜଳସେଚିତ କପା, ଆଖୁ, ଚାରା ଘାସ ଫସଲ, ତୈଳବୀଜ, ଡାଲିଜାତୀୟ ଏବଂ ପନିପରିବା ଫସଲ ନିଆଯାଇପାରିବ। କମ୍ ଉତ୍ପାଦନ ଦେଉଥିବା ଶସ୍ୟ ବଦଳରେ ଡାଲିଜାତୀୟ ଫସଲ ଅଧିକ ଉତ୍ପାଦନ ଦେଇଥାଏ। ଏଥିରେ ସମସ୍ତ କୃଷିସମ୍ବଳ ଓ ଉପାଦାନଗୁଡିକର ଅଂଶଦାରୀ, ପାରିବାରିକ ଶ୍ରମର ସୁବିନିଯୋଗ, ଫାର୍ମରୁ ବାହାରୁଥିବା ଜୈବିକ ପଦାର୍ଥଗୁଡିକର ପରିଲକ୍ଷଣ ଏବଂ ବିନିଯୋଗ, ଖତର



ସୁବ୍ୟବହାର, ମୃତ୍ତିକାର ଉର୍ବରତା, ଆୟ ଓ ବହୁ ଲୋକଙ୍କ ପାଇଁ ନିଯୁକ୍ତି ସୃଷ୍ଟିରେ ପରିଚାଳନା, ଅଣବିନିଯୋଗ ସମ୍ବଳକୁ ଦକ୍ଷତାର ସହିତ ଅର୍ଥ ଉପାର୍ଜନରେ ଲଗାଇ ଆର୍ଥିକ ଉନ୍ନତି ଘଟାଇବାରେ ଭରପୂର ସୁଯୋଗ ରହିଛି।

ଫସଲର ବିବିଧିକରଣର ସଫଳ ରୂପାୟନ ନିମନ୍ତେ କେତେକ କୌଶଳକୁ ଆଲୋଚନାର ଅନ୍ତର୍ଭୁକ୍ତ କରାଯାଇପାରେ।

-ବିଶେଷ ଫସଲ, ଅଦିନିଆ କିସମ ଓ ଉତ୍ପାଦନ ବ୍ୟବସ୍ଥା ତଥା ଫଳ, ପନିପରିବା ଓ ଆଳଙ୍କାରିକ



ଫସଲଗୁଡିକର ତୁଳନାତ୍ମକ ସୁବିଧା, ସୁଯୋଗ ଚିହ୍ନଟ ପାଇଁ ପ୍ରୟାସ କରିବା ଦରକାର।

-ଜାତୀୟ ବିହନ କାର୍ଯ୍ୟକ୍ରମ ମାଧ୍ୟମରେ ଗୁଣାତ୍ମକ ବିହନର ଉତ୍ପାଦନକୁ ସୁନିଶ୍ଚିତ କରିବା ଜରୁରୀ।

-ଖାଦ୍ୟଶିଳ୍ପଗୁଡିକ ସହ ସମ୍ପର୍କ ସ୍ଥାପନ କରିବା ଦରକାର।

-ଶସ୍ୟ, ତୈଳବୀଜ, ତନ୍ତୁଜାତୀୟ ଓ ଉଦ୍ୟାନ ଫସଲରେ ଡାଲିଜାତୀୟ ଫସଲକୁ ଅନ୍ତଫସଲ ରୂପେ ନେବାରେ ଯାନ୍ତ୍ରିକୀକରଣ।

-ବିବିଧିକରଣ ପୂର୍ବରୁ ବଜାର ଚିହ୍ନଟ ଓ ବଜାର ତଥ୍ୟ ଉପଲବ୍ଧ ହେବ।

-ଭିତ୍ତି ସଂରଚନାର ବିକାଶ, ମୂଲ୍ୟ ନିୟମାବଳୀ, ଇନ୍ସ୍ୟୁରାନ୍ସ ପରିଯୋଜନା, କର (ଟ୍ୟାକ୍ସ) ଓ ଶୁଳ୍କ ସୂଚୀ ନିର୍ଦ୍ଧାରଣ।

-ଉପଭୋକ୍ତାମାନଙ୍କର ବ୍ୟବହାର ନିମିତ୍ତ ତଥ୍ୟର ବିକାଶ ଆବଶ୍ୟକ।

ରୋଜଗାର, ପ୍ରାକୃତିକ ସମ୍ବଳର ସଂରକ୍ଷଣ, ପରିବୃଦ୍ଧି ଓ ଆଶଙ୍କା ହ୍ରାସ ନିଶ୍ଚିତ ହୋଇପାରିଥାଏ।

ଏହି ଫସଲର ବିବିଧିକରଣ ଏବଂ ଫସଲ ପର୍ଯ୍ୟାୟ ମଧ୍ୟ ପଲିସୀ ମଧ୍ୟକ୍ଷେପ ଦ୍ୱାରା ପ୍ରଭାବିତ ହୋଇଥାଏ। ଗୋପାଳନ ଓ ଚାରାଘାସର ଆବଶ୍ୟକତା ମଧ୍ୟ ଫସଲ ପର୍ଯ୍ୟାୟରେ ପରୋକ୍ଷରେ ବଦଳ ଆଣିଥାଏ। ତେଣୁ, ଫସଲ ଉତ୍ପାଦନ ଓ ତତ୍ ସଂଲଗ୍ନ କାରଣଗୁଡିକର ବିଶ୍ଳେଷଣ କରି ଫସଲ ବିବିଧତାକୁ ବୃହତ୍ ଅର୍ଥରେ ଗ୍ରହଣ କରିବାରେ ପରିବର୍ତ୍ତିତ ଜୀବନଯାପନ ଶୈଳୀ, ଖାଦ୍ୟଶସ୍ୟ ବଦଳରେ ଅଣଖାଦ୍ୟଶସ୍ୟକୁ ଖାଇବାର ଚାହିଦାକୁ ବଦଳାଇ ଦେଉଛି।

ଆଜିର କୃଷି ଦୃଶ୍ୟପଟରେ ଏକକ ଫସଲ ପ୍ରଧାନ ହୋଇଥାଇ, ଭାଗ ଖାଦ୍ୟ ମୁଖ୍ୟତଃ ୧୦ଟି ଫସଲରୁ ଉତ୍ପାଦିତ ହେଉଛି। ଏହି ଏକକ ଫସଲ ଲଗାତର ବର୍ଷ ବର୍ଷ ଧରି ହେଉଥିବାରୁ କେତେକ ସମସ୍ୟା ସୃଷ୍ଟି ହେଉଛି। ତାହାର ନିରାକରଣ ନିମନ୍ତେ ଶସ୍ୟ-ଶସ୍ୟ ଫସଲ ମଧ୍ୟରେ ତୈଳବୀଜ, ଡାଲିଜାତୀୟ, ପନିପରିବା ଫସଲକୁ ଅନ୍ତର୍ଭୁକ୍ତ କରାଗଲେ ବିଶେଷ କରି ନିର୍ଦ୍ଦିଷ୍ଟ ଘାସ ତଥା ରୋଗପୋକ ସଂକ୍ରମଣ ହ୍ରାସ ପାଇଥାଏ। ଜଳସେଚିତ ଜମିରେ ଉଚ୍ଚ ଏବଂ ସ୍ଥିର ଅମଳ ତଥା

ଆମ ରାଜ୍ୟରେ ଦେଖାଯାଇଛି ଯେ ବଦଳ ଫସଲ ଭାବେ ମକା, ଡାଲିଜାତୀୟ ଓ ତୈଳବୀଜ, ଧାନ କ୍ଷୁଦ୍ରଶସ୍ୟ ତୁଳନାରେ ୨-୩ଗୁଣା ଅଧିକ ଲାଭ ପ୍ରଦାନ କରିଥାଏ। ସୁତରାଂ, ଭବିଷ୍ୟତର କୃଷି ଯୋଜନାରେ ଫସଲ ବିବିଧିକରଣ ଏବଂ ଗୁରୁତ୍ୱପୂର୍ଣ୍ଣ ଅଂଶ ହୋଇ ରହିବ, ଏହା ନିଃସନ୍ଦେହ।

*-ସହକାରୀ କୃଷି ଅଧିକାରୀ, ଭୁବନେଶ୍ୱର*
*ମୋ : ୭୨୦୫୦୯୬୦୮୦*

## ଗୋରୁଙ୍କ ଯତ୍ନ



**ଗୋ**ରୁଙ୍କର ସାହାଣ, ବଜବଜିଆ ଓ ଫାଟୁଆ ରୋଗ ପାଇଁ ରକ୍ଷା ଏଫ.ଏମ୍.ଡି ଭାକ୍ସିନ୍ ଓ ଛେଳିଙ୍କର ପିପିଆର ରୋଗ ଲାଗି ପିପିଆର ପ୍ରତିଷେଧକ ଟୀକା ବ୍ୟବସ୍ଥା ଗ୍ରହଣ କରନ୍ତୁ। କୁକୁଡାଙ୍କର ନାଲି ଝାଡା ହେଉଥିଲେ ଅଧା ଗ୍ରାମ ଫ୍ୟୁରାସଲକୁ ଏକ ଲିଟର ପାଣିରେ ମିଶାଇ ୩ଦିନ ପର୍ଯ୍ୟନ୍ତ ଦିଅନ୍ତୁ। ଶୀତ ଋତୁ ଆସୁଛି। ଗୃହପାଳିତ ପ୍ରାଣୀଙ୍କୁ ଏଥିରୁ ରକ୍ଷା କରିବା ପାଇଁ ଗୁହାଳରେ ଫାଙ୍କଥିବା ଜାଗାକୁ ଅଖାରେ ବନ୍ଦ କରନ୍ତୁ ଏବଂ ସୁବିଧା ଥିଲେ ଗୋରୁଙ୍କୁ ମଧ୍ୟ ଅଖାରେ ଘୋଡାଇ ଦିଅନ୍ତୁ। ଗୋରୁଙ୍କର ଫାଟୁଆ ରୋଗ, ଛେଳିଙ୍କର ପିପିଆର ରୋଗ ପାଇଁ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରନ୍ତୁ।

## ପୋଟଳରେ ଫୁଲ ଧରୁଥିଲେ...

**ପୋ**ଟଳ ଫୁଲଫଳ ଧରିବା ଅବସ୍ଥାକୁ ଆସିବା ବେଳକୁ ଜମିକୁ ଘାସୁଆ ରଖାଯିବା ଦରକାର। କାରଣ ଘାସ ଜମିର ଆର୍ଦ୍ରତା ବଜାୟ ରଖିବାରେ ସାହାଯ୍ୟ କରେ ଓ ମାଟି ଉପରେ ମାଡୁଥିବା ଲତାର ଫଳକୁ ନିରାପଦରେ ଧରିରଖେ, ଏହାଦ୍ୱାରା ଫଳଗୁଡିକ ମାଟିର ସଂସ୍ପର୍ଶରେ ଆସି ନଷ୍ଟ ହୁଏ ନାହିଁ। ଡେରିରେ ଲଗାଯାଇଥିବା ପୋଟଳରେ ଫୁଲ ଆସିବା ପୂର୍ବରୁ କୋଡାଖୁସା କରି ଅନୁମୋଦିତ ପ୍ରଣାଳୀରେ ସାର ପ୍ରୟୋଗ କରି ଜଳସେଚନ କରନ୍ତୁ। ପୋଟଳରେ କବକ ଜନିତ ଝାଉଁଳା ରୋଗ ଲାଗିବାର ଆଶଙ୍କା ରହିଛି। ଏହାର ଦମନ ପାଇଁ ପ୍ରତି ଲିଟର ପାଣିରେ ୧.୫ଗ୍ରାମ ହିସାବରେ କାର୍ବେଣ୍ଡାଜିମ୍ ମିଶାଇ ମୂଳ ମାଟି ଭିଜାଇ ରଖନ୍ତୁ।



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/18-20. ରାୟଗଡ଼ା, ବୁଧବାର, ସେପ୍ଟେମ୍ବର ୧୬/୨୦୨୦ Rayagada, Wednesday, September 16/ 2020

# ମୁରେ, ପିରୋଙ୍କୋଭା, ବୁଚାର୍ଡଙ୍କୁ ଫ୍ରେଞ୍ଚ୍ ଓପନ୍ ୱାଇଲ୍ଡ କାର୍ଡ



ଆଣ୍ଡି ମୁରେ

**ପ୍ୟାରିସ୍,୧୫।୯(ଏପି)**

ଫ୍ରେଞ୍ଚ୍ ଓପନ ଗ୍ରାଣ୍ଡସ୍ଲାମ ଟେନିସ୍ ଟୁର୍ନାମେଣ୍ଟରେ ବ୍ରିଟେନର ଆଣ୍ଡି ମୁରେଙ୍କୁ ୱାଇଲ୍ଡ କାର୍ଡ ପ୍ରଦାନ କରାଯାଇଛି। ୮ଜଣ ୱାଇଲ୍ଡ କାର୍ଡ ପାଇଥିବା ଖେଳାଳିମାନଙ୍କ ମଧ୍ୟରେ ମୁରେ ହେଉଛନ୍ତି ଏକମାତ୍ର ଅଣଫ୍ରେଞ୍ଚ୍ ଖେଳାଳି। ସେହିପରି ବୁଲ୍‌ଗେରିଆର ଶ୍ୱେତାନା ପିରୋଙ୍କୋଭା ଓ କାନାଡ଼ାର ୟୁଗେନି ବୁଚାର୍ଡ ଦୁଇ ଅଣଫ୍ରେଞ୍ଚ୍ ମହିଳା ଭାବେ ୱାଇଲ୍ଡ କାର୍ଡ ପାଇଛନ୍ତି। ଏହି ହାଇପ୍ରୋଫାଇଲ କ୍ଲେ- କୋର୍ଟ ଟୁର୍ନାମେଣ୍ଟ ଉପରେ ଏବେ ସାରା ବିଶ୍ୱର ନଜର ରହିଛି।

ଆଘାତ ସମସ୍ୟା କାରଣରୁ ପୂର୍ବତନ ୧ ନମ୍ବର ଖେଳାଳି ମୁରେ ଏଟିପି ର୍‍ୟାଙ୍କିଙ୍ଗ୍‌ର ୧୨୯ତମ ସ୍ଥାନକୁ ଖସିଥିଲେ। ଫଳରେ ତାଙ୍କୁ ୱାଇଲ୍ଡ କାର୍ଡ ପ୍ରଦାନ କରାଯାଇଛି। ୟୁଏସ୍ ଓପନ୍‌ରେ ମଧ୍ୟ ତାଙ୍କୁ ୱାଇଲ୍ଡ କାର୍ଡ ପ୍ରଦାନ କରାଯାଇଥିଲା। ୟୁଏସ୍ ଓପନ୍‌ରେ ସେ ସିଙ୍ଗଲ୍ସ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଥିଲେ ଓ ତାଙ୍କ ର୍‍ୟାଙ୍କିଙ୍ଗ୍‌କୁ ୧୧୦ରେ ପହଞ୍ଚାଇଥିଲେ। ତେବେ ଫ୍ରେଞ୍ଚ୍ ଓପନ ମୁଖ୍ୟ ଡ୍ରରେ ସାମିଲ ହେବା ପାଇଁ ଏହା ଯଥେଷ୍ଟ ନ ଥିଲା। ୨୦୧୬ରେ ମୁରେ ଫ୍ରେଞ୍ଚ୍ ଓପନ୍ ଫାଇନାଲରେ ପ୍ରବେଶ କରିଥିଲେ। ଫ୍ରେଞ୍ଚ୍ ଓପନ୍‌ରେ ଏହା ତାଙ୍କର ଶ୍ରେଷ୍ଠ ପ୍ରଦର୍ଶନ ଥିଲା।

୨୦୧୭ପରେପ୍ରତ୍ୟାବର୍ତ୍ତନକରିଥିବାପିରୋଙ୍କୋଭା ପୁତ୍ର ସନ୍ତାନର ମା’ ହେବା ପରେ ୟୁଏସ୍ ଓପନ୍ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲେ ଓ ଅଭିଜ୍ଞ ସେରେନା ୱିଲିୟମ୍ସଙ୍କଠାରୁ ପରାସ୍ତ ହୋଇଥିଲେ। ପିରୋଙ୍କୋଭା ୨୦୧୬ ଫ୍ରେଞ୍ଚ୍ ଓପନ୍ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲେ। ସେହିପରି ବୁଚାର୍ଡ ୨୦୧୪ ଫ୍ରେଞ୍ଚ୍ ଓପନ୍ ସେମିଫାଇନାଲରେ ସେତେବେଳର ଚାମ୍ପିୟନ ମାରିଆ ସାରାପୋଭାଙ୍କଠାରୁ ପରାସ୍ତ ହୋଇଥିଲେ। ଏହି ବର୍ଷ ସେ ମଧ୍ୟ ୱିମ୍ବେଲଡନ ଫାଇନାଲକୁ ଉଠିଥିଲେ।

# ନେମାରଙ୍କୁ ପିଏସ୍‌ଜିର ସମର୍ଥନ

**ପ୍ୟାରିସ୍,୧୫।୯ (ଏପି)**

**ବର୍ଣ୍ଣବୈଷମ୍ୟ ଆକ୍ଷେପ ଘଟଣା**



ବ୍ରାଜିଲ ଫୁଟବଲ ସୁପରଷ୍ଟାର ତଥା ପ୍ୟାରିସ ସେଣ୍ଟ ଜର୍ମେନ (ପିଏସ୍‌ଜି) ଷ୍ଟ୍ରାଇକର ନେମାର ମାର୍ସେଇଲ୍ ବିପକ୍ଷ ହାଇଭୋଲ୍ଟେଜ ମ୍ୟାଚ୍ ଅବସରରେ ବର୍ଣ୍ଣବୈଷମ୍ୟ ଆକ୍ଷେପ କରାଯାଇଥିବା ଅଭିଯୋଗ ଆଣିଛନ୍ତି। ଏହି ଘଟଣା ନେମାରଙ୍କୁ ତାଙ୍କ କ୍ଲବ ପିଏସ୍‌ଜି ଦୃଢ ସମର୍ଥନ କରିଛନ୍ତି। ନେମାର ପାର୍କ ଡେସ୍ ପ୍ରିନ୍‌ସେସ୍‌ରେ ଖେଳାଯାଇଥିବା ଏହି ସଂଘର୍ଷପୂର୍ଣ୍ଣ ମ୍ୟାଚ୍‌ରେ ଇଞ୍ଜୁରି ଟାଇମ୍‌ରେ ଉଭୟ ପକ୍ଷର ଖେଳାଳିମାନେ ହାତାହାତି ହୋଇଥିଲେ। ନେମାର ଆଲଭାରେ ଗୋଞ୍ଜାଲେଜଙ୍କ ମୁଣ୍ଡକୁ ମାରୁଥିବାର ଦେଖାଯାଇଥିଲା। ଏହାପରେ ନେମାରଙ୍କୁ ବର୍ଣ୍ଣବୈଷମ୍ୟ ଆକ୍ଷେପ କରାଯାଇଥିଲା ବୋଲି ସେ ଅଭିଯୋଗ ଆଣିଥିଲେ। ତେବେ ସେ ଗୋଞ୍ଜାଲେଜଙ୍କ ମୁହଁକୁ ଥୁଥ ମାରି ନ ଥିଲେ ବୋଲି କହିଛନ୍ତି।

ଫ୍ରେଞ୍ଚ୍ ଲିଗ୍‌ର ମୁଖ୍ୟ ପ୍ରଶାସନିକ ସଂସ୍ଥା ଏଲ୍‌ଏଫ୍‌ପି (ଲିଗ୍ ଡି ଫୁଟବଲ ପ୍ରଫେସନାଲ) ଏ ସଂକ୍ରାନ୍ତରେ କି ପଦକ୍ଷେପ ନେଉଛି ତାହା ଉପରେ ପିଏସ୍‌ଜି ନଜର ରଖିଛି। ଏଲ୍‌ଏଫ୍‌ପି ମଧ୍ୟ ଏ ନେଇ ତଦନ୍ତ ଜାରି ରଖିଛି। ପିଏସ୍‌ଜିର ଲିଆନାର୍ଡ ପାରେଡେସ ଓ ଲେଭିନ୍ କୁରଜାୱା ଓ ମାର୍ସେଇଲ୍‌ର ଜୋର୍ଡାନ ଆମାଭି ଓ ଡାରିଓ ବେନେହେଡୋଙ୍କ ସମେତ ୧୭ଜଣଙ୍କୁ କାର୍ଡ ପ୍ରଦାନ କରାଯାଇଥିଲା। ଅନ୍ୟପଟେ ଗୋଞ୍ଜାଲେଜ କୌଣସି ବର୍ଣ୍ଣବୈଷମ୍ୟ ଆକ୍ଷେପ କରି ନ ଥିଲେ ବୋଲି ମୋର୍ସେଇଲ୍ ତରଫରୁ ସୋମବାର କୁହାଯାଇଛି। ଏହି ବିବାଦର ଗୁରୁତ୍ୱ ରହିଛି ଓ ଏହାର ଫଳାଫଳ ମଧ୍ୟ ବେଶ୍ ଭୟଙ୍କର ହେବ ବୋଲି ମାର୍ସେଇଲ୍ ତରଫରୁ କୁହାଯାଇଛି। ଗୋଞ୍ଜାଲେଜଙ୍କୁ ନେଇ ବ୍ରାଜିଲ ଗଣମାଧ୍ୟମ ଓ ସୋସିଆଲ ମିଡିଆରେ ଚାଲିଥିବା ନକାରାତ୍ମକ ପ୍ରଚାରକୁ କ୍ଲବ ତରଫରୁ ନିନ୍ଦା କରାଯାଇଛି। ଏହା ଦ୍ୱାରା ଗୋଞ୍ଜାଲେଜଙ୍କ ଉପରେ ମାନସିକ ଚାପ ସୃଷ୍ଟି ହେଉଛି। ଏପରିକି ତାଙ୍କୁ ହତ୍ୟା ଧମକ ମଧ୍ୟ ଦିଆଯାଇଛି ବୋଲି କୁହାଯାଇଛି।

# ଆରବର୍ଷକୁ ଘୁଞ୍ଚିଲା ଥୋମାସ, ଉବର କପ୍

**ନୂଆଦିଲ୍ଲୀ, ୧୫।୯ (ପି.ଟି.)**

ଡେନମାର୍କରେ ଆୟୋଜନ ହେବାକୁ ଥିବା ଥୋମାସ ଓ ଉବର କପ୍‌କୁ ଆସନ୍ତାବର୍ଷକୁ ଘୁଞ୍ଚାଇ ଦିଆଯାଇଛି। ବ୍ୟାଡମିଣ୍ଟନ ୱାର୍ଲ୍ଡ ଫେଡେରେଶନ (ବିଡବ୍ଲ୍ୟୁଏଫ୍) ମଙ୍ଗଳବାର ଏ ନେଇ ଘୋଷଣା କରିଛି। କୋଭିଡ୍-୧୯ ମହାମାରୀ କାରଣରୁ କେତୋଟି ଆଗଧାଡିର ଦଳ ଟୁର୍ନାମେଣ୍ଟରୁ ଓହରିଯିବା ଫଳରେ ବିଡବ୍ଲ୍ୟୁଏଫ୍ ଏହି ନିଷ୍ପତ୍ତି ନେବାକୁ ବାଧ ହୋଇଛି।

ଏହି ଟୁର୍ନାମେଣ୍ଟ ଅକ୍ଟୋବର ୩ରୁ ୧୧ ତାରିଖ ମଧ୍ୟରେ ଆୟୋଜନ ହେବାର କାର୍ଯ୍ୟକ୍ରମ ରହିଥିଲା। ଭାରତ ମଧ୍ୟ ଏହି ସମ୍ମାନଜନକ ଟୁର୍ନାମେଣ୍ଟ ପାଇଁ ତା’ର ପୁରୁଷ ଓ ମହିଳା ଦଳ ଘୋଷଣା କରିଥିଲା। ତେବେ ଥାଇଲାଣ୍ଡ, ଅଷ୍ଟ୍ରେଲିଆ, ଚାଇନିଜ ତାଇପେଇ, ଅଲଜେରିଆ ସହ ଇଣ୍ଡୋନେସିଆ ଓ ଦକ୍ଷିଣ କୋରିଆ କୋଭିଡ୍-୧୯ ପାଇଁ ଟୁର୍ନାମେଣ୍ଟରୁ ଓହରିଯାଇଛନ୍ତି।

# ଆଉ ୬ ରାଜ୍ୟରେ ସେଣ୍ଟର ଅଫ୍ ଏକ୍ସିଲେନ୍ସି

**ନୂଆଦିଲ୍ଲୀ,୧୫।୯(ପି.ଟି.)**

**ପୂର୍ବରୁ ଓଡ଼ିଶାର କଳିଙ୍ଗ ଷ୍ଟାଡିୟମ ସମେତ କର୍ଣ୍ଣାଟକ, କେରଳ, ତେଲଙ୍ଗାନା, ଅରୁଣାଚଳ ପ୍ରଦେଶ, ମଣିପୁର, ମିଜୋରାମ ଓ ନାଗାଲାଣ୍ଡ ନାମ ଘୋଷିତ ହୋଇଥିଲା**

ଯୁବ କ୍ରୀଡ଼ା ପ୍ରତିଭାର ବିକାଶ ପାଇଁ କେନ୍ଦ୍ର କ୍ରୀଡ଼ା ମନ୍ତ୍ରଣାଳୟ ଆଉ ୬ଟି ରାଜ୍ୟରେ ଖେଲୋ ଇଣ୍ଡିଆ ସେଣ୍ଟର ଅଫ୍ ଏକ୍ସିଲେନ୍ସି (କେଆଇଏସ୍‌ସିଇ) ପ୍ରତିଷ୍ଠା କରିବାକୁ ନିଷ୍ପତ୍ତି ନେଇଛି। ପୂର୍ବରୁ ଓଡ଼ିଶାର କଳିଙ୍ଗ ଷ୍ଟାଡିୟମକୁ ଏଥିରେ ସାମିଲ କରାଯାଇଥିଲା।

ଏବେ ଆସାମ, ଦାଦ୍ରା ଓ ନଗର ହାବେଳି ଏବଂ ଡାମନ ଓ ଡ୍ୟୁ, ମହାରାଷ୍ଟ୍ର, ମଧ୍ୟପ୍ରଦେଶ, ମେଘାଳୟ ଓ ସିକିମକୁ ଏଥିରେ ସାମିଲ କରାଯାଇଛି। ଏହାପୂର୍ବରୁ ମନ୍ତ୍ରଣାଳୟ କର୍ଣ୍ଣାଟକ, ଓଡ଼ିଶା, କେରଳ, ତେଲଙ୍ଗାନା, ଅରୁଣାଚଳ ପ୍ରଦେଶ, ମଣିପୁର, ମିଜୋରାମ ଓ ନାଗାଲାଣ୍ଡରେ କେଆଇଇଏସ୍‌ସିଇ ପ୍ରତିଷ୍ଠା କରିବାକୁ ଘୋଷଣା କରିଥିଲା। ପୁଣି ଖେଲୋ ଇଣ୍ଡିଆର ଯେଉଁ ସେଣ୍ଟରଗୁଡିକ ପୂର୍ବରୁ ରହିଛି ସେଗୁଡିକୁ ପୁନର୍ଗଠନ କରିଯିବା ଓ ସେଗୁଡିକୁ କେଆଇଏସ୍‌ସିଇରେ ପରିଣତ କରାଯିବ ବୋଲି କୁହାଯାଇଛି। ଟ୍ରେନିଂ ଓ ଭିତ୍ତିଭୂମିର ସୁବିଧା ସୁଯୋଗ ଓ ପୂର୍ବରୁ ଚାମ୍ପିୟନ ଖେଳାଳି ସୃଷ୍ଟି କରାଯିବାର ରେକର୍ଡକୁ ଦୃଷ୍ଟିରେ ରଖି ବିଭିନ୍ନ ସେଣ୍ଟରକୁ ଏଥିପାଇଁ ଶର୍ଟ ଲିଷ୍ଟ କରାଯାଇଥିଲା। ଏହି ସେଣ୍ଟରଗୁଡିକୁ କ୍ରୀଡ଼ା ସରଞ୍ଜାମ, ଅଭିଜ୍ଞ କୋଚ୍ ଓ ହାଇ ପରଫର୍ମାନ୍ସ ମ୍ୟାନେଜର ଯୋଗାଇ ଦିଆଯିବ ଓ ପ୍ରତି ସେଣ୍ଟରରେ ଅତିବେଶିରେ ୩ ଅଲିମ୍ପିକ୍ କ୍ରୀଡ଼ାକୁ ସାମିଲ କରାଯିବ ବୋଲି ମନ୍ତ୍ରଣାଳୟ ତରଫରୁ କୁହାଯାଇଛି।










Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ